

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-04 ◆SUNDAY ◆28 JUNE 2026 ◆PAGE-12+4 ◆₹ 7.00 | SAMBALPUR | ◆ବର୍ଷ-୪୪ ◆ସଂଖ୍ୟା-୦୪ ◆ରବିବାର ◆୨୮ ଜୁନ୍ ୨୦୨୬ ◆ପୃଷ୍ଠା-୧୨+୪ (ସିନ୍ଦୂରା) ◆ଟ.୭.୦୦


## ଶିମିଳିପାଳର ଶୋଭା ବଢ଼ାଇଲା ଜିନତ୍

### ୪ ଶାବକଙ୍କ ସହ ବୁଲୁଛି ମା'



■ ବାରିପଦା, ୨୭ ।୬ (ସମିସ): ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ବାଘୁଣୀ ଜିନତ ଓ ତା'ର ୪ଟି ଶାବକ ଏକାଠି ନିର୍ଭୟରେ ବୁଲୁଥିବା ଦେଖିବାକୁ ମିଳିଛି। ଶନିବାର ଦିନ ବନବିଭାଗ ଅଧିକାରୀ ଏହି ବିଷୟରେ ସୂଚନା ପ୍ରଦାନ କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ ମାଧ୍ୟମରେ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ କର୍ତ୍ତୃପକ୍ଷ ଏହି ଖବରକୁ ନିଶ୍ଚିତ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ସୂଚନାନୁସାରେ, ଏହି ଶାବକଙ୍କ ବୟସ ୨ ମାସରୁ କମ୍ ହେବ ଓ ସେମାନେ ନିଜର ପ୍ରାରମ୍ଭିକ ବିକାଶ ପର୍ଯ୍ୟାୟର ଅଂଶସ୍ୱରୂପ ମା' ସହିତ ଜଙ୍ଗଲରେ ବୁଲିବା ଆରମ୍ଭ କରିଛନ୍ତି। ବାଘୁଣୀ ଓ ତା'ର ଶାବକଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ବନ୍ୟପ୍ରାଣୀ କର୍ତ୍ତୃପକ୍ଷ ▶ପୃଷ୍ଠା-୭

## ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷା: ପୋତି ହୋଇଗଲା ଘରଦ୍ୱାର

■ ନୂଆଦିଲ୍ଲୀ, ୨୭ ।୬ (ଏଜେନ୍ସି): ଉତ୍ତରାଖଣ୍ଡର ଚାମୋଲି ଜିଲ୍ଲାରେ ଭୟଙ୍କର ବାଦଲଫଟା ବର୍ଷା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଛି। ପାହାଡ଼ରୁ ଖସିଥିବା ପଥର ଓ ମାଟି ଅତଡ଼ା ଅନେକ ଘର, ଦୋକାନ ବଜାରକୁ ପୋତି ପକାଇବା ସହ ଅନେକ ଗାଡ଼ିମୋଟର ମଧ୍ୟ ଏହି ଆବର୍ଜନା ମଧ୍ୟରେ ଫସି ରହିଛି। ଅପରପକ୍ଷରେ, ଦେଶର ବିଭିନ୍ନ ସ୍ଥାନରେ ବର୍ଷା ଓ ବଜ୍ରପାତ ଯୋଗୁଁ ୧୮ ଜଣଙ୍କର ମୃତ୍ୟୁ ଘଟିଛି। ମଧ୍ୟପ୍ରଦେଶର ବାଲାଘାଟରେ ବଜ୍ରପାତ ଯୋଗୁଁ ୪ ଜଣ ଏବଂ ଦେବାସରେ ପ୍ରବଳ ବର୍ଷା ଯୋଗୁଁ ଘରର ବାଲକୋନି ୨ ଜଣ ମହିଳାଙ୍କର ମୃତ୍ୟୁ ହୋଇଛି। ଏହାଛଡ଼ା ବଜ୍ରପାତ ଯୋଗୁଁ ଝାଡ଼ଖଣ୍ଡରେ ୧୦ ଜଣ ଏବଂ ଛତିଶଗଡ଼ରେ ୨ ଜଣ ପ୍ରାଣ ହରାଇଛନ୍ତି। ଇତିମଧ୍ୟରେ ଦେଶର ୨୨ଟି ରାଜ୍ୟକୁ ମୌସୁମୀ ବାୟୁ ଅଗ୍ରସର ହୋଇସାରିଥିବା ବେଳେ ଆସନ୍ତା ଜୁଲାଇ ୫ ▶ପୃଷ୍ଠା-୭



- ବର୍ଷା ଓ ବଜ୍ରପାତରେ ୧୮ ମୃତ
- ୨୨ ରାଜ୍ୟକୁ ଛୁଇଁଲା ମୌସୁମୀ
- ବର୍ଷା ସତ୍ତ୍ୱେ ଉତ୍ତର ଭାରତରେ ୪୦ ଉପରେ ତାତି

### ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ମୃତ୍ୟୁ ଘଟଣା

## ଓଟିଏଏସ୍ ଅଧିକାରୀ ଭୀମସେନ ଟୁଡୁ ବହିଷ୍କୃତ



ଟ୍ରେନିଂ ସମୟରେ ଗିରଫ ହୋଇଥିଲେ

■ ଭୁବନେଶ୍ୱର, ୨୭।୬ (ସମିସ): ବହୁ ଚର୍ଚ୍ଚିତ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ୍ ମୃତ୍ୟୁ ମାମଲାରେ ରାଜ୍ୟ ସରକାର ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ନୂଆ କରି ନିଯୁକ୍ତି ପାଇଥିବା ଓଟି ଆଣ୍ଡ ଏଏସ୍ ଅଧିକାରୀ ଭୀମସେନ ଟୁଡୁଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସରକାରୀ ସେବାରୁ ବହିଷ୍କାର କରିଛନ୍ତି। ଭବିଷ୍ୟତରେ ମଧ୍ୟ ଶ୍ରୀ ଟୁଡୁ ଆଉ କୌଣସି ସରକାରୀ ଚାକିରି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ।

ନୂଆ କରି ଓଟିଏଏସ୍ ପାଇଥିବା ଶ୍ରୀ ଟୁଡୁ ତାଙ୍କ ଇଣ୍ଡକ୍ସନ୍ ଟ୍ରେନିଂ ସମୟରେ ୨୦୨୬ ଜୁନ୍ ୪ ତାରିଖଠାରୁ ଅନୁପସ୍ଥିତ ଥିଲେ। ମଧୁସୂଦନ ଦାସ ରିଜିଓନାଲ୍ ଏକାଡେମୀ ଅଫ୍ ଫାଇନାନ୍ସିଆଲ୍ ମ୍ୟାନେଜମେଣ୍ଟ ରେ ତାଙ୍କ ଶେଷ ପରୀକ୍ଷାରେ ମଧ୍ୟ ଯୋଗ ଦେଇନଥିଲେ। ସେହି ସମୟରେ ସେ ଏକ ମୃତ୍ୟୁ ମାମଲାରେ ବାରଙ୍ଗ ପୁଲିସ ଦ୍ୱାରା ଗିରଫ ହୋଇଥିଲେ ଏବଂ ▶ପୃଷ୍ଠା-୭

### ୨୦ ରାଜ୍ୟରେ ବଜେଟ୍ ବ୍ୟୟ ମନ୍ଥର

# ୨ ମାସରେ ଖର୍ଚ୍ଚ ମାତ୍ର ୫.୮୬%

■ ନୂଆଦିଲ୍ଲୀ, ୨୭।୬ (ଏଜେନ୍ସି): ଚଳିତ ଆର୍ଥିକବର୍ଷର ପ୍ରଥମ ଦୁଇ ମାସରେ ପୁଞ୍ଜି ବ୍ୟୟରେ ଝୁଣ୍ଟିଲେ ରାଜ୍ୟ। ଏପ୍ରିଲ ଏବଂ ମେ' ମାସରେ ଦେଶର ୨୦ଟି ରାଜ୍ୟରେ ପୁଞ୍ଜି ବ୍ୟୟ ଆନୁପାତିକ ଭାବରେ ହ୍ରାସ ପାଇଛି। କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ ବା ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକ (ସିଏଜି)ଙ୍କ ପକ୍ଷରୁ ପ୍ରକାଶିତ ମାସିକ ହିସାବର ବିଶ୍ଳେଷଣ ଅନୁଯାୟୀ, ଏହି ରାଜ୍ୟଗୁଡ଼ିକ ମୋଟ ୧୦ ଲକ୍ଷ କୋଟି ଟଙ୍କାର ବଜେଟ ଆବଣ୍ଟ ମଧ୍ୟରୁ ୫୮,୬୩୬ କୋଟି ଟଙ୍କା ଅର୍ଥାତ ୫.୮୬ ପ୍ରତିଶତ ଅର୍ଥ ବ୍ୟବହାର କରିଛନ୍ତି। ହେଲେ ଗତ ବର୍ଷ ସମାନ ସମୟରେ ରାଜ୍ୟଗୁଡ଼ିକ ସେମାନଙ୍କର ପୁଞ୍ଜି ବ୍ୟୟର ୬.୨୧ ପ୍ରତିଶତ ଖର୍ଚ୍ଚ କରିଥିଲେ। ଏହି ୨୦ ରାଜ୍ୟରେ ପୁଞ୍ଜି ବ୍ୟୟ ୨୦୨୫-୨୬ରେ ୯.୨୯ ଲକ୍ଷ କୋଟି ଟଙ୍କାରୁ ୧୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲେ ସୁଦ୍ଧା ପ୍ରକୃତ ଖର୍ଚ୍ଚ ପ୍ରାୟ ୧.୭ ପ୍ରତିଶତ ବୃଦ୍ଧି ପାଇଛି। ଓଡ଼ିଶା ମଧ୍ୟ ବଜେଟ୍ ଅର୍ଥ ବ୍ୟୟ କ୍ଷେତ୍ରରେ ବହୁ ପଛରେ ପଡିଛି। ୨୦୨୫-୨୬ ଆର୍ଥିକବର୍ଷରେ ଓଡ଼ିଶା ସରକାରଙ୍କ ପୁଞ୍ଜି ବ୍ୟୟ ବୃଦ୍ଧି

- ୨୦୨୫-୨୬ରେ ବଜେଟ୍ ବ୍ୟୟରେ ଓଡ଼ିଶା ବହୁ ପଛରେ
- ଏପ୍ରିଲରେ ବ୍ୟୟ ନକାରାତ୍ମକ
- ମେ'ରେ ଖର୍ଚ୍ଚ ୨,୪୨୫ କୋଟି

ସାମଗ୍ରିକ ଖର୍ଚ୍ଚ ତୁଳନାରେ ଢ଼େର ପଛରେ ପଡ଼ିଛି। ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟ ଏହାର ବଜେଟ୍ ଆକଳନ (ବିଇ)ର ମାତ୍ର ୬୫.୮୮% ଅର୍ଥ ଖର୍ଚ୍ଚ କରିପାରିଛି। ଚଳିତ ଆର୍ଥିକବର୍ଷର ଏପ୍ରିଲ ମାସରେ ଓଡ଼ିଶାର ବ୍ୟୟ ନକାରାତ୍ମକ ରହିଥିବାବେଳେ ମେ' ମାସରେ ଏଥିରେ କିଚିଟା ସୁଧାର ଆସିଛି। ମେ' ମାସରେ ଓଡ଼ିଶା ପ୍ରାୟ ୨,୪୨୫ କୋଟି ଟଙ୍କାର ପୁଞ୍ଜି ବ୍ୟୟ ଦର୍ଶାଇଛି।

ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ମାସ ଅର୍ଥାତ୍ ମେ'ରେ ରାଜ୍ୟଗୁଡ଼ିକ ସାମୂହିକ ଭାବରେ ପ୍ରାୟ ୩୯୨୬୭ କୋଟି ଟଙ୍କାର ପୁଞ୍ଜି ବ୍ୟୟ କରିଛନ୍ତି, ଯାହା ଗତ ବର୍ଷ ମେ ମାସରେ ହୋଇଥିବା ଖର୍ଚ୍ଚର ପ୍ରାୟ ୩୫୮୬୪ କୋଟି ଟଙ୍କା ତୁଳନାରେ ପ୍ରାୟ ୯.୫% ଅଧିକ। ଏପ୍ରିଲରେ ପୁଞ୍ଜି ବ୍ୟୟରେ ମନ୍ଥର ଗତି ପରେ ମେ' ମାସରେ ରାଜ୍ୟଗୁଡିକ ସାମୂହିକ ଭାବରେ ଖର୍ଚ୍ଚରେ କିଛିଟା ସୁଧାର ଆଣିଛନ୍ତି। ୨୦୨୬-୨୭ର ପ୍ରଥମ ଦୁଇ ମାସରେ କେରଳ ଏହାର ପୁଞ୍ଜି ଖର୍ଚ୍ଚର ୨୯.୩୫% ବ୍ୟବହାର କରି ରାଜ୍ୟଗୁଡିକ ମଧ୍ୟରେ ଶୀର୍ଷରେ ରହିଛି। ହରିୟାଣା ୨୨.୪୬% , ଆନ୍ଧ୍ର ପ୍ରଦେଶ (୧୧.୩୮%) ଏବଂ ହିମାଚଳ ପ୍ରଦେଶ (୧୦.୨୫ %) ଭଳି ରାଜ୍ୟର ପୁଞ୍ଜି ବ୍ୟବହାର ହାର ୧୦ ପ୍ରତିଶତ ଉପରେ ▶ପୃଷ୍ଠା-୭

### ଶାନ୍ତି ପ୍ରୟାସରେ ବାଧା

## ପୁଣି ଆମେରିକା-ଇରାନ ମୁହାଁମୁହିଁ



- ଇରାନର କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଘାଟି ଉପରେ ବୋମା ବର୍ଷଣ
- ଆମେରିକା ଘାଟି ଉପରେ ଇରାନର ପାଲଟା ଆକ୍ରମଣ

■ ୱାଶିଂଟନ, ୨୭ ।୬ (ଏଜେନ୍ସି): ଶାନ୍ତି ବୁଝାମଣା ସତ୍ତ୍ୱେ ଆମେରିକା ଏବଂ ଇରାନ ମଧ୍ୟରେ ପୁଣି ତିକ୍ତତା ଦେଖାଦେଇଛି। ଜୁନ୍ ୨୫ ତାରିଖରେ ହର୍ମୁଜ ପ୍ରଣାଳୀରେ ସିଙ୍ଗାପୁରର ଏକ ମାଲବାହୀ ଜାହାଜ ଉପରେ ହୋଇଥିବା ଡ୍ରୋନ୍ ଆକ୍ରମଣର ଜବାବରେ ଆମେରିକା ଶୁକ୍ରବାର ଦିନ ଇରାନର ସାମରିକ ଘାଟିଗୁଡ଼ିକ ଉପରେ ଜୋରଦାର ଆକ୍ରମଣ କରିଛି। ଆମେରିକାର ଏହି ବୋମାବର୍ଷା ପରେ ଇରାନର 'ଇସଲାମିକ ବିପ୍ଳବୀ ସୁରକ୍ଷା ବାହିନୀ' ମଧ୍ୟ ପ୍ରତିଆକ୍ରମଣ କରି ଏହି ଅଞ୍ଚଳରେ ଥିବା ଆମେରିକୀୟ ସେନା ଛାଉଣୀକୁ ଟାର୍ଗେଟ କରିଛି, ଯାହାଫଳରେ ସମଗ୍ର ପଶ୍ଚିମ ଏସିଆରେ ଯୁଦ୍ଧର କଳାବାଦଲ ଦେଖାଦେଇଛି।

ଆମେରିକା ସେନା ପକ୍ଷରୁ ଆକ୍ରମଣ କରାଯିବାର ମାତ୍ର କେଇ ମିନିଟ୍ ପୂର୍ବରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାର ସଙ୍କେତ ଦେଇଥିଲେ। ହ୍ୱାଇଟ୍ ହାଉସରେ ▶ପୃଷ୍ଠା-୭

## ବିୟର ବୋତଲରେ ଯୁବକଙ୍କ ତଣ୍ଟି କାଟି ହତ୍ୟା

■ ଶଗଡା/ମନମୁଣ୍ଡା, ୨୭ ।୬(ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅଧୀନ ଡିଗି ଗ୍ରାମର ଗୁଲୁ ଫାଷ୍ଟଫୁଡ୍ ଦୋକାନ ପାଖ ମୁହାଣ (ନାଳ) ନିକଟରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ମୃତ ଯୁବକ ଜଣକ ହେଲେ ରଷିବନ୍ଧ ଗ୍ରାମର କପିଳ ନାୟକ (୩୦)। କାଠ ଫାଳିଆରେ ମାଡ଼ ମାରି ବିଅର ବୋତଲରେ ତଣ୍ଟି କାଟିବା ପରେ ପଥରରେ ତାଙ୍କ ମୁଣ୍ଡ ଛେଚି ଅତି ଅମାନୁଷିକ ଭାବେ ହତ୍ୟା କରାଯାଇଛି। ପୁଲିସ ଶବ ଜବତ କରି ମନମୁଣ୍ଡା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। କପିଳଙ୍କ ବାପା ରମେଶ ନାଏକଙ୍କ ଅଭିଯୋଗ ଆଧାରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଛି। ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିଲା। ସକାଳୁ ଲୋକେ ମୃତଦେହ ଦେଖି ପରିବାର ଲୋକ ଓ ମନମୁଣ୍ଡା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହକୁ ଚିହ୍ନଟ କରି ଅଧିକ ତଦନ୍ତ ଆରମ୍ଭ କରିଛି। ତେବେ ତାଙ୍କୁ କିଏ ଓ କାହିଁକି ହତ୍ୟା କଲା ତାହା ସ୍ପଷ୍ଟ ହୋଇନାହିଁ। ଏହି ଘଟଣା ଏବେ ସାରା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। କପିଳ ଟ୍ରାକ୍ଟର ଚଳାନ୍ତି। ସେ ବାକି ଟଙ୍କା ମାଗିବାକୁ ସନ୍ଧ୍ୟାରେ ମାଲିକଙ୍କ ଘରକୁ ଯାଇଥିଲେ। ଫେରିବା ବେଳକୁ ଫାଷ୍ଟଫୁଡ ସେଣ୍ଟର ନିକଟରେ କିଛି ସାଙ୍ଗଙ୍କ ସହ ବଚସା ହୋଇ ଏଭଳି ଘଟଣା ଘଟିଥିବା ଅନୁମାନ କରାଯାଇଛି।

### ଏକତରଫା ପ୍ରେମର ଭୟଙ୍କର ପରିଣତି

## ପେଟ୍ରୋଲ ଢାଳି ଯୁବତୀଙ୍କୁ ଜାଳିଦେଲା ପ୍ରେମ ପାଗଳ

- ୮୦ ପ୍ରତିଶତ ପୋଡ଼ି ଯାଇଛନ୍ତି ଯୁବତୀ
- ଘରର ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ

■ ରାଉରକେଲା, ୨୭।୬ (ସମିସ): ଏକତରଫା ପ୍ରେମର ଭୟଙ୍କର ପରିଣତି ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲ୍ଲାର ବିଶ୍ରା ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ଗାଁରେ। ବିଫଳ ପ୍ରେମିକ ଭଲ ପାଉଥିବା ଯୁବତୀଙ୍କୁ ଶୋଇଥିବା ଅବସ୍ଥାରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଜାଳି ଦେଇଛି। ଏହି ଚାଞ୍ଚଲ୍ୟକର ଘଟଣା ଘଟିଛି ଶୁକ୍ରବାର ବିଳମ୍ବିତ ରାତିରେ। ଯୁବତୀଙ୍କ ଶରୀରର ୮୦ ପ୍ରତିଶତ ପୋଡ଼ି ଯାଇଥିବାବେଳେ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ସେ ଏବେ ଜୀବନ ମରଣ ସହ ସଂଘର୍ଷ କରୁଛନ୍ତି। ଝିଅ ବାପାଙ୍କ ଏତଲା ପରେ ବିଶ୍ରା ପୁଲିସ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପାଗଳ ପ୍ରେମିକ ଘଟଣା ପରେ ଫେରାର ହୋଇଯାଇଛି।

ସୂଚନା ମୁତାବକ, ରାଉରକେଲା ପୁଲିସ ଜିଲ୍ଲା ବିଶ୍ରା ଥାନା ଅନ୍ତର୍ଗତ ସନ୍ତୋଷପୁର ଗ୍ରାମରେ ଜେନା ଟପ୍ପୋ ନାମକ ଜଣେ ବ୍ୟକ୍ତି ପରିବାର ସହ ବସବାସ କରନ୍ତି। ତାଙ୍କ ଝିଅ ଗ୍ରାଜୁଏସନ ପରେ ବିଶ୍ରା ବ୍ଲକର ଆଧାର କେନ୍ଦ୍ରରେ କାମ କରୁଥିଲେ। ତାଙ୍କ ପଡ଼ୋଶୀରେ ବାସ କରୁଥିବା ▶ପୃଷ୍ଠା-୭

### ଯାଇନି ଧାନ ଯନ୍ତ୍ରଣା

### ମଣ୍ଡିରେ ପଡ଼ିଛି ଲକ୍ଷ ଲକ୍ଷ ବସ୍ତା ଧାନ

## ବିଷ ବୋତଲ ଧରି ଧାରଣାରେ ଚାଷୀ

■ ବରଗଡ, ୨୭।୬ (ସମିସ): ପୂର୍ବ ଘୋଷଣା ଅନୁଯାୟୀ ଶନିବାର ପୁଣି ସଂଯୁକ୍ତ କୃଷକ ସଂଗଠନ ଆନ୍ଦୋଳନକୁ ଓହ୍ଲାଇଛି। ଜିଲ୍ଲା ଉପ ନିବନ୍ଧକଙ୍କ କାର୍ଯ୍ୟାଳୟଠାରେ ସକାଳ ୧୦ରୁ ଶହ ଶହ ଚାଷୀ

ଧାନ ନ ଉଠିବା ପର୍ଯ୍ୟନ୍ତ ଡିଆର୍‌ସିଏସ୍ ଅଫିସ ସମ୍ମୁଖରେ ଧାରଣା ଜାରି

ପହଞ୍ଚି ଧାରଣାରେ ବସିଥିଲେ। ସମସ୍ତ ପଞ୍ଜିକୃତ ଚାଷୀଙ୍କୁ ଜମି ତୁଳନାରେ ଟୋକନ ପ୍ରଦାନ, ମଣ୍ଡି ମାନଙ୍କରେ କଟ୍‌ନୀଛଟ୍‌ନୀ ବନ୍ଦ, ଦଲାଲମୁକ୍ତ ମଣ୍ଡି ବ୍ୟବସ୍ଥା, ମଣ୍ଡିରେ ପଡ଼ିଥିବା ଲକ୍ଷ ଲକ୍ଷ କ୍ୟୁଣ୍ଟାଲ ଧାନ ତୁରନ୍ତ କିଣିନେବା ଦାବିରେ ସଂଯୁକ୍ତ କୃଷକ ସଙ୍ଗଠନ ଦାବି କରି ଧାରଣାରେ ବସିଛନ୍ତି।



ପ୍ରକାଶ ଥାଉ କି, ବରଗଡ଼ ଜିଲ୍ଲାରେ ୫ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଟୋକନ୍‌ରୁ ବଞ୍ଚିତ ଅଛନ୍ତି। ଟୋକନ ପାଇଥିବା ଅନେକ ଚାଷୀଙ୍କ ଜମି ତୁଳନାରେ ଟୋକନ ପରିମାଣ କମ୍ ଆସିଛି। ଯେଉଁ ଚାଷୀମାନଙ୍କ ଟୋକନ ସମସ୍ୟା ଅଛି ସେମାନଙ୍କୁ ପୁଣି ଥରେ ଆବଶ୍ୟକ କାଗଜପତ୍ର ଦେଇ ଆବେଦନ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ସୂଚନା ଦିଆଯାଇଥିଲା। ▶ପୃଷ୍ଠା-୭

## ବିକଳ୍ପ ଇନ୍ଧନ ଆଣିବ ଜଳ ସଙ୍କଟ

### ୧ ଲିଟର ଇଥାନଲ୍ ପାଇଁ ଆବଶ୍ୟକ ୧୦ ହଜାର ଲିଟର ପାଣି

■ ନୂଆଦିଲ୍ଲୀ, ୨୭।୬ (ଏଜେନ୍ସି): ପେଟ୍ରୋଲ୍ ସହିତ ଇଥାନଲ୍ ମିଶ୍ରଣ ବର୍ତ୍ତମାନ କେନ୍ଦ୍ର ସରକାର ଜୋରଦାର ପ୍ରୟାସ ଚଳାଇଛନ୍ତି। ହେଲେ ସ୍ୱଚ୍ଛ ଶକ୍ତିର ସମାଧାନ କୁହାଯାଉଥିବା ଏହି ବିକଳ୍ପ ଇନ୍ଧନ ଦେଶରେ ଏକ ଭୟଙ୍କର ଜଳ ସଙ୍କଟ ସୃଷ୍ଟି କରିବ। ଏହି ସମସ୍ୟାର ମୂଳରେ ଏପରି କିଛି ଫସଲ ରହିଛି, ଯାହା ଭାରତରେ ଚାଷ ହେଉଥିବା ପ୍ରାୟ ଅନ୍ୟ ଯେକୌଣସି ଫସଲ ଅପେକ୍ଷା ଅଧିକ ପାଣି ବ୍ୟବହାର କରିଥାଏ। ଯେପରିକି ମକା, ଆଖୁ ଏବଂ ଧାନ। ଜଳବାୟୁ ପରିବର୍ତ୍ତନ ଉପରେ ଗଠିତ ଆନ୍ତଃସରକାରୀ କମିଟିର ଅଞ୍ଜଲ ପ୍ରକାଶ କହିଛନ୍ତି, ତେଲରେ ଇଥାନଲ୍ ମିଶ୍ରଣ ଭାରତର ଜଳ ସଙ୍କଟକୁ ଆହୁରି ଖରାପ କରିପାରେ। ଏହାର ମୁଖ୍ୟ କାରଣ ଇଥାନଲ୍ ନିମନ୍ତେ ଆବଶ୍ୟକ ହେଉଥିବା ଅଧିକାଂଶ କଞ୍ଚାମାଲ ଆଖୁ ଏବଂ ଦ୍ରୁତ ବଢୁଥିବା ମକାରୁ ହୋଇଥାଏ। ଏହି



ଦୁଇ ଫସଲ ଚାଷ ଏବଂ ପ୍ରକ୍ରିୟାକରଣ ପାଇଁ ଅତ୍ୟନ୍ତ ଜଳ-ନିର୍ଭରଶୀଳ।

ଇଥାନଲ୍ ମିଶ୍ରଣ ଅର୍ଥ ହେଉଛି ଆମଦାନୀ ହୋଇଥିବା ଅଶୋଧିତ ତେଲ ଉପରେ ଭାରତର ନିର୍ଭରଶୀଳତା ହ୍ରାସ କରିବା ପାଇଁ ପେଟ୍ରୋଲରେ ଇଥାନଲ୍ ନାମକ ଏକ ଉଦ୍ଭିଦ-ଆଧାରିତ ଆଲକୋହଲର ମିଶ୍ରଣ କରିବା। ଦେଶ ଏହି କାର୍ଯ୍ୟକ୍ରମରେ ଦ୍ରୁତ ଗତିରେ ଆଗକୁ ବଢୁଛି। ଚାଉଳ ଏହାର ଏକ ପ୍ରମୁଖ କଞ୍ଚାମାଲ ପାଲଟିଛି। ସରକାର ୨୦୨୪-୨୫ ରେ ଇଥାନଲ୍ ଉତ୍ପାଦନ ପାଇଁ ୫.୨ ନିୟୁତ ଟନ୍ ଚାଉଳ ଆବଣ୍ଟନ କରିଥିଲେ, ଏବଂ ବର୍ତ୍ତମାନ ୨୦୨୫-୨୬ ରେ ଏ ନେଇ ଲକ୍ଷ୍ୟ ୯ ନିୟୁତ ଟନ୍ ରଖାଯାଇଛି। ଚାଉଳରୁ ଏକ ଲିଟର ଇଥାନଲ୍ ଉତ୍ପାଦନ କରିବା ପାଇଁ ପ୍ରାୟ ୧୦,୭୯୦ ଲିଟର ପାଣି ଆବଶ୍ୟକ ହୁଏ, ଯେଉଁଥିରେ ଚାଷ ସମୟରେ ଜଳସେଚନ ପାଇଁ ବ୍ୟବହୃତ ପାଣି ମଧ୍ୟ ଅନ୍ତର୍ଭୁକ୍ତ। ଚାଉଳ-ଆଧାରିତ ଇଥାନଲ୍‌ରେ ବ୍ୟବହୃତ ଅଧିକାଂଶ ପାଣି ପ୍ରକ୍ରିୟାକରଣ ନୁହେଁ, ଚାଷରୁ ଆସିଥାଏ। ୧ କିଲୋଗ୍ରାମ ଚାଉଳ ଉତ୍ପାଦନ ପାଇଁ ପ୍ରାୟ ୩ରୁ ୫ ହଜାର ଲିଟର ପାଣି ଆବଶ୍ୟକ ହୁଏ। ପ୍ରାୟ ୨.୫ରୁ ୩ କିଲୋଗ୍ରାମ ଚାଉଳରୁ ଏକ ଲିଟର ଇଥାନଲ୍ ଉତ୍ପାଦନ ହୁଏ, ଯାହା ମୋଟ ▶ପୃଷ୍ଠା-୭

## ମହାନଦୀରେ ପାଣି କମୁଛି; ଟ୍ରିବ୍ୟୁନାଲରେ ତାରିଖ ଗଡୁଛି

■ ଭୁବନେଶ୍ୱର, ୨୭।୬ (ସମିସ): ମହାନଦୀ ଜଳ ବିବାଦ ମାମଲାରେ ନ୍ୟାୟ ମିଳିବା ପରିବର୍ତ୍ତେ ଚିରାଚରିତ ଭାବେ ଓଡ଼ିଶାକୁ ଆଉ ଏକ ତାରିଖ ମିଳିଛି। ଶନିବାର ମହାନଦୀ ଜଳ ବିବାଦ ମାମଲାରେ ଗଠିତ ଟ୍ରିବ୍ୟୁନାଲରେ ଶୁଣାଣି ଅନୁଷ୍ଠିତ ହୋଇଥିବା ବେଳେ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ଶୁଣାଣିରେ ଉଭୟ ରାଜ୍ୟ ପକ୍ଷରୁ ଗଠିତ ଯୁଗ୍ମ ବୈଷୟିକ ଟିମ୍‌ର ରିପୋର୍ଟ ଉପସ୍ଥାପିତ ହୋଇଥିବା ବେଳେ ଟ୍ରିବ୍ୟୁନାଲ ପରବର୍ତ୍ତୀ ଶୁଣାଣି ଆସନ୍ତା ୧୧ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ବୈଠକ ସମ୍ପର୍କରେ ସୂଚନା ଦେଇ ଆଡଭୋକେଟ ଜେନେରାଲ(ଏଜି) ପିତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ଉଭୟ ରାଜ୍ୟ ମଧ୍ୟରେ ହୋଇଥିବା ବୈଠକ ସନ୍ତୋଷଜନକ



- ଅନେକ ବିଷୟରେ ଉଭୟ ରାଜ୍ୟ ସହମତ; ନିଷ୍ପତ୍ତି ନେବେ ଶୀର୍ଷ ନେତୃତ୍ୱ: ଏଜି
- ବିଶେଷଜ୍ଞଙ୍କ ଦାବି, ଶୁଣାଣିର ଆଲୋଚ୍ୟ ବିଷୟକୁ ସାର୍ବଜନୀନ କରନ୍ତୁ ସରକାର

ରହିଛି। ଟ୍ରିବ୍ୟୁନାଲ ମଧ୍ୟ ଏ ଦିଗରେ ଗୁରୁତ୍ୱର ସହ ବିଚାର କରି ସମସ୍ତ ନିଷ୍ପତ୍ତିକୁ ସ୍ୱୀକୃତି ପ୍ରଦାନ କରୁଛନ୍ତି। ଅନେକ ବିଷୟରେ ସହମତି ଧୀରେଧୀରେ ଆଗକୁ ବଢୁଛି। ଆଗାମୀ ଦିନରେ ଉଭୟ ରାଜ୍ୟର ଶୀର୍ଷ ନେତୃତ୍ୱ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଏଜି ଶ୍ରୀ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

ଛତିଶଗଡ଼ର ୨୭ ମିଲିୟନ ଏକର ଫୁଟ ପାଣି ଦାବି ମାନିନେଲେ ଓଡ଼ିଶା ପ୍ରତି ହେବ ଆତ୍ମଘାତୀ

ଅପରପକ୍ଷେ ଆଜିର ଶୁଣାଣିକୁ ନେଇ ଜଳ ବିଶେଷଜ୍ଞ ତଥା ବୁଦ୍ଧିଜୀବୀ ମହଲରେ ଆଶଙ୍କା ପ୍ରକାଶ ପାଇଛି। ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି ଯେ ଟ୍ରିବ୍ୟୁନାଲର ଆଜିର ଶୁଣାଣି ପରେ ଏଜି ପିତାମ୍ବର ଆଚାର୍ଯ୍ୟ ଗଣମାଧ୍ୟମରେ ଏନେଇ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଟ୍ରିବ୍ୟୁନାଲରେ ଆଲୋଚନା ହୋଇଛି। ଛତିଶଗଡ଼ ଏବଂ ଓଡ଼ିଶାର କେତେ ପାଣି କାହାର ଆବଶ୍ୟକତା ରହିଛି, ତାହା ଉପରେ ଆଲୋଚନା କରିଛନ୍ତି। ଆମେ ଏନେଇ ଏଜିଙ୍କୁ ପ୍ରଶ୍ନ କରିବାକୁ ଚାହୁଁଛୁ ଯେ ମହାନଦୀରୁ ଛତିଶଗଡ଼ ପ୍ରାୟ ୨୭ ମିଲିୟନ ଏକର ଫୁଟ ପାଣି ମହାନଦୀରୁ ଦାବି କରୁଛି। ମାତ୍ର ମହାନଦୀରେ ▶ପୃଷ୍ଠା-୭



# ଭେନେଜୁଏଲାରେ ଭଗ୍ନସ୍ତୂପ ତଳେ ଜୀବନ ଖୋଜା

**ଏକ ହଜାର ମୃତଦେହ ଉଦ୍ଧାର, ୫୦ ହଜାରରୁ ଅଧିକ ନିଖୋଜ**

କାରାକାସ, ୨୭ ।୬(ଏଜେନ୍ସି): ଦକ୍ଷିଣ ଆମେରିକୀୟ ଦେଶ ଭେନେଜୁଏଲାରେ ଗତ ବୁଧବାର ସନ୍ଧ୍ୟାରେ ଆସିଥିବା ଦୁଇ ଦୁଇଟି ଶକ୍ତିଶାଳୀ ଭୂକମ୍ପ (ତୀବ୍ରତା ୭.୨ ଏବଂ ୭.୫) ଯୋଗୁଁ ସେଠାରେ ଏକ ଶତାବ୍ଦୀର ସବୁଠାରୁ ବଡ଼ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଇଛି । ଏହି ମହାବିପର୍ଯ୍ୟୟରେ ବର୍ତ୍ତମାନ ସୁଦ୍ଧା ମୃତ୍ୟୁସଂଖ୍ୟା ୯୨୦ରେ ପହଞ୍ଚିଥିବା ବେଳେ ୫୦ ହଜାରରୁ ଅଧିକ ଲୋକ ନିଖୋଜ ଅଛନ୍ତି । କାରାକାସ ଏବଂ ଲା ଗ୍ୱାଇରା ସମେତ ବିଭିନ୍ନ ଅଞ୍ଚଳରେ ୩, ୩୬୦ରୁ ଅଧିକ ଲୋକ ଆହତ ହୋଇଛନ୍ତି ଏବଂ ଶତାଧିକ ଲୋକ ଏବେ ମଧ୍ୟ ଭଙ୍ଗା ଘରର ସ୍ଲାବ୍ ତଳେ ଚାପି ହୋଇ ରହିଛନ୍ତି । ସରକାରୀ ସାହାଯ୍ୟ ମିଳିବାରେ ବିଳମ୍ବ ହେଉଥିବାରୁ ସ୍ଥାନୀୟ ବାସିନ୍ଦାମାନେ ନିଜେ ଦଳ ଗଠନ କରି ଖାଲି ହାତରେ ଏବଂ ସାଧାରଣ ଯନ୍ତ୍ରପାତି ସାହାଯ୍ୟରେ ସେମାନଙ୍କ ପ୍ରିୟଜନଙ୍କୁ ଉଦ୍ଧାର କରିବା ପାଇଁ ଭଙ୍ଗାସ୍ତୂପ ଖୋଳୁଛନ୍ତି । ଅନ୍ୟପଟେ, ଭେନେଜୁଏଲାର ଏହି ସଙ୍କଟ ସମୟରେ ବିଶ୍ୱର ବିଭିନ୍ନ ଦେଶ ଏବଂ ମିଳିତ ଜାତିସଂଘ ସାହାଯ୍ୟର ହାତ ବଢ଼ାଇଛନ୍ତି । ଆମେରିକା, ମେକ୍ସିକୋ, କଲୋମ୍ବିଆ, ସ୍ୱିଜରଲ୍ୟାଣ୍ଡ ପରି ପ୍ରାୟ ୧୭ଟି ଦେଶରୁ ୧, ୦୦୦ରୁ ଅଧିକ ଉଦ୍ଧାରକାରୀ ଦଳ ଭେନେଜୁଏଲାରେ ପହଞ୍ଚି କାର୍ଯ୍ୟ ଆରମ୍ଭ କଲେଣି । ଭାରତ, ଚୀନ୍ ଏବଂ ବ୍ରାଜିଲ ଭଳି ଦେଶ ମଧ୍ୟ ସହାୟତା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଭେନେଜୁଏଲାର ମଧ୍ୟବର୍ତ୍ତୀକାଳୀନ ରାଷ୍ଟ୍ରପତି ଡେଲସି ରୋଡ୍ରିଗଜ୍ ଆମେରିକା ପ୍ରଶାସନ ସହ ଯୋଗାଯୋଗ କରି ସ୍ଥିତି ସୁଧାରିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ଭୂକମ୍ପ ପରବର୍ତ୍ତୀ ୪୮ ରୁ ୭୨ ଘଣ୍ଟା ଅତିକ୍ରମ କରିଯାଇଥିବାରୁ ଧ୍ୱଂସାବଶେଷ ତଳୁ ଆଉ କାହାକୁ ଜୀବିତ ଉଦ୍ଧାର କରିବା ଆଶା କ୍ଷୀଣ ହେବାରେ ଲାଗିଛି ।

## ଆସନ୍ତା ବର୍ଷ ଭାରତ ଆସିପାରନ୍ତି ଟ୍ରମ୍ପ

ନୂଆଦିଲ୍ଲୀ/ୱାସିଂଟନ, ୨୭ ।୬(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତା ବର୍ଷ ପ୍ରାରମ୍ଭରେ ଭାରତ ଗସ୍ତ କରିପାରନ୍ତି । ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ସୂଚନା ଅନୁସାରେ, ଏହି ଗସ୍ତ ସଫଳ ହେଲେ ଏହା ଟ୍ରମ୍ପଙ୍କ ଦ୍ୱିତୀୟ ଭାରତ ଗସ୍ତ ହେବ । ଏହା ପୂର୍ବରୁ ସେ ୨୦୨୦ରେ ଭାରତ ଆସି ଅହମଦାବାଦରେ 'ନମସ୍ତେ ଟ୍ରମ୍ପ' କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ସମ୍ଭାବ୍ୟ ଗସ୍ତ ପୂର୍ବରୁ ଭାରତର ହାଇଦ୍ରାବାଦରେ ଏକ ପ୍ରମୁଖ ସଡ଼କକୁ ଟ୍ରମ୍ପଙ୍କ ନାମରେ ନାମିତ କରାଯାଇଛି, ଯାହା ପାଇଁ ସେ ଭାରତକୁ ଧନ୍ୟବାଦ ଜଣାଇଛନ୍ତି । ଆମେରିକାର ଦୁଇ ଶହ ପଚାଶତମ ସ୍ୱାଧୀନତା ଦିବସ ଅବସରରେ ହାଇଦ୍ରାବାଦ ସ୍ଥିତ ଆମେରିକୀୟ ଦୂତାବାସ ନିକଟସ୍ଥ ଏକ ସଡ଼କକୁ 'ଡୋନାଲ୍ଡ ଟ୍ରମ୍ପ ଆଭେନ୍ୟୁ' ଭାବେ ନାମିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଆମେରିକାର ରାଷ୍ଟ୍ରଦୂତ ସେର୍ଗିଓ ଗୋର ଏବଂ ତେଲେଙ୍ଗାନାର ଉପମୁଖ୍ୟମନ୍ତ୍ରୀ ମଲ୍ଲୁ ଭଟ୍ଟି ବିକ୍ରମାର୍କ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସମ୍ମାନ ପାଇଁ ଖୁସି ବ୍ୟକ୍ତ କରି ଟ୍ରମ୍ପ ନିଜର ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ଲେଖିଛନ୍ତି, 'ଏଭଳି ସମ୍ମାନ ପାଇବାରେ ମୁଁ ପ୍ରଥମ ଆମେରିକୀୟ ରାଷ୍ଟ୍ରପତି । ଭାରତକୁ ଅନେକ ଧନ୍ୟବାଦ ।'

## ଡିଏମ୍‌କେ ମେଣ୍ଟ ଛାଡ଼ିଲା ଏମ୍‌ଡିଏମ୍‌କେ

ଚେନ୍ନଇ, ୨୭ ।୬(ଏଜେନ୍ସି): ତାମିଲନାଡୁ ରାଜନୀତିରେ ଏକ ବଡ଼ ଓଲଟପାଲଟ ଦେଖିବାକୁ ମିଳିଛି । ବାଇକୋଙ୍କ ନେତୃତ୍ୱାଧୀନ ଏମଡିଏମକେ ଦଳ ଏମକେ ଷ୍ଟାଲିନଙ୍କ ଡିଏମକେ ସହ ଥିବା ନିଜର ୯ ବର୍ଷର ପୁରୁଣା ମେଣ୍ଟକୁ ଆନୁଷ୍ଠାନିକ ଭାବେ ଶେଷ କରିଦେଇଛି । ଦଳର ସାଧାରଣ ପରିଷଦ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଏମଡିଏମକେ ଅଭିଯୋଗ କରିଛି ଯେ ଡିଏମକେ ପକ୍ଷରୁ ସେମାନଙ୍କ ଦଳକୁ ଦୁର୍ବଳ କରିବା ପାଇଁ କ୍ରମାଗତ ଚେଷ୍ଟା କରାଯାଉଥିଲା, ଯେଉଁଥିପାଇଁ ମେଣ୍ଟରେ ରହିବା ଆଉ ସମ୍ଭବ ନଥିଲା । ଅପରପକ୍ଷରେ ଡିଏମକେ ଏହି ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରି କହିଛି ଯେ ବାଇକୋ ନିଜ ପୁଅକୁ ଦଳରେ ଉଚ୍ଚ ପଦବୀ ଦେବା ଯୋଗୁଁ ସେମାନଙ୍କ ଦଳ ନିଜେ ଦୁର୍ବଳ ହେବାରେ ଲାଗିଛି । ଏହି ମେଣ୍ଟ ଭାଙ୍ଗିବା ପରେ ଏମଡିଏମକେ ଏବେ ରାଜ୍ୟର ଶାସକ ଟିଭିକେ ଦଳ ଆଡ଼କୁ ଢଳୁଥିବା ସଙ୍କେତ ମିଳିଛି । ତେବେ ଏମଡିଏମକେର ଦୁଇଜଣ ବିଧାୟକ ଏହି ବୈଠକକୁ ବାସନ୍ଦ କରି ଡିଏମକେ ସହ ରହିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ଘଟଣା ପରେ ତାମିଲନାଡୁର ଆଗାମୀ ରାଜନୈତିକ ସମୀକରଣ ବଦଳିବା ସହ ଶାସକ ଓ ବିରୋଧୀ ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଆହୁରି ତୀବ୍ର ହେବା ନିଶ୍ଚିତ ହୋଇଯାଇଛି ।

## ୧୩ଟି ହୋଟେଲ: କୋଚିଂ ସେଣ୍ଟର ସିଲ୍

ଅହମଦାବାଦ, ୨୭ ।୬(ଏଜେନ୍ସି): ଅଗ୍ନି ନିରାପତ୍ତା ନିୟମକୁ ବେଖାତିର କରିବା ଅଭିଯୋଗରେ ଗୁଜରାଟର ଅହମଦାବାଦ ସହରରେ ଅଗ୍ନିଶମ ବାହିନୀ ପକ୍ଷରୁ ଏକ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସୁରକ୍ଷା ବ୍ୟବସ୍ଥାରେ ଗୁରୁତର ତ୍ରୁଟି ଯୋଗୁଁ ୧୩ଟି ହୋଟେଲ ଏବଂ ଗୋଟିଏ ପ୍ରମୁଖ କୋଚିଂ ସେଣ୍ଟରକୁ ସିଲ୍ କରାଯାଇଛି । ଅହମଦାବାଦ ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା ବିଭାଗ ପକ୍ଷରୁ ସହରର ବିଭିନ୍ନ ବ୍ୟବସାୟିକ, ଶିକ୍ଷାନୁଷ୍ଠାନ ଓ ହୋଟେଲଗୁଡ଼ିକରେ ବ୍ୟାପକ ଚଢ଼ାଉ କରାଯାଇଥିଲା । ଏହି ଯାଞ୍ଚ ସମୟରେ ନିୟମ ଉଲ୍ଲଂଘନ କରିଥିବା ୧୫୪ଟି ହୋଟେଲ ଏବଂ ୬୨ଟି କୋଚିଂ ସେଣ୍ଟରକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ସହରର ପଶ୍ଚିମ ଜୋନ୍‌ରେ ସବୁଠାରୁ ଅଧିକ କାର୍ଯ୍ୟାନୁଷ୍ଠାନ ହୋଇଛି, ଯେଉଁଠାରେ ୭ଟି ହୋଟେଲ ସମେତ ନବକାର୍ ଇନଷ୍ଟିଚ୍ୟୁଟ୍ ନାମକ ଏକ ଶିକ୍ଷାନୁଷ୍ଠାନକୁ ସିଲ୍ କରାଯାଇଛି । ସେହିପରି ଉତ୍ତର-ପଶ୍ଚିମ ଜୋନ୍‌ରେ ନିରାପତ୍ତା ଅଭାବରୁ ହୋଟେଲ ଫିଜା, ହୋଟେଲ ଫାଉଣ୍ଟେନ୍ ଓ ଆପୋଲୋ ହୋଟେଲ ସମେତ ୬ଟି ପ୍ରତିଷ୍ଠାନକୁ ବନ୍ଦ କରିଦିଆଯାଇଛି । ଆଗାମୀ ଦିନରେ ମଧ୍ୟ ଏହିଭଳି ଚଢ଼ଉ ଜାରି ରହିବ ଏବଂ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନଥିବା ପ୍ରତିଷ୍ଠାନଗୁଡ଼ିକ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି ।

**ରାମ ମନ୍ଦିର ଚାନ୍ଦା ଅର୍ଥ ଘୋଟାଲା**

# ସିସିଟିଭି ଗାଏବ୍, ଡ୍ରାଇଭର ହାତରେ ହୁଣ୍ଡି ଚାବି

**୬ ଜଣଙ୍କ ଠାରୁ ମିଳିଲାଣି ୮୦ ଲକ୍ଷ ଟଙ୍କା, ବିଦେଶୀ ମୁଦ୍ରା**

ଲକ୍ଷ୍ନୌ, ୨୭।୬ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରରେ ହୁଣ୍ଡି ଟଙ୍କା ଘୋଟାଲାକୁ ନେଇ ବିସ୍ଫୋରକ ତଥ୍ୟ ଆସିବାରେ ଲାଗିଛି । ହୁଣ୍ଡି ଦାନ ଅର୍ଥରୁ ୭ରୁ ସାଢ଼େ ସାତ କୋଟି ଟଙ୍କା ଚୋରି ହୋଇଥିବା ନେଇ ଅଭିଯୋଗ ହେଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ୮୦ ଲକ୍ଷ ଟଙ୍କା ଏବଂ ବିଦେଶୀ ମୁଦ୍ରା ଉଦ୍ଧାର ହେଲାଣି । ଏହି ଘୋଟାଲାରେ

### ଟ୍ରଷ୍ଟ କର୍ମକର୍ତ୍ତାଙ୍କୁ ସୁରକ୍ଷା କାହିଁକି: ବିରୋଧୀ

ମନ୍ଦିର ଟ୍ରଷ୍ଟର ୮ ଜଣ କର୍ମଚାରୀଙ୍କୁ ଗିରଫ କରାଯାଇଥିବା ବେଳେ ୬ ଜଣଙ୍କ ଠାରୁ ୮୦ ଲକ୍ଷ ଟଙ୍କା ଜବତ ହୋଇଛି । ଗଣତି କୋଠରିର ପାଖରେ ଥିବା ୱାସରୁମରେ ଲୁଚାଇ ରଖାଯାଇଥିବା ଅଢ଼େଇ ଲକ୍ଷ ଟଙ୍କା ମଧ୍ୟ ଜବତ ହୋଇଛି । ଏବେ ଯାଞ୍ଚ ଓ ଚଢ଼ଉ ଜାରି ରହିଥିବାରୁ ଆହୁରି ଟଙ୍କା ମିଳିବ ବୋଲି କୁହାଯାଉଛି । ତେବେ ଏହି ଘୋଟାଲାରେ କେବଳ ଛୋଟ ଛୋଟ କର୍ମଚାରୀଙ୍କୁ ଗିରଫ କରାଯାଇ ବଡ଼ ବଡ଼ କର୍ମକର୍ତ୍ତାଙ୍କୁ ସୁରକ୍ଷା ଦିଆଯାଉଛି ବୋଲି ବିରୋଧୀ ଦଳ ଅଭିଯୋଗ କରିବା ସହିତ ଟ୍ରଷ୍ଟର ବରିଷ୍ଠ କର୍ମକର୍ତ୍ତାଙ୍କୁ ତଦନ୍ତର ପରିସରଭୁକ୍ତ କରିବା ଲାଗି ଦାବି କରିଛନ୍ତି ।

ଘୋଟାଲାର ତଦନ୍ତ କରୁଥିବା ଏସ୍‌ଆଇଟି (ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍) ଯେତେ ଯାଞ୍ଚ ପ୍ରକ୍ରିୟା ଆଗକୁ ବଢ଼ାଉଛି, ସେଥିରେ ବିସ୍ଫୋରକ ତଥ୍ୟ ମିଳିବାରେ ଲାଗିଛି । ଭକ୍ତମାନେ ଦାନ କରୁଥିବା ଟଙ୍କାକୁ ଗଣିବା ବେଳେ ଏହାକୁ ଲୁଟ୍ କରିବା ଲାଗି ଅଭିଯୁକ୍ତମାନେ ସୁଚିନ୍ତିତ ଢଙ୍ଗରେ ଯୋଜନା ଚଳାଇଥିଲେ । ଦାନ ଅର୍ଥ ଗଣିବା ଲାଗି ମନ୍ଦିର ପରିସରରେ ଏକ ସ୍ୱତନ୍ତ୍ର



କୋଠରି ରହିଛି । ଏଥିରେ ସିସିଟିଭି ଲଗାଯିବା ସହିତ ସୁରକ୍ଷା ଗାର୍ଡଙ୍କ ଉପସ୍ଥିତିରେ ୧୪ ଜଣ କର୍ମଚାରୀ ଅର୍ଥ ଗଣିବା କାର୍ଯ୍ୟରେ ନିୟୋଜିତ ହେଉଛନ୍ତି । ଏଥିରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ୧୧ ଜଣ ଏବଂ ଟ୍ରଷ୍ଟର ତିନି ଜଣ କର୍ମଚାରୀ ଅଛନ୍ତି । ଏମାନଙ୍କ ପାଇଁ ସ୍ୱତନ୍ତ୍ର ପୋଷାକ ପିନ୍ଧିବାର ବ୍ୟବସ୍ଥା ରହିଛି, ଯେଉଁଥିରେ କି ପକେଟ୍ ନଥିବ । ଗଣତି କୋଠରି ଭିତରକୁ ପ୍ରବେଶ କରିବା ସମୟରେ ଏବଂ ବାହାରିବା ସମୟରେ ଏହି କର୍ମଚାରୀଙ୍କୁ ତନ୍ନ ତନ୍ନ କରି ଗାର୍ଡ ଯାଞ୍ଚ କରିବାର ପ୍ରାବଧାନ ରହିଛି । ପୁଣି ସେଠାରେ ଯେଉଁ ସିସିଟିଭି ଲାଗିଛି ତାହାକୁ ୧୮୦ ଦିନ ପାଇଁ ସୁରକ୍ଷିତ ରଖାଯିବାର ବ୍ୟବସ୍ଥା ମଧ୍ୟ ରହିଛି । କିନ୍ତୁ ଗଣତି ବେଳେ ଏହିସବୁ ଏସ୍‌ଓପି ଆଦୌ ପାଳନ କରାଯାଉ ନଥିଲା ବୋଲି ଏସଆଇଟି ଯାଞ୍ଚ ବେଳେ ଜଣାପଡ଼ିଛି । କର୍ମଚାରୀମାନେ ସ୍ୱତନ୍ତ୍ର ପୋଷାକ ପିନ୍ଧୁ ନଥିଲେ କି ସୁରକ୍ଷା ଗାର୍ଡ ଦ୍ୱାରା ସେମାନଙ୍କର ଯାଞ୍ଚ ମଧ୍ୟ କରାଯାଉନଥିଲା । କେବଳ ଏତିକି ନୁହେଁ, ସିସିଟିଭି ଫୁଟେଜ୍‌କୁ ୧୬୦ ଦିନ ପାଇଁ ସୁରକ୍ଷିତ ରଖିବା ବଦଳରେ ୪୫ ଦିନରେ ଏହାକୁ ନଷ୍ଟ କରାଯାଥିଲା । ଏହାକୁ ନେଇ ତଦନ୍ତକାରୀ ଟିମ୍ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ମନ୍ଦିରରେ ୪ଟି ଦାନ ବାକ୍ସ ଥିବା ବେଳେ ଏହାର ଚାବି ରହୁଥିଲା ଟ୍ରଷ୍ଟର ସଂପାଦକ ଚମ୍ପତ ରାୟଙ୍କ ଡ୍ରାଇଭର ତଥା ଅଭିଯୁକ୍ତ ଟିନ୍ନୁ ଯାଦବ ହାତରେ । ଡ୍ରାଇଭର ହାତରେ କାହିଁକି ଚାବି ରଖାଯାଇଥିଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ମାମଲାର ଅନ୍ୟତମ ଅଭିଯୁକ୍ତ ସୁଭାଷ ଶ୍ରୀବାସ୍ତବ ଗଣତି କାମରେ ନିୟୋଜିତ ଥିବା ବେଳେ ଟ୍ରଷ୍ଟର ଜଣେ ବରିଷ୍ଠ କର୍ମକର୍ତ୍ତାଙ୍କ ପରାମର୍ଶରେ ତାକୁ ନିଯୁକ୍ତି ମିଳିଥିଲା । ତେଣୁ ଏଥିରୁ ସ୍ପଷ୍ଟ ହେଉଛି ଯେ ଏହି ଘୋଟାଲାରେ ଟ୍ରଷ୍ଟର ଅନେକ ବରିଷ୍ଠ କର୍ମକର୍ତ୍ତା ମଧ୍ୟ ସାମିଲ ଅଛନ୍ତି ।

ସୂଚନାଯୋଗ୍ୟ ଯେ ଦିନକୁ ୭୦ ହଜାରରୁ ୮୦ ହଜାର ଭକ୍ତ ମନ୍ଦିର ଦର୍ଶନ କରନ୍ତି । ଗତବର୍ଷ ମନ୍ଦିର ହୁଣ୍ଡିକୁ ମିଳିଥିଲା ୩୨୭ କୋଟି ଟଙ୍କାର ଦାନ ଅର୍ଥ ।

## ବୈଠକରେ ଶୋଇପଡ଼ିଲେ କି ଟ୍ରମ୍ପ?



ୱାସିଂଟନ, ୨୭ ।୬(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଏକ ସରକାରୀ ବୈଠକ ସମୟରେ ଆଖି ବନ୍ଦ କରି ବସିଥିବାର ଦେଖିବାକୁ ମିଳିଛି, ଯାହାକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର ଧରିଛି । ହ୍ୱାଇଟ୍ ହାଉସର ଓଭାଲ ଅଫିସଠାରେ ଆୟୋଜିତ 'ଧାର୍ମିକ ସ୍ୱାଧୀନତା କମିଶନ' ବୈଠକ ସମୟରେ ଏହି ଘଟଣା ଘଟିଛି । କନଜରଭେଟିଭ୍ ଖ୍ରୀଷ୍ଟିଆନ ସଦସ୍ୟମାନଙ୍କୁ ନେଇ ଗଠିତ ଏହି କମିଶନର ବୈଠକ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ବୈଠକରେ ଚର୍ଚ୍ଚ ଏବଂ ରାଷ୍ଟ୍ର ମଧ୍ୟରେ ଥିବା ପାର୍ଥକ୍ୟକୁ ହଟାଇବା ଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ଆଲୋଚନା ଚାଲିଥିଲା । ତେବେ ଟେକ୍ସାସର ଲେଫ୍ଟନାଣ୍ଟ ଗଭର୍ଣ୍ଣର ଡ୍ୟାନ୍ ପାଟ୍ରିକ ଗଣମାଧ୍ୟମକୁ ସମ୍ବୋଧିତ କରୁଥିବା ସମୟରେ, ଟ୍ରମ୍ପ କିଛି ସମୟ ପାଇଁ ଆଖି ବନ୍ଦ କରି ଶୋଇପଡ଼ିଥିବା ଭଳି ଭିଡିଓରେ ଦେଖାଯାଇଥିଲା । ପରେ ଅନ୍ୟ ଜଣେ ବକ୍ତା କହିବା ଆରମ୍ଭ କରିବା ପରେ ସେ ଆଖି ଖୋଲି ଚାହିଁଥିଲେ । ଟ୍ରମ୍ପ ବୈଠକରେ ଶୋଇପଡ଼ିବା ନେଇ ଏହା ପ୍ରଥମ ଘଟଣା ନୁହେଁ । ଚଳିତ ବର୍ଷ ଫେବ୍ରୁଆରୀ ମାସରେ 'ବୋର୍ଡ ଅଫ୍ ପିସ୍' ବୈଠକ ସମୟରେ ମଧ୍ୟ ସେ ଶୋଇପଡ଼ିଥିବାର ଏକ ଭିଡିଓ ଭାଇରାଲ ହୋଇଥିଲା । ସେହିପରି ମେ' ମାସରେ ଘଟିଥିବା ଏକ ସମାନ ଘଟଣାରେ ହ୍ୱାଇଟ୍ ହାଉସ ପକ୍ଷରୁ ସଫେଇ ଦିଆଯାଇଥିଲା ଯେ, ରାଷ୍ଟ୍ରପତି ଶୋଇନଥିଲେ ବରଂ ସେ କେବଳ ଦୀର୍ଘ ସମୟ ଧରି ଆଖି ପିଛାଡୁଥିଲେ । ଏହି ନୂଆ ଭିଡିଓ ସାମ୍ନାକୁ ଆସିବା ପରେ ସୋସିଆଲ ମିଡିଆ ବ୍ୟବହାରକାରୀମାନେ ଟ୍ରମ୍ପଙ୍କୁ ଥଟ୍ଟା କରିବା ସହ 'ତାଙ୍କୁ କେହି ଜଣେ ଶୋଇବାରୁ ଉଠାଇ ଦିଅନ୍ତୁ' ବୋଲି ମନ୍ତବ୍ୟ ଦେଇଛନ୍ତି । ଏହି ଘଟଣାକୁ ନେଇ ପ୍ରଶ୍ନ ଉଠିବା ପରେ ହ୍ୱାଇଟ୍ ହାଉସର ମୁଖପାତ୍ର ଡେଭିସ୍ ଇଙ୍ଗଲ୍ ଏହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି । ସେ କହିଛନ୍ତି ଯେ, ଟ୍ରମ୍ପ ଆମେରିକା ଇତିହାସର ସବୁଠାରୁ ଅଧିକ ସକ୍ରିୟ ଏବଂ ଶକ୍ତିଶାଳୀ ରାଷ୍ଟ୍ରପତି, ଯିଏ ଦେଶର ସମସ୍ୟା ସମାଧାନ ପାଇଁ ନିରନ୍ତର କାମ କରୁଛନ୍ତି । ଏଥିସହ ସେ ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ଶାରୀରିକ ଓ ମାନସିକ ସ୍ଥିତିକୁ ନେଇ କଟାକ୍ଷ ମଧ୍ୟ କରିଛନ୍ତି ।

## କେତନ ହତ୍ୟାର ରହସ୍ୟ ଖୋଲିଲା ସିୟା ଗୋୟଲ



**■ 'ବିବାହ ଭାଙ୍ଗିବା ବଦଳରେ ହତ୍ୟା କରିବା ସହଜ ଥିଲା'**
**■ ଗୁଗୁଲ ଦେଖି ହତ୍ୟା ଯୋଜନା କରିଥିଲେ: ପୁଲିସ**

ପୁଣେ, ୨୭ ।୬(ଏଜେନ୍ସି): ମହାରାଷ୍ଟ୍ରର ପୁଣେରେ ହୋଇଥିବା ବହୁଚର୍ଚ୍ଚିତ କେତନ ଅଗ୍ରୱାଲ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲଙ୍କ ଏକ ଚାଞ୍ଚଲ୍ୟକର ସ୍ୱୀକାରୋକ୍ତି ସାମ୍ନାକୁ ଆସିଛି । କେତନ ସହିତ ବିବାହ ପାଇଁ ପରିବାର ସ୍ଥିର କରିଥିଲେ ମଧ୍ୟ ସେ ତାଙ୍କୁ ବାହା ହେବାକୁ ଚାହୁନଥିଲା । ତେଣୁ ପରିବାର ଲୋକଙ୍କ ସମ୍ମାନ ରକ୍ଷା କରିବା ପାଇଁ ସେ ବିବାହ ଭାଙ୍ଗିବା ବଦଳରେ ନିଜ ଭାବି ସ୍ୱାମୀକୁ ହତ୍ୟା କରିବାକୁ ସହଜ ମଣିଥିଲା ବୋଲି ପୁଲିସ ଆଗରେ ପ୍ରକାଶ କରିଛି । କେତନଙ୍କୁ ହତ୍ୟା କରିବାର ଦୁଇ ତିନି ବର୍ଷ ପରେ ସେ ପ୍ରେମିକ ଚେତନକୁ ବିବାହ କରିବାକୁ ଯୋଜନା କରିଥିଲା ।

ସୂଚନାଯୋଗ୍ୟ ଯେ ଜୁନ୍ ୧୮ ତାରିଖରେ ଜଣେ ଜମି ଦଲାଲ କେତନ ଅଗ୍ରୱାଲଙ୍କର ଲୋହଗଡ଼ ଦୁର୍ଗ ପାହାଡ଼ରୁ ଖସି ମୃତ୍ୟୁ ହୋଇଥିଲା । ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ସିୟା ନିଜ ପ୍ରେମିକ ଚେତନ ଚୌଧୁରୀଙ୍କ ସହ ମିଶି କେତନଙ୍କୁ ପାହାଡ଼ରୁ ଠେଲି ହତ୍ୟା କରିଥିଲା । ଆସନ୍ତା ନଭେମ୍ବର ମାସରେ ସେମାନଙ୍କର ବିବାହ ହେବାର ଥିଲା, ମାତ୍ର ସିୟା ଏହି ବିବାହ ଚାହୁଁନଥିଲେ । ପୁଲିସ ସୂଚନା ଅନୁଯାୟୀ, ଜାନୁଆରୀ ମାସରୁ ସିୟା ଏବଂ ଚେତନଙ୍କ ମଧ୍ୟରେ ୨ ହଜାରରୁ ଅଧିକ ଥର ଫୋନରେ କଥାବାର୍ତ୍ତା ହୋଇଛି । ସେମାନେ ୨୩୮ ଘଣ୍ଟା କଥାବାର୍ତ୍ତା କରିଥିବା କଲ ରେକର୍ଡରୁ ଜଣାପଡ଼ିଛି । ଏହି କଥାବାର୍ତ୍ତାରୁ ଅନେକ ରହସ୍ୟ ଉନ୍ମୋଚିତ ହେବ ବୋଲି ପୁଲିସ ବିଶ୍ୱାସ କରୁଛି । ଏହି ସମ୍ବେଦନଶୀଳ ମାମଲାର ଯାଞ୍ଚ ପାଇଁ ପୁଲିସର ୬ଟି ଦଳ ଗଠନ କରାଯାଇଛି ଏବଂ ବର୍ତ୍ତମାନ ସିୟାଙ୍କ ପରିବାର ଲୋକଙ୍କୁ ଜେରା କରାଯାଉଛି । ପୁଲିସ ଏବେ ଉଭୟ ଅଭିଯୁକ୍ତଙ୍କ ମୋବାଇଲରୁ ଡିଲିଟ୍ ହୋଇଯାଇଥିବା ତଥ୍ୟ ଉଦ୍ଧାର କରିବା ସହ ଏହି ହତ୍ୟା ଷଡ଼ଯନ୍ତ୍ରର ଅଧିକ ପ୍ରମାଣ ସଂଗ୍ରହ କରୁଛି । ହତ୍ୟା କେମିତି କରାଯିବ ଏବଂ ଧରାପଡ଼ିଲେ ପୁଲିସକୁ କିପରି ଜବାବ ଦେବେ, ସେ ସଂପର୍କରେ ସେମାନେ ଗୁଗୁଲରେ ସର୍ଚ୍ଚ କରିଥିଲେ ବୋଲି ପୁଲିସ କହିଛି ।

## ରୁଷ କ୍ଷେପଣାସ୍ତ୍ର କାରଖାନାରେ ୟୁକ୍ରେନର ବୋମାମାଡ଼



କିଭ୍, ୨୭ ।୬(ଏଜେନ୍ସି): ଦୀର୍ଘ ୫ ବର୍ଷ ଧରି ଚାଲିଥିବା ରୁଷ-ୟୁକ୍ରେନ ଯୁଦ୍ଧ ମଧ୍ୟରେ ୟୁକ୍ରେନ ସେନା ରୁଷକୁ ଏକ ବଡ଼ ଝଟକା ଦେଇଛି । ୟୁକ୍ରେନ ପକ୍ଷରୁ ରୁଷର ଭୋଲଗୋଗ୍ରାଡ୍ ସହରରେ ଥିବା ଏକ ପ୍ରମୁଖ ସାମରିକ ଉଦ୍ୟୋଗ 'ଟାଇଟାନ-ବାରିକାଡି' ଉପରେ ଶକ୍ତିଶାଳୀ ମିସାଇଲ ଆକ୍ରମଣ କରାଯାଇଛି । ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ସୂଚନା ଅନୁଯାୟୀ, 'ଏଫ୍‌ପି-୫ ଫ୍ଲେମିଙ୍ଗୋ' ମିସାଇଲ ସାହାଯ୍ୟରେ ଏହି କାରଖାନାକୁ ଟାର୍ଗେଟ କରାଯାଇଛି, ଯେଉଁଠାରେ ରୁଷ ତା'ର ଘାତକ 'ଇସ୍କାନ୍ଦର-ଏମ୍' ମିସାଇଲ ସିଷ୍ଟମର ବିଭିନ୍ନ ଯନ୍ତ୍ରାଂଶ ଏବଂ ସାମରିକ ଗାଡ଼ି ନିର୍ମାଣ କରୁଥିଲା । ଏହି ଆକ୍ରମଣରେ ପ୍ରାୟ ୧୦ ଜଣ ଆହତ ହୋଇଥିବା ବେଳେ କାରଖାନାର ବ୍ୟାପକ କ୍ଷତି ଘଟିଛି । ରୁଷକୁ ଆର୍ଥିକ ଓ ସାମରିକ ସ୍ତରରେ ଦୁର୍ବଳ କରିବା ପାଇଁ ୟୁକ୍ରେନ ଏହିଭଳି ଦୂରଗାମୀ ଆକ୍ରମଣକୁ ଜୋରଦାର କରିଛି । ଅନ୍ୟପଟେ, ରୁଷ ମଧ୍ୟ ୟୁକ୍ରେନ ଉପରେ ପାଲଟା ଡ୍ରୋନ ଆକ୍ରମଣ ଜାରି ରଖିଛି । ଗତ ରାତିରେ ୟୁକ୍ରେନର ଉତ୍ତର-ପୂର୍ବ ସୁମି ଅଞ୍ଚଳରେ ରୁଷର ଏକ ଡ୍ରୋନ ଆକ୍ରମଣ ଯୋଗୁଁ ଜଣେ ୬୬ ବର୍ଷୀୟ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି । ୟୁକ୍ରେନର ଡ୍ରୋନ୍ ଆକ୍ରମଣର ଜବାବ ଦେବାକୁ ଯାଇ ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ ଦାବି କରିଛି ଯେ ସେମାନେ ଗୋଟିଏ ରାତିରେ ପ୍ରାୟ ୬୬୦ଟି ୟୁକ୍ରେନୀୟ ଡ୍ରୋନ୍‌କୁ ଆକାଶରେ ଖସାଇ ଦେଇଛନ୍ତି । ରୁଷକୁ ଯୁଦ୍ଧ ଶେଷ କରିବା ପାଇଁ ବାଧ୍ୟ କରିବାକୁ ରାଷ୍ଟ୍ରପତି ଜେଲେନସ୍କି ଏକ '୪୦ ଦିନିଆ ସାମରିକ ଅଭିଯାନ'ର ନିର୍ଦ୍ଦେଶ ଦେଇଛନ୍ତି, ଯାହାଫଳରେ ଆଗାମୀ ଦିନରେ ଏହି ଆକ୍ରମଣ ଆହୁରି ତୀବ୍ର ହେବାର ଆଶଙ୍କା କରାଯାଉଛି ।

## ଟ୍ରମ୍ପଙ୍କୁ ଶୁଣୁନି ଇସ୍ରାଏଲ; ଲେବାନନ୍‌ରେ ଡ୍ରୋନ୍ ଆକ୍ରମଣ



ବେରୁଟ୍, ୨୭ ।୬(ଏଜେନ୍ସି): ଇସ୍ରାଏଲ ଏବଂ ଲେବାନନ୍ ମଧ୍ୟରେ ସୀମା ବିବାଦ ହ୍ରାସ କରିବା ପାଇଁ ଆମେରିକା ମଧ୍ୟସ୍ଥତାରେ ଏକ ସୁରକ୍ଷା ଚୁକ୍ତି ସ୍ୱାକ୍ଷରିତ ହେବାର ମାତ୍ର ଗୋଟିଏ ଦିନ ପରେ ପୁଣି ହିଂସା ଦେଖାଦେଇଛି । ଶନିବାର ଦିନ ଦକ୍ଷିଣ ଲେବାନନର ନବାତିୟା ଅଞ୍ଚଳରେ ଇସ୍ରାଏଲ ପକ୍ଷରୁ ଏକ ଡ୍ରୋନ୍ ଆକ୍ରମଣ କରାଯାଇଥିବା ନେଇ ଲେବାନନର ସରକାରୀ ଗଣମାଧ୍ୟମ ସୂଚନା ଦେଇଛି । ୱାଶିଂଟନରେ ଚାରି ଦିନର ଆଲୋଚନା ପରେ ଶୁକ୍ରବାର ଦିନ ହିଁ ଦୁଇ ଦେଶ ମଧ୍ୟରେ ଏହି ଚୁକ୍ତି ହୋଇଥିଲା, ଯାହାକୁ ଆମେରିକା ବୈଦେଶିକ ସଚିବ ମାର୍କୋ ରୁବିଓ ଆଞ୍ଚଳିକ ଶାନ୍ତି ଦିଗରେ ଏକ ପ୍ରାଥମିକ ପଦକ୍ଷେପ ବୋଲି କହିଥିଲେ । ତେବେ ଏହି ଆଲୋଚନାରେ ଇରାନ ସମର୍ଥିତ ହିଜବୁଲ୍ଲା ଗୋଷ୍ଠୀ ସାମିଲ ନଥିଲେ । ଜୁନ୍ ୧୭ ରେ ଆମେରିକା ଓ ଇରାନ ମଧ୍ୟରେ ହୋଇଥିବା ବୁଝାମଣା ପରେ ଅସ୍ତ୍ରବିରତି ପାଇଁ ଚେଷ୍ଟା ଚାଲିଥିବା ବେଳେ, ଏହି ତାଜା ଆକ୍ରମଣ ନୂତନ ସୁରକ୍ଷା ଚୁକ୍ତିର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ଏବଂ ଆଞ୍ଚଳିକ ସ୍ଥିତିକୁ ଅଧିକ ଜଟିଳ କରିଦେଇଛି ।

## ଜୋନାଥନ୍‌କୁ ଦେଖିଲେ ମୋଦୀ



**ସେଶେଲ୍ସରେ ବିଶ୍ୱର ସବୁଠାରୁ ବୟସ୍କ ଜୀବ**

ଭିକ୍ଟୋରିଆ, ୨୭ ।୬(ଏଜେନ୍ସି): ସେଶେଲ୍ସ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସେଠାକାର ଜାତୀୟ ଉଦ୍ଭିଦ ଉଦ୍ୟାନ ପରିଦର୍ଶନ କରି ବିଶ୍ୱର ସବୁଠାରୁ ବୟସ୍କ ସ୍ଥଳଭାଗ ଜୀବ 'ଜୋନାଥନ' (ଏକ ବିଶାଳକାୟ କଇଁଛ)କୁ ଭେଟିଛନ୍ତି । ଭାରତ ଏବଂ ସେଶେଲ୍ସ ମଧ୍ୟରେ କୂଟନୈତିକ ସମ୍ପର୍କର ୫୦ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ସେଠାକାର ଜାତୀୟ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଆମନ୍ତ୍ରଣ କରାଯାଇଛି । ଏହି ଗସ୍ତ ସମୟରେ ମୋଦୀ ଉଦ୍ୟାନରେ ଏକ ବୃକ୍ଷ ରୋପଣ ମଧ୍ୟ କରିଛନ୍ତି । ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ ଅନୁଯାୟୀ, ଜୋନାଥନର ବୟସ ପ୍ରାୟ ୧୯୪ ବର୍ଷ ଏବଂ ତାଙ୍କର ଜନ୍ମ ୧୮୩୨ ମସିହାରେ ହୋଇଥିବା ଅନୁମାନ କରାଯାଏ । ବାର୍ଦ୍ଧକ୍ୟ ଜନିତ କାରଣରୁ ତାର ଦୃଷ୍ଟିଶକ୍ତି ଓ ଶୁଙ୍ଘିବା ଶକ୍ତି କମିଯାଇଥିଲେ ସୁଦ୍ଧା ସେ ଏବେ ମଧ୍ୟ ସମ୍ପୂର୍ଣ୍ଣ ସୁସ୍ଥ ଅଛି ଏବଂ ସେଶେଲ୍ସର ସବୁଠାରୁ ବଡ଼ ଆକର୍ଷଣ ପାଲଟିଛି । ଏହି ଗସ୍ତ ଦ୍ୱାରା ଦୁଇ ଦେଶ ମଧ୍ୟରେ ସାମୁଦ୍ରିକ ସୁରକ୍ଷା, ପରିବେଶ ସଂରକ୍ଷଣ ଏବଂ ଆର୍ଥିକ ସହଯୋଗ ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି ।

## ୫୯ ବର୍ଷ ଜମି ବିବାଦର ଅନ୍ତ ଘଟାଇଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୭ ।୬(ଏଜେନ୍ସି): ଉତ୍ତରାଖଣ୍ଡର ହରିଦ୍ୱାର ଜିଲ୍ଲାରେ ପ୍ରାୟ ସାତ ଦଶନ୍ଧି ଧରି ଚାଲିଥିବା ଏକ ଜମି ବିବାଦର ସର୍ବୋଚ୍ଚ ଅଦାଲତ ସୁପ୍ରିମକୋର୍ଟ ଅନ୍ତ ଘଟାଇଛନ୍ତି । ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ର ଏବଂ ଜଷ୍ଟିସ ଏନଭି ଅଞ୍ଜାରିଆଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ୧୯୫୭ ମସିହାରେ ହୋଇଥିବା ଏକ ଜମି ବିକ୍ରି ଦଲିଲ୍‌କୁ ବୈଧ ଘୋଷଣା କରି ଏହି ଐତିହାସିକ ରାୟ ଶୁଣାଇଛନ୍ତି । ହରିଦ୍ୱାରର ନରସିପୁର କଲାନ୍ ଗାଁରେ ପ୍ରାୟ ୧୫.୫ ବିଘା ଜମିକୁ ନେଇ ଆବେଦନକାରୀ ଶରାଫତ ଅଲୀଙ୍କ ପୂର୍ବପୁରୁଷମାନେ ୧୯୫୭ ଜୁନ୍ ୪ରେ ଏକ ପଞ୍ଜିକୃତ ଦଲିଲ୍ ମାଧ୍ୟମରେ କିଣିଥିଲେ ଏବଂ ସେହି ଦିନଠାରୁ ସେମାନେ ଏହି ଜମିକୁ ନିଜ ଦଖଲରେ ରଖିଥିଲେ । ୧୯୮୪ ରେ ଏହି ଜମି ସେମାନଙ୍କ ନାମରେ ନାମଜାରୀ (ମ୍ୟୁଟେସନ) ହୋଇଥିଲା । ତେବେ ପରବର୍ତ୍ତୀ ସମୟରେ ଅନ୍ୟ ସହ-ଅଂଶୀଦାରମାନଙ୍କ ଆପତ୍ତି କାରଣରୁ ମାମଲା ପୁଣି ଖୋଲିଥିଲା । ୧୯୯୯ ରେ ଚକବନ୍ଦୀ ଅଧିକାରୀ ଏବଂ ପରେ ୨୦୧୭ ରେ ହାଇକୋର୍ଟ ଏହି ଦଲିଲ୍‌କୁ ଅବୈଧ ଘୋଷଣା କରି ଆବେଦନକାରୀଙ୍କ ଦାବିକୁ ଖାରଜ କରିଦେଇଥିଲେ । ଏହି କ୍ରମରେ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ରଦ୍ଦ କଲେ ସୁପ୍ରିମକୋର୍ଟ । ତଳ କୋର୍ଟ ଏବଂ ହାଇକୋର୍ଟଙ୍କ ରାୟକୁ ସମ୍ପୂର୍ଣ୍ଣ ଭୁଲ୍ ଦର୍ଶାଇ ସୁପ୍ରିମକୋର୍ଟ କହିଛନ୍ତି ଯେ, ଏହି ଜମି ବିକ୍ରି ଦଲିଲ୍ ଜାଲ୍ କିମ୍ବା ପ୍ରତାରଣାମୂଳକ ଥିଲା ବୋଲି ବିରୋଧୀ ପକ୍ଷ କେବେ ହେଲେ କୋର୍ଟରେ ଦାବି କରିନାହାନ୍ତି । ସାକ୍ଷୀଙ୍କ ରହୁଥିବା ସ୍ଥାନର ନାମରେ ଥିବା ସାମାନ୍ୟ ତ୍ରୁଟିକୁ ଆଧାର କରି ଏକ ପଞ୍ଜିକୃତ ଆଇନଗତ ଦଲିଲ୍‌କୁ ଅବୈଧ କୁହାଯାଇପାରିବ ନାହିଁ ।




### କଣ୍ଟେନର ପଛରେ ପିଟିହେଲା ପୁଲିସ୍ ଭ୍ୟାନ୍

# ୨ ଡିଏସ୍‌ପିଙ୍କ ସମେତ ୩ ଗୁରୁତର

ବାଲେଶ୍ୱର/ବାରିପଦା,୨୭।୬(ସମିସ): କଣ୍ଟେନର ପଛରେ ଧକ୍କା ଦେଲା ପୁଲିସ ଭ୍ୟାନ। ଦୁଇ ପୁଲିସ ଅଧିକାରୀ ଗୁରୁତର ଆହତ ହୋଇଥିବା ବେଳେ ଡ୍ରାଇଭର ଶୋଚନୀୟ ଅବସ୍ଥାରେ ରେମୁଣା ମେଡ଼ିକାଲ କଲେଜରେ ଭର୍ତ୍ତି ହୋଇଛନ୍ତି। ବାଲେଶ୍ୱର ରେମୁଣା ୧୬ ନମ୍ବର ଜାତୀୟ ରାଜପଥ ନୂଆଗାଁ ଛକ ନିକଟରେ ଭଦ୍ରକରୁ ବାରିପଦା ଯାଉଥିବା ସମୟରେ ନୂଆଗାଁ ଛକ ନିକଟରେ ଏକ କଣ୍ଟେନର ପଛରେ ପୁଲିସ୍ ଭ୍ୟାନ ପିଟି ହୋଇଥିଲା। ଫଳରେ ଏହି ଭୟଙ୍କର ଦୁର୍ଘଟଣାରେ ଭ୍ୟାନ ଭିତରେ ଥିବା ଡ୍ରାଇଭର ଓ ଦୁଇ ପୁଲିସ ଅଧିକାରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ରେମୁଣା ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି।



ବାରିପଦାରେ କାର୍ଯ୍ୟରତ ଏଚଆରପିଏସ ଡ଼ିଏସପି ପାସ୍କେଲ ଏକ୍କା ଓ କ୍ରାଇମ ଡ଼ିଏସପି ନିରୁପମା ମଲ୍ଲିକ ଭଦ୍ରକ ମହରମ ଡିଉଟିରେ ଯାଇଥିବା ବେଳେ ଆଜି ବାରିପଦା ଫେରୁଥିବା ସମୟରେ ଅପରାହ୍ନରେ ତାଙ୍କ ଭ୍ୟାନ ବାଲେଶ୍ୱର ଜିଲ୍ଲା ୧୬ନଂ ଜାତୀୟ ରାଜପଥର ନୂଆଗାଁ ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କଣ୍ଟେନର ପଛରେ ଧକ୍କା ହୋଇ ଭ୍ୟାନଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ବେଳେ ସ୍ଥାନୀୟ ଲୋକ ୨ଡ଼ିଏସପିଙ୍କ ସମେତ ଚାଳକ ବାଦଲ ପ୍ରଧାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରେମୁଣା ମେଡିକାଲ କଲେଜରେ ଭର୍ତ୍ତି କରିଛନ୍ତି। ବାଲେଶ୍ୱର ଶିଳ୍ପାଞ୍ଚଳ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ତେବେ ଚାଳକ ବାଦଲଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି। ବାରିପଦାରୁ ଅତିରିକ୍ତ ଏସ୍‌ପିଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ରେମୁଣା ମେଡିକାଲ କଲେଜରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

---

**ବିଜେଡିର ପ୍ରଶ୍ନ**

# କେବେ ସୁଧୁରିବ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି

### ରାଜ୍ୟରେ ବଢୁଛି ଅପରାଧୀଙ୍କ ଦୌରାତ୍ମ୍ୟ; ପୁଲିସ ଉପରେ ଆସ୍ଥା ହରାଇଲେଣି ସାଧାରଣ ଜନତା

ଭୁବନେଶ୍ୱର,୨୭।୬(ସମିସ): ଓଡ଼ିଶା ଏବେ ଘଡିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି। ବିଜେପି ରାଜ୍ୟର ଶାସନ ଭାର ନେବା ଦିନଠାରୁ ଦୁଇ ବର୍ଷ ହେଲାଣି ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି। କେବଳ ଆଇନଶୃଙ୍ଖଳା ନୁହେଁ, ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛି । ମହିଳା ବିରୋଧୀ ହିଂସା, ଚାଷୀ ଅବ୍ୟବସ୍ଥା, ପାଠ୍ୟ ପୁସ୍ତକରେ ସାଂଘାତିକ ତ୍ରୁଟି, ସାରା ରାଜ୍ୟରେ ମାଫିଆରାଜ, ବିଜେପି ନେତାଙ୍କ ଗୁଣ୍ଡାଗର୍ଦ୍ଦି ଆଦି ଘଟଣାମାନ ଏବେ ରାଜ୍ୟବାସୀଙ୍କୁ ଅଣନିଶ୍ୱାସୀ କରିଦେଉଛି ବୋଲି କ୍ଷୋଭ ପ୍ରକାଶ କରିଛି ବିଜେଡି। ବାରମ୍ବାର ଘଟୁଥିବା ହିଂସାତ୍ମକ ଅପରାଧ ଯୋଗୁଁ ରାଜ୍ୟବାସୀଙ୍କ ମନରେ ଭୟ ଓ ଅସୁରକ୍ଷାର ପରିବେଶ ସୃଷ୍ଟି ହୋଇଛି ବୋଲି ବିଜେଡି ଅଭିଯୋଗ କରିଛି।

ଶନିବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ତୁଷାରକାନ୍ତି ବେହେରା କହିଥିଲେ ଯେ ସହଦେବଖୁଣ୍ଟା ଥାନାଠାରୁ ମାତ୍ର ୬୦୦ ମିଟର ଦୂରରେ ଦୁର୍ବୃତ୍ତମାନେ ୮ ରାଉଣ୍ଡ ଗୁଳି ଚଳାଇ ଦିନ ଦ୍ୱିପ୍ରହରରେ ବାଲେଶ୍ୱରର ବ୍ୟବସାୟୀ ଶେଖ ହମିଦଙ୍କୁ ନିର୍ମମ ହତ୍ୟା କରିଛନ୍ତି ।



**ଅପରାଧୀଙ୍କ ସୁରକ୍ଷାକବଚ ସାଜୁଛନ୍ତି ବିଜେପି ନେତା**

ସେହିପରି ପୁରୀରେ ଜଣେ ହୋଟେଲ ମାଲିକଙ୍କୁ ତାଙ୍କ ମ୍ୟାନେଜର ଓ ସହଯୋଗୀମାନେ ହତ୍ୟା କରିଥିଲେ। ପୁରୀରେ ଏଭଳି ଘଟଣା କେବଳ ଜନସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁନାହିଁ, ବରଂ ପର୍ଯ୍ୟଟକ ଓ ସମ୍ଭାବ୍ୟ ନିବେଶକଙ୍କ ନିକଟରେ ଓଡ଼ିଶାର ଭାବମୂର୍ତ୍ତିକୁ ମଧ୍ୟ କ୍ଷୁର୍ଣ୍ଣ କରୁଛି। ଏ ସମସ୍ତ ଘଟଣାରୁ ସ୍ପଷ୍ଟ ହେଉଛି ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିଲା ବେଳେ ପୁଲିସ ବିଭାଗ କୋମାକୁ ଚାଲିଯାଇଛି। ମାଣିଆବନ୍ଧ ଏକ ଶାନ୍ତିପୂର୍ଣ୍ଣ ଅଞ୍ଚଳ ଭାବେ ପରିଚିତ ଥିଲା ଏବଂ ପୂର୍ବରୁ ଏପରି ଅପରାଧିକ ଘଟଣା କେବେ ଘଟିନଥିଲା । ଶାଢ଼ୀ ପାଇଁ ସାରା ଦେଶରେ ପ୍ରସିଦ୍ଧ ଏହି ଅଞ୍ଚଳ ଆଜି ଏହି ଘଟଣା ପରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିରେ ପହଞ୍ଚିଛି ଏବଂ ସ୍ଥାନୀୟ ଲୋକଙ୍କ ମନରେ ଭୟ ଓ ଅସୁରକ୍ଷାର ଭାବନା ସୃଷ୍ଟି ହୋଇଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ। ବିଜୁ ଜନତା ଦଳ ସଂଖ୍ୟାଲଘୁ ସେଲର ଜୋନାଲ ସହସଂଯୋଜକ ଏସ୍।କେ. ନିଜାମୁଦ୍ଦିନ କହିଥିଲେ ଯେ ରାଜ୍ୟରେ ଆଇନଶୃଙ୍ଖଳା ବଜାୟ ରଖିବା ଯେକୌଣସି ସରକାରଙ୍କର ସର୍ବପ୍ରଥମ ଦାୟିତ୍ୱ। ଓଡ଼ିଶାବାସୀ ସୁରକ୍ଷା, ନିରାପତ୍ତା ଓ ନ୍ୟାୟ ପାଇବାର ଅଧିକାରୀ। ସଂଖ୍ୟାଲଘୁ ବର୍ତ୍ତମାନ ରାଜ୍ୟରେ ସୁରକ୍ଷିତ ନାହାନ୍ତି । ବାଲେଶ୍ୱରରେ ବ୍ୟବସାୟୀ ହମିଦ୍‌ଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି । ରାଜ୍ୟରେ ଘଟୁଥିବା ସଂଗଠିତ ଅପରାଧକୁ ସରକାର ଯଦି ରୋକିନପାରିବେ ଆଗାମୀ ଦିନରେ ଭୟଙ୍କର ବିରୋଧର ସମ୍ମୁଖୀନ ହେବେ ବୋଲି ସେ ଚେତାଇ ଦେଇଥିଲେ। ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରି କହିଥିଲେ ଯେ ଗତ ୨୩ ତାରିଖରେ ରାଜ୍ୟର ଆଇନମନ୍ତ୍ରୀ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ସୁଚାରରୂପେ ପରିଚାଳନା ନିମନ୍ତେ ସମୀକ୍ଷା ବୈଠକ କରି ଗଣମାଧ୍ୟମକୁ କହିଥିଲେ, ପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ କରିବା ପାଇଁ ରାଜ୍ୟ ସରକାର ସମସ୍ତ ପଦକ୍ଷେପ ନେବା ସହିତ ଭକ୍ତମାନଙ୍କ ସୁରକ୍ଷାରେ କୌଣସି ଅବହେଳା କରାଯିବ ନାହିଁ। କିନ୍ତୁ ପରଦିନ ଅପରାଧୀମାନେ ଆଇନମନ୍ତ୍ରୀଙ୍କ କଥାକୁ ଖାତିର ନକରି ପୁରୀର ଜଣେ ହୋଟେଲ ବ୍ୟବସାୟଙ୍କୁ ନିର୍ମମ ଭାବେ ହତ୍ୟା କରି ଖସିଯିବାରେ ସଫଳ ହେଲେ। ସେହିପରି ବଡମ୍ବାର ମାଣିଆବନ୍ଧ ସରପଞ୍ଚଙ୍କ ସ୍ୱାମୀଙ୍କୁ ସର୍ବସମ୍ମୁଖରେ ତାଙ୍କ ପୁଅଙ୍କ ଉପସ୍ଥିତିରେ ଗୁଳି ମାରି ହତ୍ୟା କରିବାକୁ ଉଦ୍ୟମ କରିଥିବା ଆସାମୀମାନଙ୍କୁ ଧରିବାରେ ଏପର୍ଯ୍ୟନ୍ତ ପୁଲିସ ସକ୍ଷମ ହୋଇନାହିଁ। ରାଜ୍ୟରେ ଏଭଳି ଅପରାଧମାନ କେତେ ଦିନ ଚାଲିବ ବୋଲି ଡ. ମହାନ୍ତି ସରକାରଙ୍କୁ ପ୍ରଶ୍ନ କରିଛନ୍ତି।

---

### ଯୁବ ବ୍ୟବସାୟୀଙ୍କୁ ଗୁଳିମାଡ଼ ଘଟଣାରେ ୪୮ ଘଣ୍ଟା ମହଲତ ଦେଲା ବିଜେଡି

# କାର୍ଯ୍ୟାନୁଷ୍ଠାନ ନ ହେଲେ ଏସ୍‌ପି ଅଫିସ୍ ଘେରଉ ଚେତାବନୀ

ବାଲେଶ୍ୱର,୨୭।୬ (ସମିସ): ବାଲେଶ୍ୱରର ଯୁବ ବ୍ୟବସାୟୀ ସେକ ହମିଦଙ୍କୁ ଗୁଳି କରି ହତ୍ୟା ଘଟଣାରେ ଶନିବାର ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଏସପିଙ୍କୁ ଭେଟିଛି । ଦିନ ଦ୍ୱି-ପ୍ରହରେ ଛାତିଥରା ଗୁଳିକାଣ୍ଡକୁ ନାପସନ୍ଦ କରିବା ସହ ବାଲେଶ୍ୱରରେ ବିଗୁଡୁଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ ତଥା କଡ଼ା କାର୍ଯ୍ୟାନୁଷ୍ଠାନ ନେଇ ଦାବି କରିଛନ୍ତି । ଯଦି ସମ୍ପୃକ୍ତ

**ଏସ୍‌ପି ଓ ମୃତକଙ୍କ ପରିବାରଙ୍କୁ ଭେଟିଲା ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍**

ଘଟଣାରେ ୪୮ ଘଣ୍ଟା ମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ, ତେବେ ଏସ୍‌ପି ଅଫିସ ଘେରଉ କରିବା ନେଇ ବିଜେଡି ଚେତାବନୀ ଦେଇଛି । ଏଥିସହ ହମିଦଙ୍କ ଗଣେଶ୍ୱରପୁରସ୍ଥିତ ଘର ଓ ଅରଡ଼ବଜାରସ୍ଥିତ ଗୁଳିକାଣ୍ଡ ସ୍ଥଳକୁ ଏହି ସ୍ୱତନ୍ତ୍ର ଟିମ ପରିଦର୍ଶନ କରିବା ସହ ପରିବାରବର୍ଗ ଓ ବ୍ୟବସାୟୀଙ୍କୁ ଭେଟିଛି । ପରେ ସମ୍ପୃକ୍ତ ଟିମ୍ ଅରଡ଼ବଜାରସ୍ଥିତ ଗୁଳିକାଣ୍ଡ ସ୍ଥଳରେ ପହଞ୍ଚି ଘଟଣା ବିଷୟରେ ଲୋକଙ୍କଠୁ ବୁଝାବୁଝି କରିଛନ୍ତି ।

ଗତ ଗୁରୁବାର ଦିବାଲୋକରେ ଗୁଳିମାଡ଼ କରି ହମିଦଙ୍କୁ ହତ୍ୟା କରାଯାଇଛି। ଘଟଣାକୁ ନେଇ ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଶନିବାର ସକାଳେ ପ୍ରଥମେ ରେମୁଣା ଗୋଲେଇ ଓ



ପରେ ହମିଦଙ୍କ ଗଣେଶ୍ୱରପୁର ସ୍ଥିତ ଘରେ ପହଞ୍ଚି ଘଟଣାକୁ ଗ୍ରାଉଣ୍ଡରୁ ତଦାରଖ କରିଛି । ହମିଦଙ୍କ ସ୍ତ୍ରୀ, ପୁଅ ଓ ପରିବାର ପ୍ରିୟଜନଙ୍କୁ ଭେଟିବା ସହ ଘଟଣା ବାବଦରେ ଆଲୋଚନା କରିଛନ୍ତି । ବର୍ତ୍ତମାନ ସୁଦ୍ଧା ଏ ନେଇ ପୁଲିସ ତାଙ୍କ ଘରେ ପହଞ୍ଚିନଥିବା ପରିବାର ବର୍ଗ କହିବା ସହ ହମିଦଙ୍କ ପତ୍ନୀ କାନ୍ଦି କାନ୍ଦି ହାତ ଯୋଡି ନ୍ୟାୟ ଭିକ୍ଷା କରିଛନ୍ତି । ପରେ ଟିମ୍‌ର ସଂଯୋଜକ ତଥା ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଟିମ୍‌ର ସଦସ୍ୟଙ୍କ ମଧ୍ୟରେ ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ସୋର ବିଧାୟକ ମାଧବ ଧଡ଼ା, ପୂର୍ବତନ ସଦର ବିଧାୟକ ଜୀବନ ପ୍ରଦୀପ ଦାସ ଏବଂ ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ ପ୍ରମୁଖ ବାଲେଶ୍ୱର ପୁଲିସ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କୁ ଭେଟିବା ସହ ଘଟଣା ସମ୍ପର୍କରେ ଅବଗତ କରାଇ ସମ୍ପୃକ୍ତ ଘଟଣାରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରଛନ୍ତି। ଆଗାମୀ ୪୮ ଘଣ୍ଟା ମଧ୍ୟରେ ଯଦି ଏହା ନହୁଏ, ତେବେ ରାଜ୍ୟର ପ୍ରମୁଖ ବିରୋଧୀ ଦଳ ହିସାବରେ ଲୋକଙ୍କ ହିତକୁ ଗୁରୁତ୍ୱ ଦେଇ ବିଜେଡି ଏସ୍‌ପି ଅଫିସ ଘେରଉ କରିବ ବୋଲି ଟିମ୍ ଚେତାବନୀ ଦେଇଛି । ଏହି ପରିପ୍ରେକ୍ଷୀରେ ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ରାଜ୍ୟ ସାଧାରଣ ସମ୍ପାଦକ ଗିରୀଶ ଚନ୍ଦ୍ର ଦାସ, ବାଲେଶ୍ୱର ଟାଉନ ସଭାପତି ମନୋଜ କୁମାର ରାଉତ, ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ପୌର ଉପାଧ୍ୟକ୍ଷ କୈଳାଶ ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ରେମୁଣା ଏନଏସି ଚେୟାରମ୍ୟାନ ତନୁଜା ଗିରି, ଉପାଧ୍ୟକ୍ଷ ଏହେସାନ ଖାନ, ରେମୁଣା ବ୍ଲକ ସଭାପତି ଅଭିମନ୍ୟୁ ଦିନ୍ଦା, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ସେକ ଅନସର ଅଲ୍ଲୀ, ସୁବୋଧ ମହାନ୍ତି, ସଞ୍ଜୟ ବେହେରା, ଅଶୋକ ଆଦ୍ୟ, ଅଶୋକ ଦାସ, ଧନଞ୍ଜୟ ଜେନା, ଯୁବ ନେତା ଭରତ ଭୂଷଣ ଦାସ ଓ ଉମାଶଙ୍କର ତିଆଡ଼ି, ଛାତ୍ରନେତା ହରେକୃଷ୍ଣ ପ୍ରଧାନ ପ୍ରଧାନ ପ୍ରମୁଖ ଏସ୍‌ପି ଅଫିସରେ ଉପସ୍ଥିତ ରହି ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି।

---

**■ ମୋରଡ଼ା ଥାନା ଅଧିକାରୀଙ୍କ ଧମକରେ ନାବାଳିକା ଅଚେତ ପ୍ରସଙ୍ଗ**

# ମୟୂରଭଞ୍ଜ ଏସ୍‌ପିଙ୍କୁ ରିପୋର୍ଟ ତଲବ କଲେ ମାନବାଧିକାର ଆୟୋଗ

ବାରିପଦା, ୨୭।୬ (ସମିସ): ମୟୂରଭଞ୍ଜ ଜିଲ୍ଲା ମୋରଡା ଥାନାକୁ ନ୍ୟାୟ ମାଗିବାକୁ ଯାଇ ଥାନା ଅଧିକାରୀଙ୍କ ନାଲି ଆଖି ଓ ଧମକ ପରେ ଜଣେ ନାବାଳିକା ୪ଘଣ୍ଟା ଅଚେତ ହେବା ଘଟଣାରେ ଓଡ଼ିଶା ମାନବିକ ଅଧିକାର ଆୟୋଗ (ଓଡ଼ିଶା ହ୍ୟୁମାନ ରାଇଟ୍ସ କମିଶନ) ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ରିପୋର୍ଟ ତଲବ କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆଗାମୀ ସେପ୍ଟେମ୍ବର ୨୫ ତାରିଖରେ କରାଯିବାକୁ ଦିନ ଧାର୍ଯ୍ୟ ହୋଇଛି।

ସୂଚନା ମୁତାବକ, ଜଣେ ଯୁବକଙ୍କ ଦ୍ୱାରା ବାରମ୍ବାର ଅଭଦ୍ରୋଚିତ ତଥା ଅଶାଳୀନ ବ୍ୟବହାରରେ ଅତିଷ୍ଠ ହୋଇ ଗତ ମେ' ମାସ ୧୬ ତାରିଖ ଶନିବାର ଦିନ ୧୫ ବର୍ଷୀୟା ଜଣେ ନାବାଳିକା ମୋରଡା ଥାନାକୁ ନ୍ୟାୟ ପାଇଁ ଯାଇଥିଲେ। ମାତ୍ର ସେ ନ୍ୟାୟ ପାଇବା ପରିବର୍ତ୍ତେ ଥାନା ଅଧିକାରୀ ସୁମିତ ସୋରେନଙ୍କ ନାଲି ଆଖି ଓ ୭ ବର୍ଷ କାରାଦଣ୍ଡ ଭଳି ଧମକର ସାମ୍ନା କରିଥିଲେ। ଫଳରେ ନାବାଳିକା ଜଣକ ଅତି ମାତ୍ରାରେ ଭୟଭୀତ ହୋଇ ଦୀର୍ଘ ୪ ଘଣ୍ଟା ଧରି ଚେତାଶୂନ୍ୟ ଅବସ୍ଥାକୁ ଯାଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଏହି ସମ୍ବେଦନଶୀଳ ଖବର "ସକାଳ'ରେ ପ୍ରକାଶିତ ହେବା ପରେ ମାନବିକ ଅଧିକାର କର୍ମୀ ତଥା ଆଇନଜୀବୀ ପ୍ରବୀର କୁମାର ଦାସ ଓଡ଼ିଶା ମାନବିକ ଅଧିକାର ଆୟୋଗଙ୍କଠାରେ ଏକ ମାମଲା ରୁଜୁ କରିଥିଲେ। ଶ୍ରୀ ଦାସ ଦର୍ଶାଇଥିଲେ ଯେ, ଜଣେ ନାବାଳିକା ପୀଡ଼ିତାଙ୍କୁ ଥାନାରେ ନିର୍ଯାତନା ପ୍ରସଙ୍ଗ ମାନବିକ ଅଧିକାର ଉଲ୍ଲଂଘନ ହୋଇଥିବାରୁ ସରକାର ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ସହିତ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଅନୁରୋଧ କରିଥିଲେ। ଏହି ମାମଲାରେ ଓଡ଼ିଶା ମାନବିକ ଅଧିକାର ଆୟୋଗଙ୍କ ହସ୍ତକ୍ଷେପ ଲୋଡି ଶ୍ରୀ ଦାସ ଆୟୋଗଙ୍କ ନିଜସ୍ୱ ତଦନ୍ତକାରୀ ସଂସ୍ଥା ଦ୍ୱାରା ତଦନ୍ତ କରାଇ ଥାନା ଅଧିକାରୀଙ୍କ ବିରୋଧରେ

**ସେପ୍ଟେମ୍ବର ୨୫ରେ ପରବର୍ତ୍ତୀ ଶୁଣାଣି**

ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ପୀଡ଼ିତାଙ୍କୁ କ୍ଷତିପୂରଣ ଦେବା ଆବଶ୍ୟକ ବୋଲି ଦର୍ଶାଇଥିଲେ। ଦାଖଲ ହୋଇଥିବା କେସ ନଂ୧୮୭୭ ଆଧାରରେ ଓଡ଼ିଶା ମାନବିକ ଅଧିକାର ଆୟୋଗ ଅଧ୍ୟକ୍ଷ ଜଷ୍ଟିସ ଏସ ପୂଜାରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ରିପୋର୍ଟ ମାଗିବା ସହ ପରବର୍ତ୍ତୀ ଶୁଣାଣି ଆଗାମୀ ସେପ୍ଟେମ୍ବର ୨୫ରେ ହେବ ବୋଲି ରାୟ ଦେଇଛନ୍ତି। ଘଟଣା ଘଟିବା ପରେ ପୀଡ଼ିତା ପରିବାର ଏସପି, ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ନ୍ୟାୟ ଚାହିଁଥିବାବେଳେ ରାଷ୍ଟ୍ରପତିଙ୍କୁ ନିବେଦନ କରିଥିଲେ ହେଁ ଅଭିଯୁକ୍ତ ଥାନା ଅଧିକାରୀ ବର୍ତ୍ତମାନ ସୁଦ୍ଧା ଉପରିସ୍ଥ ଅଧିକାରୀଙ୍କ ସୁରକ୍ଷାରେ ନିଜ ଥାନାରେ କାର୍ଯ୍ୟ ତୁଲାଉଛନ୍ତି।

---

**■ ଚୁକ୍ତିଭିତ୍ତିକ ପ୍ରୋଗ୍ରାମ ମ୍ୟାନେଜରଙ୍କୁ ମିଳିଲା ନ୍ୟାୟ**

# ୪ ମାସରେ ଚାକିରି ନିୟମିତ କର: ହାଇକୋର୍ଟ

କଟକ,୨୭।୬(ସମିସ): ରାଜ୍ୟର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା(ଡିଆରଡିଏ)ରେ ନିଯୁକ୍ତ ହୋଇ ପରବର୍ତ୍ତୀ ସମୟରେ ଜିଲ୍ଲା ପରିଷଦଗୁଡିକରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ହାଇକୋର୍ଟରୁ ମିଳିଛି ନ୍ୟାୟ। ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିବା ଏହି ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ସେବାକୁ ସ୍ଥାୟୀ ବା ନିୟମିତ ନ କରି ସେମାନଙ୍କୁ ସମାନ କାର୍ଯ୍ୟ ପାଇଁ ସ୍ଥାୟୀ ସୁରକ୍ଷା ନ ଦେବା ଏକପ୍ରକାର ଶୋଷଣ ବୋଲି ଅଦାଲତ କହିଛନ୍ତି। ହିମାଂଶୁ ଭୂଷଣ ମହାରଣା ଓ ଅନ୍ୟମାନଙ୍କ ଦ୍ୱାରା ଦାୟର ଏକ ମାମଲାର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଆସନ୍ତା ୪ ମାସରେ ଆବେଦନକାରୀଙ୍କ ଚାକିରି ନିୟମିତ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଡିଆରଡିଏଗୁଡ଼ିକ ସୋସାଇଟି ହୋଇଥିଲେ ମଧ୍ୟ, ୨୦୨୨ରେ ସେଗୁଡ଼ିକର ଜିଲ୍ଲା ପରିଷଦ ସହ ସମ୍ପୂର୍ଣ୍ଣ ମିଶ୍ରଣ ସରିଛି। ସମ୍ବିଧାନର ଧାରା ୧୨ ଅନୁଯାୟୀ ଜିଲ୍ଲା ପରିଷଦ ସ୍ଥାନୀୟ କର୍ତ୍ତୃପକ୍ଷ ଭାବେ ପରିସରଭୁକ୍ତ। ତେଣୁ ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କୁ ସେମାନଙ୍କର ପ୍ରାପ୍ୟ ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ଗତ ୨୦୧୦ ମସିହାରେ ରାଜ୍ୟ ପଞ୍ଚାୟତିରାଜ ବିଭାଗ ଅଧୀନରେ ଥିବା ବିଭିନ୍ନ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାରେ ଆବେଦନକାରୀମାନେ ସହକାରୀ ପ୍ରୋଜେକ୍ଟ ଡାଇରେକ୍ଟର (ଏପିଡି) ଭାବେ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିଲେ। ପରବର୍ତ୍ତୀ ସମୟରେ ଏହି ପଦକୁ ପ୍ରୋଗ୍ରାମ ମ୍ୟାନେଜର ଭାବେ ନାମିତ କରାଯାଇଥିଲା। ୨୦୨୨ରେ ସରକାର ଡିଆରଡିଏଗୁଡ଼ିକୁ ଜିଲ୍ଲା ପରିଷଦ ସହ ମିଶ୍ରଣ କରିଦେଇଥିଲେ ଏବଂ ଏହି କର୍ମଚାରୀମାନେ ସେଠାରେ କାର୍ଯ୍ୟ ଜାରି ରଖିଥିଲେ। ଦୀର୍ଘ ୬ ବର୍ଷରୁ ଅଧିକ (ପ୍ରାୟ ଏକ ଦଶନ୍ଧି) ସେବା ସମ୍ପୂର୍ଣ୍ଣ କରିସାରିଥିବାରୁ, ସରକାରଙ୍କ ୨୦୧୩ ଓ ୨୦୧୪ର ଚୁକ୍ତିଭିତ୍ତିକ ନିଯୁକ୍ତି ନିୟମାବଳୀ ଅନୁଯାୟୀ ଚାକିରି ନିୟମିତ କରିବା ସହ ନିୟମିତ ଦରମା ପ୍ରଦାନ ପାଇଁ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜ୍ୟ ସରକାର ଏହି ନିୟମିତକରଣକୁ ବିରୋଧ କରି ଯୁକ୍ତି ଦର୍ଶାଇଥିଲେ ଯେ ଡିଆରଡିଏଗୁଡ଼ିକ ସୋସାଇଟି ଆକ୍ଟ ଅଧୀନରେ ପଞ୍ଜୀକୃତ ଥିଲେ, ତେଣୁ ସରକାରୀ ନିୟମ ସେମାନଙ୍କ ପାଇଁ ଲାଗୁ ହେବ ନାହିଁ ଓ ଆବେଦନକାରୀମାନେ କୌଣସି ନିୟମିତ ପ୍ରତିଯୋଗିତାମୂଳକ ସରକାରୀ ପରୀକ୍ଷା ମାଧ୍ୟମରେ ଆସିନାହାନ୍ତି। ସରକାରଙ୍କ ଅନୁମୋଦନକ୍ରମେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ମାଧ୍ୟମରେ ମେଧା ଆଧାରରେ ଏହି ନିଯୁକ୍ତି ହୋଇଥିଲା। ଏହାକୁ ସର୍ବାଧିକ ଅନିୟମିତ କୁହାଯାଇପାରେ, କିନ୍ତୁ କୌଣସି ପରିସ୍ଥିତିରେ 'ବେଆଇନ' କୁହାଯାଇପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି।

---

# ପାଚିକା ପଦରେ ଦଳିତ ମହିଳାଙ୍କ ନିଯୁକ୍ତିକୁ ବିରୋଧ

କଣ୍ଟାବାଞ୍ଜି/ମୁରିବାହାଲ,୨୭।୬(ସମିସ): ବର୍ତ୍ତମାନର ବିଜ୍ଞାନ ଯୁଗରେ ଲୋକେ ଏଆଇ ବ୍ୟବହାର କଲେଣି; ହେଲେ ଏବେ ମଧ୍ୟ ଗ୍ରାମାଞ୍ଚଳରରେ ମଧ୍ୟଯୁଗୀୟ ଜାତିପ୍ରଥା ରହିଛି। ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ୍ ଘୁଷୁରାମୁଣ୍ଡା ଗାଁରେ ଏଭଳି ଘଟଣା ସାମ୍ନାକୁ ଆସିଛି। ଏଠି ଜଣେ ଦଳିତ ଜାତିର ଉଚ୍ଚ ଶିକ୍ଷିତ ମହିଳା ହଟହଟା ହୋଇଛନ୍ତି। ଗାଁରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ୪୪ ଜଣ କୁନି କୁନି ଛାତ୍ରଛାତ୍ରୀ ପଢୁଛନ୍ତି।

- ■ ପ୍ରଶାସନିକ ଅଧିକାରୀ ମଧ୍ୟ ବୁଝାଇ ପାରିଲେନି
- ■ ଜିଦିରେ ଅଟଳ ଘୁଷୁରାମୁଣ୍ଡା ଗ୍ରାମାବସୀ
- ■ ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ପକାଇଦେଲେ ଗାଁ ଲୋକ
- ■ ଗଛ ତଳେ ପିଲାଙ୍କୁ ଧରି ବସୁଛନ୍ତି କର୍ମୀ
- ■ ୪୪ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମାତ୍ର ୫ ଜଣ ଆସୁଛନ୍ତି
- ■ ଖୋଲାରେ ରୋଷେଇ ହେଉଛି

ଏମାନଙ୍କ ଯତ୍ନ ନେବା ସହ ରୋଷେଇ କରିବାକୁ ଜଣେ ପାଚିକା ନିଯୁକ୍ତି ହେଇଥିଲେ; ହେଲେ ଗତ କିଛି ମାସ ତଳେ ତାଙ୍କ ମୃତ୍ୟୁ ଘଟିଛି। ଏହାପରେ ମୁରିବାହାଲ ବ୍ଲକ ସିଡ଼ିପିଓଙ୍କ କାର୍ଯ୍ୟାୟ ପକ୍ଷରୁ ପାଚିକା ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଗାଁର ୬ଜଣ ମହିଳା ଅନଲାଇନ ମାଧ୍ୟମରେ ଏଥିଲାଗି ଆବେଦନ କରିଥିଲେ। ଶିକ୍ଷାଗତ ଯୋଗ୍ୟତାକୁ ଆଧାର କରି ଗାଁର ପୁଣ୍ୟ ହରପାଳ ନାମ୍ନୀ ଜଣେ ମହିଳାଙ୍କୁ ନିଯୁକ୍ତି ମିଳିଥିଲା। ଏହାକୁ ନେଇ ଘୁଷୁରାମୁଣ୍ଡା ଗାଁରେ ବିବାଦ ସୃଷ୍ଟି ହୋଇଛି। ସେ ଦଳିତ ଜାତିର। ତାଙ୍କ ସମାଜର ରନ୍ଧା ଆମେ କେବେ ଖାଉନାହିଁ। ଆମ ଛୁଆ କେମିତି ଖାଇବେ। ଦଳିତ ମହିଳା ପାଚିକା ହୋଇ ପାରିବେ ନାହିଁ ବୋଲି ଗାଁର ଅନ୍ୟ ଜାତିର ଲୋକମାନେ କହିଛନ୍ତି। ସମସ୍ତେ ଏକତ୍ରିତ ହୋଇ ଗାଁରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ତାଲା ପକାଇ ଦେଇଛନ୍ତି। ଏ ଖବର ପାଇ ମୁରିବାହାଲ ତହସିଲଦାର ଜଗଦୀଶ କର୍ତ୍ତାମୀ, ସିଡିପିଓ ପୂର୍ଣ୍ଣିମା ବୈଠାରୁ, ମୁରିବାହାଲ ଥାନା ଅଧିକାରୀ ବୁଲୁ ମୁଣ୍ଡା ଗାଁରେ ପହଞ୍ଚି ଥିଲେ। ଲୋକଙ୍କ ସହ ଏମାନେ ଆଲୋଚନା କରି ବୁଝାଇବାକୁ ଚେଷ୍ଟା କରିଥିଲେ; କିନ୍ତୁ ଗାଁ ବିଫଳ ହୋଇ ଫେରି ଯାଇଛନ୍ତି। ଗାଁ ଲୋକେ ନିଜ ଜିଦରେ ଅଟଳ



ରହିଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ରରେ ଗାଁ ଲୋକେ ତାଲା ପକାଇବା ପରେ ଅଙ୍ଗନବାଡ଼ି କର୍ମୀ ଦେବକୀ ବାରିକ ଏକ ଗଛ ତଳେ କୁନିକୁନି ପିଲାଙ୍କୁ ପାଠ ପଢ଼ାଉଛନ୍ତି। ପାଚିକା ପୁଣ୍ୟ ହରପାଳ ସେଠାରେ ଖୋଲାରେ ପିଲାଙ୍କୁ ରୋଷେଇ କରି ଖାଇବାକୁ ଦେଉଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ରରେ ମୋଟ ୪୪ ଜଣ ପିଲା ଥିବା ଏବେ ମାତ୍ର ୫ଜଣ ଆସୁଛନ୍ତି। ଅନ୍ୟ ଜାତିର ଲୋକେ ଦଳିତ ଜାତିର ପାଚିକାଙ୍କୁ ବିରୋଧ କରି ତାଙ୍କ ପିଲାଙ୍କୁ ଅଙ୍ଗନବାଡ଼ିକୁ ଛାଡୁ ନାହାନ୍ତି। ପୁଣ୍ୟ ଜଣେ ଉଚ୍ଚ ଶିକ୍ଷିତ ମହିଳା। ତାଙ୍କ ଶିକ୍ଷାଗତ ଯୋଗ୍ୟତା ଏମ୍.ଏ; କିନ୍ତୁ ଏତେ ପାଠ ପଢିଥିବା ସତ୍ତ୍ୱେ ମଧ୍ୟ ଆଜି ଛୋଟ ଜାତି ବୋଲି ତାଙ୍କୁ ନିଜର ଅଧିକାର ପାଇଁ ସଂଘର୍ଷ କରିବାକୁ ପଡୁଛି ବୋଲି ସେ କୋହଭରା କଣ୍ଠରେ କହିଛନ୍ତି। ତେବେ ୨୦୧୩ରେ ମଧ୍ୟ ଏହି ଗାଁରେ ଅଙ୍ଗନବାଡ଼ି କର୍ମୀ ନିଯୁକ୍ତି ନେଇ ମଧ୍ୟ ବଡ଼ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଜଣେ ଦଳିତ ଜାତିର ମହିଳା ଅଙ୍ଗନବାଡ଼ି କର୍ମୀ ଭାବେ ନିଯୁକ୍ତ ହେବା ପରେ ସେହି ଗାଁର ଅନ୍ୟ ଜାତିର ଲୋକେ ବିରୋଧ କରିଥିଲେ। କେବଳ ବିରୋଧ କରି ନ ଥିଲେ; ବରଂ ସେହି ଗାଁର ଦଳିତ ପରିବାରର ଲୋକଙ୍କୁ ଆକ୍ରମଣ କରିଥିଲେ। ଏହାଫଳରେ ଗାଁରେ ଥିବା ଦଳିତ ପରିବାରର ଲୋକ ଗାଁ ଛାଡି ଅନ୍ୟ ଗାଁରେ ଆଶ୍ରୟ ନେଇଥିଲେ। ଆଜିଯାଏ ଏହି ଗାଁରେ ଜାତିପ୍ରଥା ରହିଛି। ଏହି ଗାଁରେ ଜାତିପ୍ରଥାକୁ ନେଇ ସଚେତନତାର ଅଭାବ ରହିଛି। ଅନ୍ୟପକ୍ଷରେ ଦଳିତ ସମାଜର ଜଣେ ଉଚ୍ଚ ଶିକ୍ଷିତ ମହିଳାଙ୍କୁ ଅସମ୍ମାନ କରି ଜାତିଆଣ ଆକ୍ଷେପ କରି ଭେଦଭାବ କରୁଥିବା ଯୋଗୁଁ ଏବେ ସମଗ୍ର ପଶ୍ଚିମ ଓଡ଼ିଶାର ଦଳିତ ସମାଜ ଏହାକୁ ବିରୋଧ କରି ଜଣେ ଦଳିତ ମହିଳାଙ୍କୁ ନ୍ୟାୟ ଦେବାକୁ ଦାବି କରିଛି। ସୋସିଆଲ ମିଡିଆରେ ଏବେ ପୁଣ୍ୟ ହରପାଳଙ୍କ ସମର୍ଥନରେ ଦଳିତ ଜାତିର ହଜାର ହଜାର ଲୋକେ ବାହାରିଛନ୍ତି। ନିଜ ଦଳିତ ଜାତିର ମହିଳାଙ୍କୁ ଅସମ୍ମାନ ଅପମାନକୁ ନେଇ ଦଳିତ ସମାଜ ଗୁଡ଼ିକ ଏକତ୍ରିତ ହୋଇ ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି। ଯେଉଁ ଲୋକମାନେ ଗଣମାଧ୍ୟମରେ ସିଧାସଳଖ ପ୍ରତିକ୍ରିୟା ରଖି ଜାତିଆଣ ଆକ୍ଷେପ କରୁଛନ୍ତି ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ପାଇଁ ଦଳିତ ସମାଜ ଦାବି କରିଛି।

## ବଲାଙ୍ଗିର ଜିଲ୍ଲାରେ ଚିନ୍ତାରେ ଚାଷୀ

# ବର୍ଷାରେ ଭିଜୁଛି ଧାନ

**ବଲାଙ୍ଗିର, ୨୭ ।୬(ସମିସ)**

ଗୋଟିଏ ପଟେ ବଲାଙ୍ଗିର ଜିଲ୍ଲାରେ ରବି ଧାନକିଣା ଚାଲିଛି । ଅନ୍ୟପଟେ ଚଳିତ ମାସ ଜିଲ୍ଲାର ବ୍ଲକଗୁଡ଼ିରେ ମୌସୁମୀ ବର୍ଷା ଆରମ୍ଭ ହୋଇଛି । ଏହାର ପ୍ରଭାବରେ ଜିଲ୍ଲାରେ ଥିବା ବିଭିନ୍ନ ମଣ୍ଡିରେ ପଡ଼ିରହିଥିବା ଧାନ ବର୍ଷାରେ ଭିଜୁଛି ଏମିତିରେ ମଣ୍ଡିରେ ଥିବା ଭିତ୍ତିଭୂମି



ସମସ୍ୟାକୁ ଦାୟୀ କରାଯାଉଛି । ଏଥିରେ ଚାଷୀ ହିଁ କ୍ଷତିଗ୍ରସ୍ତ ହେଉଛି । ଜିଲ୍ଲାରେ ଯେଉଁ ଗତିରେ ଧାନକିଣା ଯିବା କଥା ସେହି ଗତିରେ ଚାଲି ନ ଥିବାରୁ ଚାଷୀ କ୍ଷତି ସହୁଥିବା ଅଭିଯୋଗ ହୋଇଛି । ଆସନ୍ତା ଜୁନ ୩୦ ତାରିଖରେ ଜିଲ୍ଲାରେ ରବି ଧାନକିଣା ବନ୍ଦ କରିବା ପାଇଁ ନିଷ୍ପତ୍ତି ହୋଇଛି । ଏହା ଆଉ କିଛି ଦିନ ବଢ଼ାଯାଇଛି ଅବଶ୍ୟ । ଏତିକି ସମୟ ଭିତରେ ପ୍ରାୟ ୫ହଜାର ଚାଷୀଙ୍କ ଧାନ ପ୍ରଶାସନ କିଣିପାରିବ ନା ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି । ଏହାର ଫଳସ୍ୱରୂପ ଚଳିତ ରବି ଧାନକିଣାରେ ଚାଷୀ ଅନେକ ସମସ୍ୟା ଭୋଗ କରୁଛି । ଏଥିପ୍ରତି ବିଭାଗୀୟ ଉଦାସୀନତା ପ୍ରକାଶ ପାଇଥିବା ଅଭିଯୋଗ ହୋଇଛି ।

ବଲାଙ୍ଗିର ଜିଲ୍ଲାରେ ଗତ ମେ ମାସ ୨୫ ତାରିଖରୁ ରବି ଧାନକିଣା ଆରମ୍ଭ ହୋଇଥିଲା । ଜୁନ ୩୦ ତାରିଖ ସୁଦ୍ଧା ଜିଲ୍ଲାର ସମସ୍ତ ଚାଷୀଙ୍କ ସବୁତକ ଧାନ କିଣିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ; କିନ୍ତୁ ଚଳିତ ବର୍ଷ ରବି ଧାନକିଣା ବ୍ୟବସ୍ଥାରେ ରହିଥିବା ସମସ୍ୟା ଯୋଗୁଁ ଶନିବାର ସୁଦ୍ଧା ପ୍ରାୟ ୫ ହଜାର ଚାଷୀ ଧାନ ବିକ୍ରି କରି ନ ଥିବା ଜଣାପଡ଼ିଛି । ଧାନକିଣା ବନ୍ଦ ହେବାକୁ ଆଉ ମାତ୍ର ୫ ଦିନ ବାକିଥିବା ବେଳେ ଏହି ୫ ହଜାର ଚାଷୀ କେବେ ଧାନ ବିକିବେ ତାକୁ ନେଇ ପ୍ରଶ୍ନ ଉଠିଛି । ଚଳିତ ରବିରେ ଧାନ ବିକିବା ପାଇଁ ୧୬ ହଜାର ୨୦୭ ଜଣ ଚାଷୀ ନାମ ପଞ୍ଜିକରଣ କରିଥିଲେ । ୧୨୦ ପେକ୍ସ ଓ ୮ଟି ଏସଏଚଜି ଦ୍ୱାରା ପରିଚାଳିତ ମଣ୍ଡିରେ ଶନିବାର ସୁଦ୍ଧା ୧୧ ହଜାର ୭୯୨ ଜଣ ଚାଷୀ ଧାନ ବିକ୍ରି କରିଥିବା ଜଣାପଡ଼ିଛି । ଏହି ଚାଷୀଙ୍କଠାରୁ ୫ ଲକ୍ଷ ୩୭ ହଜାର ୯୩୬ କ୍ୱିଣ୍ଟାଲ ଧାନ କିଣାଯାଇଥିବା ବିଭାଗୀୟ ତଥ୍ୟରୁ ଜଣାପଡ଼ିଛି । ତେବେ ଶନିବାର ସୁଦ୍ଧା ୪୪୧୫ ଜଣ ଚାଷୀ ଧାନ ବିକ୍ରି କରି ନ ଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ବିଭାଗକୁ ମିଳିଥିବା ପ୍ରଥମ ପର୍ଯ୍ୟାୟ ଟାର୍ଗେଟ ସରିବାକୁ ବସିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଟାର୍ଗେଟ ଆସିଛି ନା ନାହିଁ ତାହା ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ; କିନ୍ତୁ ଅନେକ ପେକ୍ସରେ

### ଧାନ ବିକିବାକୁ ଚାହିଁଛନ୍ତି ୪୪୧୫ ଚାଷୀ
### ପ୍ରଥମ ପର୍ଯ୍ୟାୟ ଟାର୍ଗେଟ ପୂରିବାକୁ ବସିଲାଣି
### ଚାଷୀ ବଢ଼ିଲେ; କିନ୍ତୁ ଟାର୍ଗେଟ ବଢ଼ିଲାନି କି ଭିତ୍ତିଭୂମି ସୁଧାରିଲାନି

ପଞ୍ଜିକୃତ ଚାଷୀଙ୍କ ପାଖରେ ଟୋକନ ରହିଛି । ଟାର୍ଗେଟ ନ ଥିବାରୁ ଧାନ କିଣାଯାଉ ନ ଥିବା ମଧ୍ୟ ଅଭିଯୋଗ ହୋଇଛି । ଗତ ରବିରେ ଜିଲ୍ଲାରେ ୧୧ ହଜାର ୧୮ ଜଣ ଚାଷୀ ୫ ଲକ୍ଷ ୫୪ ହଜାର ୨୪୫ କ୍ୱିଣ୍ଟାଲ ଧାନ ବିକ୍ରି କରିଥିଲେ; କିନ୍ତୁ ଚଳିତ ବର୍ଷ ଚାଷୀ ସଂଖ୍ୟା ବଢ଼ିଛି ସିନା ଟାର୍ଗେଟ ସେହି ଅନୁସାରେ ବୃଦ୍ଧି ହୋଇ ନ ଥିବା ଜଣାପଡ଼ିଛି । ତେବେ ମଣ୍ଡିରେ ଧାନ ରଖି ବିକ୍ରି ଆଶାରେ ରହିଥିବା ଏହି ୪୪୧୫ ଜଣ ଚାଷୀ ଏବେ କରିବେ କଣ? ପୂର୍ବ ନିର୍ଦ୍ଧାରିତ ତାରିଖ ଅନୁସାରେ ଆସନ୍ତା ୩୦ତାରିଖରେ ଜିଲ୍ଲାରେ ମଣ୍ଡି ବନ୍ଦ କରାଯିବା କଥା; କିନ୍ତୁ ତାକୁ ଜୁଲାଇ ୩ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ଜଣାପଡ଼ିଛି । ଏମିତିରେ ୪୪୧୫ ଚାଷୀଙ୍କ ହାତରେ ମାତ୍ର ୫ ଦିନ ରହିଥିବା ବେଳେ ଏବେ ସେମାନଙ୍କ ଧାନ ବିକ୍ରି କରିବା ନେଇ ସନ୍ଦେହରେ ରହିଛନ୍ତି ।

ଧାନ ବିକ୍ରୀରୁ ବଞ୍ଚିତ ଥିବା ଏହି ୪୪୧୫ ଜଣ ଚାଷୀଙ୍କ ପାଇଁ ଏବେ ସମସ୍ୟା ସାଜିଛି ମୌସୁମୀ ବର୍ଷା । ବର୍ଷା ରିପୋର୍ଟ ଅନୁସାରେ ଚଳିତ ମାସ ବଲାଙ୍ଗିର ସଦର ବ୍ଲକରେ ୧୬୭.୬ ମିମି, ବଙ୍ଗୋମୁଣ୍ଡାରେ ୨୯ମିମି, ବେଲପଡ଼ାରେ ୭୦.୯ ମିମି, ଦେଓଗାଁରେ ୧୨୪ ମିମି, ଡୁଡୁକାରେ ୨୬୦ ମିମି, ଗୁଡଭେଲାରେ ୨୩୬ ମିମି, ଖପ୍ରାଖୋଲରେ ୧୬୯ ମିମି, ଲୋଇସିଂହାରେ ୯୩ ମିମି, ମୁରିବାହାଲରେ ୨୨୮ ମିମି, ପାଟଣାଗଡ଼ରେ ୧୬୦ ମିମି, ପୁଇଁନ୍ତଲାରେ ୧୫୯.୨ ମିମି, ସଇଁନ୍ତଲାରେ ୧୨୧.୨ ମିମି, ଟିଟିଲାଗଡ଼ରେ ୧୨୧.୨ ମିମି ଓ ତୁରେକେଲାରେ ୬୨ ମିମି ବର୍ଷା ରେକର୍ଡ କରାଯାଇଛି । ତେବେ ଏହି ବର୍ଷାରେ ଅନେକ ସ୍ଥାନରେ ଚାଷୀଙ୍କ ଧାନ ଭିଜିଯାଇଥିବା ମଧ୍ୟ ଅଭିଯୋଗ ହୋଇଛି । ଭିତ୍ତିଭୂମି ନ ଥିବାରୁ ସବୁଆଡୁ ଚାଷୀ କ୍ଷତିଗ୍ରସ୍ତ ହେଉଥିବା ବେଳେ ଏହି ସବୁ ସମସ୍ୟାକୁ ଦୃଷ୍ଟିରେ ରଖି ଶୀଘ୍ର ଚାଷୀଙ୍କ ଧାନ କିଣିବା ବ୍ୟବସ୍ଥା କରିବାକୁ ଚାଷୀ ଦାବି କରିଛନ୍ତି ।

# ମଣ୍ଡିରୁ ଧାନ ଉଠୁନି; ଗର୍ଜିଲା ବିଜେଡି




**କଣ୍ଟାବାଞ୍ଜି, ୨୭ ।୬(ସସିସ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ମଣ୍ଡିରେ ଚାଷୀଙ୍କ ସମସ୍ୟା ସମାଧାନ ହେଉନି । ଖୋଲାରେ ଧାନ ପଡ଼ିଛି । ବର୍ଷାରେ ଭିଜି ନଷ୍ଟ ହେଲାଣି; କିନ୍ତୁ ଆଜିଯାଏ ବଲାଙ୍ଗୀର ଜିଲ୍ଲା ପ୍ରଶାସନର ନଜର ପଡ଼ିନାହିଁ । ବଙ୍ଗୋମୁଣ୍ଡା ମଣ୍ଡିରେ ବଲଧା, ଭାଲୁମୁଣ୍ଡା, ବଙ୍ଗୋମୁଣ୍ଡା ମଣ୍ଡିରେ ଚାଷୀ ଧାନ ବିକ୍ରି କରୁଛନ୍ତି । ସେଥିପାଇଁ ୫୭୭ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି । ୨୯୦୦୦ ଟୋକନ ବଣ୍ଟନ କରାଯାଇଛି । ଏହି ମଣ୍ଡିକୁ ୧୯ ହଜାର କୁଇଣ୍ଟାଲ ଧାନ ଉଠାଇବାକୁ ଟାର୍ଗେଟ ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ୧୭ ହଜାର କୁଇଣ୍ଟାଲ ଧାନ ଉଠା ସରିଛି । ଏଥି ପାଇଁ କଣ୍ଟାବାଞ୍ଜିର ବଂଶଳ ରାଇସ ମିଲ୍, ଲିଲୁରାମ ରାଇସ୍ ମିଲ୍, ଭବାନୀ ରାଇସ୍ ମିଲ୍, ଶ୍ୟାମଜୀ ରାଇସ୍ ମିଲ୍, ରାଧେ ଗୋବିନ୍ଦ ରାଇସ୍ ମିଲ୍, ଏସ୍.ଜିଆର.ରାଇସ୍ ମିଲ୍‌କୁ ଧାନ୍ ଉଠାଇବାକୁ ଦାୟିତ୍ୱ ଦିଆଯାଇଛି । ବଙ୍ଗୋମୁଣ୍ଡା ଅଞ୍ଚଳର ଅନେକ ମଣ୍ଡିରେ ଧାନ ପଡ଼ିଛି । ଧାନ ନ ଉଠାଇ ପ୍ରଶାସନ ଓ ସରକାର କୋରାପୁଟ, ଜୟପୁର, ମାଲକାନଗିରି ଭଳି ବିଭିନ୍ନ ଜିଲ୍ଲାର ଧାନ ଏହି ଅଞ୍ଚଳକୁ ଆସିଛି । ଏହାକୁ ନେଇ ବଙ୍ଗୋମୁଣ୍ଡା ବ୍ଲକ ସରପଞ୍ଚ ସଂଘ ସଭାପତି ତଥା ବିଜେଡି ନେତା ଅଜିତ ଯୋଶୀ ବିରୋଧ କରିଛନ୍ତି । ଶ୍ରୀ ଯୋଶୀଙ୍କ ନେତୃତ୍ୱରେ ଶହ ଶହ ଚାଷୀ ଏକାଠି ହୋଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ବିରୋଧରେ ନାରାବାଜି କରିଛନ୍ତି । ଜିଲ୍ଲାର କୃଷି ମନ୍ତ୍ରୀ ଥିବା ସତ୍ତ୍ୱେ ମଧ ଚାଷୀଙ୍କୁ ହରିଆଣ ହେବାକୁ ପଡୁଛି । ମଣ୍ଡିରେ ୧୦ ହଜାର ବସ୍ତାରୁ ଅଧିକ ଧାନ ପଡ଼ିଛି ବୋଲି ସେ ଅଭିଯୋଗ କରିଛନ୍ତି । ଚାଷୀଙ୍କ ଧାନ ୩ ଦିନ ମଧ୍ୟରେ ନ ଉଠାଇଲେ ରାସ୍ତା ଅବରୋଧ କରାଯିବ । ଆଇନ ଅମାନ୍ୟ ଆନ୍ଦୋଳନ ହେବ ବୋଲି ଶ୍ରୀ ଯୋଶୀ ଚେତାବନୀ ଦେଇଛନ୍ତି ।

## ବାମଣ୍ଡା ପଞ୍ଚାୟତରେ ବିକାଶ ଧାରା ଶୁଭାରମ୍ଭ

**ବୌଦ୍ଧ, ୨୭।୬(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବାମଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବାମଣ୍ଡା ସରପଞ୍ଚ ଇନ୍ଦୁମତୀ ଝାଙ୍କର ଯୋଗ ଦେଇ ଶୁଭାରମ୍ଭ କରିଥିଲେ । ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ନାଏବ ସରପଞ୍ଚ ବିରୂପାକ୍ଷ ମେଣ୍ଡୁଲି, ସମିତି ସଭ୍ୟା କୁମୁଦିନୀ ସେଠୀ, ଯୋଗାଣ ସହାୟକ ରତନ ପ୍ରଧାନ, ଏଡିଇଓ ଜଗଦୀଶ ପୃଷ୍ଟି, କୃଷି ଗ୍ରାମ ସେବିକା ରଞ୍ଜିତା ଭୋଇ, ଏମ୍‌ବିକେ ଗୀତାଞ୍ଜଳି ମିଶ୍ର ଯୋଗ ଦେଇଥିଲେ । ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ମହିଳାଙ୍କୁ ଅବଗତ କରାଯାଇ ମୁଖ୍ୟମନ୍ତ୍ରୀ ଅର୍ଣ୍ଣପୂର୍ଣ୍ଣା ଯୋଜନାର ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା ।

## ଶିକ୍ଷକ ନରହରି ସାହୁଙ୍କ ପରଲୋକ

**କଣ୍ଟାବାଞ୍ଜି, ୨୭ ।୬(ସମିସ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଧୁଣ୍ଡିମହୁଲ୍ କଲୋନୀପଡ଼ା ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ନରହରି ସାହୁଙ୍କ ପରଲୋକ ହୋଇଯାଇଛି । ସେ କିଡ୍‌ନୀ ଏବଂ ହୃଦ୍‌ରୋଗରେ ପୀଡ଼ିତ ହୋଇ



ଚିକିତ୍ସାଧୀନ ଥିଲେ । ଏକ ମାତ୍ର ପୁତ୍ର ଦେବ୍ରାପଦ ରଞ୍ଜନ ସାହୁ ମୁଖାଗ୍ନି ପ୍ରଦାନ କରିଥିଲେ । ସେ ଜଣେ ଜଣାଶୁଣା, ମେଳାପି, ମିଷ୍ଟଭାଷୀ, କର୍ମଠ, ଛାତ୍ରବତ୍ସଳ, ସ୍ନେହୀ ଆଦର୍ଶ ଶିକ୍ଷକ ଥିଲେ । ତାଙ୍କର ବିୟୋଗରେ ଶିକ୍ଷକ ମହଲ ଏବଂ ଅଞ୍ଚଳରେ ଶୋକ ର ଛାୟା ଖେଳି ଯାଇଛି ।

## ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ ଉଦଘାଟିତ

**ବଲାଙ୍ଗିର, ୨୭ ।୬(ସମିସ):** ସ୍ଥାନୀୟ କୋଶଳ କଳା ମଣ୍ଡପ ପଡ଼ିଆରେ ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି । ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମଟି ଜୁଲାଇ ୧ ପର୍ଯ୍ୟନ୍ତ ଚାଲିବ । ଜିଲ୍ଲା ଶିଳ୍ପ କେନ୍ଦ୍ର ମୁଖ୍ୟ ସଞ୍ଚାଳକ ନୀରଜ ରଞ୍ଜନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଏସଏମଇ ସଭାପତି ପ୍ରକାଶ ଚନ୍ଦ୍ର ନେପାକ, ସିଦ୍ଧେଶ୍ୱର ମିଶ୍ର, କୃଷ୍ଣଚନ୍ଦ୍ର ନାଥ ପ୍ରମୁଖ ଉପସ୍ଥିତ ଥିଲେ । ସହକାରୀ ଶିଳ୍ପ ଅଧିକାରୀ ଖିରାବତୀ ଡୁଙ୍ଗଡୁଙ୍ଗ କାର୍ଯକ୍ରମର ସଞ୍ଚାଳନ କରିଥିଲେ ।



## ମୌଳିକ ଆଇନ୍ ଓ କାର୍ଯ୍ୟବିଧି ଆଧାରିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




**ବୌଦ୍ଧ, ୨୭ ।୬(ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ନବନିଯୁକ୍ତ ସରକାରୀ ଓକିଲ ମାନଙ୍କୁ ନେଇ ମୌଳିକ ଆଇନ୍ ଓ କାର୍ଯ୍ୟବିଧି ଆଧାରିତ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ଆରକ୍ଷୀ ଅଧୀକ୍ଷକ କୁଲଦୀପ୍ ମୀନା ଯୋଗ ଦେଇଥିଲେ । ତ୍ରିଲୋଚନ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ବିଭିନ୍ନ ଅଧିବେଶନରେ ବିଭିନ୍ନ ବିଷୟରେ ଉପଖଣ୍ଡ ପୁଲିସ ଅଧିକାରୀ ଲରେନ୍‌ସ ରାଉତରାୟ, ଅବସରପ୍ରାପ୍ତ ପିପି ଅନିଲ ପ୍ରଧାନ, ସାଇବର ଥାନା ଉପ ଆରକ୍ଷୀ ଅଧୀକ୍ଷକ ସ୍ମିତା ଶୁଭାଷିନୀ ଟେଟେ, ପିପି ସବିତା ପଣ୍ଡା, ଉପ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାତ୍ର, ଅତିରିକ୍ତ ପିପି ହରିହର କହଁର ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

### ତୁରେକେଲା ବ୍ଲକ୍ ପ୍ରଶାସନର ଅବହେଳା

## ବେହେରେସିଲେଟ ଆମ୍ବେଦକରପଡ଼ା କାଦୁଅ ପଚପଚ





**କଣ୍ଟାବାଞ୍ଜି, ୨୭ ।୬(ସମିସ):** ଗ୍ରାମାଞ୍ଚଳର ଲୋକଙ୍କ ସମସ୍ୟା ବୁଝିବାକୁ ଅନେକ ସରକାରୀ କର୍ମଚାରୀ ନିୟୋଜିତ ହୋଇଛନ୍ତି; କିନ୍ତୁ ସେହି ସରକାରୀ ଅଧିକାରୀମାନେ୍ ଲୋକଙ୍କ ସମସ୍ୟା ବୁଝୁନାହାନ୍ତି । ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ଅଧୀନ ଚଟୁଅନକା ପଞ୍ଚାୟତ ବେହେରେନସିଲେଟ ଗାଁର ଆମ୍ବେଦକର ପଡ଼ାରୁ ଏହିଭଳି ଏକ ଅଭିଯୋଗ ଆସିଛି । ଅନେକ ଦିନ ହେଲା ଏହି ପଡ଼ା ରାସ୍ତା ମରାମତି ହୋଇ ନ ଥିଲା । ଏଯାହାକୁ ନେଇ ଆମ୍ବେଦକର ଯୁବକ ସଂଘ ଲଗାତାର ସ୍ୱର ଉତ୍ତୋଳନ କରି ଆସୁଥିଲା । ଏହା

### ଘରକୁ ପଶୁଛି ବର୍ଷା ପାଣି; ଅଭିଯୋଗ କଲେ କେହି ଶୁଣୁ ନାହାନ୍ତି

ପରେ ପଞ୍ଚାୟତ ପକ୍ଷରୁ ଏକ ଫେବର ରାସ୍ତା ନିର୍ମାଣ କରାଯାଇଥିଲା; ହେଲେ ଅନୁଦାନ ଅଭାବରୁ ରାସ୍ତା ସମ୍ପୂର୍ଣ୍ଣ ହୋଇ ପାରିଲାନାହିଁ । ରାସ୍ତା କାମ ଅଧାପନ୍ତରିଆ ହୋଇ ପଡ଼ିରହିଛି । ଏହାକୁ ତୁରେକେଲା ବ୍ଲକ ପ୍ରଶାସନକୁ ବାରମ୍ବାର ଜଣାଇଲେ ମଧ ଫଳ ଶୂନ । ଏହାଫଳରେ ଏବେ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ଲୋକଙ୍କ ଘରକୁ ପଶୁଛି । କାଦୁଅ ପଚପଚ ରାସ୍ତା ଏବେ ପଡ଼ାବାସୀଙ୍କ ଚିନ୍ତାର କାରଣ ପାଲଟିଛି । ଗୋଟିଏ ପଟେ ସରକାର ଗ୍ରାମାଞ୍ଚଳର ବିକାଶ କଥା କହୁଛନ୍ତି । ଅନ୍ୟପଟେ ତୁରେକେଲା ବ୍ଲକ ପ୍ରଶାସନର ଅଧିକାରୀମାନେ ଲୋକଙ୍କୁ ଅସୁବିଧା ଭିତରକୁ ଠେଲି ଦେଉଛନ୍ତି । ବେହେରେନସିଲେଟ ଆମ୍ବେଦକର ଯୁବକ ସଂଘ ଏଭଳି ଅଭିଯୋଗ ଆଣିବା ସହ ଅସନ୍ତୋଷ ପ୍ରକାଶ କରିଛି । କାଦୁଅ ପଚପଚ ଏହି ରାସ୍ତା ସହ ଡ୍ରେନ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସଂଘ ଦାବି କରିଛି । ନଚେତ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି ।

## ବେଆଇନ ଚାଲାଣ ବେଳେ ୬ ଗୋରୁ ଉଦ୍ଧାର, ୩ ଅଟକ

**ବଲାଙ୍ଗିର, ୨୭ ।୬ (ସମିସ):** ପୁଇଁତଲା ପୁଲିସ ବେଆଇନ ଭାବେ ଗୋରୁ ଚାଲାଣ ଅଭିଯୋଗରେ ଏକ ପିକ୍‌ଅପ୍ ଗାଡ଼ିକୁ ଜବତ କରିବା ସହ ୬ଟି ଗୋରୁ ଉଦ୍ଧାର କରିଛି । ଘଟଣାରେ ୩ ଜଣଙ୍କୁ ଅଟକ ରଖି ପୁଲିସ ତଦନ୍ତ ଚଳାଇଛି । ଶନିବାର ଦିନ ପ୍ରାୟ ୧୨ଟା ୪୦ ମିନିଟ୍‌ରେ ନିୟମିତ ପାଟ୍ରୋଲିଂ ବେଳେ ବିଶ୍ୱସ୍ତ ସୂଚନା ଆଧାରରେ ବେଲବାହାଲି ଛକରେ ଏକ ମହିନ୍ଦ୍ରା ବୋଲେରୋ ମ୍ୟାକ୍ସ ପିକ୍‌ଅପ୍ (ନଂ. ଓଡି୦୩ଜେଡ୍‌୩୧୨୨)କୁ ଅଟକାଯାଇଥିଲା । ଯାଞ୍ଚ ବେଳେ ଗାଡ଼ିରେ ୬ଟି ଗୋରୁଙ୍କୁ ଅତ୍ୟନ୍ତ ଅମାନବିକ ଓ ଠସାଠସି ଭାବେ ପରିବହନ କରାଯାଉଥିବା ବେଳେ କୌଣସି ବୈଧ ପରିବହନ କାଗଜପତ୍ର କିମ୍ବା ପଶୁ ଚିକିତ୍ସକଙ୍କ ପ୍ରମାଣପତ୍ର ନ ଥିବା ଜଣାପଡ଼ିଥିଲା । ଘଟଣାରେ ବରଗଡ଼ ଜିଲ୍ଲାର ନିରାକାର ଓରଫ ବିଜନ ଦୀପ (୨୪), ଟିକେଲାଲ ସୁନା (୬୫) ଏବଂ ବଲାଙ୍ଗିର ଜିଲ୍ଲାର ହୀରା କୁମାର (୫୫)କୁ ପୁଲିସ ଅଟକ ରଖିଛି । ଗାଡ଼ି ସହ ୬ଟି ଗୋରୁକୁ ଜବତ କରାଯାଇ ପୁଇଁତଲା ଥାନା କେସ୍ ରୁଜୁ କରିଛି । ଉଦ୍ଧାର ହୋଇଥିବା ଗୋରୁଗୁଡ଼ିକୁ ଯତ୍ନ ଓ ସୁରକ୍ଷିତ ରକ୍ଷଣାବେକ୍ଷଣ ପାଇଁ ଠିକାଦାରପଡ଼ାସ୍ଥିତ ପୃଥ୍ୱୀରାଜ ଗୋଶାଳାକୁ ହସ୍ତାନ୍ତର କରାଯାଇଛି । ଏହି ବେଆଇନ ଗୋରୁ ଚାଲାଣ ରାକେଟ୍‌ରେ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ ସେନେଇ ପୁଲିସ ତଦନ୍ତ ଜାରି ରଖିଛି ।

## ୧୦୦ ବୋତଲ କଫ୍ ସିରପ ଜବତ, ଜଣେ ଗିରଫ

**ବଲାଙ୍ଗିର, ୨୭ ।୬ (ସମିସ):** ବଲାଙ୍ଗିର ସହରରେ ବେଆଇନ ଭାବେ କଫ୍ ସିରପ ବିକ୍ରି କରୁଥିବା ଅଭିଯୋଗରେ ଟାଉନ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଅଭିଯୁକ୍ତଙ୍କ ନିକଟରୁ ୧୦୦ ବୋତଲ ଏସକଫ୍ କଫ୍ ସିରପ ଓ ୩, ୦୦୦ ଟଙ୍କା ଜବତ କରାଯାଇଛି । ପୁଲିସ ସୂଚନା ଅନୁଯାୟୀ, ଶନିବାର ସକାଳ ପ୍ରାୟ ୯ଟା ୪୫ ମିନିଟ୍‌ରେ ଟାଉନ ଥାନାର ଏକ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ନୂଆ ବସ୍‌ଷ୍ଟାଣ୍ଡ ପଛପଟେ ବେଆଇନ ଭାବେ କଫ୍ ସିରପ ବିକ୍ରି ହେଉଥିବା ଖବର ପାଇଥିଲେ । ଟାଉନ ଥାନା ଅଧିକାରୀ ଅବନୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ଜଣେ କାର୍ଯ୍ୟକାରୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଚଢ଼ଉ କରାଯାଇଥିଲା । ଚଢ଼ଉ ବେଳେ ବିଭୂତିପଡ଼ାର ବାସିନ୍ଦା ତଥା ବର୍ତ୍ତମାନ ରାମେଶ୍ୱର ନଗରରେ ରହୁଥିବା ଇଶ୍ୱର ବେହେରା (୨୩) ଧରାପଡ଼ିଥିଲା । ଏନେଇ ଟାଉନ ଥାନାରେ କେସ୍ ନଂ. ୩୨୫ ମାମଲା ରୁଜୁ କରି ପୁଲିସ ମାମଲାର ତଦନ୍ତ କରୁଛି ।

## ଓମ୍ ଭ୍ୟାଲି ପୂର୍ବତନ ଛାତ୍ର ସମ୍ମିଳନୀ



**ଟିଟିଲାଗଡ଼, ୨୬।୬ (ସମିସ):** ସ୍ଥାନୀୟ ଓମ୍ ଭ୍ୟାଲି ଶିକ୍ଷାନୁଷ୍ଠାନରେ ପୂର୍ବତନ ଛାତ୍ର ସମ୍ମିଳନୀ ଆୟୋଜିତ ହୋଇଛି । ଡା. ହସମୁଖ ଲାଲ, ଶିକ୍ଷାନୁଷ୍ଠାନର ସଭାପତି ଲାୟନ୍ ଦୀପକ ସାହୁ, ପରିଚାଳନା ନିର୍ଦ୍ଦେଶିକା ବିଭାରାଜ ଗୁପ୍ତା, ନିର୍ଦ୍ଦେଶକ ଶଶାଙ୍କ ସାହୁ, ବରିଷ୍ଠ ଆଇନଜୀବୀ ପ୍ରଦୀପ ମହାନ୍ତି, ଅଧ୍ୟକ୍ଷ ଏମ. ନାଗା ମାଲେଶ୍ୱର ରାଓ ଏବଂ ମୁଖ୍ୟ ପରାମର୍ଶଦାତା ଡ. ରବିନ ଚନ୍ଦ୍ର ପରମାଣିକ ପ୍ରମୁଖ ଉପସ୍ଥିତ ଥିଲେ ।

## ସୁଜାତାଙ୍କୁ ସ୍ୱାଗତ ଜଣାଇଲା କଣ୍ଟାବାଞ୍ଜି ବିଜେଡି



**କଣ୍ଟାବାଞ୍ଜି, ୨୭ ।୬(ସମିସ):** ପୂର୍ବତନ ଆଇଏଏସ୍ ଅଧିକାରୀ ସୁଜାତା ରାଉତ ଆନୁଷ୍ଠାନିକ ଭାବେ ବିଜୁ ଜନତା ଦଳ ଯୋଗ ଦେଇଛନ୍ତି । ଏହି ଅବସରରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ଯୁବ ନେତା ଗିରିରାଜ ସିଂ ମାଝୀଙ୍କ ନେତୃତ୍ୱରେ କଣ୍ଟାବାଞ୍ଜି ବିଜୁ ଜନତା ଦଳର ଏକ ଟିମ୍ ତାଙ୍କୁ ସ୍ୱାଗତ ଜଣାଇଛନ୍ତି । ନିରୁପମା ମାଝୀ, ପିଙ୍କି ଖର୍ସେଲ, ହଂସ ରାଜ ଜୈନ, ଆଶାଦୁଲା ଖାଁ, ଦେବରାଜ ଯାଦବ ପ୍ରମୁଖ ତାଙ୍କୁ ସାକ୍ଷାତ କରିଥିଲେ ।

# ଶିକ୍ଷା ବ୍ୟବସ୍ଥା ପାଲଟିଛି ଅର୍ଥ ଶୋଷଣ ମେସିନ

**ବଲାଙ୍ଗିର, ୨୭ ।୬(ସମିସ)**

ଗତ ୧୨ ବର୍ଷ ଭିତରେ ୮୯ଥର ବିଭିନ୍ନ ନିଯୁକ୍ତି ଭିତ୍ତିକ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇସାରିଛି । ଏହା ଏକ ସଂଗଠିତ ଅପରାଧ । ପରୀକ୍ଷା ନାଁରେ ସରକାର କୋଟି କୋଟି ଟଙ୍କା ଫି ଆଦାୟ କରୁଛି । ନିଟ୍, ଏସ୍‌ଏସ୍‌ସି, ଆରଆରବି, ୟୁପିଏସ୍‌ସି ଏବଂ ଜେଇଇରୁ ଫି ଆଦାୟ ହେଉଥିବା ୩.୫ ଲକ୍ଷ କୋଟି ଟଙ୍କା କେନ୍ଦ୍ର ସରକାରଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମ, ବିଜ୍ଞାନ ଓ ମହିଳା ଶିଶୁ ବିକାଶ ଭଳି ୫ଟି ମନ୍ତ୍ରଣାଳୟ ବଜେଟ ସହ ସମାନ । ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ଏକ ଅର୍ଥ ଶୋଷଣକାରୀ ମେସିନ ପାଲଟିଛି । ସ୍ଥାନୀୟ ଏକ ଘରୋଇ ହଟେଲର ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଏହା କହିଛନ୍ତି । ବିଦ୍ୟାଳୟଠାରୁ ଆରମ୍ଭ କରି କଲେଜ ପର୍ଯ୍ୟନ୍ତ ସବୁଠି ଶୋଷଣ କରାଯାଉଛି । ଶିକ୍ଷା ବ୍ୟବସ୍ଥାରେ କେବଳ ସରକାରୀ ସ୍କୁଲ କଲେଜ ରହିବା କଥା । ସମାଜର



ଗରିବ, ଧନୀ ଉଭୟ ଶ୍ରେଣୀର ଲୋକଙ୍କ ପୁଅଝିଅ ସେଠାରେ ଏକତ୍ର ପାଠ ପଢ଼ିବା କଥା । ସେହିଭଳି ଟ୍ୟୁସନ କୁହାଯାଉ କିମ୍ବା ଚାକିରି ପାଇଁ ଦରକାର ହେଉଥିବା ସ୍ୱତନ୍ତ୍ର କୋଚିଂ ତା ବ୍ୟବସ୍ଥା ମଧ୍ୟ ସରକାର ହାତକୁ ନେବା କଥା । ଅତି କମ୍ ଖର୍ଚ୍ଚରେ ଛାତ୍ରଛାତ୍ରୀ ଶିକ୍ଷା ସହ ବିଭିନ୍ନ ଚାକିରି ପାଇଁ ଅନୁଷ୍ଠିତ ହେଉଥିବା ପ୍ରବେଶିକା ପରୀକ୍ଷାରେ ଭାଗ ନେବା ଉପରେ ସରକାର ନିଜେ ଦାୟିତ୍ୱ ନେବା ଦରକାର ବୋଲି ଶ୍ରୀ ମିଶ୍ର କହିଛନ୍ତି । ସରକାର ପ୍ରତ୍ୟେକ ବ୍ଲକରେ ଆଦର୍ଶ ବିଦ୍ୟାଳୟ ଭଳି ସ୍କୁଲ ବହୁଳ ଭାବେ ସ୍ଥାପନ କରନ୍ତୁ । ଭାରତ ଏକ କୃଷି ପ୍ରଧାନ ଦେଶ । ତେଣୁ କୃଷି ବିଦ୍ୟାଳୟ ଭଳି ଶିକ୍ଷାନୁଷ୍ଠାନ ପ୍ରତ୍ୟେକ ଜିଲ୍ଲାରେ ରହିବା ନିହାତି ଆବଶ୍ୟକ । ଯଦି ଦରକାର ହୁଏ ସରକାରଙ୍କ ଏହି ଶୋଷଣକାରୀ ଶିକ୍ଷାନୀତି ବିରୋଧରେ ରାଜରାସ୍ତାକୁ ଓହ୍ଲାଇବାକୁ ଲୋକେ ପ୍ରସ୍ତୁତ ରୁହନ୍ତୁ ବୋଲି ଶ୍ରୀ ମିଶ୍ର କହିଥିଲେ । ଏଥିରେ ଉପସ୍ଥିତ ଏଆଇସିସି ମୁଖପାତ୍ର ଡା. ହମିଦ ହୁସେନ ରାଜ୍ୟ ସରକାରଙ୍କ ପୁସ୍ତକ ଛପାରେ ୧୭୦୦ରୁ ଅଧିକ ଭୁଲ୍ ପାଇଁ କେହି କାହିଁକି ଉତ୍ତରଦାୟୀ ରହୁ ନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି । ସବୁ ପୁସ୍ତକ ପ୍ରତ୍ୟାହାର କରି ନୂଆ ଛପାଯାଉ ବୋଲି ଦାବି କରିଥିଲେ । ନିଟ୍ ପ୍ରଶ୍ନପତ୍ର ଲିକ୍‌ରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତୁରନ୍ତ ଇସ୍ତଫା ଦିଅନ୍ତୁ । ଶିକ୍ଷାନୀତିରେ ନୂତନ ସଂସ୍କାର ଅଣାଯାଉ । ପ୍ରତ୍ୟେକ ଜାତୀୟ ସ୍ତରୀୟ ଚାକିରି ପ୍ରବେଶିକା ପରୀକ୍ଷା ପାଇଁ ବାର୍ଷିକ କ୍ୟାଲେଣ୍ଡରରେ ଚୂଡାନ୍ତ ତାରିଖ ନିର୍ଦ୍ଧାରିତ ରହୁ ବୋଲି ଦାବି କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ମହିଳା କଂଗ୍ରେସ ସଭାନେତ୍ରୀ ଜୟନ୍ତୀ ପଟେଲ, ଯୁବ କଂଗ୍ରେସ ସଭାପତି ଅଙ୍କିତ ସାହୁ, ଛାତ୍ର କଂଗ୍ରେସ ସଭାପତି ଚିନ୍ମୟ ବେହେରା, ଜିଲ୍ଲା କଂଗ୍ରେସ ସଭାପତି ଅନିଲ ମେହେର ପ୍ରମୁଖ କେନ୍ଦ୍ର ସରକାରଙ୍କ ଭୁଲ୍ ଶିକ୍ଷାନୀତିକୁ କଠୋର ସମାଲୋଚନା କରିଥିଲେ ।

## ଟିଟିଲାଗଡ଼ ସହରରେ ବୁଲିଲା ଖଣ୍ଡା

**ବଲାଙ୍ଗିର/ଟିଟିଲାଗଡ଼, ୨୭ ।୬(ସମିସ):** ବଲାଙ୍ଗିର ଜିଲ୍ଲା ଟିଟିଲାଗର ସହର ଦିନକୁ ଦିନ ଅଶାନ୍ତ ହେଉଛି । କିଛି ଦିନ ତଳେ ଜମି କରବାରକୁ ନେଇ ଜଣେ ବ୍ୟବସାୟୀଙ୍କୁ ଆକ୍ରମଣ କରଯାଇଥିଲା । ଶନିବାର ସହରର ଏକ ଜନ ଗହଳିପୂର୍ଣ୍ଣ ଅଞ୍ଚଳରେ କିଛି ଯୁବକ ଖଣ୍ଡା ବୁଲାଇ ଲୋକଙ୍କୁ ଭୟଭୀତ କରିଛନ୍ତି । ଟିଟିଲାଗଡ଼ସ୍ଥିତ ରେଳ ଷ୍ଟେସନରୁ ମଙ୍ଗଳା ମନ୍ଦିର ରାସ୍ତାରେ ଗାଡି ପାର୍କିଂକୁ ନେଇ ଖଣ୍ଡା ବୁଲିଛି । ଏନେଇ ଅସିତ ପଧାନ ଓ ଆକାଶ ପଧାନ ଟିଟିଲାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ଟିଟିଲାଗଡ଼ ପୁଲିସ ରମେଶ ବସ୍ତିଆ ସମେତ ଦୁଇ ସହଯୋଗୀକୁ ଅଟକ ରଖଛି । ରମେଶ ନାଁରେ ପୂର୍ବରୁ ଅନେକ ମାମଲା ରହିଛି । ବଡ଼ମାଲ ଫାଣ୍ଡି ଅଧିକାରୀଙ୍କୁ ଆକ୍ରମଣ ଘଟଣାରେ ମଧ୍ୟ ସେ ଗିରଫ ହୋଇଥିଲା ।

# ଗଞ୍ଜେଇ ଭର୍ତ୍ତି କାର୍ ଜବତ, ରାକେଟ୍ ଠାବ

ରାଉରକେଲା, ୨୭।୬(ସମିସ) : ରାଉରକେଲାରୁ ସମ୍ବଲପୁର ଯାଇଥିବା ବିଜୁ ଏକ୍ସପ୍ରେସୱେର ଝାରସୁଗୁଡ଼ା-ସମ୍ବଲପୁର ରାସ୍ତାରେ ଦ୍ରୁତ ଗତିରେ ଯାଉଥିବା ଏକ ଗାଡ଼ିକୁ ପିଛା କରି ପୁଲିସ ଗଞ୍ଜେଇ ବୋଝେଇ କାରକୁ ଜବତ କରିବା ସହ ଗଞ୍ଜେଇ ଚାଲାଣ ହେଉଥିବା ଏକ ପ୍ରମୁଖ ରାକେଟ୍‌କୁ ଠାବ କରିଥିବା ଜଣାପଡ଼ିଛି। ପୁଲିସ ସୂତ୍ର ଅନୁଯାୟୀ, ଅଧିକାରୀମାନେ ସମ୍ବଲପୁରରୁ ଝାରସୁଗୁଡ଼ା ଅଭିମୁଖେ ଆସୁଥିବା ଏକ କାର୍ ଉପରେ ସନ୍ଦେହ କରି ଯାଞ୍ଚ ପାଇଁ ଏହାକୁ ଅଟକାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ପୁଲିସକୁ ଦେଖି ଡ୍ରାଇଭର ଦ୍ରୁତ ଗତିରେ ଖସି ପଳାଇବାକୁ ଚେଷ୍ଟା କରିଥିଲା। ଫଳରେ ବିଜୁ ଏକ୍ସପ୍ରେସ୍ ୱେ'ରେ ଦ୍ରୁତ ଗତିରେ ଯାଉଥିବା ଏହି ଗାଡ଼ିକୁ ପୁଲିସ ପିଛା କରିଥିଲା। ଗଞ୍ଜେଇ ବୋଝେଇ କାର୍‌ର ଡ୍ରାଇଭର ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇ ରାସ୍ତାର ଡିଭାଇଡର୍‌କୁ ଧକ୍କା ଦେଇଥିଲା। ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ କାର୍ ଭିତରୁ ବହୁ ଗଞ୍ଜେଇ ପ୍ୟାକେଟ ଏବଂ ବସ୍ତାରେ ପ୍ୟାକ୍ ହୋଇଥିବା ବିପୁଳ ପରିମାଣର ଗଞ୍ଜେଇ ଜବତ କରିଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଦୁଇ ଜଣ ଅଭିଯୁକ୍ତ ବୌଦ୍ଧରୁ ଝାରସୁଗୁଡ଼ାକୁ ଚୋରା ଗଞ୍ଜେଇ ଚାଲାଣ କରୁଥିଲେ। ସେଠାରୁ ଏହାକୁ ପଡ଼ୋଶୀ ଛତିଶଗଡ଼ର ରାୟଗଡ଼କୁ ଚୋରା ଚାଲାଣ କରାଯିବାକୁ ଯୋଜନା କରାଯାଇଥିଲା। ପୁଲିସ ପଳାତକ ଅଭିଯୁକ୍ତଙ୍କୁ ଠାବ କରିବା ପାଇଁ ବିଭିନ୍ନ ଆଡ଼େ ଚଢ଼ଉ ଜାରି ରଖିଛି।



# ଯୁବକଙ୍କୁ ହତ୍ୟା; ଅଭିଯୁକ୍ତ ଗିରଫ

ରାଉରକେଲା, ୨୭।୬(ସମିସ)

ସୁନ୍ଦରଗଡ଼ ଜିଲ୍ଲା ତଳସରା ଥାନା ମାୟାବାହାଲ ଗ୍ରାମର ଦେହେରୀପଡ଼ାରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ସମ୍ପୃକ୍ତ ହତ୍ୟାକାରୀ ଯୁବକଙ୍କୁ ପୁଲିସ ଗିରଫ କରି ତଦନ୍ତ ଚଳାଇଛି। ହତ୍ୟାକାରୀଙ୍କ ସ୍ତ୍ରୀକୁ ଲୁଚାଇ ରଖିଥିବା ସନ୍ଦେହକୁ କେନ୍ଦ୍ର କରି ତାଙ୍କ ସ୍ୱାମୀ ଜଣେ ୨୪ ବର୍ଷୀୟ ଯୁବକଙ୍କୁ ଏକ ଘାସକଟା ମେସିନରେ ମରଣାନ୍ତକ ଆକ୍ରମଣ କରି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଥିବା ସୂଚନା ମିଳିଛି। ମୃତକ ହେଉଛନ୍ତି ସେହି ଗାଁର ହେମନ୍ତ ନାଏକ (୨୪)। ଏହି ଘଟଣାରେ ପୁଲିସ ଅଭିଯୁକ୍ତ କନ୍ଦର୍ପ ଦେହେରୀ (୫୪)ଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

ପୁଲିସ ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଗ୍ରାମର କନ୍ଦର୍ପ ଦେହେରୀ ଓ ତାଙ୍କ ପତ୍ନୀ ବିନତିଙ୍କ ମଧ୍ୟରେ ପାରିବାରିକ ଘଟଣାକୁ କେନ୍ଦ୍ର କରି ଝଗଡ଼ା ହୋଇଥିଲା। ତେବେ ଭୟଭୀତ ହୋଇ ବିନତି ହେମନ୍ତଙ୍କ ଘରକୁ ପଳାଇ ଯାଇଥିଲେ। ଏହାପରେ କନ୍ଦର୍ପ ସେଠାରେ ପହଞ୍ଚି ହେମନ୍ତଙ୍କ ଭଉଣୀଙ୍କୁ କାହିଁକି ତାଙ୍କ ସ୍ତ୍ରୀକୁ ଲୁଚାଇ ରଖିଛି ବୋଲି କହି ଗାଳିଗୁଲଜ କରିଥିଲା। ପରେ ହେମନ୍ତ ବୁଝାସୁଝା କରି କନ୍ଦର୍ପଙ୍କୁ ତାଙ୍କ ଘରକୁ ପଠାଇ ଦେଇଥିଲେ। ତେବେ ରାତି ପ୍ରାୟ ସାଢ଼େ ୧୦ଟା ବେଳେ ହେମନ୍ତ ନିଜ ଘର ନିକଟସ୍ଥ ଏକ କଲଭର୍ଟ ଉପରେ ବସିଥିବା ସମୟରେ କନ୍ଦର୍ପ ସେଠାରେ ପହଞ୍ଚି ଏକ ଲୁହା ଘାସକଟା ଅସ୍ତ୍ରରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ହିଁ ହେମନ୍ତଙ୍କର ମୃତ୍ୟୁ ହୋଇଥିଲା। ମୃତକଙ୍କ ଭଉଣୀ କୁମାରୀ ନାଏକଙ୍କ ଏତଲାକୁ ଆଧାର କରି ତଳସରା ଥାନାରେ ହତ୍ୟା ମାମଲା ରୁଜୁ କରାଯାଇଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଦଳ ପହଞ୍ଚି ବିଭିନ୍ନ ସାକ୍ଷ୍ୟ ପ୍ରମାଣ ସଂଗ୍ରହ କରିଥିବା ବେଳେ ପୁଲିସ କୁକୁର ସହାୟତାରେ ହତ୍ୟାକାଣ୍ଡରେ ବ୍ୟବହୃତ ଲୁହା ଘାସକଟା ଅସ୍ତ୍ରକୁ ଜବତ କରିଛି। ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ଅଭିଯୁକ୍ତକୁ ଗିରଫ କରି ଅଦାଲତକୁ ଚାଲାଣ କରାଯାଇଛି।





# ବର୍ଷାଜନିତ ବିପଦରୁ ଗୁରୁତ୍ୱପୂର୍ଣ୍ଣ ବୈଦ୍ୟୁତିକ ଭିତ୍ତିଭୂମିର ସୁରକ୍ଷା ପାଇଁ ଆର୍‌ଏସ୍‌ପିର ପ୍ରସ୍ତୁତି

ରାଉରକେଲା, ୨୭।୬(ସମିସ): ବର୍ଷା ଋତୁ ସମୟରେ କାରଖାନାର ନିରାପଦ, ନିର୍ଭରଯୋଗ୍ୟ ଏବଂ ନିରବଚ୍ଛିନ୍ନ କାର୍ଯ୍ୟ ପରିଚାଳନା ସୁନିଶ୍ଚିତ କରିବା ସହ ବର୍ଷାଜନିତ ବିପଦରୁ ଗୁରୁତ୍ୱପୂର୍ଣ୍ଣ ବୈଦ୍ୟୁତିକ ଭିତ୍ତିଭୂମିର ସୁରକ୍ଷା ପାଇଁ ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ପକ୍ଷରୁ ଏକ ବ୍ୟାପକ ପ୍ରସ୍ତୁତିମୂଳକ ଅଭିଯାନ ଆରମ୍ଭ କରାଯାଇଛି। ବର୍ଷା ଋତୁରେ ଜଳ ଜମିବା, ଆର୍ଦ୍ରତା ପ୍ରବେଶ, ବଜ୍ରପାତ, ଇନସୁଲେସନ୍‌ର କ୍ଷୟକ୍ଷତି ଏବଂ ଯନ୍ତ୍ରପାତିର ତ୍ରୁଟି ପରି ବିଭିନ୍ନ ସମସ୍ୟା ଶିଳ୍ପ ପରିଚାଳନା ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥାଏ। ଏହିସବୁ କାରଣରୁ ବୈଦ୍ୟୁତିକ ସ୍ଥାପନାଗୁଡ଼ିକ ପ୍ରଭାବିତ ହେବା ସହ ଉତ୍ପାଦନ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇପାରେ। ନିରବଚ୍ଛିନ୍ନ ଇସ୍ପାତ ଉତ୍ପାଦନ ପାଇଁ ଏକ ସୁଦୃଢ଼ ବୈଦ୍ୟୁତିକ ନେଟୱର୍କର ଗୁରୁତ୍ୱକୁ ଦୃଷ୍ଟିରେ ରଖି, ଆର୍‌ଏସ୍‌ପି ପକ୍ଷରୁ ସମଗ୍ର କାରଖାନାର ବୈଦ୍ୟୁତିକ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଏବଂ ସୁରକ୍ଷିତ କରିବା ପାଇଁ ଏକ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଏହି ଅଭିଯାନର ଅଂଶସ୍ୱରୂପ, ସମସ୍ତ ଉତ୍ପାଦନ ୟୁନିଟ୍ ଏବଂ ରକ୍ଷଣାବେକ୍ଷଣ ବିଭାଗକୁ ବିଭିନ୍ନ ପ୍ରତିଷେଧକ ପଦକ୍ଷେପ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଦ୍ୟୁତିକ ପ୍ୟାନେଲ୍, ସୁଇଚ୍‌ବୋର୍ଡ, ମୋଟର କଣ୍ଟ୍ରୋଲ୍ ସେଣ୍ଟର, ଟ୍ରାନ୍ସଫର୍ମର, ସବ୍‌ଷ୍ଟେସନ୍ ଏବଂ କଣ୍ଟ୍ରୋଲ୍ ରୁମ୍‌ଗୁଡ଼ିକର ସମ୍ପୂର୍ଣ୍ଣ ଯାଞ୍ଚ କରାଯାଇ ବର୍ଷା ପାଣି ପ୍ରବେଶ ରୋକିବା ପାଇଁ ଆବଶ୍ୟକ ବ୍ୟବସ୍ଥା ନିଆଯାଉଛି। କ୍ଷତିଗ୍ରସ୍ତ କବାଟ, କେବୁଲ୍ ପ୍ରବେଶ ସ୍ଥାନ, ଛାତର ସିଟ୍, ଝରକା ଓ ବାୟୁ ଚଳାଚଳ ବ୍ୟବସ୍ଥାର ମରାମତି ଏବଂ ରକ୍ଷଣାବେକ୍ଷଣକୁ ପ୍ରାଥମିକତା ଦିଆଯାଉଛି, ଯାହାଦ୍ୱାରା ସମ୍ପୂର୍ଣ୍ଣ ପାଣିପାଗ ସୁରକ୍ଷା ସୁନିଶ୍ଚିତ ହୋଇପାରିବ। ସବ୍‌ଷ୍ଟେସନ୍, ଟ୍ରାନ୍ସଫର୍ମର ୟାର୍ଡ, ବୈଦ୍ୟୁତିକ କକ୍ଷ ଏବଂ କେବୁଲ୍ ଗ୍ୟାଲେରୀ ଚାରିପାଖରେ ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଯାହାଦ୍ୱାରା ପ୍ରବଳ ବର୍ଷା ସମୟରେ ପାଣି ଜମିବାକୁ ରୋକାଯାଇପାରିବ। ସେହିପରି, ବଜ୍ରପାତ ନିରୋଧକ, ଏୟାର୍ ଟର୍ମିନାଲ୍, ଡାଉନ୍ କଣ୍ଡକ୍ଟର ଏବଂ ଆର୍ଥ ନେଟୱାର୍କ ସମେତ ସମସ୍ତ ବଜ୍ର ସୁରକ୍ଷା ବ୍ୟବସ୍ଥାର ସମ୍ପୂର୍ଣ୍ଣ ଯାଞ୍ଚ କରାଯାଇ ବଜ୍ରପାତ ସମୟରେ ସେଗୁଡ଼ିକର କାର୍ଯ୍ୟକ୍ଷମତା ସୁନିଶ୍ଚିତ କରାଯାଉଛି। ବୈଦ୍ୟୁତିକ ବ୍ୟବସ୍ଥାର ନିର୍ଭରଯୋଗ୍ୟତାକୁ ଆହୁରି ବଢ଼ାଇବା ପାଇଁ ସୁଇଚ୍‌ଗିୟର, ରିଲେ ପ୍ୟାନେଲ୍ ଏବଂ କଣ୍ଟ୍ରୋଲ୍ ପ୍ୟାନେଲ୍‌ଗୁଡ଼ିକର ବିସ୍ତୃତ ସଫେଇ ଓ ରକ୍ଷଣାବେକ୍ଷଣ କରାଯାଉଛି, ଯାହାଦ୍ୱାରା ଧୂଳି, ଆର୍ଦ୍ରତା ଓ ଅନ୍ୟାନ୍ୟ ଦୂଷିତ ପଦାର୍ଥକୁ ଦୂର କରାଯାଇପାରିବ। ଏହି ପ୍ରସ୍ତୁତିମୂଳକ ଅଭିଯାନ ଅଧୀନରେ ବାହ୍ୟ ବୈଦ୍ୟୁତିକ ସ୍ଥାପନା ଚାରିପାଖରୁ ଗଛଲତା ଓ ଆବର୍ଜନା ସଫା କରିବା, କେବୁଲ୍ ଟ୍ରେଞ୍ଚଗୁଡ଼ିକରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା ସୁନିଶ୍ଚିତ କରିବା ଏବଂ ଜରୁରିକାଳୀନ ଆଲୋକ ବ୍ୟବସ୍ଥା, ସମ୍ପ ପମ୍ପ ଓ ଜଳ ନିଷ୍କାସନ ପ୍ରଣାଳୀକୁ ସର୍ବଦା କାର୍ଯ୍ୟକ୍ଷମ ରଖିବା ପାଇଁ ମଧ୍ୟ ବ୍ୟବସ୍ଥା ନିଆଯାଉଛି। ଏହି ସମସ୍ତ ବ୍ୟାପକ ପଦକ୍ଷେପ ବର୍ଷାଜନିତ ବିପଦକୁ ସର୍ବନିମ୍ନ ସ୍ତରକୁ ଆଣିବା, ବୈଦ୍ୟୁତିକ ଉପକରଣର ନିର୍ଭରଯୋଗ୍ୟତା ବୃଦ୍ଧି କରିବା ଏବଂ କାରଖାନାର ଗୁରୁତ୍ୱପୂର୍ଣ୍ଣ ବୈଦ୍ୟୁତିକ ବ୍ୟବସ୍ଥାର ନିରବଚ୍ଛିନ୍ନ ପରିଚାଳନା ସୁନିଶ୍ଚିତ କରିବାରେ ସହାୟକ ହେବ।



# ସେକ୍ଟର ୩ ଥାନାରେ 'ଆମ ପୁଲିସ' ବୈଠକ

ରାଉରକେଲା, ୨୭।୬(ସମିସ): ସେକ୍ଟର-୩ ଥାନାରେ ଆମ ପୁଲିସ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏସ୍‌ଆଇ ଅକ୍ଷୟ କୁମାର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଉପସ୍ଥିତ ସମିତିର ସଦସ୍ୟ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ସଦସ୍ୟ କମ୍ୟୁନିଷ୍ଟ ଗୌଡ ସେକ୍ଟର-୧ ରୁ ଏନ୍‌ଆଇଟି ଯାଇଥିବା ରାସ୍ତାରେ ଆରଏସପି ପକ୍ଷରୁ ନିୟମିତ ଅଳିଆ ଉଠା ନ ଯିବାରୁ ଏହା ରାସ୍ତା ସଂକୀର୍ଣ୍ଣ ସହ ଯାତାୟାତରେ ସମସ୍ୟା ହେଉଛି। ଡଷ୍ଟବିନ୍‌ଗୁଡ଼ିକ ରାସ୍ତା କଡ଼ରେ ନରଖି ରାସ୍ତା ଉପରେ ରଖାଯିବାରୁ ଅସୁବିଧା ହେଉଛି। ତେଣୁ ଏହାର ପ୍ରତିକାର ଦିଗରେ ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ। ଅନ୍ୟତମ ସଦସ୍ୟ ସଞ୍ଜୀବ କୁମାର ନାୟକ ରାସ୍ତା ଆଲୋକୀକରଣ ବ୍ୟବସ୍ଥା କାଳବୈଶାଖୀ ବର୍ଷା ଯୋଗୁଁ ବ୍ୟାପକ ନଷ୍ଟ ହୋଇଥିଲା। ଯୁଦ୍ଧକାଳୀନ ଭିତ୍ତିରେ ଏହାର ମରାମତି ପ୍ରସ୍ତାବ ରଖିଥିଲେ। ବିଶେଷ କରି ଚୋରି ଦୁଇଟି ପର୍ଯ୍ୟାୟରେ ଚୋରମାନେ କରୁଥିବା ବେଳେ ରାତ୍ରି ପାଟ୍ରୋଲିଂ କଡ଼ାକଡ଼ି ପାଇଁ ଅନୁରୋଧ କରିଥିଲେ। ଆଗକୁ ରଥଯାତ୍ରା କିପରି ଶୃଙ୍ଖଳାର ସହ ସମ୍ପନ୍ନ ହେବ ସେ ଦିଗରେ ସଦସ୍ୟ ସମସ୍ତଙ୍କ ସହଯୋଗ କାମନା କରିଥିଲେ। କିଛି ସଦସ୍ୟ ସେକ୍ଟର ୨ ଅଞ୍ଚଳରେ ଖୋଲାରେ ମଦ ପିଇବା ନେଇ ମଦ୍ୟପଙ୍କ ବିରୋଧରେ କଡା ଆଭିମୁଖ୍ୟ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ସମସ୍ତ ବିଷୟ ଅବଗତ ହେବା ସହ ଏସ୍‌ଆଇ ଅକ୍ଷୟ କୁମାର ବାରିକ ତ୍ୱରିତ ପଦକ୍ଷେପ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପ୍ରାରମ୍ଭରେ ଆମ ପୁଲିସ ଦାୟିତ୍ୱରେ ଥିବା ଏଏସଆଇ ମଙ୍ଗୁଲି ଜେନା ସମସ୍ତଙ୍କୁ ସ୍ୱାଗତ ସହ ବୈଠକର ଆଭିମୁଖ୍ୟ ରଖିଥିଲେ। ଏହି ଅବସରରେ ଥାନା ଏଏସ୍‌ଆଇ ସନ୍ତୋଷ କୁମାର ଦେହୁରୀ ଉପସ୍ଥିତ ଥିଲେ।




# ଦୁର୍ଘଟଣାରେ ୧୫ ଛେଳି ମୃତ; କ୍ଷତିପୂରଣ ଦାବି

ଲହୁଣୀପଡ଼ା, ୨୭।୬(ସମିସ): କେ. ବଲାଙ୍ଗ ଥାନା ୫୨୦ ନମ୍ବର ଜାତୀୟ ରାଜପଥର କମାରପୋଷ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ୧୫ଟି ଛେଳିର ମୃତ୍ୟୁ ଘଟିଛି। କମାରପୋଷ ନିକଟରେ ଛେଳି ପଲ ରାସ୍ତା ପାର ହେଉଥିବା ବେଳେ କୋଇଡ଼ାରୁ ରାଜାମୁଣ୍ଡା ଅଭିମୁଖେ ଯାଉଥିବା ଏକ ଦ୍ରୁତଗାମୀ ଲୁହାପଥର (ଆଇରନ୍ ଓର୍) ବୋଝେଇ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଏଭଳି ଅଘଟଣ ଘଟିଥିଲା। ମୃତ ଛେଳିଗୁଡ଼ିକ ଫକୀରମୁଣ୍ଡା ଗ୍ରାମର ମାଦି ଓରାମଙ୍କ ପରିବାରର ବୋଲି ଜଣାପଡ଼ିଛି। ଘଟଣାକୁ ନେଇ କେବଲାଙ୍ଗ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ବେଳେ, କ୍ଷତିଗ୍ରସ୍ତ ପରିବାର ପକ୍ଷରୁ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ପ୍ରଦାନ ସହ ଦୁର୍ଘଟଣା ଘଟାଇଥିବା ଅଜଣା ଗାଡ଼ିକୁ ଚିହ୍ନଟ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି।

# ଶାନ୍ତାଦେବୀ ହାଇସ୍କୁଲରେ ରାଷ୍ଟ୍ରୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ

କୁତ୍ରା, ୨୭।୬(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ କଟଙ୍ଗଠାରେ ଥିବା ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ ଜୁନ୍ ୨୬ରୁ ଜୁଲାଇ ୨ ପର୍ଯ୍ୟନ୍ତ 'ରାଷ୍ଟ୍ରୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ' ପାଳିତ ହେଉଛି। ବିଦ୍ୟୁତ୍ ସୁରକ୍ଷା ସମ୍ପର୍କରେ ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ସକାଳେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ସଚେତନତା ରାଲି ଆୟୋଜିତ ହୋଇଥିଲା। ଏହି ଅବସରରେ ଏକ ଶୋଭାଯାତ୍ରା ଗାଁ ପରିକ୍ରମା କରି ବିଦ୍ୟୁତ ସୁରକ୍ଷା ସମ୍ବନ୍ଧୀୟ ସ୍ଲୋଗାନ ଦେଇ ସାଧାରଣ ଲୋକଙ୍କୁ ସଚେତନ କରାଯାଇଥିଲା। ବିଦ୍ୟୁତ୍‌କୁ ସତର୍କତାର ସହ ବ୍ୟବହାର କରନ୍ତୁ, ଅସାବଧାନତା ଡାକେ ବିପଦ' ଆଦି ସ୍ଲୋଗାନ ମାଧ୍ୟମରେ ବିଦ୍ୟୁତ୍ ସୁରକ୍ଷା ବାର୍ତ୍ତା ପ୍ରଚାର କରାଯାଇଥିଲା। ଉଦ୍‌ଘାଟନୀ ଅବସରରେ କୁତ୍ରା ବ୍ଲକ ଶିକ୍ଷା ଅଧିକାରୀ ଅନନ୍ତ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟୁତ୍ ବ୍ୟବହାର ସମୟରେ ସତର୍କତା ଅବଲମ୍ବନ କରିବା ପାଇଁ ଆହ୍ୱାନ କରିଥିଲେ। ଅତିଥି ଭାବେ ଅମୂଲ୍ୟ ବିଦ୍ୟାପୀଠ କେପଶେର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ପଟେଲ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ କାତ୍ରାର ପ୍ରଧାନଶିକ୍ଷକ ନିରଞ୍ଜନ ପଟେଲ, ବୁଡୁକୁପଡ଼ା ଉଚ୍ଚ ବିଦ୍ୟାଳୟ ପୂର୍ବତନ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ମହାରଣା ଓ କୁତ୍ରା ବ୍ଲକର ସମସ୍ତ ସିଆର୍‌ସିସି ଉପସ୍ଥିତ ଥିଲେ। ରାଉରକେଲା ଇଲେକ୍ଟ୍ରିକ ଡିଭିଜନର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ. ସୁନିତା ଭୋଇ ପ୍ରଶିକ୍ଷକ ଭାବେ ଯୋଗଦେଇ ବିଦ୍ୟୁତ ଦୁର୍ଘଟଣାରୁ ସୁରକ୍ଷା, ଘରୋଇ ବିଦ୍ୟୁତ ଉପକରଣର ସଠିକ ବ୍ୟବହାର ଓ ସଚେତନତା ସମ୍ପର୍କରେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମଟି ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ. ନିତ୍ୟାନନ୍ଦ ବେହେରାଙ୍କ ଆୟୋଜନରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷକ ମହେନ୍ଦ୍ର ସିଂହ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବାବେଳେ ମମତା ସ୍ୱାଇଁ, କୁମାରୀ ଜୟପୁରିଆ, ଭିକାରୀ ଦାସ, ଅଲିଶା ଟୋପ୍ପୋ ଓ ରବୀନ୍ଦ୍ର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶାନ୍ତାଦେବୀ ହାଇସ୍କୁଲର ଛାତ୍ରଛାତ୍ରୀ, ପଞ୍ଚସଖା ଶିକ୍ଷା ସେତୁର ସଦସ୍ୟ, ଏସ୍‌ଏମ୍‌ସି ସଦସ୍ୟ, ଗ୍ରାମବାସୀ ଓ ଅଭିଭାବକମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ସମସ୍ତଙ୍କ ସହଯୋଗରେ ବିଦ୍ୟୁତ୍ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସଫଳ ଭାବେ ସମ୍ପନ୍ନ ହୋଇଥିଲା।



# ରାସ୍ତାରେ ଓଲଟିଲା ଟ୍ରେଲର୍

ଲହୁଣୀପଡ଼ା, ୨୭।୬(ସମିସ): ଚାନ୍ଦିପୋଷ ଥାନା ୧୪୩ ନମ୍ବର ଜାତୀୟ ରାଜପଥର ବିରତୋଳା ଗୋଲେଇ ନିକଟରେ ଭାରସାମ୍ୟ ହରାଇ ଏକ ଟ୍ରେଲର ରାସ୍ତାରେ ଓଲଟି ପଡ଼ିଛି। ସୌଭାଗ୍ୟକୁ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଅନୁଗୁଳ ଜିଲ୍ଲାର ଏକ କାରଖାନାରୁ ଲୁହାପ୍ଲେଟ୍ ବୋଝେଇ କରି ଆର୍‌ଜେ ୦୨ ଜିସି ୮୬୭୦ ନମ୍ବର ବିଶିଷ୍ଟ ଟ୍ରେଲର୍ ହରିଆଣା ଅଭିମୁଖେ ଯାଉଥିବା ବେଳେ ଏହି ଅଘଟଣ ଘଟିଛି। ପୁଲିସ ପହଞ୍ଚି ଗାଡ଼ିକୁ ଜବତ କରିଛି।



# ସେଲ୍ ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକଙ୍କ ସମୀକ୍ଷା



ରାଉରକେଲା, ୨୭।୬(ସମିସ): ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଏ. କେ. ପଣ୍ଡା ଜୁନ୍ ୨୬ ତାରିଖରେ କମ୍ପାନୀର ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସ ଏବଂ ଝାଡ଼ଖଣ୍ଡ ଗ୍ରୁପ୍ ଅଫ୍ ମାଇନ୍ସ ପରିଦର୍ଶନ କରି ଖଣି କାର୍ଯ୍ୟକଳାପର ସମୀକ୍ଷା କରିଥିଲେ। କର୍ମଚାରୀଙ୍କ ସହିତ ଆଲୋଚନା କରିବା ସହ ସେ ସେଲ୍‌ର କ୍ୟାପ୍ଟିଭ୍ ଖଣିଗୁଡ଼ିକର ଆଗାମୀ ରୋଡମ୍ୟାପ୍‌ର ମୂଲ୍ୟାଙ୍କନ କରିଥିଲେ। ଏହି ପରିଦର୍ଶନ ସମୟରେ ଡକ୍ଟର ପଣ୍ଡା, ବରସୁଆଁ, ତାଲଡିହ, କାଲଟା, ବଲାଣି, ଗୁଆ, କିରିବୁରୁ ଏବଂ ମେଘାହାତୁବୁରୁ ଲୁହାପଥର ଖଣିଗୁଡ଼ିକର କାର୍ଯ୍ୟକଳାପ ସମୀକ୍ଷା କରିଥିଲେ। ସେଠାରେ ସେ କର୍ମଚାରୀମାନଙ୍କ ନିଷ୍ଠାକୁ ପ୍ରଶଂସା କରିବା ସହ ସମସ୍ତ ଖଣି କାର୍ଯ୍ୟକଳାପରେ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବା ଉପରେ ଗୁରୁତ୍ୱ ଦେଇଥିଲେ। ପରେ ସିଏମଡି କିରିବୁରୁ ସ୍ଥିତ ଲର୍ଣ୍ଣିଂ ଆଣ୍ଡ ଡେଭଲପମେଣ୍ଟ ସେଣ୍ଟରଠାରେ ଜେଜିଓଏମ୍ ଏବଂ ଓଜିଓଏମ୍‌ର ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ଆଲୋଚନା ମୁଖ୍ୟତଃ ସୁରକ୍ଷା, ଉତ୍ପାଦନ ବୃଦ୍ଧି, ଖଣିର ବିକାଶ, ପ୍ରକଳ୍ପ କାର୍ଯ୍ୟକାରିତା, ଡିଜିଟାଲ୍ ରୂପାନ୍ତରଣ ଏବଂ କାର୍ଯ୍ୟ ଉତ୍କର୍ଷତା ଉପରେ କେନ୍ଦ୍ରୀଭୂତ ଥିଲା। ଏ ଅବସର ରେ ଡକ୍ଟର ପଣ୍ଡା ୨୦୩୦-୩୧ ସୁଦ୍ଧା ୩୫ ମିଲିୟନ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ କ୍ଷମତା ହାସଲ କରିବା ପାଇଁ ସେଲ୍‌ର ପ୍ରତିବଦ୍ଧତାକୁ ଦୋହରାଇଥିଲେ, ଯାହା ଘରୋଇ ବଜାରର ଆବଶ୍ୟକତା ପୂରଣ ସହିତ ଉତ୍ପାଦନ ସ୍ତରକୁ ସହାୟତା କରିବା ପାଇଁ କ୍ୟାପ୍ଟିଭ୍ ଖଣିଗୁଡ଼ିକରୁ ବାର୍ଷିକ ୧୦୦ ମିଲିୟନ ଟନ୍ ଲୁହାପଥର ଉତ୍ପାଦନ ଦ୍ୱାରା ସମ୍ଭବ ହୋଇ ପାରିବ। ଉତ୍ପାଦନ କ୍ଷମତା, ସୁରକ୍ଷା ଏବଂ ସ୍ଥାୟୀ ଖଣି ପଦ୍ଧତିକୁ ବୃଦ୍ଧି କରିବା ପାଇଁ ସେ ଏଆଇ ସମେତ ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟାର ବହୁଳ ବ୍ୟବହାର କରିବାକୁ ଆହ୍ୱାନ ଦେଇଥିଲେ।

# ରାଜପଥ ଭିତ୍ତିଭୂମି ନିର୍ମାଣ ଉପରେ ଏନ୍‌ଆଇଟିରେ ଜାତୀୟ ସମ୍ମିଳନୀ

ରାଉରକେଲା, ୨୭।୬(ସମିସ)

ଜାତୀୟ ପ୍ରଯୁକ୍ତି ସଂସ୍ଥାନ (ଏନ୍‌ଆଇଟି) ରାଉରକେଲାର ସିଭିଲ୍ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ 'ସ୍ଥିତିସ୍ଥାପକ ଓ ସ୍ଥାୟୀ ରାଜପଥ ଭିତ୍ତିଭୂମି ନିର୍ମାଣ' ଶୀର୍ଷକ ତିନିଦିନିଆ ଜାତୀୟ ସମ୍ମିଳନୀର ଶୁଭାରମ୍ଭ ଶୁକ୍ରବାର ହୋଇଛି। ଏହି ସମ୍ମିଳନୀରେ ଦେଶର ବିଭିନ୍ନ ସ୍ଥାନରୁ ଗବେଷକ, ଶିକ୍ଷାବିତ୍, ଶିଳ୍ପ ବିଶେଷଜ୍ଞ ଏବଂ ନୀତି ନିର୍ଦ୍ଧାରକମାନେ ଯୋଗଦେଇ ସ୍ଥିତିସ୍ଥାପକ, ପରିବେଶ-ଅନୁକୂଳ ଏବଂ ଭବିଷ୍ୟତମୁଖୀ ରାଜପଥ ଭିତ୍ତିଭୂମି ନିର୍ମାଣ ପାଇଁ ଅଭିନବ ଉପାୟ ଉପରେ ଆଲୋଚନା କରୁଛନ୍ତି। ଉଦ୍‌ଘାଟନୀ ଅଧିବେଶନରେ ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଭାରତୀୟ ସଡ଼କ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ, ସିଏସ୍‌ଆଇଆର୍ କେନ୍ଦ୍ରୀୟ ସଡ଼କ ଗବେଷଣା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଏବଂ ଆଇଆଇଟି ରୁର୍କୀର ପ୍ରଫେସର ମନୋରଞ୍ଜନ ପରିଡ଼ା ଓ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ମୁଖ୍ୟଯନ୍ତ୍ରୀ (ମାନକ ଓ ଗବେଷଣା) ପଙ୍କଜ ଅଗ୍ରୱାଲ ଉପସ୍ଥିତ ଥିଲେ।

ସମ୍ମିଳନୀର ଆବାହକ ପ୍ରଫେସର ଗୌରବ ସାହା ସ୍ୱାଗତ ଭାଷଣରେ କହିଥିଲେ ଯେ, ଜଳବାୟୁ ପରିବର୍ତ୍ତନ, ବଢ଼ୁଥିବା ଯାନବାହନ ଚାପ, ପରିବେଶ-ଅନୁକୂଳ ନିର୍ମାଣ ସାମଗ୍ରୀ ଓ ଉଦୀୟମାନ ପ୍ରଯୁକ୍ତି ସମ୍ବନ୍ଧୀୟ ଚ୍ୟାଲେଞ୍ଜଗୁଡ଼ିକର ସମାଧାନ ପାଇଁ ଗବେଷକ, ଶିଳ୍ପ ବିଶେଷଜ୍ଞ ଏବଂ ନୀତି ନିର୍ଦ୍ଧାରକଙ୍କୁ ଏକ ସାଧାରଣ ମଞ୍ଚରେ ଆଣିବା ହେଉଛି ଏହି ସମ୍ମିଳନୀର ପ୍ରମୁଖ ଉଦ୍ଦେଶ୍ୟ। ମୁଖ୍ୟ ଅତିଥି ପ୍ରଫେସର କେ. ଉମାମହେଶ୍ୱର ରାଓ କହିଥିଲେ ଯେ, ଭାରତର ସଡ଼କ ପରିବହନ କ୍ଷେତ୍ରର ବାସ୍ତବ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ଗବେଷଣା କେନ୍ଦ୍ରିତ ହେବା ଆବଶ୍ୟକ। ଭାରତୀୟ ପରିସ୍ଥିତି ଅନୁକୂଳ ସୁରକ୍ଷିତ, ସ୍ଥିତିସ୍ଥାପକ ଏବଂ ସ୍ଥାୟୀ ସଡ଼କ ନିର୍ମାଣ ପାଇଁ ବ୍ୟବହାରିକ ସମାଧାନ ବିକଶିତ କରିବା ହିଁ ପ୍ରକୃତ ଇଞ୍ଜିନିୟରିଂ ଗବେଷଣାର ସଫଳତା ବୋଲି ସେ ମତ ପ୍ରକାଶ କରିଥିଲେ।



# ତୋଫାନ ହତ୍ୟା ମାମଲାରେ ଆଉ ଜଣେ ଗିରଫ

ରାଉରକେଲା, ୨୭।୬(ସମିସ): ସ୍ଥାନୀୟ ସେକ୍ଟର-୬ରେ ଗତ ୧୬ ତାରିଖ ଦିନ ସଂଗଠିତ ବହୁ ଚର୍ଚ୍ଚିତ ତୋଫାନ ବିନ୍ଧାଣୀ ହତ୍ୟା ମାମଲାରେ ସେକ୍ଟର-୭ ଥାନା ପୁଲିସ ଆଉ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ହେଉଛି ବିଶୁ ଓରଫ ଉମାକାନ୍ତ ହରପ୍ପା। ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ପୁଲିସ ପକ୍ଷରୁ ଚଢ଼ଉ ଜାରି ରହିଛି।


ସୂଚନାଯୋଗ୍ୟ ଯେ ଗତ ଜୁନ ୧୬ ତାରିଖ ଦିନ ତୋଫାନ ବିନ୍ଧାଣୀକୁ ସେହି ଅଞ୍ଚଳର ୧୨ ଜଣ ସଶସ୍ତ୍ର ଯୁବକ ମରଣାନ୍ତକ ଆକ୍ରମଣ କରି ହତ୍ୟା କରିଥିଲେ। ଏ ନେଇ ସେକ୍ଟର-୭ ଥାନାରେ ରାମେଶ୍ୱରପଲ୍ଲୀ, ସେକ୍ଟର-୫ ଗୋଲଘର ଅଞ୍ଚଳର ବାସିନ୍ଦା ଚନ୍ଦ୍ରିକା ବିନ୍ଧାଣୀଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାର ତଦନ୍ତ ବେଳେ ଜୁନ ୧୯ ତାରିଖରେ ପୁଲିସ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନେ ହେଲେ ରୋହିତ ହରିପ୍ପା (୨୫), ରୋହିତ ମୁଖୀ ଓରଫ ସାନା (୩୨) ଏବଂ ଜନସନ ନାଗ (୨୫)। ସୂଚନାଯୋଗ୍ୟ ଯେ ଅନ୍ୟ ଦୁଇ ଅଭିଯୁକ୍ତ ସୁଶାନ୍ତ ଓରଫ ଲଣ୍ଡା ନାୟକ ଏବଂ ରୁନୁ ଓରଫ ନାରାୟଣ ହରିପ୍ପାଙ୍କୁ ପୁଲିସ ଝିରପାଣୀ ନଦୀ ଟୋଲା ଠାରେ ପୁଲିସ ଏନ୍‌କାଉଣ୍ଟର କରି ଆହତ କରିଥିଲା। ବର୍ତ୍ତମାନ ସେ ଦୁହେଁ ରାଉରକେଲା ସରକାରୀ ହସ୍ପିଟାଲରେ ପୁଲିସ ହେପାଜତରେ ଚିକିତ୍ସାଧୀନ ଅଛନ୍ତି। ଏହି ମାମଲାର ତଦନ୍ତକୁ ଆଗକୁ ବଢ଼ାଇ ପୁଲିସ ୨୭ ଜୁନ୍‌ରେ ଆଉ ଜଣେ ସହଅଭିଯୁକ୍ତ ବିଶୁ ଓରଫ ଉମାକାନ୍ତ ହରିପ୍ପାଙ୍କୁ ଗିରଫ କରିଛି। ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସର ତଲାସୀ ଓ ଚଢ଼ଉ ଜାରି ରହିଛି।



ସୃଜନିକା
ସକାଳ
THE SAKALA
www.sakalaepaper.com



# କୋଡ଼ିଏ ବର୍ଷ ପରେ



ମୂଳ ଇଂରାଜୀ: ଓ. ହେନେରୀ

ଅନୁବାଦ: କନକ ମଞ୍ଜରୀ ସାହୁ

ନ୍ୟୁୟର୍କ ସହରର ସେହି ରାସ୍ତାରେ ଜଣେ ପୋଲିସ ଅଫିସର୍ ଖୁବ୍ ଗମ୍ଭୀରତାର ସହ ପାଟ୍ରୋଲିଂ କରୁଥିଲେ । ସେତେବେଳକୁ ରାତି ପ୍ରାୟ ଦଶଟା ହେବ । ଥଣ୍ଡା ପବନ ବହୁଥିଲା ଏବଂ ହାଲୁକା ବର୍ଷା ଯୋଗୁ ରାସ୍ତା ପ୍ରାୟ ଜନଶୂନ୍ୟ ହୋଇଯାଇଥିଲା ।

ଏହି ସମୟରେ ପୋଲିସ ଅଫିସର୍ ଜଣକ ଦେଖିଲେ, ଗୋଟିଏ ବନ୍ଦ ଥିବା ଦୋକାନ ଦୁଆରେ ଜଣେ ଲୋକ ଅନ୍ଧାରରେ ସିଗାରେଟ୍ ଜଳାଇ ଛିଡ଼ା ହୋଇଛି । ଅଫିସର୍ ଜଣକ ତାଙ୍କ ଆଡ଼କୁ ଆଗେଇଲେ । ପୋଲିସକୁ ଦେଖି ସେହି ବ୍ୟକ୍ତି ଜଣକ ତରବର ହୋଇ କହିଲେ, 'ଅଫିସର୍, ଆପଣ ବ୍ୟସ୍ତ ହୁଅନ୍ତୁନି । ମୁଁ ଏଠାରେ ଜଣେ ପୁରୁଣା ବନ୍ଧୁଙ୍କୁ ଅପେକ୍ଷା କରିଛି । ଆଜିକୁ ଠିକ୍ କୋଡ଼ିଏ ବର୍ଷ ତଳେ ଦୁହେଁ ଏହି ଜାଗାରେ ଏକାଠି ବସି ପ୍ରତିଜ୍ଞା କରିଥିଲୁ ଯେ, ଜୀବନରେ ଆମେ ଯେଉଁଠି ଥାଉନା କାହିଁକି, ଆଜିର ଦିନରେ ଏବଂ ଠିକ୍ ଏହି ସମୟରେ ଏଠାରେ ପରସ୍ପରକୁ ଭେଟିବୁ ।"

ଲୋକଟି ତାଙ୍କ ସିଗାରେଟ୍ ନିଆଁ ଆଲୁଅରେ ପୋଲିସକୁ ତାଙ୍କ ଘଣ୍ଟା ଦେଖାଇଲେ । ତାଙ୍କ କଥା ଶୁଣି ପୋଲିସ ଅଫିସର୍ ଜଣକ ଆଗ୍ରହର ସହ ପଚାରିଲେ, "ବେଶ୍ କୌତୁହଳପୂର୍ଣ୍ଣ କଥା! ତେବେ ସେଇ ବନ୍ଧୁ ଜଣକ କିଏ?"

ବ୍ୟକ୍ତି ଜଣକ କହିଲେ, "ତାଙ୍କ ନାଁ ଜିମି ୱେଲ୍ସ । ସେ ମୋ ପିଲାଦିନର ସବୁଠୁ ବିଶ୍ୱସ୍ତ ବନ୍ଧୁ ଥିଲା । ସେଦିନ ଏହି ଜାଗାରେ ଗୋଟିଏ ହୋଟେଲ ଥିଲା, ଯେଉଁଠି ଆମେ ଶେଷ ଥର ପାଇଁ ଏକାଠି ଖାଇଥିଲୁ । ମୁଁ ଭାଗ୍ୟ ଅନ୍ୱେଷଣରେ ପଶ୍ଚିମ ପ୍ରାନ୍ତକୁ ଚାଲିଗଲି ଏବଂ ଜିମି ଏହି ନ୍ୟୁୟର୍କ ସହରରେ ରହିଗଲା । ଆମେ ଭାବିଥିଲୁ କୋଡ଼ିଏ ବର୍ଷ ମଧ୍ୟରେ ଆମେ ଜୀବନରେ ନିଜ ନିଜର ପରିଚୟ ସୃଷ୍ଟି କରିସାରିଥିବୁ ।"

ପୋଲିସ ଅଫିସର୍ ଜଣକ ଲୋକଟିର ଚେହେରାକୁ ଭଲ ଭାବେ ଚାହିଁଲେ । ତାଙ୍କ ଆଖି କୋଣରେ ଏକ ଛୋଟ କ୍ଷତ ଚିହ୍ନ ଥିଲା ଏବଂ ସେ ପିନ୍ଧିଥିବା କୋଟ୍‌ରେ ଏକ ଦାମୀ ହୀରାର ପିନ୍ ଲାଗିଥିଲା । ସେ ପଶ୍ଚିମ ପ୍ରାନ୍ତରେ ଖୁବ୍ ଧନୀ ହୋଇଯାଇଥିବା ଭଳି ଜଣାପଡୁଥିଲେ ।

ଅଫିସର୍ ପଚାରିଲେ, "ତୁମ ବନ୍ଧୁ ଜିମି ଏପର୍ଯ୍ୟନ୍ତ ଆସିନାହାନ୍ତି, ତୁମେ ଆଉ କେତେ ସମୟ ଅପେକ୍ଷା କରିବ?"

ଲୋକଜଣକ ହସି କହିଲେ, "ଅତି କମ୍‌ରେ ମୁଁ ଆଉ ଅଧ ଘଣ୍ଟା ଅପେକ୍ଷା କରିବି । ମୋର ବିଶ୍ୱାସ ଅଛି ଜିମି ଯଦି ଜୀବିତ ଥିବ, ତା'ହେଲେ ସେ ନିଶ୍ଚୟ ଆସିବ ।"

"ଠିକ୍ ଅଛି, ମୁଁ ମୋ' ଡ୍ୟୁଟିରେ ଯାଉଛି । ଆଶା କରେ ଆପଣଙ୍କ ବନ୍ଧୁ ଶୀଘ୍ର ଆସିବେ ।" ଏହା କହି ପୋଲିସ ଅଫିସର୍ ଜଣକ ସେଠାରୁ ଚାଲିଗଲେ ।

ଠିକ୍ କୋଡ଼ିଏ ମିନିଟ୍ ପରେ ଓଭରକୋଟ୍ ପିନ୍ଧିଥିବା ଜଣେ ଟିକେ ମୋଟା ଲୋକ ଦ୍ରୁତ ଗତିରେ ସେହି ଅନ୍ଧାରୁଆ ଦୋକାନ ଆଡ଼କୁ ଆସିଲା । ସେଇ ଲୋକଟି ପାଖକୁ ଆସି ପଚାରିଲା, "ତୁମେ ବବ୍ ନା?"

ସେଇ ପ୍ରଥମ ଲୋକଟି ଆନନ୍ଦରେ ଚିତ୍କାର କରି କହିଲେ, "ଜିମି! ମୁଁ ଜାଣିଥିଲି ତୁ ନିଶ୍ଚୟ ଆସିବୁ ।"

ଦୁଇ ବନ୍ଧୁ ହାତ ମିଳାଇଲେ ଏବଂ ଭାବବିହ୍ୱଳ ହୋଇ କଥା ହେବାକୁ ଲାଗିଲେ । ବବ୍ ପଶ୍ଚିମରେ କେମିତି ସଫଳତା ପାଇଲା, ସେଇ ବିଷୟରେ ବଡ଼ ବଡ଼ କଥା କହିବାକୁ ଲାଗିଲା । ସେମାନେ କଥା ହେଇ ହେଇ ଆଗକୁ ବଢ଼ିଲେ । ରାସ୍ତାର ମୋଡ଼ରେ ଥିବା ଏକ ମେଡିସିନ୍ ଦୋକାନର ଉଜ୍ଜ୍ୱଳ ଆଲୋକ ସେମାନଙ୍କ ଉପରେ ପଡ଼ିଲା ।

ହଠାତ୍ ବବ୍ ଅଟକିଗଲା ଏବଂ ନିଜ ହାତ ଛଡ଼ାଇ ନେଇ କହିଲା, 'ତୁ ଜିମି ନୁହେଁ! କୋଡ଼ିଏ ବର୍ଷରେ ଜଣକର ଉଚ୍ଚତା ବଢ଼ିପାରେ, ହେଲେ ନାକର ଗଢ଼ଣ ବଦଳି ଯାଇପାରେନା ।"

ସେହି ଦ୍ୱିତୀୟ ବ୍ୟକ୍ତି ଜଣକ ଗମ୍ଭୀର ସ୍ୱରରେ କହିଲେ, "କିନ୍ତୁ କୋଡ଼ିଏ ବର୍ଷରେ ଜଣେ ଭଲ ମଣିଷ ଅପରାଧୀ ହୋଇପାରେ, ବବ୍ । ତୁମେ ଚିକାଗୋ ପୋଲିସର ମୋଷ୍ଟ ୱାଣ୍ଟେଡ୍ ଅପରାଧୀ । ତୁମକୁ ଗିରଫ କରୁଛି । ଷ୍ଟେସନ ଯିବା ପୂର୍ବରୁ, ମୋ ପାଖରେ ତୁମ ପାଇଁ ଗୋଟିଏ ଛୋଟ ଚିଠି ଅଛି, ଏହାକୁ ପଢ଼ିନିଅ ।"

ବବ୍ କମ୍ପିତ ହାତରେ ସେଇ କାଗଜଟିକୁ ଖୋଲିଲା । ସେଥିରେ ଲେଖାଥିଲା : "ପ୍ରିୟ ବବ୍, ମୁଁ ଠିକ୍ ସମୟରେ ଆମର ନିର୍ଦ୍ଧାରିତ ସମୟରେ ପହଞ୍ଚିଥିଲି । କିନ୍ତୁ ଯେତେବେଳେ ତୁମେ ସିଗାରେଟ୍ ଜଳାଇଲ, ମୁଁ ଦେଖିଲି ତୁମେ ହେଉଛ ଚିକାଗୋ ପୋଲିସ ଖୋଜୁଥିବା ସେହି ପଳାତକ ଅପରାଧୀ । ମୋର ପିଲାଦିନର ବନ୍ଧୁକୁ ମୁଁ ନିଜ ହାତରେ ଗିରଫ କରିପାରିଲି ନାହିଁ, ତେଣୁ ମୁଁ ଚାଲିଗଲି ଏବଂ ଏହି ସାଧାରଣ ପୋଷାକଧାରୀ ଅଫିସର୍‌ଙ୍କୁ ତୁମ ପାଖକୁ ପଠାଇଲି...ତୁମର ପୁରୁଣା ବନ୍ଧୁ, ଜିମି ।"

ଇବ୍ ଆଖିରେ ଲୁହ ଜକେଇ ଆସିଲା । କର୍ତ୍ତବ୍ୟ ଆଗରେ ବନ୍ଧୁତ୍ୱ ହାରି ଯାଇଥିଲା, କିନ୍ତୁ ଜଣେ ବନ୍ଧୁ ଭାବେ ଜିମି ନିଜର ପ୍ରତିଶ୍ରୁତି ମଧ୍ୟ ରଖିଥିଲା । ■

ଶ୍ରାବଣୀ ରେସିଡେନ୍ସୀ
୧୧୪୪, ଗଡ଼ସାହି, ନୟାପଲ୍ଲୀ
ଭୁବନେଶ୍ୱର-୧୨
ମୋ: ୯୪୩୯୭୫୦୩୭୮

# ଏଇ ଅନ୍ଧାର ଓ ଆଲୁଅର ତନ୍ମୟତା



ମୂଳ ଅସମୀୟା : ସମୀର ତାନ୍ତି

ଅନୁବାଦ : ଶୈଳବାଳା ମହାପାତ୍ର

ସେଇ ଆବରଣ ହୀନ ଦିନମାନଙ୍କ ପଛପଟୁ
କାହାର ଏ ନରମ ଡାକ ?

କିଏ ତୁମେ
ମୋର ହୃଦୟ ଭରିଦିଅ
ତମ ଶୂନ୍ୟତାରେ !

କ'ଣ ଏମିତି ନିମିଷକରେ
ଶେଷ କରିଦିଏ
କାଠଛତୁର ବିନତି

ହାତ ମେଲେଇ ଦିଏ ତ
ଉଡ଼ିଯାଏ ଗୋଟେ ପତ୍ର

ସଂଗୀତ ହୀନ ଆକାଶ
ଟୋପେ ଟୋପେ କରି
ମାଟିରୁ ଶୋଷି ନିଏ
ହଳଦୀ ରଙ୍ଗ

ଧୀରେ ଧୀରେ ମୋ ଭିତରକୁ ପଶିଆସେ
ନୀଳ - ନିଃଶବ୍ଦ ଧୂଆଁ

କିଏ ତୁମେ
ମୋର ହୃଦୟ ଭରିଦିଅ
ତମ ଶୂନ୍ୟତାରେ

ହାତ ମେଲେଇ ଦିଏ ତ
ଉଡ଼ିଯାଏ ଗୋଟେ ପତ୍ର !! ■



# ଚଢ଼େଇମାନେ ପଚାରିଲେ

ଚଢ଼େଇମାନେ ପଚାରିଲେ :
ଯିବ ନା
ଯିବ ନା ତୁମେ !
ଫଳଟିଏ ପାଚି
ତୁମକୁ ଚାହିଁ ରହିଛି !

ପାଗଳ ପବନ
କାହାକୁ ଖୋଜି କୋଉଠିକୁ ଯାଏ !
ନିଜେ ଇ ଜାଣେନା ।

ଫଳଟିଏ ପାଚି
ତୁମକୁ ଚାହିଁ ରହିଛି

ଯିବ ନା
ଯିବ ନା ତୁମେ !?

ବହୁଦୂର ଛୋଟ ନଈଟିରେ
ମାଛମାନେ ଆନନ୍ଦରେ ଖେଳୁଛନ୍ତି

ଖିଆଲି ଖରା
କୁଆଡ଼େ ଚାହିଁ କ'ଣ ଯେ ଭାବେ !
ନିଜେ ଇ ଜାଣେନା

ଦୂର ନଈଟିରେ ମାଛମାନେ
ଆନନ୍ଦରେ ଖେଳୁଛନ୍ତି

କହ !
ଯିବ ନା
ଯିବ ନା ତୁମେ
ଶୋକ ସନ୍ଧ୍ୟା
ନିଜକୁ ପାଶୋରି !! ■

ପୁରୀ
ମୋ: ୭୦୦୮୫୮୭୫୦୧


# ଇଂରାଜୀ ସାହିତ୍ୟରେ ମାନବେତର ଚରିତ୍ର



ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର

ପଶୁ ଓ ମଣିଷର ସଂପର୍କ କେବଳ ସହାବସ୍ଥାନର କାହାଣୀ ନୁହେଁ । ଏହା ହେଉଛି ପ୍ରେମ, ଭରସା, ନିଷ୍ଠା ଓ ନୈତିକତାର ଅନନ୍ୟ ବନ୍ଧନ। ଯେତେବେଳେ ନିଜର ସ୍ୱାର୍ଥ, ଲୋଭ ଓ ଅହଂକାରରେ ବଶୀଭୂତ ହୁଏ ମଣିଷ, ସେତେବେଳେ ସରଳତା, ନିଷ୍କପଟତା ଓ ଆତ୍ମତ୍ୟାଗର ପ୍ରତୀକ ହୋଇ ଉଭା ହୋଇଥାନ୍ତି ପଶୁମାନେ । ତେଣୁ ଅନେକ ସମୟରେ ମଣିଷଠାରେ ପଶୁ ପ୍ରବୃତ୍ତି ଦେଖାଦେଉଥିବା ବେଳେ ପଶୁର ମଣିଷପଣିଆ ଆଶ୍ଚର୍ଯ୍ୟ ସୃଷ୍ଟି କରିଥାଏ। ଏହି ନୈତିକତାର ଦ୍ୱନ୍ଦ୍ୱ ସାହିତ୍ୟରେ ପ୍ରତିଫଳିତ ହୋଇ ସମାଜରେ ଆଲୋଡ଼ନ ସୃଷ୍ଟି କରିଥାଏ । ପ୍ରାଚୀନରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ସାହିତ୍ୟରେ ମାନବେତର ଜୀବଙ୍କ ଚିତ୍ର ଓ ଚରିତ୍ର ଅତି ମାର୍ମିକ ଭାବେ ବର୍ଣ୍ଣନା କରାଯାଇଛି । ଓଡ଼ିଆ ସାହିତ୍ୟଠାରୁ ଆରମ୍ଭ କରି ବିଭିନ୍ନ ଭାରତୀୟ ଭାଷାର ସାହିତ୍ୟରେ ମଧ୍ୟ ମାନବେତର ଜୀବଙ୍କୁ ନେଇ ମାର୍ମିକ ସାହିତ୍ୟ ସୃଷ୍ଟି ହୋଇଛି । ସେହିପରି ଇଂରାଜୀ ସାହିତ୍ୟରେ ମାନବେତର ଜୀବଙ୍କୁ ନେଇ ଅନେକ ଚମତ୍କାର କବିତା, ଗପ, ଉପନ୍ୟାସ ରଚନା କରାଯାଇଛି ।

ପଶୁ ଚରିତ୍ର ମାଧ୍ୟମରେ ମଣିଷକୁ ନୀତି, ସାମାଜିକ ମୂଲ୍ୟବୋଧ ଓ ଜୀବନ ଶିକ୍ଷା ଦେବାର ପରମ୍ପରା ବିଶ୍ୱ ସାହିତ୍ୟରେ ଅତ୍ୟନ୍ତ ପ୍ରାଚୀନ ଅଟେ । ରାମାୟଣରେ ଜଟାୟୁଙ୍କ ତ୍ୟାଗ, ହନୁମାନଙ୍କ ଅତୁଳନୀୟ ଭକ୍ତି, ଜଙ୍ଗଲରେ ସୀତା ଶବରୀ ଆଦିଙ୍କୁ ପଶୁ-ପକ୍ଷୀଙ୍କ ସମବେଦନା ମଣିଷକୁ ଧର୍ମ, କର୍ତ୍ତବ୍ୟ ଓ ନିଷ୍ଠାର ଶିକ୍ଷା ଦେଇଥାଏ । ଭାରତୀୟ ସାହିତ୍ୟରେ ପଞ୍ଚତନ୍ତ୍ର, ହିତୋପଦେଶ ଆଦି ମଣିଷ ହୃଦୟରେ ବିବର୍ତ୍ତନ ଆଣିଥାଏ। ଇଂରାଜୀ ସାହିତ୍ୟରେ ଏହି ପ୍ରତିଫଳନ ସାରା ବିଶ୍ୱକୁ ଆନ୍ଦୋଳିତ କରିଛି। ରୁଡୟାର୍ଡ କିପଲିଙ୍ଗଙ୍କ 'ଦି ଜଙ୍ଗଲ ବୁକ୍'ରେ ଜଙ୍ଗଲର ପଶୁମାନେ ମଣିଷଠାରୁ ଅଧିକ ନୈତିକତା, ଶୃଙ୍ଖଳା ଓ ସହଯୋଗିତା ଦେଖାଇଥାନ୍ତି। ଇଂରାଜୀ ଲେଖକ ଓସ୍କାର ୱାଇଲଡ୍‌ଙ୍କ ବହୁ ଚର୍ଚ୍ଚିତ ଗପ ହେଉଛି 'ଦି ନାଇଟିଙ୍ଗେଲ୍ ଏଣ୍ଡ ଦି ରୋଜ୍'। ପ୍ରେମିକାକୁ ଲାଲ ଗୋଲାପ ଦେବା ପାଇଁ ଅସମର୍ଥ ହୋଇ ଯୁବଛାତ୍ର ଭାଙ୍ଗି ପଡ଼ିଛି। କେବଳ ପ୍ରେମର ରକ୍ଷା ପାଇଁ ବୁଲବୁଲ ପକ୍ଷୀ ଗୋଲାପ କଣ୍ଟାରେ ନିଜ ଛାତିର ରକ୍ତ ବୁହାଇ ଶୀତ ଦିନର ଧଳା ଗୋଲାପକୁ ଲାଲ କରିଛି। ଗଛତଳେ ପଡ଼ିଥିବା ବୁଲବୁଲର ମୃତଦେହକୁ ଦୃଷ୍ଟି ମଧ୍ୟ ନ ଦେଇ ଯୁବକ ଲାଲ ଗୋଲାପ ନେଇ ପ୍ରେମିକା ପାଖରେ ପହଞ୍ଚିବା ପରେ ପ୍ରେମିକା ଫୁଲଠାରୁ ରତ୍ନର ମୂଲ୍ୟ ଅଧିକ ବୋଲି ପ୍ରେମକୁ ପ୍ରତ୍ୟାଖ୍ୟାନ କରିଛି। ଏଠାରେ ପକ୍ଷୀର ତ୍ୟାଗ ମଣିଷର ସ୍ୱାର୍ଥପରତାଠାରୁ କେତେ ମହାନ, ଏହି କଥାବସ୍ତୁକୁ ମାର୍ମିକ ଭାବରେ ଲେଖକ ଚିତ୍ରିତ କରିଛନ୍ତି।




ଜର୍ଜ ଓରୱେଲ୍‌ଙ୍କ ପ୍ରସିଦ୍ଧ ଉପନ୍ୟାସ 'ଆନିମଲ୍ ଫାର୍ମ'ରେ ପଶୁମାନେ ମଣିଷ ମାଲିକଙ୍କ ବିରୁଦ୍ଧରେ ବିଦ୍ରୋହ କରି ସମାନତା ଭିତ୍ତିକ ସମାଜ ଗଢ଼ିବାକୁ ଚାହିଁଛନ୍ତି। କିନ୍ତୁ କ୍ଷମତା ପାଇବା ପରେ ପଶୁ ମାଲିକ ଅଧିକ କ୍ଷମତା ଉପଭୋଗ କରିଛି। ସମାନତା ନାମରେ ସୃଷ୍ଟି ହୋଇଥିବା ଅସମାନତା ଓ ଶୋଷଣ ଯୋଗୁଁ ପଶୁମାନଙ୍କ ଅବସ୍ଥା ଆହୁରି ଖରାପ ହୋଇଛି। ତେଣୁ ଏହା କେବଳ ପଶୁମାନଙ୍କ କାହାଣୀ ନୁହେଁ, ଏହା ଏକ ଗଭୀର ରାଜନୈତିକ ରୂପକ। କ୍ଷମତାର ଦୁରୁପଯୋଗ କରୁଥିବା ମଣିଷ ହୃଦୟରେ କିଭଳି ଭାବରେ ପଶୁ ପ୍ରବୃତ୍ତି ଜାଗ୍ରତ ହୋଇଥାଏ, ଏଭଳି ପ୍ରତୀକଧର୍ମୀ ବାର୍ତ୍ତା ଉପନ୍ୟାସର ଅସଲ ଦିଗ ଅଟେ । ଗୋପ ରଞ୍ଜନ ମିଶ୍ରଙ୍କ କବିତା 'ଫିସିଂ' ସରଳ କିନ୍ତୁ ଏହାର ଗଭୀର ଅର୍ଥ ରହିଛି। ଘରେ ମାଛ ତରକାରୀର ଦୃଢ଼ ପ୍ରତିଶ୍ରୁତି ଦେଇ ମାଛ ଧରିବାକୁ ଯାଇଥିବା କବିତାର ଲେଖକ ବହୁ ସମୟ ଅପେକ୍ଷା କରି ନିରାଶ ହେବା ପରେ ଶେଷରେ ବହୁ କଷ୍ଟରେ ଗୋଟିଏ ବଡ଼ ମାଛ ଧରିଛନ୍ତି। ସେ ଅତ୍ୟଧିକ ଖୁସି ଅନୁଭବ କରିଛନ୍ତି। କିନ୍ତୁ ଛଟପଟ ମାଛର ଓଠ ଓ ଆଖିରୁ ବଞ୍ଚିବାର ବ୍ୟାକୁଳତା ଅନୁଭବ କରିଛନ୍ତି । ସତେ ଯେମିତି ମୁକ୍ତ କରି ପୁଣି ପାଣିରେ ଛାଡ଼ି ଦେବାର ଆକୁଳ ନିବେଦନ କରୁଛି ଅସହାୟ ମାଛ । ମାଛଧରାଳିଙ୍କ ହୃଦୟରେ ବିରାଟ ପରିବର୍ତ୍ତନ ଆସିଛି। ମାଛକୁ ଛାଡ଼ି ଦେଇ ଖାଲି ହାତରେ ଫେରୁଥିବା ଲେଖକ ପୂର୍ବାପେକ୍ଷା ଅଧିକ ଖୁସି ଅନୁଭବ କରିଛନ୍ତି। ପଶୁର ନିରବ ବେଦନା ମଣିଷର ବିବେକକୁ ଜାଗ୍ରତ କରିଛି । ମଣିଷ ତା'ର ଶକ୍ତି ଦ୍ୱରା ନୁହେଁ, ଦୁର୍ବଳ ଓ ନିର୍ବାକ ପ୍ରାଣୀମାନଙ୍କ ପ୍ରତି ତା'ର ବ୍ୟବହାର ଦ୍ୱରା ମହାନ ହୋଇଥାଏ ବୋଲି ଆନ୍ନା ସେୱଲ ଘୋଡ଼ାଟିଏର ଆତ୍ମଜୀବନୀ ମୂଳକ ଉପନ୍ୟାସ 'ବ୍ଲାକ୍ ବ୍ୟୁଟି' ମାଧ୍ୟମରେ ବାର୍ତ୍ତା ଦେଇଛନ୍ତି। ଚିଡ଼ିଆଖାନାର ଜଞ୍ଜିରରେ ବନ୍ଧା ଜାଗୁଆର ମଧ୍ୟ ସ୍ୱାଭିମାନ ପାଇଁ ସ୍ୱାଧୀନ ଅଟେ ବୋଲି ପ୍ରସିଦ୍ଧ କବି ଟେଡ୍ ହ୍ୟୁଜେସ୍ ତାଙ୍କ 'ଦି ଜାଗୁଆର' କବିତାରେ ଦର୍ଶାଇଛନ୍ତି । ମଣିଷ ସମାଜର ଜଟିଳତା ଓ ମିଥ୍ୟାଚାରରେ ବିରକ୍ତ ହୋଇ ପଶୁମାନଙ୍କ ଗହଣରେ ରହିବାକୁ ଇଚ୍ଛା କରୁଥିବାର କଥା କବି ୱାଲ୍‌ଟ ହ୍ୱାଇଟମ୍ୟାନ୍ ତାଙ୍କ 'ଆନିମଲ୍' କବିତାରେ କହିଛନ୍ତି ।

ପ୍ରସଙ୍ଗ ପର୍ଯ୍ୟବସିତ ଏକ କାହାଣୀ ଏମିତି ଯେ- ବାଘ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଗଛ ଉପରକୁ ଚଢ଼ିଛି ମଣିଷ । କିନ୍ତୁ ସେହି ମଣିଷକୁ ତଳେ ପକାଇବା ପାଇଁ ଗଛରେ ଆଶ୍ରୟ ନେଇଥିବା ଭାଲୁକୁ ତାଗିଦ କରିଛି ବାଘ। ଅତିଥି ଦେବୋ ଭବଃ ନ୍ୟାୟରେ ଭାଲୁ ମନା କରିଛି। କିଛି ସମୟ ପରେ ଶୋଇଯାଇଥିବା ଭାଲୁକୁ ପକାଇବାକୁ ମଣିଷକୁ ପ୍ରଲୋଭିତ କରିଛି ବାଘ । ମଣିଷ ଭାଲୁକୁ ଠେଲିବାକୁ ଉଦ୍ୟମ କରୁଥିବା ବେଳେ ଭାଲୁ ଗଛ ଡାଳରେ ଲାଖି ରହି କହିଛି- "ଯେଉଁଠି ମଣିଷ ଥାଆନ୍ତି, ସେଠି ଆମ ପଶୁମାନଙ୍କୁ ସହଜରେ ନିଦ ହୁଏ ନାହିଁ ।" ତେଣୁ ଏଭଳି ସ୍ଥିତିରେ ଆଜିର ମଣିଷ ସମାଜ ।


ପଶୁମାନଙ୍କ କାହାଣୀ ମଣିଷର କାହାଣୀ ଅଟେ। ସେମାନଙ୍କ ଆଚରଣରେ ମଣିଷ ନିଜ ଗୁଣ, ଦୋଷ ଓ କର୍ତ୍ତବ୍ୟକୁ ଚିହ୍ନିବା ଶିଖିଥାଏ। ପଶୁ ଓ ମଣିଷର ସଂପର୍କ ସାହିତ୍ୟରେ ସ୍ନେହ, ବିଶ୍ୱାସ, ତ୍ୟାଗ ଓ କରୁଣାର ଚିରନ୍ତନ ସେତୁ । ଏହା ମଣିଷକୁ ଅଧିକ ମଣିଷ କରିବା ପାଇଁ ତ୍ୱରାନ୍ୱିତ କରିଥାଏ। ଆଜିର ସମାଜରେ ପରିବେଶ ଧ୍ୱଂସ, ପଶୁ ନିର୍ଯାତନା, ଯୁଦ୍ଧ, ହିଂସା ଓ ସ୍ୱାର୍ଥପରତା ବୃଦ୍ଧି ପାଉଥିବା ବେଳେ ନୈତିକତା ବୃଦ୍ଧି ପାଇଁ ଏଭଳି ସାହିତ୍ୟର ପ୍ରାସଙ୍ଗିକତା ଅପରିହାର୍ଯ୍ୟ ଅଟେ। ଯେହେତୁ ପଶୁମାନେ ଅନେକ ସମୟରେ ମଣିଷର ହୃଦୟରେ ଲୁଚିଥିବା ମାନବିକତାକୁ ଜାଗ୍ରତ କରିଥାନ୍ତି। ସେଥିପାଇଁ ସାହିତ୍ୟରେ ମାନବେତର ଜୀବ କେବଳ ଚରିତ୍ର ନୁହେଁ, ସେମାନେ ମଣିଷର ନୈତିକ ବିକାଶର ସହଯାତ୍ରୀ । ■

ତାଲପଦର, ବରଗଡ଼
ମୋ: ୯୯୩୮୨୭୭୬୩୫

## ପୁସ୍ତକ ପରିଚୟ

### ଖୋଳପା

ଗଂଗାଧର ବିଶ୍ୱାଳ





ଅଲଟ୍ରା ଇମ୍ପ୍ରେସନ୍
ସୂତାହାଟ, କଟକ
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୬୪ ଟଙ୍କା

ଅନେକ ମଣିଷ ଏକ ଖୋଳପା ଭିତରେ ଜୀବନ ବଞ୍ଚନ୍ତି । ସେମାନେ ବାହାରକୁ ଦେଖିବାକୁ ଯେମିତି ଭିତରେ ସେମିତି ନୁହଁନ୍ତି । ଏଭଳି ଏକ ଚିରନ୍ତନ ସତ୍ୟକୁ ନେଇ ଗଂଗାଧର ବିଶ୍ୱାଳଙ୍କ 'ଖୋଳପା' ଉପନ୍ୟାସ ରଚିତ । ଅସ୍‌ଗର୍ ଅଲ୍ଲୀରୁ ବିନୋଦ ପାଲଟିଥିବା ଜଣେ ମୁସଲମାନ ଯୁବକର ପ୍ରେମ, ବିଶ୍ୱାସ ଓ ପ୍ରତାରଣାକୁ ନେଇ ଏହି ଉପନ୍ୟାସର କାହାଣୀ ଆଧାରିତ । ପ୍ରଥମେ ବିନୋଦ ନିଜର ଅସଲ ପରିଚୟ, ଜାତି ଓ ନାଁ ବଦଳାଇ ବିନୀତା ବା ବିନି ନାମ୍ନୀ ଜଣେ ଛାତ୍ରୀ ଓ ତା'ର ମା' ମନରେ ବିଶ୍ୱାସ ସୃଷ୍ଟି କରିବାରେ ସଫଳ ହୋଇଛି । ପରବର୍ତ୍ତୀ ସମୟରେ ସେମାନଙ୍କର ଅସହାୟତାର ସୁଯୋଗ ନେଇ ସହଯୋଗର ହାତ ବଢ଼ାଇଛି । ତେବେ ଶେଷରେ ସେମାନଙ୍କର ବିଶ୍ୱାସରେ ବିଷ ଦେଇଛି । ବିନି ଓ ବିନୋଦ ପରସ୍ପରକୁ ପ୍ରେମ କରି ଘରୁ ପଳାଇ ଯାଇଛନ୍ତି । ପ୍ରେମ, ବିଶ୍ୱାସ ଓ ପ୍ରତାରଣାର ଏକ ମନଛୁଆଁ ଉପନ୍ୟାସ 'ଖୋଳପା' । ଏହି ଉପନ୍ୟାସ କାହାଣୀ, ଉପସ୍ଥାପନା ଶୈଳୀ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ଶ୍ରୀଲଙ୍କାରେ ସାତରାତି

ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟ





ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ନେଳିଆବାଗ, ବାଲେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

ଅନେକ ଲେଖକ ଭ୍ରମଣ ପ୍ରିୟ ଥାଆନ୍ତି । ବିଭିନ୍ନ ଦେଶ ଭ୍ରମଣ କରି ପରବର୍ତ୍ତୀ ସମୟରେ ସେଇ ଅନୁଭୂତିକୁ ଲେଖି ପୁସ୍ତକାକାରରେ ପ୍ରକାଶିତ କରିଥାନ୍ତି । ସେଭଳି ଜଣେ ଭ୍ରମଣ ପ୍ରିୟ ଲେଖକ ହେଉଛନ୍ତି ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟ । ଡକ୍ଟର ଆଚାର୍ଯ୍ୟଙ୍କ ଶ୍ରୀଲଙ୍କା ଭ୍ରମଣ ଅନୁଭୂତିକୁ ନେଇ ପ୍ରକାଶ ପାଇଛି 'ଶ୍ରୀଲଙ୍କାରେ ସାତରାତି' ପୁସ୍ତକ । ଏହି ପୁସ୍ତକରେ ପାଞ୍ଚୋଟି ଅଧ୍ୟାୟ ରହିଛି । ପ୍ରତିଟି ଅଧ୍ୟାୟରେ ନିଜ ଭ୍ରମଣ ଜିଜ୍ଞାସା, ଅନୁଭୂତି, ଅନୁଭବକୁ ଅତି ଚମତ୍କାର ଭାବେ ଲେଖକ ବର୍ଣ୍ଣନା କରିଛନ୍ତି । 'ଭ୍ରମଣ ଜିଜ୍ଞାସା', 'ଶ୍ରୀଲଙ୍କା ସଂପର୍କୀୟ କିଛି ତଥ୍ୟ', 'ଶ୍ରୀଲଙ୍କା ଭ୍ରମଣର ପ୍ରସ୍ତୁତି', 'ଶ୍ରୀଲଙ୍କା ରହଣିକାଳର ସ୍ମୃତି ଅନୁଭୂତି', 'ଶ୍ରୀଲଙ୍କା ପ୍ରତ୍ୟାବର୍ତ୍ତନର ଆବେଗାନୁଭବ' ଆଦି ପ୍ରସଙ୍ଗଗୁଡ଼ିକ ମନଛୁଆଁ ହୋଇଛି । ଲେଖକ ଶ୍ରୀଲଙ୍କା ଭ୍ରମଣ ପାଇଁ ପ୍ରସ୍ତୁତିଠାରୁ ଆରମ୍ଭ କରି ଓଡ଼ିଶାକୁ ପ୍ରତ୍ୟାବର୍ତ୍ତନ କରିବା ପର୍ଯ୍ୟନ୍ତ ବିରଳ ଅନୁଭୂତି ଲିପିବଦ୍ଧ କରିଛନ୍ତି । ଏହି ପୁସ୍ତକରେ କେବଳ ଭ୍ରମଣ ଅନୁଭୂତି ନୁହେଁ, ଶ୍ରୀଲଙ୍କାର ଇତିହାସ, ଭୌଗୋଳିକ ସ୍ଥିତି, ଭାଷା, ସଂସ୍କୃତି, ପରମ୍ପରା, ଚାଲିଚଳଣି, ଦର୍ଶନୀୟ ସ୍ଥାନ ଆଦି ସଂପର୍କରେ ବର୍ଣ୍ଣନା କରାଯାଇଛି । ■

### ଫୁଲ ହୋଇ ଫୁଟିବି

କୁମୁଦିନୀ ଘି



ନୂଆପଡ଼ା, ହିଞ୍ଜିଳିବାହାଲି
କଳାହାଣ୍ଡି
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୨୦୦ ଟଙ୍କା

"ମା' ଗୋ ଇଷ୍ଟଦେବୀ ଲଙ୍କେଶ୍ୱରୀ ମା'ଗୋ/ ମୋ ଦେଶ ମୋ ଗାଁ ଘଣ୍ଟ ଘୋଡ଼େଇ ଥା' ଗୋ/ ଡାକୁଚି ଆକୁଳ ମନେ/ ଦରଶନ ଦେବୁ ମାଗୋ ବିପଦେ ବିଜନେ ।" (ମା' ଗୋ ଲଙ୍କେଶ୍ୱରୀ) ଦେଶକୁ, ମଣିଷ ସମାଜକୁ ସର୍ବଦା ବିପଦରୁ ଉଦ୍ଧାର କରିବା ନିମନ୍ତେ ଇଷ୍ଟ ଦେବୀଙ୍କଠାରେ ପ୍ରାର୍ଥନା କରେ ଅଷ୍ଟମ ଶ୍ରେଣୀର କୁନି ଝିଅଟିଏ । ଏଭଳି ଅନେକ ଭକ୍ତିରସାଶ୍ରିତ କବିତା ସଂକଳିତ ହୋଇଛି କୁମୁଦିନୀ ଘିଙ୍କ 'ଫୁଲ ହୋଇ ଫୁଟିବି' ପୁସ୍ତକରେ । ଏହି ପୁସ୍ତକର 'ହେ କରୁଣା ସାଗର', 'ଜୟ ମା' ମାଣିକେଶ୍ୱରୀ', 'ମା' ଗୋ ଲଙ୍କେଶ୍ୱରୀ', 'ହେ ଗଜାନନ ବିଘ୍ନ ବିନାଶନ', 'ସରସ୍ୱତୀ ବନ୍ଦନା', 'ଅଗଷ୍ଟ ପନ୍ଦର', 'ପ୍ରକୃତି ପ୍ରେମରେ', 'ଗାଁରେ ସକାଳ', 'ପରିବେଶ ସୁରକ୍ଷା', ନୂଆଁଖାଇ, 'ଦୀପାବଳି' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି । ଇଷ୍ଟ ଦେବଦେବୀଙ୍କ ପ୍ରତି ଭକ୍ତି ଭାବନା, ଦେଶପ୍ରୀତି, ପ୍ରାକୃତିକ ସୌନ୍ଦର୍ଯ୍ୟ, ପର୍ବପର୍ବାଣି, ମଣିଷ ଜୀବନର ସୁଖଦୁଃଖକୁ ନେଇ ରଚିତ କବିତାଗୁଡ଼ିକ ଆକର୍ଷଣୀୟ ହୋଇଛି । କବିତାଗୁଡ଼ିକର ଭାବ, ଭାଷା, ଶବ୍ଦ ବିନ୍ୟାସ, ଉପସ୍ଥାପନା ଶୈଳୀ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

# ଏସ୍‌ସିବିରୁ ରୋଗୀ ନିଖୋଜ

କଟକ,୨୭ ।୬(ସମିସ): ଏସ୍‌ସିବି ମେଡିକାଲର ସୁପରସ୍ପେସାଲିଟି ବହିର୍ବିଭାଗରୁ ଜଣେ ରୋଗୀ ନିଖୋଜ ହୋଇଯାଇଥିବାବେଳେ ତାଙ୍କ ପତ୍ନୀ ମଙ୍ଗଳାବାଗ ଥାନାରେ ଏତଲା ଦେଇଛନ୍ତି । ନିଖୋଜ ରୋଗୀ ଜଣକ ହେଉଛନ୍ତି, ବାରିପଦା ଅଞ୍ଚଳର ଚନ୍ଦ୍ରକାନ୍ତ ମହାନ୍ତି(୫୬) । ଗତ ୨୩ ତାରିଖରେ ନେଫ୍ରୋଲୋଜି ବିଭାଗର

## ପତ୍ନୀଙ୍କ ଏତଲାରେ ପୁଲିସ ତଦନ୍ତ ଆରମ୍ଭ

ଡାକ୍ତରଙ୍କୁ ଦେଖାଇବାକୁ ଆସିଥିବା ବେଳେ ଉକ୍ତ ବିଭାଗ ବହିର୍ବିଭାଗରେ ଅପେକ୍ଷା କରିଥିଲେ । କିଛି ସମୟ ଡାକ୍ତରଙ୍କୁ ଅପେକ୍ଷା କରି ବସି ରହିବା ପରେ ସେଠାରୁ କେଉଁ ଆଡେ ନିଖୋଜ ହୋଇଯାଇଥିବା ଜଣାପଡ଼ିଛି । ଏନେଇ ତାଙ୍କ ପତ୍ନୀ ସ୍ମୃତିସ୍ନିଗ୍ଧା ସାହୁ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ସୂଚନା ମୁତାବକ, ଚନ୍ଦ୍ରକାନ୍ତଙ୍କ ମାନସିକ ସ୍ଥିତି ଠିକ୍ ନଥିବାରୁ ସେ ଗତ ୧୯ ତାରିଖରେ ଏସ୍‌ସିବି ମାନସିକ ବିଭାଗରେ ଭର୍ତ୍ତି ହୋଇଥିଲେ । ସେଠାକାର ଡାକ୍ତର ତାଙ୍କର କିଡ଼ନୀଜନିତ ସମସ୍ୟା ଥିବା ଆଶଙ୍କା କରି ନେଫ୍ରୋଲୋଜି ବିଭାଗର ଡାକ୍ତରଙ୍କ ପରାମର୍ଶ ନେବାକୁ କହିଥିଲେ । ଏହାପରେ ଚନ୍ଦ୍ରକାନ୍ତଙ୍କୁ ତାଙ୍କ ପତ୍ନୀ ନେଫ୍ରୋଲୋଜିବିଭାଗର ବହିର୍ବିଭାଗକୁ ଆଣିଥିଲେ । ତାଙ୍କୁ ଭୋକ କରୁଥିବା ସେ କହିବାରୁ ପତ୍ନୀ କହିଥିଲେ ଯେ ପ୍ରଥମେ ଡାକ୍ତର ଚେକଅପ୍ କରି ଦିଅନ୍ତୁ, ତା'ପରେ ଖାଇବ । ଡାକ୍ତର ଦେଖି ସାରିବା ପରେ ପତ୍ନୀ ଖାଇବା ଆଣିବାକୁ ମେଡିକାଲ୍ ବାହାରକୁ ଯାଇଥିଲେ । ଏହାରି ଭିତରେ ଚନ୍ଦ୍ରକାନ୍ତ କେଉଁ ଆଡେ ପଳାଇଥିଲେ । ପତ୍ନୀ ଆସି ସେଠାରେ ଖୋଜିବା ପରେ ତାଙ୍କୁ ପାଇ ନଥିଲେ । ଶେଷରେ ଥାନାରେ ଏତଲା ଦେଇଥିଲେ । ପୁଲିସ ସ୍ଥାନୀୟ ଅଞ୍ଚଳର ସିସି କ୍ୟାମେରା ଫୁଟେଜ୍ ଓ ଏସ୍‌ସିବି ପରିସର ସିସି କ୍ୟାମେରା ଫୁଟେଜ୍ ଆଣି ଯାଞ୍ଚ କରୁଥିବା ଜଣାପଡ଼ିଛି ।

**କାରଖାନାରେ ଗ୍ୟାସ୍ ଲିକ୍ ଦୁର୍ଘଟଣା**

# ତାମିଲନାଡୁରୁ କେନ୍ଦୁଝର ଫେରିଲେ ୫୮ ଶ୍ରମିକ

କେନ୍ଦୁଝର/ତେଲକୋଇ,୨୭।୬(ସମିସ): ତାମିଲନାଡୁ ଗ୍ୟାସ ଲିକ ଦୁର୍ଘଟଣାରେ କେନ୍ଦୁଝର ଜିଲ୍ଲାର ୧୨ ଜଣ ନିରୀହ ଶ୍ରମିକଙ୍କ ଜୀବନ ଯାଇଛି । ଏହି ଘଟଣାରେ ଏବେବି ଆଉ ଦୁଇଜଣ ଗୁରୁତର ଥିବା ସୂଚନା ରହିଛି । ଏଭଳି ସ୍ଥିତିରେ ସେଠାରେ କାମ କରୁଥିବା ଆଉ ୫୮ ଜଣଙ୍କୁ ପ୍ରଶାସନ ଆଜି ଫେରାଇ ଆଣିବାରେ ସଫଳ ହୋଇଥିବା ଜଣାପଡ଼ିଛି । ତାମିଲନାଡୁର ତିରୁଭାଲୁର ଜିଲ୍ଲାରେ ଥିବା ସେଣ୍ଟ ପିଟର୍ସ ଆଣ୍ଡ ପଲ୍ ସି ଫୁଡ୍ ଏକ୍ସପୋର୍ଟସ ପ୍ରାଇଭେଟ ଲିମିଟେଡ କମ୍ପାନୀରେ କେନ୍ଦୁଝର ଜିଲ୍ଲାରୁ ଯାଇ ୭୦ ଅଧିକ କାମ କରୁଥିଲେ । କାମ କରୁଥିବା ସମୟରେ କାରଖାନାର ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ସେମାନଙ୍କ ମଧ୍ୟରୁ ପ୍ରଥମେ ମୃତ ୫ ଜଣଙ୍କ ମଧ୍ୟରେ ସଦର ଥାନା ଅନ୍ତର୍ଗତ କୋଡିପଶା ଗ୍ରାମର ଫୁଲମଣୀ ଜୁଆଙ୍ଗ, କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅନ୍ତର୍ଗତ ଦୁବନାଳୀଟାଙ୍ଗିରୀ ଗ୍ରାମର ଶିବାନୀ ଜୁଆଙ୍ଗ, ତେଲକୋଇ ଥାନା ଦୁବନାଳୀ ଟାଙ୍ଗିରୀ ଗ୍ରାମର ଗୀତା ଜୁଆଙ୍ଗ, ତେଲକୋଇ ଥାନା ରଙ୍ଗାମାଟିଆ ଗ୍ରାମର ଗୁମନୀ ଜୁଆଙ୍ଗ ଓ ସଦର ଥାନା ଅନ୍ତର୍ଗତ ତଳଚମ୍ପେଇ ଗ୍ରାମର ଚମ୍ପାବତୀ ଜୁଆଙ୍ଗ ମୃତ୍ୟୁ ବରଣ କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ପୁଣି କେନ୍ଦୁଝର ଟାଉନ ଥାନା କୋଡିପଶା ଗ୍ରାମର ସୃଜନୀ ଜୁଆଙ୍ଗ, ତେଲକୋଇ ଥାନା ରଙ୍ଗାମାଟିଆ ଗ୍ରାମର ଯାମିନୀ ଜୁଆଙ୍ଗ ପ୍ରମୁଖଙ୍କର ମୃତ୍ୟୁ ହୋଇଥିଲା । ପୁଣି ଚିକିତ୍ସାଧୀନ ଅବସ୍ଥାରେ ହରିଚନ୍ଦନପୁର ବ୍ଲକ କନ୍ତଲା ବାଲିସାହିର ସୁବାଶୀ ଯୁଆଙ୍ଗଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ସେହିପରି ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ତେଲକୋଇ ଥାନା ଟାଙ୍ଗୀରି ଗାଁର ରୀତା ଜୁଆଙ୍ଗଙ୍କର ମୃତ୍ୟୁ ହୋଇଥିବା ବେଳେ ପରେ ଦୁଇଜଣ ତେଲକୋଇ ଥାନା ପିତାନାଳୀ ଗାଁର ସୁମିତ୍ରା ଜୁଆଙ୍ଗ ଏବଂ ଗୋନାସୀକା ନିକଟସ୍ଥ ଗୋଲିଆବନ୍ଧ ରାଇଡିହାର ଦୀପାଞ୍ଜଳି ଜୁଆଙ୍ଗଙ୍କର ମୃତ୍ୟୁ

## ଶବ ହୋଇ ଫେରିଥିଲେ ୧୨, ଏବେ ବି ୨ ଗୁରୁତର

ହୋଇଥିବା ଜିଲ୍ଲା ଶ୍ରମ ଅଧିକାରୀ ସୂଚନା ଦେଇଥିଲେ ।

ଇତିମଧ୍ୟରେ ଘରକୁ ଫେରିଥିବା ଲୋକମାନଙ୍କ ମଧ୍ୟରେ ଜିଲ୍ଲାର ବାଂଶପାଳ ବ୍ଲକ ତଳଚମ୍ପେଇ ଗ୍ରାମର ୧ ଜଣ, କୋଡିପସାର ୧୪ ଜଣ, ବରାହଗଡର ୬ ଜଣ, ଗୋନାସୀକାର ୬ ଜଣ, କାଞ୍ଜିପାଣିର ୧ ଜଣ, ଖୁଡିପଶାର ୧ ଜଣ, କୋଡିପଶାର ୨ ଜଣ, ଥିବାବେଳେ ହରିଚନ୍ଦନପୁର ବ୍ଲକର ସୁନାପେଣ୍ଠର ୩ ଜଣ, ବାରେଇଗଡା, ଗୁଡାକମଣ, ହୁଣ୍ଡା, ମୌନଗୋଡ଼ା, ପୀଠଗଡା, ପିଠାଗୋଳା, ଟେଣ୍ଟଲାପଶି ଗ୍ରାମର ଜଣେ ଲେଖାଏଁ, ତେଲକୋଇ ବ୍ଲକର ତାଳପଦାରୁ ୧୧ ଜଣ, ବିମଳାରୁ ଜଣେ, ଓରିଆରୁ ଜଣେ, ଶିବନାରାୟଣପୁରଗୋଡ଼ାରୁ ଜଣେ, ତାଳଦାରୁ ଜଣେ ଏବଂ ଘଟଗାଁ ବ୍ଲକର ପାଣ୍ଡପଡାରୁ ୨ ଜଣ ଫେରି ଆସିଥିବା ଜିଲ୍ଲା ଶ୍ରମ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି । ସୂଚନା ଅନୁସାରେ ଏମାନେ ସମସ୍ତେ ପ୍ରାୟ ମହିଳା ହୋଇଥିବାବେଳେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ବୋଲି ସୂଚନା ମିଳୁଛି । ଏତେ ସଂଖ୍ୟାରେ ମହିଳା ପ୍ରଶାସନର ଅଗୋଚରରେ କିପରି ବାହାରକୁ ଦାଦନ ଖଟିବାକୁ ଗଲେ ତାହା ତଦନ୍ତସାପେକ୍ଷ ହୋଇଛି । ବାଂଶପାଳ, ହରିଚନ୍ଦନପୁର, ତେଲକୋଇ, ଘଟଗାଁ ଏବଂ ସଦର ବ୍ଲକ ଦାୟିତ୍ୱରେ ଥିବା ଶ୍ରମ ନିରୀକ୍ଷକ ଏହାକୁ ଜାଣି ପାରିଲେ ନାହିଁ କିପରି? ତାହା ବଡ଼ ପ୍ରଶ୍ନ ହୋଇ ରହିଛି । ଏହି ଅଧିକାରୀଙ୍କର ଅବହେଳା ପାଇଁ ତାମିଲନାଡୁର ତିରୁଭଲୁର ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ କାରଖାନରେ ଆମୋନିଆ ଗ୍ୟାସ ଲିକ ଦୁର୍ଘଟଣା ଫଳରେ ୧୧ ଜଣ ମହିଳାଙ୍କ ଅକାଳରେ ଜୀବନ ଯାଇସାରିଲାଣି । ସେମାନଙ୍କର ପରିବାରରେ ଏଭଳି କ୍ଷତି ଭରଣା ଅସମ୍ଭବ ଥିବାବେଳେ ଦୋଷୀ ଅଧିକାରୀଙ୍କ ବିରୋଧରେ ସରକାର ପକ୍ଷରୁ କ'ଣ କାର୍ଯ୍ୟାନୁଷ୍ଠାନ ହେଉଛି ଦେଖିବାକୁ ରହିଲା ।


**REQUIREMENT**

Civil Engg. Diploma / Degree Required Experience-10yrs in building construction. Site-Cuttack, Project- CPWD project Joining within 10days. Salary: 15-30K, Company will give Accommodation & Fooding.

**Contact No.: 9547756937**
**Mr. Santu Mondol**


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଶିମିଳିପାଳର ଶୋଭା...

ଅଭୟାରଣ୍ୟ ଭିତରେ ୨୦ କିଲୋମିଟର ପରିଧି ମଧ୍ୟରେ ୨୦ରୁ ଅଧିକ କ୍ୟାମେରା ଟ୍ରାପ୍ ଲଗାଇଛନ୍ତି । ଏଥିସହିତ ବାଘୁଣୀ ଜିନତର ଗତିବିଧି ଜାଣିବା ପାଇଁ ତାକୁ ଏକ ସାଟେଲାଇଟ୍ କଲାର୍ ପିନ୍ଧାଯାଇଛି ଓ ଭିଏଚଏଫ୍ ଟ୍ରାକିଂ ସିଗ୍ନାଲ୍ ମାଧ୍ୟମରେ ତଦାରଖ କରାଯାଉଛି । ବନ ବିଭାଗ ଅଧିକାରୀ କହିଛନ୍ତି ଯେ କୋର୍ ଜଙ୍ଗଲ ଅଞ୍ଚଳରେ ଲଗାଯାଇଥିବା କ୍ୟାମେରା ଟ୍ରାପ୍ ମାଧ୍ୟମରେ ଏକ ସ୍ୱତନ୍ତ୍ର ଟିମ୍ ବାଘୁଣୀ ଓ ତା'ର ଶାବକଙ୍କ ଉପରେ କ୍ରମାଗତ ନଜର ରଖିଛନ୍ତି । ମଣିଷମାନଙ୍କ ଯୋଗୁଁ ଯେପରି କୌଣସି ବାଧା ଉପୁଜିବ ନାହିଁ ଓ ସେମାନଙ୍କ ସୁରକ୍ଷା ନିଶ୍ଚିତ ହେବ, ସେଥିପାଇଁ ଅଭୟାରଣ୍ୟର ଆଖପାଖ ଅଞ୍ଚଳରେ ପାଟ୍ରୋଲିଂ ବୃଦ୍ଧି କରାଯାଇଛି ।

ସୂଚନାଯୋଗ୍ୟ, ବିଶ୍ୱପ୍ରସିଦ୍ଧ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ ବାଘ ବଂଶ ବୃଦ୍ଧି ଓ ଜେନେଟିକ୍ ବିବିଧତା (ଆନୁବଂଶିକ ବିବିଧତା) ରକ୍ଷା କରିବା ପାଇଁ ୨୦୨୪ ନଭେମ୍ବର ୧୪ ତାରିଖରେ ମହାରାଷ୍ଟ୍ର ତଡ଼ବା ଅଭୟାରଣ୍ୟରୁ ଶିମିଳିପାଳକୁ ପର୍ଯ୍ୟାୟକ୍ରମେ ଆସିଥିବା ୨ଟି ବାଘୁଣୀ ମଧ୍ୟରୁ ଜିନତ ୪ଟି ସୁସ୍ଥ ଶାବକକୁ ଜନ୍ମ ଦେଇଥିଲା । ଏହି ସଫଳତା ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ କଳାବାଘ ସଂଖ୍ୟା ନିୟନ୍ତ୍ରଣ ସହିତ ବାଘ ସଂଖ୍ୟାରେ ବୃଦ୍ଧି ଯୋଜନାର ଲକ୍ଷ୍ୟ ହାସଲ ହୋଇଛି । ତତ୍‌ସହିତ ଏହି ୪ ଶାବକକୁ ମିଶାଇ ବର୍ଷକ ମଧ୍ୟରେ ଶିମିଳିପାଳରେ ୧୬ଟି ବାଘ ଶାବକ ଜନ୍ମ ନେଇଛନ୍ତି । ୫ଟି ମାଈ ବାଘୁଣୀ ଔରସରୁ ଏହି ଶାବକ ଜନ୍ମ ହୋଇଥିବାବେଳେ ସେଥିମଧ୍ୟରୁ ମହାରାଷ୍ଟ୍ର ବାଘୁଣୀ ଜିନତ୍ ୪ଟି ଶାବକ ଜନ୍ମ ଦେଇଛି ।

## ପୋତି ହୋଇଗଲା...

ସୁଦ୍ଧା ଏହା ବାକି ଅଞ୍ଚଳକୁ ସମ୍ପୂର୍ଣ୍ଣ ଆଚ୍ଛାଦିତ କରିବ ବୋଲି ପୂର୍ବାନୁମାନ କରାଯାଇଛି । ତେବେ ଉତ୍ତର ପ୍ରଦେଶରେ ଏହା ନିର୍ଦ୍ଧାରିତ ସମୟଠାରୁ ୮ ଦିନ ବିଳମ୍ବରେ ପହଞ୍ଚିଛି । ବିହାର ସୀମାରେ ପ୍ରାୟ ୧୫ ଦିନ ଧରି ଅଟକି ରହିବା ପରେ ଆସନ୍ତା ୨ ଦିନ ମଧ୍ୟରେ ଏହା ଉତ୍ତର ପ୍ରଦେଶରେ ପ୍ରବେଶ କରିବ । ଅନ୍ୟପଟେ ପଞ୍ଜାବରେ ଜୁଲାଇ ପ୍ରଥମ ସପ୍ତାହରେ ମୌସୁମୀ ଆସିବାର ସମ୍ଭାବନା ରହିଛି । ମୌସୁମୀ ବର୍ଷା ସତ୍ତ୍ୱେ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ରାଜସ୍ଥାନ, ହରିଆଣା, ଦିଲ୍ଲୀ ଏବଂ ଗୁଜରାଟର କେତେକ ସହରରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିଛି । ହରିଆଣାର ରୋହତକଠାରେ ଦେଶର ସର୍ବାଧିକ ତାପମାତ୍ରା ୪୩.୪ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଉତ୍ତର ପ୍ରଦେଶର ଲଖିମପୁର ଖେରିରେ ୪୩.୨ଡିଗ୍ରୀ, ବାନ୍ଦା ଓ ଆଗ୍ରାରେ ୪୩ ଡିଗ୍ରୀ, ରାଜସ୍ଥାନର ଶ୍ରୀଗଙ୍ଗାନଗରରେ ୪.୧ ଡିଗ୍ରୀ ଏବଂ ଗୁଜରାଟର ଅହମଦାବାଦରେ ୪୧.୭ଡିଗ୍ରୀ ତାପମାତ୍ରା ରହିଛି ।

ଆଗାମୀ ୨ ଦିନରେ ଆସାମ, ମେଘାଳୟ, ପଶ୍ଚିମବଙ୍ଗ ଏବଂ ସିକିମରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଗୋଆ, ତେଲଙ୍ଗାନା ଏବଂ କର୍ଣ୍ଣାଟକର ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ଝାଡ଼ଖଣ୍ଡରେ ମଧ୍ୟ ପ୍ରବଳ ବର୍ଷା ନେଇ ଚେତାବନୀ ଦିଆଯାଇଛି । ଓଡ଼ିଶା, ଛତିଶଗଡ଼, ତେଲଙ୍ଗାନା, କେରଳ, ଗୋଆ, ତାମିଲନାଡୁ ଏବଂ ପୂର୍ବୋତ୍ତର ରାଜ୍ୟଗୁଡ଼ିକରେ ପ୍ରବଳ ବର୍ଷା ହୋଇପାରେ । ବିହାର, ମଧ୍ୟପ୍ରଦେଶ, ଓଡ଼ିଶା ଏବଂ ରାଜସ୍ଥାନରେ ଘଣ୍ଟାପ୍ରତି ୩୦ ରୁ ୬୦ କିଲୋମିଟର ବେଗରେ ପବନ ବହିବାର ଆଶଙ୍କା ରହିଛି । ଚଳିତ ବର୍ଷ ମୌସୁମୀର ଗତିପଥ ଅସମାନ ରହିଥିବାରୁ ଦେଶର କେତେକ ସ୍ଥାନରେ ପ୍ରବଳ ବର୍ଷା ଓ ବାଦଲଫଟା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଅନ୍ୟ କେତେକ ଅଞ୍ଚଳରେ ଲୋକେ ଏବେ ମଧ୍ୟ ଗ୍ରୀଷ୍ମ ପ୍ରବାହର ସମ୍ମୁଖୀନ ହେଉଛନ୍ତି । ପାଣିପାଗ ବିଭାଗ ଆଗାମୀ କିଛି ଦିନ ମଧ୍ୟରେ ଅଧିକାଂଶ ରାଜ୍ୟରେ ବର୍ଷା ହେବା ସହ ତାପମାତ୍ରାରେ ହ୍ରାସ ଘଟିବ ବୋଲି ଆଶା ପ୍ରକଟ କରିଛି ।

## ୨ ମାସରେ ଖର୍ଚ୍ଚ...

ରହିଥିଲା । ଝାଡ଼ଖଣ୍ଡର ପୁଞ୍ଜି ବ୍ୟୟ କ୍ଷେତ୍ରରେ ୦.୦୫%ର ନେଟ୍-ନେଗେଟିଭ୍ ହାର ହାସଲ କରିଛି । ଅନ୍ୟପକ୍ଷରେ, ତ୍ରିପୁରା ଏହାର ପୁଞ୍ଜି ଆବଣ୍ଟନର କେବଳ ୦.୩୪% ବ୍ୟବହାର କରିଥିବାବେଳେ ମେଘାଳୟ (୧.୫୫%), ଉତ୍ତରାଖଣ୍ଡ (୧.୬୭%) ଏବଂ ମହାରାଷ୍ଟ୍ର (୧.୮୫%) ମଧ୍ୟ ସବୁଠାରୁ ଦୁର୍ବଳ ପ୍ରଦର୍ଶନକାରୀଙ୍କ ମଧ୍ୟରେ ରହିଥିଲେ । ଏଥିରେ ସବୁଠାରୁ କୌତୂହଳର ବିଷୟ ହେଉଛି, ପୁଞ୍ଜି ବ୍ୟୟ ଦୃଷ୍ଟିରୁ ଦେଶର ତିନି ବୃହତ ରାଜ୍ୟ ଉତ୍ତର ପ୍ରଦେଶ (୨.୯୮%), ତାମିଲନାଡୁ (୩.୯୨%) ଏବଂ କର୍ଣ୍ଣାଟକ (୩.୯୬ %) କରି ପଛରେ ରହିଛନ୍ତି । ସର୍ବବୃହତ ବଜେଟ୍ ଥିବା ରାଜ୍ୟ ଉତ୍ତର ପ୍ରଦେଶ ଚଳିତ ଆର୍ଥିକବର୍ଷର ପ୍ରଥମ ଦୁଇ ମାସରେ ପ୍ରାୟ ୧.୭୮ ଲକ୍ଷ କୋଟି ଟଙ୍କାର ବାର୍ଷିକ ପୁଞ୍ଜି ଖର୍ଚ୍ଚ ଆବଣ୍ଟନର ୩ ପ୍ରତିଶତରୁ କମ୍ ଖର୍ଚ୍ଚ କରିଛି । ବିଶେଷକରି, ମହାରାଷ୍ଟ୍ର ଏବଂ ଓଡ଼ିଶା ଉଭୟ ଏପ୍ରିଲରେ ନିଟ୍ ନକାରାତ୍ମକ ପୁଞ୍ଜି ଖର୍ଚ୍ଚ ରେକର୍ଡ କରିଥିଲେ । କିନ୍ତୁ ମେ' ମାସରେ ବ୍ୟୟରେ ସକାରାତ୍ମକ ପାଲଟିଛନ୍ତି । ମହାରାଷ୍ଟ୍ର ମେ' ମାସରେ ପ୍ରାୟ ୨,୫୩୦ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ଓଡ଼ିଶା ପ୍ରାୟ ୨,୪୨୫ କୋଟି ଟଙ୍କା ବ୍ୟୟ କରିଛି ।

## ଓଟିଏଏସ୍ ଅଧିକାରୀ...

ତାଙ୍କୁ ଜୁଡିସିଆଲ୍ କଷ୍ଟୋଡିକୁ ପଠାଯାଇଛି । ଅପରାଧିକ ମାମଲାରେ ୪୮ ଘଣ୍ଟାରୁ ଅଧିକ ସମୟଧରି ପୁଲିସ ଦ୍ୱାରା ଅଟକ ଥିବାରୁ ଆଇନ ଅନୁଯାୟୀ ପଦକ୍ଷେପ ନିଆଯାଇ ତାଙ୍କୁ ସିଧାସଳଖ ସରକାରୀ ସେବାରୁ ବରଖାସ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ସୂଚନାଯୋଗ୍ୟ ଯେ ଚନ୍ଦ୍ରିକା ଓ ଭୀମସେନ ଛୋଟ ବେଳୁ ଏକାଠି ଗୋଟିଏ ସ୍କୁଲରେ ପଢୁଥିଲେ । ଏହାପରେ କଟକର ଏକ କଲେଜରେ ଉଭୟ ଯୁକ୍ତ ବିଜ୍ଞାନ ବିଭାଗରେ ନାମ ଲେଖାଇଥିଲେ । ଦୀର୍ଘ ୧୫ ବର୍ଷ ଧରି ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା । ସେମାନେ ବିବାହ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ୨୦୨୭ ଡିସେମ୍ବରରେ ଉଭୟ ବିବାହ କରିବେ ବୋଲି ମଧ୍ୟ ନିଷ୍ପତ୍ତି ନେଇଥିଲେ । ଦୁହେଁ ଅନେକ ସମୟରେ ଏକାଠି ବୁଲାବୁଲି କରୁଥିଲେ ଓ ରହୁଥିଲେ । ହେଲେ ଭୀମସେନଙ୍କ ଜୀବନରେ ସ୍ୱାତୀ ନାମ୍ନୀ ଆଉ ଜଣେ ଯୁବତୀ ପ୍ରବେଶ କରିବା ପରେ ଚନ୍ଦ୍ରିକାଙ୍କ ସହିତ ତାଙ୍କର ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା । ଏପରିକି ଚନ୍ଦ୍ରିକାଙ୍କୁ ଭୀମସେନ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥିଲା । ଏହାପରେ ଚନ୍ଦ୍ରିକା କଟକ ତ୍ରିଶୂଳିଆଠାରେ ଆତ୍ମହତ୍ୟା କରିଥିବା ବେଳେ ଝିଅର ମୃତ୍ୟୁ ପାଇଁ ତାଙ୍କ ମାଆ ଭୀମସେନଙ୍କୁ ଦାୟୀ କରିଥିଲେ । ମାନସିକ ନିର୍ଯାତା କାରଣରୁ ଝିଅ ଆତ୍ମହତ୍ୟା କରିଥିବା ନେଇ ଚନ୍ଦ୍ରିକାଙ୍କ ମାଆ ଏତଲାରେ ଉଲ୍ଲେଖ କରିଥିଲେ । ଚନ୍ଦ୍ରିକାଙ୍କ ମୃତ୍ୟୁ ପାଇଁ ଭୀମସେନ ଦାୟୀ ବୋଲି ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ।

## ପୁଣି ଆମେରିକା-ଇରାନ...

ସାମ୍ବାଦିକମାନେ ଯେତେବେଳେ ଟ୍ରମ୍ପଙ୍କୁ ପଚାରିଥିଲେ ଯେ ଆମେରିକା ଏହାର ପ୍ରତିଶୋଧ ନେବ କି? ଟ୍ରମ୍ପ ଉତ୍ତର ଦେଇଥିଲେ, 'ଆପଣମାନେ ଖୁବ୍ ଶୀଘ୍ର ଜାଣିବାକୁ ପାଇବେ ।' ଏହାର କିଛି ସମୟ ପରେ ଆମେରିକାର କେନ୍ଦ୍ରୀୟ ସାମରିକ କମାଣ୍ଡ ପକ୍ଷରୁ ଇରାନ ଭିତରେ ଥିବା କ୍ଷେପଣାସ୍ତ୍ର, ଡ୍ରୋନ ସଂରକ୍ଷଣ ଗୃହ ଏବଂ ଉପକୂଳବର୍ତ୍ତୀ ରାଡାର କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ କରାଯାଇଥିବା ସୂଚନା ଦିଆଯାଇଥିଲା । ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଚେତାବନୀ ଦେଇ କହିଛନ୍ତି ଯେ, 'ଇରାନ ସହିତ ଅସ୍ତ୍ରବିରତି ଚୁକ୍ତି ହୋଇଥିଲା ଏବଂ ଆମେ ତାହାକୁ ସମ୍ମାନ ଜଣାଇଛୁ । ଯଦି ସେମାନଙ୍କର କୌଣସି ଆପତ୍ତି ଥିଲା, ତେବେ ସେମାନେ ଆଲୋଚନା କରିପାରିଥାନ୍ତେ । କିନ୍ତୁ ମନେରଖିବା ଉଚିତ ଯେ ହିଂସାର ଜବାବ ସର୍ବଦା ହିଂସାରେ ହିଁ ଦିଆଯିବ ।ଅପରପକ୍ଷରେ, ଆମେରିକାର ଏହି ଆକ୍ରମଣକୁ ନେଇ ଇରାନ ଉଦବେଗ ପ୍ରକାଶ କରିଛି । ଇରାନ ସଂସଦର ଜାତୀୟ ସୁରକ୍ଷା କମିଟିର ମୁଖ୍ୟ ଇବ୍ରାହିମ ଅଜିଜି ଆମେରିକାକୁ ଚେତାବନୀ ଦେଇ କହିଛନ୍ତି ଯେ, ଆଲୋଚନା ଚାଲିଥିବା ସମୟରେ ଆକ୍ରମଣ କରି ଆମେରିକା ନିଜର ବିଶ୍ୱସନୀୟତା ହରାଇଛି । ଏହି ବେଆଇନ ଆକ୍ରମଣ ପାଇଁ ଆମେରିକାକୁ ଶେଷରେ 'ପଛକୁ ହଟିବାକୁ ହେବ ଏବଂ ଅନୁତାପ କରିବାକୁ ପଡ଼ିବ ।' ଇରାନ ଗଣମାଧ୍ୟମ ଅନୁସାରେ, ଆମେରିକାର ଆକ୍ରମଣରେ ସିରିକ ବନ୍ଦର ନିକଟସ୍ଥ ଅଞ୍ଚଳ ପ୍ରଭାବିତ ହୋଇଛି ଏବଂ ଏହାର ଜବାବରେ ଇରାନ ସେନା ମଧ୍ୟ ଆମେରିକୀୟ ଘାଟି ଉପରେ ଆକ୍ରମଣ କରିଛି । ଏହି ସାମରିକ ଗତିରୋଧ କାରଣରୁ ବିଶ୍ୱର ସବୁଠାରୁ ବ୍ୟସ୍ତବହୁଳ ସାମୁଦ୍ରିକ ବାଣିଜ୍ୟ ପଥ 'ହର୍ମୁଜ ପ୍ରଣାଳୀ' ଏବେ ସଂଘର୍ଷର କେନ୍ଦ୍ରବିନ୍ଦୁ ପାଲଟିଛି । ବିଶ୍ୱର ପ୍ରାୟ ଏକ-ପଞ୍ଚମାଂଶ ତେଲ ଏବଂ ଗ୍ୟାସ୍ ଯୋଗାଣ ଏହି ସଂକୀର୍ଣ୍ଣ ଜଳପଥ ଦେଇ ହୋଇଥାଏ । ତେଣୁ ଏହି ଅଞ୍ଚଳରେ ଯଦି ଯୁଦ୍ଧ ସ୍ଥିତି ଲାଗିରହେ, ତେବେ ସାରା ବିଶ୍ୱରେ ପୁଣି ଇନ୍ଧନ ସଙ୍କଟ ଦେଖାଦେବାର ଆଶଙ୍କା ରହିଛି । ମିଳିଥିବା ସୂଚନା ଅନୁଯାୟୀ ଇରାନ ହର୍ମୁଜ ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ ଶୁଳ୍କ ଲଗାଇବାକୁ ଚେଷ୍ଟା କରୁଛି, ଯାହାକୁ ଆମେରିକା ଏବଂ ଆରବ ସାଗରୀୟ ଦେଶଗୁଡ଼ିକ ବିରୋଧ କରୁଛନ୍ତି । ଆମେରିକା ଏବଂ ଇରାନ ମଧ୍ୟରେ ବଢୁଥିବା ଏହି ସାମରିକ ସଂଘର୍ଷ କେବଳ ଦୁଇଟି ଦେଶ ମଧ୍ୟରେ ସୀମିତ ନାହିଁ, ବରଂ ଏହା ସମଗ୍ର ବିଶ୍ୱର ଅର୍ଥନୀତି ଏବଂ ସୁରକ୍ଷା ପାଇଁ ଏକ ବଡ଼ ବିପଦ । ସୁଇଜରଲ୍ୟାଣ୍ଡରେ ହୋଇଥିବା ଶାନ୍ତି ଚୁକ୍ତି ମାତ୍ର କେଇ ଦିନ ମଧ୍ୟରେ ଭାଙ୍ଗିଯିବା ଦର୍ଶାଉଛି ଯେ ଉଭୟ ଦେଶ ମଧ୍ୟରେ ଅବିଶ୍ୱାସର ପାଚେରୀ କେତେ ଗଭୀର । ଯଦି ଆନ୍ତର୍ଜାତୀୟ ସ୍ତରରେ ଏହି ସଙ୍କଟକୁ ତୁରନ୍ତ ସମାଧାନ କରା।ନଯାଏ, ତେବେ ଏହା ଏକ ବ୍ୟାପକ ଆଞ୍ଚଳିକ ମହାଯୁଦ୍ଧର ରୂପ ନେଇପାରେ, ଯାହାର ଭୟଙ୍କର ପରିଣାମ ସମସ୍ତଙ୍କୁ ଭୋଗିବାକୁ ପଡ଼ିବ ।

## ବିକଳ୍ପ ଇନ୍ଧନ...

ଜଳ ବ୍ୟବହାରକୁ ୧୦ ହଜାର ଲିଟରରୁ ଅଧିକ କରିଥାଏ । ଏହା ତୁଳନାରେ, ମକା କ୍ଷେତ୍ରରେ ପ୍ରତି ଲିଟର ଇଥାନଲ୍ ପାଇଁ ପ୍ରାୟ ୪୬୭୦ ଲିଟର ଏବଂ ଆଖୁ ପାଇଁ ପ୍ରାୟ ୩୬୩୦ ଲିଟର ପାଣି ଆବଶ୍ୟକ ହୁଏ । ଏହାଛଡା ଇଥାନଲ୍ ମିଲ୍‌ରୁ ନିର୍ଗତ ପ୍ରଚୁର ପରିମାଣର ଭିନାସ୍‌କୁ ଯଦି ସଠିକ୍ ଭାବରେ ବିଶୋଧନ ନ କରାଯାଏ, ତେବେ ପୃଷ୍ଠ ଏବଂ ଭୂତଳ ଜଳକୁ ପ୍ରଦୂଷିତ କରିପାରେ । ଅପରପକ୍ଷେ ନୀତି ଆୟୋଗର କମ୍ପୋଜିଟ୍ ଜଳ ପରିଚାଳନା ସୂଚକାଙ୍କ (ସିଡବ୍ଲ୍ୟୁଏମ୍‌ଆଇ) ସତର୍କ କରାଇ ଦେଇଛି ଯେ ୨୦୩୦ ସୁଦ୍ଧା ଦିଲ୍ଲୀ, ବେଙ୍ଗାଲୁରୁ ଏବଂ ଚେନ୍ନାଇ ସମେତ ୨୧ଟି ପ୍ରମୁଖ ସହରରେ ଭୂତଳ ସ୍ତର ଶୂନ୍ୟରେ ପହଞ୍ଚିପାରେ । ଭାରତର ମୋଟ ଇଥାନଲ୍ ଉତ୍ପାଦନ କ୍ଷମତା ୧୮୨୨ କୋଟି ଲିଟର, ଯାହାର ପୂର୍ବରୁ ଜଳ ସଙ୍କଟ ସହିତ ଜଡ଼ିତ ରାଜ୍ୟଗୁଡ଼ିକର ଏକ ବଡ଼ ଅଂଶ । ଉଦାହରଣ ସ୍ୱରୂପ, ମହାରାଷ୍ଟ୍ରରେ ୩୯୬ କୋଟି ଲିଟର ମିଳିତ କ୍ଷମତା ସହିତ ପ୍ଲାଣ୍ଟ ଅଛି, ଯେତେବେଳେ କି ବିଦର୍ଭ ଏବଂ ମରହଟ୍ଟାୱାଡାର ଚାଷୀମାନେ ପାନୀୟ ଜଳ ପାଇଁ ସଂଘର୍ଷ କରୁଛନ୍ତି । ଏହି ସମୟରେ, ଉତ୍ତର ପ୍ରଦେଶ ଏବଂ କର୍ଣ୍ଣାଟକରେ ଇଥାନଲ୍ ପ୍ଲାଣ୍ଟରେ ଭୂତଳର ସଂରକ୍ଷିତ ଜଳକୁ ବ୍ୟବହାର କରାଯାଉଛି, ଯାହା ଗୁରୁତର ଭାବରେ ହ୍ରାସ ପାଇଥିବା ଘୋଷଣା କରାଯାଇଛି । ଭାରତରେ ଇଥାନଲ୍ ମିଶ୍ରଣରେ ଚାଉଳର ବ୍ୟବହାର ଏ ପର୍ଯ୍ୟନ୍ତ ପ୍ରାଥମିକ ଅବସ୍ଥାରେ ଅଛି । କାରଣ ଏଥିରେ ଦେଶ ମୁଖ୍ୟତଃ ଆଖୁ ଉପରେ ନିର୍ଭର କରୁଛି । ତଥାପି, ଆଖୁ ଚାଷରେ ଢ଼ର ପାଣି ବ୍ୟବହାର କରାଯାଇଥାଏ । ଏଥିରେ ପ୍ରତି ଲିଟର ଇଥାନଲ୍ ପାଇଁ ୩୬୩୬ ଲିଟର ପାଣି ବ୍ୟବହାର ହୋଇଥାଏ । ଅନେକ ଇଥାନଲ୍ ପ୍ଲାଣ୍ଟ ଆଖୁ ଚାଷ କରୁଥିବା ଅଞ୍ଚଳରେ ଅବସ୍ଥିତ କାରଣ କଞ୍ଚାମାଲ ସେଠାରେ ସହଜରେ ଉପଲବ୍ଧ । ଶକ୍ତି ଅର୍ଥନୀତି ଏବଂ ଆର୍ଥିକ ବିଶ୍ଳେଷଣ ପ୍ରତିଷ୍ଠାନର ଶକ୍ତି ବିଶେଷଜ୍ଞ ସ୍ୱାତୀ ଶେଷାଦ୍ରି କହିଛନ୍ତି ବର୍ଷ ବର୍ଷ ଧରି ଆଖୁ ଚାଷ ଏହି ଅଞ୍ଚଳଗୁଡ଼ିକରେ ଜଳସ୍ତରକୁ ହ୍ରାସ କରିସାରିଛି । ବର୍ତ୍ତମାନ ଇଥାନଲ୍ ପ୍ଲାଣ୍ଟଗୁଡ଼ିକ ପରିସ୍ଥିତିକୁ ଆହୁରି ଖରାପ କରିଦେଇଛି । ଏହା ବ୍ୟତୀତ, ଆଖୁ ମୁଖ୍ୟତଃ ମହାରାଷ୍ଟ୍ର ଏବଂ ଉତ୍ତର ପ୍ରଦେଶ ଭଳି ରାଜ୍ୟରେ ଚାଷ କରାଯାଏ, ଯେଉଁଠାରେ ଭୂତଳ ଜଳ ଅଭାବ ପୂର୍ବରୁ ଗୁରୁତର ।

## ମହାନଦୀରେ ପାଣି...

ମାତ୍ର ୨୪ ମିଲିୟନ ଏକର ଫୁଟ ପାଣି ଉପଲବ୍ଧ ଥିବା ଏବଂ ଛତିଶଗଡ଼ ୨୭ ମିଲିୟନ ଏକର ଫୁଟ ପାଣି ଆବଶ୍ୟକ କରୁଥିବା ଦାବିକୁ ଯଦି ଓଡ଼ିଶା ସରକାର ମାନି ନେଇଥା'ନ୍ତି, ତା'ହେଲେ ଏହା ଓଡ଼ିଶା ପାଇଁ ଆତ୍ମଘାତୀ ହେବ ବୋଲି ସେ କହିଛନ୍ତି । ସେହିପରି ପୂର୍ବରୁ ଆମେ ଛତିଶଗଡ଼ ପାଖରେ ସମର୍ପଣ କରିସାରିଛୁ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି ଶ୍ରୀ ଦାସ । ସେ କହିଛନ୍ତି ଯେ ମହାନଦୀରେ କେତେ ପାଣି ଉପଲବ୍ଧ ତାହାକୁ ନେଇ ଉଭୟ ରାଜ୍ୟ ବିଗତ ଶୁଣାଣିରେ ଯେଉଁ ତଥ୍ୟ ଦେଇଥିଲେ, ତାହା ମଧ୍ୟ ଗ୍ରହଣଯୋଗ୍ୟ ନୁହେଁ । ପ୍ରଦତ୍ତ ଡାଟା ଅନୁଯାୟୀ ମହାନଦୀରେ ମୋଟ ଉପଲବ୍ଧ ଜଳର ପରିମାଣ ୬୨. ୩୬ ମିଲିୟନ ଏକର ଫୁଟ ଅଟେ । ତନ୍ମଧ୍ୟରେ ନରାଜ ପାଖରେ ୫୬. ୨୯ ମିଲିୟନ ଏକର ଫୁଟ ହୀରାକୁଦ ଉପର ମୁଣ୍ଡରେ ୩୨. ୮୩ ମିଲିୟନ ଏକର ଫୁଟ ଓ ଛତିଶଗଡ଼ ଓଡ଼ିଶା ସୀମାରେ ୨୮. ୪୮ ମିଲିୟନ ଏକର ଫୁଟ ପାଣି ଉପଲବ୍ଧ । ବର୍ଷ ସାରା ମହାନଦୀରେ ଉପଲବ୍ଧ ପାଣିର ହାରାହାରି ହିସାବକୁ ନେଇ ଏହି ଡାଟା ବା ତଥ୍ୟ ପ୍ରସ୍ତୁତ ହୋଇଛି । ଯାହା ଅଣ ମୌସୁମୀ ସମୟରେ ଓଡ଼ିଶାର ଜଳ ସଂକଟକୁ ଅଣ ଦେଖାକରିଛି । ଏହି ତଥ୍ୟକୁ ଗ୍ରହଣ କରି ଆମେ ଆତ୍ମଘାତୀ କାମ କରିଛନ୍ତି । ଏହାର ଅର୍ଥ ହେଉଛି ଆମ ପାଖରେ ପ୍ରଚୁର ପାଣି ରହିଛି ଏବଂ ଆମର କୌଣସି ବିବାଦ ନାହିଁ । ତେଣୁ ଆଜିର ବୈଠକରେ ନିର୍ଦ୍ଦିଷ୍ଟ କେଉଁ ପ୍ରସଙ୍ଗରେ ଆଲୋଚନା ହେଲା, ତାହା ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ ବୋଲି ଶ୍ରୀ ଦାସ ଦାବି କରିଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜଳ ବିବାଦରେ ସହମତି ଆଣିବା ପାଇଁ ଟ୍ରିବ୍ୟୁନାଲ ପୂର୍ବ ଶୁଣାଣିରେ ଉଭୟ ରାଜ୍ୟର ବୈଷୟିକ ଏବଂ ଆଇଗତ ଟିମକୁ ଏକ ଲମ୍ବା ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ । ଏହାକୁ ଆଧାର କରି ଉଭୟ ରାଜ୍ୟର ମଧ୍ୟରେ ଗତ ୧୬ ତାରିଖ୍ରୁ ୧୧ ଦିନିଆ ଆଲୋଚନା ଆରମ୍ଭ ହୋଇଥିଲା । ଏହି ୧୧ ଦିନିଆ ଆଲୋଚନା ବେଳେ ମହାନଦୀ ଜଳରେ ଓଡ଼ିଶା ଓ ଛତିଶଗଡ଼ର ପ୍ରାପ୍ୟ ଅଂଶ କେତେ ରହିବ ଏବଂ ଜଳ ବଣ୍ଟନର ଉଚିତ ମାନଦଣ୍ଡ କଣ ହେବ ତାହା ନେଇ ବ୍ୟାପକ ଚର୍ଚ୍ଚା ଆଲୋଚନା କରାଯାଇଛି । ଆଗକୁ ଉଭୟ ରାଜ୍ୟର ଜଳସମ୍ପଦ ବିଭାଗର ସଚିବ ତଥା ମୁଖ୍ୟ ଶାସନ ସଚିବ ସ୍ତରୀୟ ଆଲୋଚନା ହେବ ବୋଲି ଜଣାପଡ଼ିଛି ।

## ପେଟ୍ରୋଲ ଢାଳି...

ସମ୍ପର୍କୀୟ ଭାଇ ରଜତ କିରୋ ଯୁବତୀଙ୍କୁ ଏକତରଫା ପ୍ରେମ କରୁଥିବାବେଳେ ବାରମ୍ବାର ପ୍ରେମ ନିବେଦନ କରିଆସୁଥିଲେ । ମାତ୍ର ଯୁବତୀ ଜଣଙ୍କ ଏହାକୁ ପ୍ରତ୍ୟାଖ୍ୟାନ କରି ଆସୁଥିଲେ । ଫଳରେ ନିରାଶ ହୋଇ ପ୍ରେମ ପାଗଳ ଯୁବକ ରଜତ ଶେଷରେ ପ୍ରତିଶୋଧପରାୟଣ ହୋଇ ପଡ଼ିଥିଲା । 'ମୋର ନୁହେଁ ତ କାହାର ନୁହେଁ ' ନୀତିରେ ଶନିବାର ରାତି ପ୍ରାୟ ସାଢେ ୧୧ଟା ବେଳେ ଅଭିଯୁକ୍ତ ଯୁବକ ରଜତ ପେଟ୍ରୋଲ ବୋତଲ ଧରି ସମ୍ପୃକ୍ତ ଯୁବତୀଙ୍କ ଘର ନିକଟରେ ପହଞ୍ଚି ଥିଲା । ଯୁବତୀ ଜଣଙ୍କ ଶୋଇଥିବାବେଳେ ଝରକା ବାଟେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ । ହୁତୁ ହୁତୁ ହୋଇ ବିଛଣା ସହ ଯୁବତୀ ଜଣକ ଜଳୁଥିବାବେଳେ ଘରେ ଥିବା ସମସ୍ତ ଆସବାବପତ୍ରରେ ନିଆଁ ଲାଗି ପାଉଁଶ ହୋଇ ଯାଇଥିଲା । ଝିଅର ଚିତ୍କାର ଶୁଣି ପରିବାର ଲୋକେ ଏବଂ ପଡୋଶୀ ନିଦରୁ ଉଠି ପଡ଼ିଥିଲେ । ପ୍ରଥମେ ମୋଟର ଦ୍ୱାରା ପାଇପରେ ପାଣି ପକାଇ ନିଆଁକୁ ଲିଭାଇ ଝିଅକୁ ଉଦ୍ଧାର କରିଥିଲେ । ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିବାବେଳେ ଝିଅର ଅବସ୍ଥା ଗୁରୁତର ଥିବାରୁ ଡାକ୍ତରମାନେ ତାଙ୍କୁ ବୁର୍ଲା ପଠାଇ ଦେଇଥିଲେ । ବୁର୍ଲାରେ ମଧ୍ୟ ବର୍ଣ୍ଣ ବିଭାଗରେ ବେଡ୍ ନାହିଁ ବୋଲି କହି ସେଠିକାର ଡାକ୍ତରମ ରାଉରକେଲାର ଏକ ଘରୋଇ ଡାକ୍ତରଖାନାକୁ ରେଫର କରି ଦେଇଥିଲେ । ପରିବାର ଲୋକ ପୁନର୍ବାର ଝିଅକୁ ବୁର୍ଲାରୁ ରାଉରକେଲା ଫେରାଇ ଆଣି ଆଜି ଦିନ ସାଢେ ୧୧ଟାରେ ସମ୍ପୃକ୍ତ ଘରୋଇ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା ଆରମ୍ଭ କରିଛନ୍ତି ।

ଏ ବିଷୟରେ ତାଙ୍କ ପରିବାର ଲୋକଙ୍କ କହିବା କଥା ଯେ, ରଜତ ତାଙ୍କ ଝିଅକୁ ବାରମ୍ବାର ହଇରାଣ କରି ଆସୁଥିଲା । ତାକୁ ବି ଏ ନେଇ ବୁଝାସୁଝା କରାଯାଇଥିଲା । ଏହା ସତ୍ତ୍ୱେ ବି ସେ ନ ମାନି ଏପରି କରିଛି । ତାକୁ କଠୋର ଦଣ୍ଡ ଦେବାକୁ ଦାବି କରିବା ସହ ତାଙ୍କର ହୋଇଥିବା କ୍ଷତିର ଭରଣା ପାଇଁ ଦାବି କରାଯାଇଛି ।

## ବିଷ ବୋତଲ ଧରି...

ଯେଉଁମାନେ ପୁଣି ଆବେଦନ କରିଛନ୍ତି ସେମାନଙ୍କର ଚାଷ ଏବଂ କାଗଜପତ୍ର ତଦନ୍ତ ହୋଇ ଯୋଗ୍ୟ ଚାଷୀଙ୍କୁ ଟୋକନ ଦିଆଯାଉଛି । ସାଟେଲାଇଟ୍ ସର୍ଭେରେ ଯେଉଁ ଚାଷୀଙ୍କ ନାଁ କଟିଛି ସେମାନଙ୍କୁ ଟୋକନ ମିଳୁନାହିଁ । ଅନ୍ୟପଟେ ଚାଷ ହୋଇଥିବା ଜମି କେମିତି ସାଟେଲାଇଟ୍ ସର୍ଭେରେ କଟିଯାଉଛି ବୋଲି କୃଷକ ସଙ୍ଗଠନ ପ୍ରଶ୍ନ କରିଛି ।

ଡିଆର୍‌ସିଏସ୍ ଅଫିସରେ ପ୍ରତିବାଦ ସଭା ଚାଲୁଥିବା ବେଳେ ଭଟଲି ବ୍ଲକ ବାଞ୍ଜିପାଲି ଗ୍ରାମର କନ୍ଦର୍ପ ବାରିକ ନିଜ ସମସ୍ୟା ଉପସ୍ଥାପନା ପାଇଁ ଅନୁରୋଧ କରିଥିଲେ । ସେ ଆଠ ଏକର ଜମିରେ ଧାନ ଚାଷ କରିଥିବାବେଳେ ଋଣ କରି ଟ୍ରାକ୍ଟର ଭଡ଼ା ୩୯ ହଜାର, ସାର ୫୫ ହଜାର ଏବଂ କୀଟନାଶକରେ ୫୩ ହଜାର ଟଙ୍କା ବ୍ୟୟ କରିଛନ୍ତି । ଧାନ କାର୍ଡ ଆସିଥିଲେ ଉତ୍ପାଦିତ ୬୫୦ ପ୍ୟାକେଟ ଧାନ ବିକ୍ରି କରି ଋଣ ପରିଶୋଧ କରି ନିଜର ଆବଶ୍ୟକ ମେଣ୍ଟାଇବା ସହିତ ନୂତନ ଚାଷ କରିବା ସ୍ୱପ୍ନ ଦେଖିଥିଲେ । ହେଲେ ୮ ଏକର ଜମିରେ ଦୁଇଟି ଟୋକନରୁ ୧୩୦ କ୍ୱିଣ୍ଟାଲ ଧାନ ବିକ୍ରି ଅନୁମତି ମିଳିବାର ଥିଲା; କିନ୍ତୁ କେବଳ ମାତ୍ର ୬୫ କ୍ୱିଣ୍ଟାଲ ଧାନ ବିକ୍ରି ଅନୁମତି ପାଇଥିବାରୁ ସେ ୧୨ ମେ'ରୁ ଜିଲ୍ଲାପାଳ ଅଫିସ, ସୋସାଇଟି ଏବଂ ବିଧାୟକଙ୍କୁ ନିଜର ଦୁଃଖ ଜଣାଇଛନ୍ତି । କୌଣସି ସମାଧାନ ନ ହେବାରୁ ଆଜି ଡିଆରସିଏସ ଅଫିସରେ ଚାଲୁଥିବା ଚାଷୀଙ୍କ ଧାରଣା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ନିଜର ବକ୍ତବ୍ୟ ରଖୁଥିବା ସମୟରେ ହଠାତ ଧରିଥିବା ମୁଣାରୁ ୨୫୦ ଏମ୍‌ଏଲ୍‌ର ଏକ କୀଟନାଶକ ବୋତଲ ବାହାର କରି 'ଟୋକନ ନ ଆସିଲେ କୀଟନାଶକ ଖାଇ ମରିଯିବି ବୋଲି' କ୍ଷୋଭର ସହ କହିଥିଲେ । ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର ବୋତଲଟିକୁ ଛଡ଼ାଇ ଆଣି ପୁଲିସକୁ ଦେଇଥିଲେ । ପରେ ପୁଲିସ ଚାଷୀଙ୍କୁ ପଚରାଉଚରା କରି ଛାଡି ଦେଇଛି ।

ଜିଲ୍ଲା ଉପନିବନ୍ଧକ ଯୁଗଳ ଦାସ ଧାରଣାରତ ଚାଷୀଙ୍କ ସହ ଆଲୋଚନା କରିଥିଲେ ବି ବିଫଳ ହୋଇଥିଲା । ଆନ୍ଦୋଳନକାରୀମାନେ ଟୋକନ ନ ଆସିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଚରମ ବାଣୀ ଶୁଣାଇଛନ୍ତି । ଆଜିର ଏହି ଧାରଣା ସଭାରେ ସଂଯୁକ୍ତ କୃଷକ ସଙ୍ଗଠନ ଉପଦେଷ୍ଟା ରମେଶ ମହାପାତ୍ର, କରଣ ସାହୁ, ସୁବାସ ପଧାନ, ରବିଶଙ୍କର ପଧାନ, ଯୁବ ନେତା କିଶୋର ସାହୁ, ପୂର୍ଣ୍ଣ ସାହୁ, ନିରଞ୍ଜନ ପଧାନ, ସୁରେଶ ନିକେଣ୍ଟି, ଥବିର ପଧାନ, ଈଶାନ୍ତ ଭୋଇ, ଅଭିମନ୍ୟୁ ପଧାନ, ଜୟ ପ୍ରକାଶ ବେହେରା, ସୁରେନ ସାହୁ, ପ୍ରସନ୍ନ କୁମ୍ଭାର, ଆନନ୍ଦ ପଧାନ, ସରୋଜ ସାହୁ ଏବଂ ଅରବିନ୍ଦ ପଣ୍ଡା ନେତୃତ୍ୱ ନେଇଥିଲେ ।


34001/397/2627 ID: ee.randbjyp@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, JEYPORE (R&B) DIVISION, JEYPORE**
**e-Procurement Notice**
**Bid Identification No. S.E (R&B)-08/2026-27/JYP(K)**
No. 3889 Date.

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Building Work as mentioned in DTCN.
2. No. of Works : 7 Nos.
3. Estimated Cost : Rs. 3.98 Lakhs to 11.85 lakhs
4. Period of completion : 2 (Two) Months
5. Date & Time of Bidding : From 11.00 hours of **01.07.2026** Up-to 17.00 hours of **10.07.2026**
6. Last date & time for receipt of bids in portal : 17.00 hours of **11.07.2026.**
7. Bids received online shall be opened on : 11.00 hours of **13.07.2026.**
8. Name and address of the officer inviting Bid : Superintending Engineer, Jeypore (R&B) Division, Jeypore

Further details can be seen from the www.tendersodisha.gov.in

Superintending Engineer, Jeypore (R&B) Division

OIPR-34001/34027/1/26-27/0008



25001/531/2627 PHONE: OFF: (06852) 251263 Email: eerwkoraput@yahoo.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION: KORAPUT**
**Through GePNIC e-Procurement Notice**
**Bid Identification No.:** SERWKPT-Online-04/2026-27
**Letter No.:** 2215, **Date:** 19.06.2026

1 Name of the Work: **Special Repair of Road Works for the year 2026-27 (Renewal Coat of SDBC with WMM Profile Correction)**
2 Total Number of Works: **05 Nos.**
3 Approximate Estimate Cost: **Rs. 62.16 Lakhs to Rs. 70.24 Lakhs (Approximately)**
4 Class of Contractor: **"B" Class**
5 Period of Completion: **2 Months**
6 Detail of Projects: **As per Annexure attached**

**Other Details as follows:**

| Procurement Officer | Bid Identification No. | No. of Works | Availability of tender online bidding | | Date & Time of opening of tender in O/o the SERW Division, Koraput | |
|---|---|---|---|---|---|---|
| | | | (From) | (To) | Technical Bid | Financial Bid |
| Superintending Engineer, R.W. Division, Koraput | SERWKPT-ONLINE-04/2026-27 | 05 (Five) Nos. | 30.06.2026 at 11.00 A.M. | 13.07.2026 up to 5.30 P.M. | 14.07.2026 at 11.00 A.M. | To be intimated separately |

Further details can be seen from the website: www.tendersodisha.gov.in/nicgep/app
All amendments, time extensions, clarifications, etc., will be uploaded on the website only. Bidders should regularly visit the above website to keep themselves updated.
**N.B.:** Any Addendum or Corrigendum will be available on the website only.

**Executive Engineer**
**Rural Works Division, Koraput**

OIPR-25001/25088/1/26-27/0004



**ଶପଥପତ୍ର**

ଏହି ଶପଥପତ୍ର ନୋଟାରୀ ପବ୍ଲିକ୍ ଭୁବନେଶ୍ୱରଙ୍କ ସମ୍ମୁଖରେ ନିଷ୍ପାଦନ କରାଯାଇଛି କି, ମୁଁ ସୋମ୍ୟା ସରିତା ପତି, ସ୍ୱାମୀ - ଶୁଭକାନ୍ତି ପତି, ଗ୍ରାମ - ଆଚାର୍ଯ୍ୟନଗର, ଜଗନ୍ନାଥପୁର, ଥାନା - କଟକ, ଜିଲ୍ଲା- କଟକ, ଓଡ଼ିଶା ସର୍ବସାଧାରଣ ଅବଗତି ନିମନ୍ତେ ଘୋଷଣା କରୁଛି କି ମୋର ରେଜିଷ୍ଟ୍ରିକୃତ ବିକ୍ରୟ ଦଲିଲ୍ ନଂ. ୧୦୨୩୧୯୦୪୧୭୫, ତା ୧୬.୧୦.୨୦୧୯, ପ୍ଲଟ ନଂ. ୧୩୪୫/୩୬୦୨ ମୁଁ ତା ୧୫.୧୦.୨୦୨୫ ରିଖରେ ଜଗନ୍ନାଥପୁରରେ ଥିବା ସମୟରେ କେଉଁଠାରେ ହଜିଯାଇଛି । ଯଦି କୌଣସି ବ୍ୟକ୍ତି ଉକ୍ତ ଦଲିଲଟିକୁ ପାଇଥାନ୍ତି ଦୟାକରି ନିମ୍ନଲିଖିତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ । ମୋବାଇଲ୍ ନମ୍ବର - ୯୧୨୪୦୦୮୨୯୯ (ରଶ୍ମିରଞ୍ଜନ ପାଣିଗ୍ରାହୀ) ।



**AFFIDAVIT**

I, PANKAJINI MOHAPATO, W/O SATYA NARAYAN MOHAPATRO resident of At - Dash Street, PO/PS - Jeypore, Dist - Koraput - 764001, Odisha declare by this Affidavit No. 2852 Dated 25/06/2026, that now onwards I shall be known as **ANNAPURNA MAHAPATRA** for all future purposes.



**LOST**

ମୁଁ ଅମରେଶ ନାୟକ, ବୟସ ୩୩, ପିତା - ଅରକ୍ଷ ଚରଣ ନାୟକ, ନୂଆ ସାହି, ଗୋଶାଳା ରୋଡ, ପୋଷ୍ଟ - ନୟାବଜାର, ଥାନା - ମଧୁପାଟଣା, ଜିଲ୍ଲା - କଟକ, ବିକ୍ରୟ ଦଲିଲ କ୍ରମାଙ୍କ - 2726,ତା. 31/05/2004, ପ୍ଲଟ ନମ୍ବର - 177/3963,178/3962, ମୌଜା - ସାର୍ଗିଜ, ପୋ - ନୟା ବଜାର, ଜିଲ୍ଲା - କଟକ, ସମ୍ବନ୍ଧିତ ଦଲିଲ ଟି କେଉଁଠାରେ ହଜିଯାଇଛି । ଯଦି କେହି ସହୃଦୟ ବ୍ୟକ୍ତି ଦଲିଲ ଟିକୁ ପାଆନ୍ତି ତେବେ ଦୟାକରି ମୋତେ ଏହି ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ । ମୋ-7205805375.



**AFFIDAVIT**

By virtue of an affidavit sworn before Notary Public Bhubaneswar, S.L. No. 283 on dated 25/06/2026, I **AMEETA SRICHANDAN**, W/o Prasanta Srichandan resident of At- Plot No. 64/2954, Vill. Sundarpada, P.S: Airfield, Dist: Khordha, Odisha, PIN: 751002, declare that I have changed my minor Son's name from **JASHPRIT SRICHANDAN (Old Name)** to **ANSUMAN SRICHANDAN (New Name)**. Henceforth, he shall be known as **ANSUMAN SRICHANDAN** for all purposes.
Sd- **AMEETA SRICHANDAN**



**AFFIDAVIT**

By virtue of an affidavit before the Notary Public, Phulbani, Kandhamal, dtd. 24.06.2026, I, Prashant Majhi, At - Sakhipada Po - Sakhipada, Dist- Kandhamal do hereby declare that my minor daughter's name has been changed from "Sukanti Majhi" to "Priyanka Majhi". Henceforth, she shall be known as **"Priyanka Majhi"** for all purposes.
**Prashant Majhi**



**AFFIDAVIT**

By virtue of an affidavit (CF No. 1932, dtd- 22/06/2026) sworn before The Executive Magistrate, Khordha. I, **Shaikh Sajid,** S/o- Shaikh Mahimud, resident of At/Po: Saradhapur, PS: Khordha, Dist: Khordha, Odisha declare that I have changed my name & my father's name from **Mahammad Sajid, S/o Abdul Samad** to **Shaikh Sajid, S/o Shaikh Mahimud** in my Aadhar Card (vide No. 8491 7007 7851). Henceforth, I shall be known as **Shaikh Sajid, S/o Shaikh Mahimud** for all purposes.
**Shaikh Sajid**



**AFFIDAVIT**

I, R Bhagirathy Reddy, aged about 48 years, S/o- Rika Chineya Reddy, resident of At- New Sindhigam (TATA Colony), Badapur, Ps- Gopalpur, Berhampur, Dist- Ganjam, Odisha, Pin- 760007, do hereby declare by this affidavit No. 1307, dtd- 26.06.2026, that now onwards I shall be known as **R BHAGIRATHI REDDY** for all future purposes.

ସକାଳ
THE SAKALA



# ମା' ରମ୍ଭାଦେବୀଙ୍କ ଯାତ୍ରା ସମ୍ପନ୍ନ

ଦେବଗଡ଼, ୨୭ ।୬(ସମିସ)

ଜଙ୍ଗଲ ମଧ୍ୟରେ ପର୍ବତ ଗୁମ୍ଫାରେ ପ୍ରାକୃତିକ ପରିବେଶ ମଧ୍ୟରେ ପୂଜା ପାଉଥିବା ମା' ରମ୍ଭାଦେବୀଙ୍କ ପ୍ରସିଦ୍ଧ ଯାତ୍ରା ଆଜି ମହାସାମାରୋହରେ ଅନୁଷ୍ଠିତ ହୋଇଛି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଥିବା



ପାହାଡରେ ମା'ଙ୍କ ଏହି ପୀଠ ଜିଲ୍ଲାର ତିଲେଇବଣି ବ୍ଲକ ଅଧୀନ ବାସୁଦେବପୁର ଗ୍ରାମରେ ଥିବା ମା'ଙ୍କ ପୀଠସ୍ଥଳରେ ନିଜ ମନସ୍କାମନା ପୂରଣ ପାଇଁ ଆଜି ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରତ୍ୟକ ବର୍ଷ ଜ୍ୟେଷ୍ଠ ତ୍ରୟୋଦଶୀ ତିଥିରେ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ। ଶ୍ରଦ୍ଧାଳୁଙ୍କ ଜନସମାଗମ ହୋଇଥାଏ। ପାହାଡ ଗୁମ୍ଫାରେ ମା' ରମ୍ଭା ଦେବୀ ପୂଜା ପାଇ ଆସୁଛନ୍ତି। ପ୍ରତ୍ୟହ ମା'ଙ୍କ ପାଖରେ ପହଞ୍ଚି ପୂଜାର୍ଚ୍ଚନା ସମ୍ଭବ ନୁହେଁ। ଏହି ଦୃଷ୍ଟିରୁ ସୁଗୁଡା ଗ୍ରାମରେ ମା'ଙ୍କ ଏକ ଆସ୍ଥାନ ସ୍ଥାପନା କରାଯାଇଛି। ସେଠାରେ ପ୍ରତ୍ୟହ ପୂଜାର୍ଚ୍ଚନା କରାଯାଏ। ପ୍ରଥା ଅନୁସାରେ ଆଜି ସୁଗୁଡାରେ ଥିବା ମା'ଙ୍କ ଆସ୍ଥାନରେ ପ୍ରଥମେ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଦେହୁରୀ ଶଙ୍ଖ, ଘଣ୍ଟ ବାଦ୍ୟର ତାଳେ ତାଳେ ଭକ୍ତଙ୍କ ସହ ପାହାଡି ରାସ୍ତା ଦେଇ ମା'ଙ୍କ ପୀଠ ଥିବା ପାହାଡ ଗୁମ୍ଫାରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ତେବେ ମା'ଙ୍କ ପ୍ରସିଦ୍ଧ ଯାତ୍ରା ଅବସରରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ହଜାର ହଜାର ଭକ୍ତଙ୍କ ସମାଗମରେ ଏହି ପର୍ବତ ଖୋଲ ଦିନଟିଏ ପାଇଁ ଲୋକାରଣ୍ୟ ହୋଇ ପଡ଼ିଥିଲା। ସେଠାରେ ଅନେକ ଉଠା ଦୋକାନୀ ନିଜର ପସରା ମେଲାଇ ଥିଲେ। ଆଇନ ଶୃଙ୍ଖଳା ଦୃଷ୍ଟିରୁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଜିଲ୍ଲାର ପର୍ଯ୍ୟଟନ ସ୍ଥଳର ଏହି ସ୍ଥାନକୁ ଅନ୍ତର୍ଭୁକ୍ତ କରିବାକୁ ବାସୁଦେବପୁର ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ଧର୍ମେନ୍ଦ୍ର ପ୍ରଧାନ ଫ୍ୟାନ୍ କ୍ଲବ୍‌ର ସେବା କାର୍ଯ୍ୟ



**ଦେବଗଡ଼, ୨୭ ।୬(ସମିସ):** ଦେବଗଡ଼ ଜିଲ୍ଲାର ପ୍ରସିଦ୍ଧ ମା ରମ୍ଭାଦେବୀ ଙ୍କ ପୂଜା ଅବସରରେ ଧର୍ମେନ୍ଦ୍ର ପ୍ରଧାନ ଫ୍ୟାନ କ୍ଲବ୍ ପକ୍ଷରୁ ସ୍ଥାନୀୟ ପୀଠ ନିକଟରେ ଅନ୍ନ ଭୋଗ ଏବଂ ଦହି ପଣା ବର୍ଣ୍ଟନ କରାଯାଇଛି। ଦେବଗଡ଼ ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ଫ୍ୟାନ କ୍ଲବର ସଂଯୋଜକ ପ୍ରଜିତ କୁମାର ଭୋଜଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯକ୍ରମକୁ ତିଲେଇବଣି ବ୍ଲକ ଅଧକ୍ଷା ବୃନ୍ଦାବତୀ ଭୋଇ ଓ ଉପାଧକ୍ଷା ଆରତୀ ପ୍ରଧାନ ଯୋଗଦେଇ ଫିତା କାଟି ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗେଶ ପ୍ରଧାନ, ରଣଜିତ ପଟେଲ, ବିରଞ୍ଚି ନାରାୟଣ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବର ସଦସ୍ୟ ସତ୍ୟ ନାରାୟଣ ପାଣି, ସୁଶୀଲ ଭୋଇ, ବିରେନ୍ଦ୍ର ନାଏକ, କାର୍ତ୍ତିକ ମୋହକୁଲ, ନିଳମଣୀ ଆଚାର୍ଯ୍ୟ, ପ୍ରୀତି ପରିମିତା ବେହେରା, ସାବିତ୍ରୀ ଭୋଜ, ବିଶେଶ୍ୱର ଦ୍ୱିବେଦୀ, ଆଶିଷ ରଣା, ମକରଧ୍ୱଜ ହସ୍ତୀ, ପଙ୍କଜ ପାତ୍ର, ଦୁଃଶାସନ ନାଏକ, ଭରତ ସାହୁ ପ୍ରମୁଖଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଓକିଲଙ୍କ ପରିବାରକୁ ସଂଘର ସହାୟତା

**ମନମୁଣ୍ଡା, ୨୭ ।୬(ସମିସ):** କନ୍ଧମାଳ କୋର୍ଟର ବରିଷ୍ଠ ଓକିଲ କାଦୋପଦର ନିବାସୀ ସ୍ୱର୍ଗତ ଯୋଗେଶଚନ୍ଦ୍ର ଗାଇଗୌରିଆଙ୍କ ପରିବାରବର୍ଗଙ୍କୁ ଓକିଲ ସଂଘ ସଦସ୍ୟ ସମବେଦନା ଜଣାଇଛନ୍ତି। ଓକିଲ ସଂଘ ସଭାପତି ଦୂତୀଆ ଚରଣ ସାହୁ, ଓକିଲ ନରୋତ୍ତମ ମେହେର, ସୁରେଶ ଚନ୍ଦ୍ର ରଣା, କୈଳାଶ ବାରିକ, ମନୋଜ ଶର୍ମା, ଶମ୍ଭୁ ପ୍ରସାଦ ସାହୁ, ରାଧାବଲ୍ଲଭ ପ୍ରଧାନ, ପ୍ରଶାନ୍ତ ସାହୁ, ଶେଷଦେବ ବଗର୍ତ୍ତି, ହିତେଶ୍ୱର ସାଣ୍ଡ, ବିଶ୍ୱଜିତ ମିଶ୍ର, ନୀଳାମ୍ବର ପ୍ରଧାନ ପ୍ରମୁଖ ସ୍ୱର୍ଗତ ଓକିଲ ଗାଇଗୌରିଆଙ୍କ ଆକସ୍ମିକ ଦେହାନ୍ତରେ ଦୁଃଖ ପ୍ରକାଶ କରିଛନ୍‌ତି। ତାଙ୍କ ପତ୍ନୀ, ପୁଅ ଓ ଝିଅଙ୍କୁ ସମବେଦନା ଜଣାଇଛନ୍ତି। ତାଙ୍କ ପରିବାରକୁ ଓକିଲ ସଂଘ ତରଫରୁ ଯାହା ସମ୍ଭବ ସମସ୍ତ ସାହାଯ୍ୟ, ସହଯୋଗ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏହି ଅବସରରେ ସ୍ୱର୍ଗତ ଗାଇଗୌରିଆଙ୍କ ଶୁଦ୍ଧିକ୍ରିୟା ପାଇଁ ଓକିଲ ସଂଘ ତରଫରୁ ଆଜି ୭୮, ୦୦୦ ଟଙ୍କା ତାଙ୍କ ପୁଅ ଏକଲବ୍ୟଙ୍କୁ ପ୍ରଦାନ କରାଯାଇଥିଲା।



## ୨ ମୃତକଙ୍କ ପରିବାରଙ୍କୁ ଟ୍ରକ୍ ମାଲିକ ସଂଘର ସହାୟତା

**ଇବ୍‌ଥର୍ମାଲ, ୨୭ ।୬(ସମିସ):** ଝାରସୁଗୁଡ଼ା ଜିଲ୍ଲା ବନ୍ଧବାହାଲସ୍ଥିତ ମାଁ ସମଲେଇ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଆଜି ବନ୍ଧବାହାଲ ବିଓସିଏମ୍ ଛକ ନିକଟ ସଙ୍ଘ କାର୍ଯ୍ୟାଳୟରେ ୨ଟି ପରିବାରକୁ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା, ଝାରସୁଗୁଡ଼ା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ସାମଲ ନାଏକ ଯୋଗ ଦେଇଥିଲେ। ଟ୍ରକ୍ ମାଲିକ ସଂଘ ସଭାପତି ଅଖିଳ ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ ଯେ ପରିବାରର ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ପରେ ସେମାନଙ୍କ ଚଳିବା କଷ୍ଟକର। ତାକୁ ଦୃଷ୍ଟିରେ ରଖି ଟ୍ରକ୍‌ମାଲିକ ସଂଘ ବର୍ଷେ ତଳେ ସହାୟତା ପାଣ୍ଠି ଗଠନ କରି ସହାୟତା କରିବା ମହତ କାର୍ଯ୍ୟ। ଏଭଳି ମହତ କାର୍ଯ୍ୟ ଆଗକୁ ଶିକ୍ଷାକ୍ଷେତ୍ରରେ ମଧ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଆଜି ଟ୍ରକ ମାଲିକ ପ୍ରଶାନ୍ତ ରାଉତଙ୍କ ଗତ ୪ ମାସ ତଳେ ମୃତ୍ୟୁ ଘଟିଥିବାରୁ ତାଙ୍କ ସହଧର୍ମିଣୀ ସନ୍ଧ୍ୟାରାଣୀ ରାଉତଙ୍କୁ ୪ ଲକ୍ଷ ଟଙ୍କାର ଚେକ୍ ଓ ଡ୍ରାଇଭର ସୁରେନ୍ଦ୍ର ଧୁରୁଆଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବାରୁ ତାଙ୍କ ସହଧର୍ମିଣୀ ମନ୍ଦାକିନୀ ଧୁରୁଆଙ୍କୁ ୨ ଲକ୍ଷ ଟଙ୍କାର ଚେକ୍ ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରଦାନ କରିଥିଲେ। ସଂଘ ସମ୍ପାଦକ ସନ୍ତୋଷ ମହାନ୍ତି ସ୍ୱାଗତ ଭାଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସଂଘର କର୍ମକର୍ତ୍ତା ସମେତ ବହୁ ଟ୍ରକ୍ ମାଲିକ ଯୋଗ ଦେଇଥିଲେ।



### ୩ ହାଇୱା, ୨ ଟ୍ରାକ୍ଟର ବାଲି ଗାଡ଼ି ଜବତ

**ମନମୁଣ୍ଡା, ୨୭ ।୬(ସମିସ):** ମନମୁଣ୍ଡା ପୁଲିସ ଆଜି ୩ଟି ହାଇୱା ଏବଂ ୨ଟି ବାଲି ଭର୍ତ୍ତି ଟ୍ରାକ୍ଟର ଜବତ କରିଛି। ବେଆଇନ ବାଲି ଚାଲାଣ ଚେକ୍ କରିବା ଉଦ୍ଦେଶ୍ୟରେ ପୁଲିସ ଆଜି ପାଟ୍ରୋଲିଂ କରୁଥିଲାବେଳେ ମନମୁଣ୍ଡା ତେଲନଦୀ ସେତୁ ନିକଟ ଗାନ୍ଧୀ ଛକ ଦେଇ ଏହି ୫ଟି ଗାଡ଼ି ଯାଉଥିଲା। ପୁଲିସ ଅଟକାଇ ଆବଶ୍ୟକ କାଗଜ ମାଗିଥିଲା; କିନ୍ତୁ ଗାଡ଼ି ଚାଳକ ବାଲି ଚାଲାଣ ନେଇ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ପୁଲିସ ୩ ହାଇୱା ଗାଡ଼ି ନଂ ଓଡ଼ି୩୧ପି୩୦୧୧, ଓଡ଼ି୧୫ଜେଡ ୦୧୪୮ ଏବଂ ଓଡ଼ି୩୧ଏଲ ୩୪୮୬ ସମେତ ୨ଟି ଟ୍ରାକ୍ଟରକୁ ଜବତ କରି ଥାନାରେ ଅଟକ ରଖିଛି।

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗାଈର ମୃତ୍ୟୁ

**ମନମୁଣ୍ଡା, ୨୭ ।୬(ସମିସ):** ମନମୁଣ୍ଡା ଥାନା ଶଗଡ଼ାରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ଗାଈର ମୃତ୍ୟୁ ଘଟିଛି। ଶଗଡ଼ା ଗ୍ରାମର ହାଡ଼ିବନ୍ଧୁ ବେହେରାଙ୍କ ଏହି ଜର୍ସି ଗାଈଟି ଆଜି ଚରିବାକୁ ଯାଇଥିଲା। ଜଳସେଚନ ବିଭାଗର ତାର ବାଡକୁ ଗାଈଟି ଛୁଇଁ ହୋଇଥିଲା। ସେଥିରେ ବିଦ୍ୟୁତ୍ ଥିବାରୁ ଗାଈଟି ଘଟଣା ସ୍ଥଳରେ ଆଖି ବୁଜିଥିଲା।

### ସପ୍ତାହେ ପରେ ବି ପୁଲିସ ହାତ ଖାଲି

**କନ୍ଧମାଳ, ୨୭ ।୬(ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ଲକ୍ଷ୍ମୀ ବଜାରରେ ଥିବା ଶ୍ରୀ ଲକ୍ଷ୍ମୀ ମୋବାଇଲ ଦୋକାନରୁ ଗତ ୨୨ ତାରିଖ ବିଳମ୍ବିତ ରାତିରେ ବିପୁଳ ପରିମାଣର ମୋବାଇଲ ଚୋରି ହୋଇଛି। ଦୁର୍ବୃତ୍ତ କାନ୍ଥ ଭାଙ୍ଗି ଏହି ଘଟଣା ଭିଆଇଛନ୍ତି। ଏ ନେଇ ଦୋକାନ ମାଲିକ ଶାନ୍ତନୁ ରଣା କନ୍ଧମାଳ ଥାନାରେ ଏତଲା ଦେଇଥିଲେ। ତେବେ ତଦନ୍ତ ପକ୍ରିୟାରେ ଶିଥିଳତା ଦେଖିବାକୁ ମିଳିଥିଲା। ଚୋରିର ୨ ଦିନ ପରେ ସାଇଣ୍ଟିଫିକ ଟିମ୍ ଆସି ଯାଞ୍ଚ କରିଥିଲା। ଏହି ଘଟଣାରେ ଏ ପର୍ଯ୍ୟନ୍ତ କିନ୍ତୁ ପୁଲିସକୁ ସଫଳତା ମିଳିନି। ଏଣୁ ପୁଲିସର ପାରିବା ପଣିଆ ଉପରେ ଲୋକଙ୍କ ପ୍ରଶ୍ନ ଉଠିଛି।

### କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ଡୁଙ୍ଗୁରିପାଲି, ୨୭ ।୬(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଏସ୍‌ରାମପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ୯୦% ମାର୍କ ପାଇ ଏ-୧ ଗ୍ରେଡ୍ ପାଇଥିବା ଶାଳିନୀ ବନଛୋର, ଲିନୁ ନାଏକ, ଅଷ୍ଟମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଅଲିଭା ଭୁଏ ଓ ଅନିମା ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୋସିୟା ଛତ୍ରିୟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବ ସାମ୍ବାଦିକ ଭରତ ଭୂଷଣ ପୂଜାରୀ ଯୋଗ ଦେଇଥିଲେ। ସୁଧୀର ଗଡ଼ତିଆ ସଂଯୋଜନା କରିଥିଲେ। ସିଆରସିସି ପ୍ରଦୀପ୍ତ କିଶୋର ଦାଶ, ଶିକ୍ଷକ ଉମାକାନ୍ତ ତ୍ରିପାଠୀ, ଗଣିତ ଶିକ୍ଷିକା ସୁଜାତା ସାହୁ, ହିନ୍ଦୀ ଶିକ୍ଷିକା ତରଙ୍ଗିନୀ ମହାପାତ୍ର, କଳା ଶିକ୍ଷିକା ଅନିତା ନାଏକ, କୁଶ ଭୋଇ, ରୀନା ବାଗ, ଚୌହାନ କୁମାର ଦାଶଙ୍କ ସହ ଅଭିଭାବକ ଉପସ୍ଥିତ ଥିଲେ। ସୁଧୀର ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଟ୍ ପ୍ରଶ୍ନପତ୍ର ଲିକ୍‌ରେ ବର୍ଷିଲା କଂଗ୍ରେସ



### ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ପାଠ୍ୟ ପୁସ୍ତକରେ ଥିବା ହଜାର ହଜାର ଭୁଲ୍ ଘଟଣାର ସମାଲୋଚନା

**ବୌଦ୍ଧ, ୨୭ ।୬(ସମିସ):** ସ୍ଥାନୀୟ ମାଉସୀ ମାଁ ମନ୍ଦିର ଗୋଷ୍ଠୀ କେନ୍ଦ୍ରରେ ଆଜି ବୌଦ୍ଧ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଛାତ୍ରୋଁକି ଗୁଞ୍ଜ ସମାବେଶ ଓ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ କମିଟି ସଭାପତି ଅବଦୁଲ୍ କଲିମ୍ ଖାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ କଂଗ୍ରେସ ପର୍ଯ୍ୟବେକ୍ଷକ ହଳଧର ସେଠୀ ଉପସ୍ଥିତ ରହି ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ପାଠ୍ୟ ପୁସ୍ତକରେ ଥିବା ହଜାର ହଜାର ଭୁଲ୍ ଘଟଣାର ସମାଲୋଚନା କରିବା ସହ ସରକାରଙ୍କ ନିନ୍ଦା କରିଥିଲେ। ନିଟ୍ ଆଶାୟୀ ଛାତ୍ରୀଙ୍କ ପ୍ରଶ୍ନପତ୍ର ଲିକ୍ ନେଇ ଆତ୍ମହତ୍ୟା କରିଥିବା ପ୍ରସଙ୍ଗ, ସୀମିତ ସିଟ୍ ଓ ପଦବୀ ପାଇଁ ଛାତ୍ରଛାତ୍ରୀଙ୍କୁ ହେଉଥିବା ସମସ୍ୟା, ବେସରକାରୀ ସ୍କୁଲ ଗୁଡିକରେ ବର୍ଦ୍ଧିତ ଫି' ନେଇ କଂଗ୍ରେସ ତରଫରୁ ସମାଲୋଚନା କରାଯାଇଥିଲା। ପୂର୍ବତନ ଜିଲ୍ଲା ସଭାପତି ନବ ମିଶ୍ର, ଛାତ୍ର କଂଗ୍ରେସ ସଂଯୋଜକ ପ୍ରତ୍ୟୁଷ ମହାନନ୍ଦ, ବୌଦ୍ଧ ନଗର କଂଗ୍ରେସ ସଭାପତି ତପନ ରାଉତରାୟ, ବରିଷ୍ଠ କଂଗ୍ରେସ ନେତା ଶାନ୍ତନୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବରିଷ୍ଠ କଂଗ୍ରେସ ନେତା ସମରେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମାବେଶରେ କଂଗ୍ରେସ ଦଳର କର୍ମୀ ଓ ଛାତ୍ରମାନେ ଯୋଗ ଦେଇଥିଲେ।

## ଓପିଜିସି ସହଯୋଗରେ ସାଇକଲ ପାଇଲେ ୩୦ ଛାତ୍ରୀ

**ଇବ୍‌ଥର୍ମାଲ, ୨୭ ।୬(ସମିସ):** ତିଲିଆ ପଞ୍ଚାୟତ ଫଟାପାଲି ଗ୍ରାମର ଅର୍ଜୁନ ଗୁପ୍ତା ବାଳିକା ଉଚ୍ଚ ବିଦ୍ୟାଳୟରେ ଓପିଜିସି ଦ୍ୱାରା ସ୍ମାର୍ଟ କ୍ଲାସ୍‌ର ଉଦ୍‌ଘାଟିତ ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଓପିଜିସି ସହାୟତାରେ ମନ୍ତ୍ରୀ ହାଇସ୍କୁଲର ୩୦ ଜଣ ଛାତ୍ରୀଙ୍କୁ ସାଇକେଲ ବର୍ଣ୍ଟନ କରିଥିଲେ। ଓପିଜିସିର ନିର୍ଦ୍ଦେଶକ (ଅପରେସନ) ଅଞ୍ଜନା ରଞ୍ଜନ ଦାଶ କାର୍ଯ୍ୟକ୍ରମ ଉପସ୍ଥିତ ଥିଲେ। ସେହିଭଳି ଓପିଜିସିର ପକ୍ଷରୁ ୩୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ କୁମ୍ଭାରବନ୍ଧ ପ୍ରାଥମିକ ବିଦ୍ୟାଳୟର ନୂତନ ଶ୍ରେଣୀଗୃହକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ବିଜେପି ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ସାମଲ ନାଏକ, ଓପିଜିସି ସିନିୟର୍ ଭି ପି ସୁକାନ୍ତ ମହାପାତ୍ର, ସିଏସ୍‌ଆର ମୁଖ୍ୟ ପ୍ରଫୁଲ୍ଲ ଧଳ, ଜନସମ୍ପର୍କ ଅଧିକାରୀ ହୀମାଂଶ ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



## ଜୈବିକ କୃଷି କର୍ମଶାଳା

**ବୌଦ୍ଧ, ୨୭ ।୬ (ସମିସ):** ବୌଦ୍ଧ ଜିଲ୍ଲାସ୍ତରୀୟ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମର ଆଜି ଦ୍ୱିତୀୟ ଦିବସ ଅବସରରେ ସ୍ଥାନୀୟ ଟାଉନ ହଲ୍‌ଠାରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ସଭାପତିତ୍ୱରେ ଜୈବିକ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ କହ୍ନେଇ ଚରଣ ଡାଙ୍ଗ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କୁଲଦୀପ ମିନା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଓ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜ୍ଞାନ ବଲ୍ଲଭ ଦାଶ ଉପସ୍ଥିତ ଥିଲେ। ଜିଲ୍ଲା ମତ୍ସ୍ୟ ଅଧିକାରୀ ରୋଜାଲିନ ସାହୁ, ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଡ. ଅଭିମନ୍ୟୁ ରାଉତ ଏବଂ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅଶ୍ୱିନୀ ଶାନ୍ତ ନିଜ ନିଜ ବିଭାଗର ଜନକଲ୍ୟାଣକାରୀ ଯୋଜନା ଏବଂ ସଫଳତା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏହି କୃଷି କର୍ମଶାଳାରେ ବୌଦ୍ଧ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ତପନ ଦାଶ ଏବଂ କୃଷି ବୈଜ୍ଞାନିକ କବିତା ମିଶ୍ର ଯୋଗ ଦେଇଥିଲେ। ମହିଳା କୃଷକ ସାଧନା ବାରିକ ନିଜର ଜୈବିକ କୃଷି ଅଭିଜ୍ଞତା ଓ ସଫଳତାର କାହାଣୀ କହିଥିଲେ। କାର୍ଯ୍ୟକ୍ରମରେ ୫ ଜଣ ଉଦ୍ୟୋଗୀ କୃଷକଙ୍କୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ଗୋ-ଏହେଡ୍ ଆଦେଶ ପ୍ରଦାନ କରାଯାଇଥିଲା। ୨୦ ଜଣ କୃଷକଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବର୍ଣ୍ଟନ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ବୌଦ୍ଧ ସାଂସ୍କୃତିକ କଳା ପରିଷଦ ଏବଂ ଗେହ୍ଲାମା କଳାନିକେତନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା।

## ଉଦ୍ୟମୀ ଓଡ଼ିଶା ଏମ୍‌ଏସଏମ୍‌ଇ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ତରଭା, ୨୭ ।୬(ସମିସ):** ସୁବର୍ଣ୍ଣପୁର ନୂଆ ଟାଉନ ହଲରେ ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ଏହାକୁ ଉଦ୍‌ଘାଟନ କରିଛନ୍ତି। ବିଧାୟକ ଶ୍ରୀ ଜଗଦଲା କହିଥିଲେ ଯେ ସରକାର ଜନସାଧାରଣଙ୍କ ଆୟ ବୃଦ୍ଧି କରିବା ପାଇଁ ଚେଷ୍ଟା କରୁଛନ୍ତି। ଏହି କ୍ଷେତ୍ରରେ ଆମେ ଆମର କୌଳିକ ବୃତ୍ତିର ବିକାଶ କରିପାରିବା। ଦେଶରେ ୪୦ କୋଟି ଲୋକ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ଚାକିରି ପାଉଛନ୍ତି। ଏହି କ୍ଷେତ୍ରରେ ଗ୍ରାମୀଣ ଲୋକମାନେ ଅଧିକାଂଶ ଭାବରେ କାମ କରୁଛନ୍ତି। ଏହାସହ ଋଣରେ ମଧ୍ୟ ୮୦୦ କୋଟି ଟଙ୍କା ଏହି କ୍ଷେତ୍ରକୁ ଦିଆଯାଉଛି ବୋଲି ଏଥିରେ ସୂଚନା ଦିଆଯାଇଛି। ଏହି ଅବସରରେ ଅନୁଷ୍ଠିତ ପ୍ରଦର୍ଶନୀରେ ମୋଟ ୨୨ଟି ଷ୍ଟଲ୍ ରହିଛି। ସେଥିମଧ୍ୟରୁ ୬ଟି ଷ୍ଟଲ୍ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିଛି। ଆଜିଠାରୁ ଆରମ୍ଭ ହୋଇଥିବା ପ୍ରଦର୍ଶନୀ କାର୍ଯକ୍ରମ ଜୁଲାଇ ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଦିନ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ପ୍ରଦର୍ଶନୀ ଖୋଲା ରହିବ। ଅନ୍ୟତମ ଅତିଥି ଭାବେ ମୁନିସିପାଲିଟି ଅଧ୍ୟକ୍ଷା ତାମାସୀ ତାମସ୍ମିତା ନାଏକ, ଏଲଡିଏମ୍ କାର୍ତ୍ତିକେଶ୍ୱର ପଣ୍ଡା ଏବଂ ନାବାର୍ଡ ଡିଡିଏମ୍ ଡ. ସତ୍ୟସ୍ୱରୂପ ବିଦାନ୍ତ ଯୋଗ ଦେଇଥିଲେ। ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳିକା ସୁଷମା କରାଳି ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଉଦ୍ୟୋଗୀତା, ଋଣ ସହାୟତା, ବ୍ୟାଙ୍କିଂ ସୁବିଧା, ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କ ଦକ୍ଷତା ବିକାଶ, ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ସଶକ୍ତୀକରଣ ଏବଂ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବ। ସେହିପରି ବିପଣନ, ବ୍ରାଣ୍ଡିଂ, ଡିଜିଟାଲାଇଜେସନ ଓ ଉଦ୍ୟୋଗିତା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏହା ସହିତ ଉଦ୍ୟୋଗୀତା ବିଷୟ ଉପରେ ପ୍ରବନ୍ଧ, ବିତର୍କ, କୁଇଜ୍ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯିବ। ପ୍ରଦର୍ଶନୀର ଶେଷ ଦିନରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସହ ସଫଳ ଉଦ୍ୟୋଗୀମାନଙ୍କୁ ସମ୍ମାନିତ କରାଯିବ।




## ବୌଦ୍ଧର ବିଭିନ୍ନ ସମସ୍ୟା ନେଇ ନାଗରିକ କମିଟିର ବୈଠକ



**ବୌଦ୍ଧ, ୨୭ ।୬(ସମିସ):** ସ୍ଥାନୀୟ ମାଉସୀ ମା' ମନ୍ଦିର ପରିସରରେ ବୌଦ୍ଧ ନାଗରିକ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନାଗରିକ କମିଟିର ସମ୍ପାଦକ ବିଶ୍ୱେଶ୍ୱର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ପ୍ରଥମତଃ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସମସ୍ୟା, ଅବହେଳିତ ସଂଗ୍ରହାଳୟ, ପାତାଳି ଶ୍ରୀକ୍ଷେତ୍ର ନାୟକପଡ଼ାର ବିକାଶ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଡିପିଆର ପ୍ରସ୍ତୁତ ହୋଇଥିଲେ ବି ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରେରଣ କରାଯାଇ ନ ଥିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଏସବୁ ସମସ୍ୟା ପ୍ରତି ଧ୍ୟାନ ଦେଇ ତୁରନ୍ତ ସମାଧାନ ନ କଲେ ନାଗରିକ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ବୈଠକରେ ବୁଦ୍ଧିଜୀବୀ, ବିଶିଷ୍ଟ ବ୍ୟକ୍ତି ଏବଂ ନାଗରିକ କମିଟିର ସଦସ୍ୟମାନେ ଉପସ୍ଥିତ ରହି ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କାଠ ମାଫିଆଙ୍କ ନଜରରେ ପୁଟୁପୁଟିଗଡ଼ ଜଙ୍ଗଲ

### ବନ ବିଭାଗ ଜ୍ଞାତସାରରେ ଗଛ କାଟି ଚାଲାଣ ଅଭିଯୋଗ

ଶଗଡ଼ା/କନ୍ଧମାଳ, ୨୭ ।୬(ସମିସ)

ବୌଦ୍ଧ ବନଖଣ୍ଡ କନ୍ଧମାଳ ରେଞ୍ଜ ବରପଦର ସେକ୍ସନ ପୁଟୁପୁଟିଗଡ଼ ସଂରକ୍ଷିତ ଜଙ୍ଗଲ ଉପରେ କାଠ ମାଫିଆଙ୍କ ନଜର ପଡ଼ିଛି। ଏଠାରୁ ହଜାର ହଜାର ମଛ କଟାଯାଇ ଚାଲାଣ ହେଉଛି। ବନ ବିଭାଗ ଜ୍ଞାତସାରରେ ଦିନ ଦ୍ୱିପ୍ରହରେ ଟ୍ରାକ୍ଟର ଓ ଟ୍ରକ୍ ଯୋଗେ ଚାଲାଣ ହେଉଛି। ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ବନୀକରଣ କରିଛନ୍ତି। ମା ପାଇଁ ଗଛଟିଏ ସ୍ଲୋଗାନ ଦେଇ ଜଙ୍ଗଲ ସୃଷ୍ଟି ପାଇଁ ସଚେତନ କରାଉଛନ୍ତି; ହେଲେ ସଂରକ୍ଷିତ ଜଙ୍ଗଲରୁ ହଜାର ହଜାର ବଢ଼ିଲା ଗଛ କଟା ଯାଉଛି। ସବୁ ଦେଖି ମଧ୍ୟ ଦାୟିତ୍ୱରେ ଥିବା ବନ କର୍ମଚାରୀ ଚୁପ୍। ପ୍ରତିଦିନ ଶହ ଶହ ବଲ୍ହା ଦିନ ଦ୍ୱିପ୍ରହରେ ପୁରୁଣା ପାଣି, ନଳିକୁମ୍ପା ଓ ମାନପଦର ରାସ୍ତାରେ ଚାଲାଣ ଚାଲିଛି। ଏହି ରାସ୍ତାରେ ଏକ ନର୍ସରୀ ପାଇଁ ବହୁ ବଡ ବଡ ପୁରୁଣା ଗଛ ମଧ୍ୟ ନିଜେ ବନ ବିଭାଗ କାଟି ସଫା କରି ଦେଇଛି। ବର୍ତ୍ତମାନ ମଧ୍ୟ ସେଠାରେ ପଡ଼ିଥିବା କାଠ ଗଣ୍ଡିଗୁଡ଼ିକ ତାହାର ପ୍ରମାଣ। ନର୍ସରୀରେ ସବୁବେଳେ ବନ କର୍ମଚାରୀ ଓ ଜଗୁଆଳି ରହୁଛନ୍ତି। ଏହା ସମ୍ମୁଖ ଦେଇ ଟ୍ରାକ୍ଟର ଓ ଟ୍ରକ ଯୋଗେ ବଲ୍ହା ଓ ଗଣ୍ଡି ଚାଲାଣ ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଉ ନାହିଁ। ଏହାଫଳରେ କାଠ ମାଫିଆ ଓ ବନ କର୍ମଚାରୀଙ୍କ ମଧ୍ୟରେ ଭିତିରି ସମ୍ପର୍କ ଥିବା ସନ୍ଦେହ ପ୍ରକାଶ ପାଉଛି।



● ଗ୍ରାମୀଣ ଜୀବିକା ସଶକ୍ତ ଦିଗରେ ଦୃଢ଼ ପଦକ୍ଷେପ

# ଫ୍ଲାଏ ଆଶ୍ ବ୍ରିକ୍ ୟୁନିଟ୍ ଓ ଗୋଷ୍ଠୀଭିତ୍ତିକ ଉଦ୍ୟୋଗର ଶୁଭାରମ୍ଭ




ଭବାନୀପାଟଣା/ଥୁଆମୂଳ ରାମପୁର, ୨୭ ।୬(ସମିସ): ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ, ଆଦିତ୍ୟ ବିର୍ଲା ଗ୍ରୁପ୍ ସହଯୋଗୀ କମ୍ପାନୀ ପକ୍ଷରୁ ଗ୍ରାମୀଣ ଜୀବିକା ବିକାଶ ଓ ସ୍ୱାବଲମ୍ବନକୁ ପ୍ରୋତ୍ସାହିତ କରିବା ଦିଗରେ 'ପ୍ରକଳ୍ପ ଉଦ୍ୟମୀ ୨.୦'ର ସଫଳ ଭାବେ କାର୍ଯ୍ୟକାରୀ ପାଇଁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଏହି ପଦକ୍ଷେପଟି ଏଣ୍ଟରପ୍ରେନ୍ୟୁରଶିପ୍ ଡେଭଲପମେଣ୍ଟ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଇଡିଆଇଆଇ)ର ସହଯୋଗରେ କାର୍ଯ୍ୟକାରୀ କରାଯାଉଛି। ଗ୍ରାମାଞ୍ଚଳରେ ନୂତନ ଉଦ୍ୟୋଗୀ ସୃଷ୍ଟି ସମେତ ଏହାକୁ ପ୍ରୋତ୍ସାହନ ଦେବା ଓ ଅଞ୍ଚଳରେ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି ଏହାର ମୂଳ ଉଦ୍ଦେଶ୍ୟ। ଏହି ପ୍ରକଳ୍ପ ଅନ୍ତର୍ଗତ କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକର ଅଡ୍ରି ଗ୍ରାମରେ ଏକ ଫ୍ଲାଏ ଆଶ୍ ବ୍ରିକ୍ ଉତ୍ପାଦନ ୟୁନିଟ୍ର ଶୁଭାରମ୍ଭ କରାଯାଇଅଛି। ଏହାକୁ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ର ସିଏସଆର ମୁଖ୍ୟ ଅଭିଜିତ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଓ ଡାଉନଷ୍ଟ୍ରିମ୍ ସିଏସଆର କ୍ଲଷ୍ଟର ମୁଖ୍ୟ ଶିବ ଶଙ୍କର ମହାପାତ୍ର ଏବଂ ୟୁଏଆଇଏଲ୍ର ସିଏସଆର ମୁଖ୍ୟ ଲୋପାମୁଦ୍ରା ମିଶ୍ର ଉପସ୍ଥିତ ଥିଲେ। ଏହା ସହିତ 'ପ୍ରକଳ୍ପ ଉଦ୍ୟମୀ ୨.୦' ଅଧୀନରେ ତିନୋଟି ଗୋଷ୍ଠୀଭିତ୍ତିକ ଉଦ୍ୟୋଗର ମଧ୍ୟ ଶୁଭାରମ୍ଭ କରାଯାଇଛି। ସେଗୁଡ଼ିକ ହେଲା ନୂଆଗାଁରେ ନମକିନ୍ ଉତ୍ପାଦନ ୟୁନିଟ୍, ବରିଆଗୁଡ଼ାରେ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ଏବଂ ନକଟିଗୁଡ଼ାରେ କାଠ କାରିଗରୀ (କାର୍ପେଣ୍ଟ୍ରି) ୟୁନିଟ୍ ପ୍ରମୁଖ ରହିଛି। ଏହି ଅବସରରେ ମତବ୍ୟକ୍ତ କରି ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ର ସିଏସଆର ମୁଖ୍ୟ ଅଭିଜିତ କହିଛନ୍ତି ଯେ, ଏଭଳି ପଦକ୍ଷେପ ଗ୍ରାମାଞ୍ଚଳରେ ଆର୍ଥିକ ଭାବେ ସଶକ୍ତ, ସ୍ୱାବଲମ୍ବୀ ଓ ଦକ୍ଷତାଭିତ୍ତିକ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବାରେ ସହାୟକ ହେବ।

ପର୍ଲା ମଣ୍ଡିରେ ଧାନ ଉଠାଣ ମନ୍ଥର

# ଖୋଲା ଆକାଶ ତଳେ ୧୮ ହଜାର କୁଇଣ୍ଟାଲ ଧାନ

ଧର୍ମଗଡ଼, ୨୭ ।୬(ସମିସ)



କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅଧୀନ ପର୍ଲାମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଓ ପ୍ରଶାସନିକ ଅବହେଳା ଯୋଗୁଁ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମଣ୍ଡିରେ ଏବେ ମଧ୍ୟ ପ୍ରାୟ ୧୮ ହଜାର କୁଇଣ୍ଟାଲରୁ ଅଧିକ ଧାନ ଖୋଲା ଆକାଶ ତଳେ ପଡ଼ି ରହିଛି। ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଥିବାରୁ ଏହି ଧାନ ଓଦା ହୋଇ ଗଜା ହେବାକୁ ବସିଲାଣି। ଅନ୍ୟପଟେ ନିର୍ଦ୍ଧାରିତ ସମୟ ମଧ୍ୟରେ ଧାନ ବିକ୍ରି ନ ହେଲେ ଟୋକନ ଲାପ୍ସ (ରଦ୍ଦ) ହୋଇଯିବା ଆଶଙ୍କାରେ ଚାଷୀକୂଳ ସମ୍ପୂର୍ଣ୍ଣ ଚିନ୍ତାଗ୍ରସ୍ତ ହୋଇପଡ଼ିଛନ୍ତି।

ସୂଚନା ଅନୁଯାୟୀ, ପର୍ଲାମଣ୍ଡିରେ ଚଳିତବର୍ଷ ସମୁଦାୟ ୩୨, ୬୬୧ କୁଇଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୧୦ଟି ରାଇସ୍ ମିଲ୍‌କୁ ମଧ୍ୟ ଟ୍ୟାଗ୍ କରାଯାଇଛି। ହେଲେ ମିଲର ଓ ପ୍ରଶାସନର ମନ୍ଥର ନୀତି ଯୋଗୁଁ ଏପର୍ଯ୍ୟନ୍ତ ମାତ୍ର ୧୩, ୯୦୫ କୁଇଣ୍ଟାଲ ଧାନ ଉଠାଣ ସମ୍ଭବ ହୋଇଛି। ବାକି ୧୮, ୭୫୫ କୁଇଣ୍ଟାଲ ଧାନ ଏବେ ବି ମଣ୍ଡି ପ୍ରାଙ୍ଗଣରେ ଅତି ଅସହାୟ ଅବସ୍ଥାରେ ପଡ଼ିରହିଛି। ନିଜର ରକ୍ତଭିଜା ଶ୍ରମର ଅମଳକୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ଚାଷୀମାନେ ବସ୍ତା ଉପରେ ପଲିଥିନ ଘୋଡ଼େଇ ଦିନରାତି ଜଗି ରହିଛନ୍ତି। ସମସ୍ୟା ଏତିକିରେ ସରିନାହିଁ, ମଣ୍ଡିରେ ଚାଷୀଙ୍କୁ ଶୋଷଣ କରାଯାଉଥିବା ନେଇ ସାଂଘାତିକ ଅଭିଯୋଗ ଆସିଛି। ସ୍ଥାନୀୟ ଚାଷୀ ବଳରାମ ମାଝୀ, ହିମାଞ୍ଚଳ ଗୋପାଳ ଓ ଶ୍ରୀକାନ୍ତ ଗୋପାଳଙ୍କ ଅଭିଯୋଗ ଅନୁସାରେ ମଣ୍ଡିରେ କୁଇଣ୍ଟାଲ ପ୍ରତି ସିଧାସଳଖ ୭ କେଜି ଲେଖାଏଁ ଧାନ କଟ୍‌ନୀ ଛଟ୍‌ନୀ କରାଯାଉଛି। ଏ ସମ୍ପର୍କରେ ଧାନ କ୍ରୟ ଅଧିକାରୀ ଧବଳେଶ୍ୱର ସୁନାନୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ସ୍ଥାନୀୟ ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଧାନ ଉଠାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

**୭ କେଜି କଟ୍‌ନୀଛଟ୍‌ନୀ ଅଭିଯୋଗ**

● ଧାନ ବିକ୍ରି ନହେବାରୁ ଚାଷୀଙ୍କ ଆତ୍ମହତ୍ୟା ଅଭିଯୋଗ ଘଟଣା

## ମୃତକଙ୍କ ପରିବାରକୁ ଭେଟିଲା କଂଗ୍ରେସର ୯ ଜଣିଆ ଟିମ୍

କୋମନା/ନୂଆପଡ଼ା, ୨୭ ।୬(ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅଧୀନ ଜଡାମୁଣ୍ଡା ଗ୍ରାମରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଧାନବିକ୍ରି କରି ନପାରି ମାନସିକ ଚାପରେ ଚାଷୀ ନେପାଳ ମାଝୀ ଆତ୍ମହତ୍ୟା କରିଥିବା ନେଇ ଗୁରୁତର ଅଭିଯୋଗ ହୋଇଛି। ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ କଂଗ୍ରେସ ପକ୍ଷରୁ ଏକ ୯ ଜଣିଆ ପ୍ରତିନିଧି ଦଳ (ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ) ଆଜି ପୀଡ଼ିତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମୃତ ଚାଷୀ ନେପାଳ ମାଝୀ ଚଳିତବର୍ଷ କଷ୍ଟଅର୍ଜିତ ଧାନ ବିକ୍ରି କରିବା ପାଇଁ ମଣ୍ଡିକୁ ନେଇଥିଲେ। ମାତ୍ର ବ୍ୟବସ୍ଥାର ତ୍ରୁଟି ଏବଂ ଧାନବିକ୍ରି ନହୋଇ ପଡ଼ିରହିବା ଯୋଗୁଁ ସେ ଗଭୀର ଚିନ୍ତାରେ ଥିଲେ। ଋଣ ବୋଝ ଏବଂ ପରିବାର ପ୍ରତିପୋଷଣର ଚାପ ସହି ନପାରି ସେ ଚରମ ନିଷ୍ପତ୍ତି ନେଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏହି ଘଟଣାର ତଦନ୍ତ ଏବଂ କ୍ଷେତ୍ର ପରିଦର୍ଶନ ପାଇଁ ଆଜି ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କ ନେତୃତ୍ୱରେ କଂଗ୍ରେସର ଏକ ୯ ଜଣିଆ ଉଚ୍ଚସ୍ତରୀୟ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ ଆଜି ଜଡାମୁଣ୍ଡା ଗାଁରେ ପହଞ୍ଚିଥିଲେ। ଟିମର ସଦସ୍ୟମାନେ ମୃତ ନେପାଳ ମାଝୀଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରି ଘଟଣାର ସବିଶେଷ ବିବରଣୀ ସଂଗ୍ରହ କରିଛନ୍ତି।

## ହୋଟେଲ ମାଲିକଙ୍କୁ ୧୦ ହଜାର ଟଙ୍କା ଜରିମାନା

ନୂଆପଡ଼ା, ୨୭ ।୬(ସମିସ): ପ୍ଲାଷ୍ଟିକ ବର୍ଜ୍ୟ ପରିଚାଳନା ନିୟମର କଡ଼ାକଡ଼ି ଅନୁପାଳନ ଓ ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ ନୂଆପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଚାଲିଥିବା ଅଭିଯାନ ଅଧୀନ ଆଜି ନୂଆପଡ଼ା ବ୍ଲକ ଅଧୀନ ଗୋତମା ଛକ ନିକଟରେ ଥିବା ଏକ ହୋଟେଲ ଉପରେ ଚଢ଼ଉ କରାଯାଇଛି। ଚଢ଼ଉ ସମୟରେ ହୋଟେଲ ନିକଟରେ ଖୋଲା ସ୍ଥାନରେ ଏକ କ୍ୱିଣ୍ଟାଲରୁ ଅଧିକ ପ୍ଲାଷ୍ଟିକ ବର୍ଜ୍ୟ ଗଦା କରାଯାଇଥିବା ଜଣାପଡ଼ିଥିଲା। ପ୍ଲାଷ୍ଟିକ ବର୍ଜ୍ୟ ପରିଚାଳନା ନିୟମ ଉଲ୍ଲଂଘନ ଅଭିଯୋଗରେ ହୋଟେଲ ମାଲିକ ବିଜୟ କୁମାର ସାହୁଙ୍କ ଠାରୁ ୧୦, ୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି ଚଢ଼ଉରେ ଉପଜିଲ୍ଲାପାଳ ସୁର୍ମୀ ସୋରେନ, ଅତିରିକ୍ତ ଟ୍ରେଜେରୀ ଅଫିସର ମଧୁସ୍ମିତା ପରିଜା, ଜିଲ୍ଲା ସମାଜମଙ୍ଗଳ ଅଧିକାରୀ ଏସ୍. ଗୀତା, ବିଡିଓ ରୋହିତ କୁମାର ଭୋଇ, ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ପାଣିଗ୍ରାହୀ, ଜିଲ୍ଲା ସ୍ୱଚ୍ଛତା ସଂଯୋଜକ ଅନିଲ କୁମାର ଲେଙ୍କା, ବ୍ଲକ ସଂଯୋଜକ ଅବିନାଶ ମହାପାତ୍ର ଏବଂ ଆମସେନା ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ବାଳିକା ଉଚ୍ଚ ବିଦ୍ୟାଳୟରେ ପୋଷାକ ବଣ୍ଟନ

କେସିଙ୍ଗା, ୨୭ ।୬(ସମିସ): ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଶ୍ରୀସମୀର କୁମାର ବେହେରାଙ୍କ ସଭାପତିତ୍ୱରେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶିବ ପ୍ରସାଦ ସାହୁ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଦୁଇ ହଳ ଲେଖାଏଁ ପୋଷାକ, ହଳେ ଲେଖାଏଁ ହାଉସ୍ ଡ୍ରେସ୍ ଓ ଯୋତା ଏବଂ ଦୁଇହଳ ମୋଜା ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଅଣଶିକ୍ଷକ କର୍ମଚାରୀମାନେ ସହଯୋଗ କରିଥିଲେ।

## ଅନ୍ତର୍ଜାତୀୟ ନିଶା ନିବାରଣ ଏବଂ ଅବୈଧ ଚାଲାଣ ନିଷିଦ୍ଧ ଦିବସ

ଭବାନୀପାଟଣା, ୨୭ ।୬(ସମିସ): କଳାହାଣ୍ଡି ଜିଲ୍ଲାରେ ଅନ୍ତର୍ଜାତୀୟ ନିଶା ନିବାରଣ ଏବଂ ଅବୈଧ ଚାଲାଣ ନିଷିଦ୍ଧ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୩୦୦ ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଭାବେ ତନ୍ମୟ କୁମାର ଦରୱାନ ଯୋଗ ଦେଇଥିଲେ। ସମାଜସେବୀ ଯୁଗଳ କିଶୋର ପୋଢ଼, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଡି.ଏସ୍.ପି ସାଗରିକା ପ୍ରଧାନ, ବ୍ରହ୍ମାକୁମାରୀ ମଧୁ ପମୁଖ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ବରିଷ୍ଠ ଶିକ୍ଷାବିତ୍ ଉମେଶ ଚନ୍ଦ୍ର ଶତପଥୀ ଯୋଗ ଦେଇଥିଲେ। ଦିନେଶ କୁମାର କହଁର ସଭାପତିତ୍ୱ କରିଥିଲେ।

# ସିନ୍ଧି କାଟି ମହିଳାଙ୍କ ଘରୁ ଚୋରି



କୋକସରା, ୨୭।୬(ସମିସ): କୋକସରା ଥାନା ଦଣ୍ଡପାଟ ଅଞ୍ଚଳରେ ଗତ କିଛି ମାସ ହେଲା ଚୋରି ଓ ଡକାୟତି ମାମଲା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଗତ ୧୯ ତାରିଖରେ ଖୁଣ୍ଟିଆ ପିପଲପଡ଼ା ଗ୍ରାମର ଜଣେ ଦିନମଜୁରିଆଙ୍କ ଘରୁ ଚୋରି ହେବାର ସପ୍ତାହେ ନପୂରୁଣୁ, ପୁଣି ଏକ ଚୋରି ମାମଲା ସାମ୍ନାକୁ ଆସିଛି। ଏଥର ଦୁର୍ବୃତ୍ତମାନେ ବେହେରାଗୁଡା ଗ୍ରାମର ଜଣେ ଅସହାୟ ବିଧବା ମହିଳାଙ୍କୁ ଟାର୍ଗେଟ୍ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବେହେରାଗୁଡା ଗ୍ରାମର ବିଧବା ମହିଳା କୌଶଲ୍ୟା ନାଏକ ଶୁକ୍ରବାର ବିଳମ୍ବିତ ରାତିରେ ନିଜ ପୁଅ, ଝିଅଙ୍କ ସହିତ ଖାଇପିଇ ଶୋଇଥିଲେ। ବିଳମ୍ବିତ ରାତିରେ ଚୋରମାନେ ତାଙ୍କ ଘର କାନ୍ଥରେ ସିନ୍ଧି (ଗାତ) କରି ଭିତରକୁ ପଶିଥିଲେ। ଘରେ ରଖାଯାଇଥିବା ନଗଦ ୭ ହଜାର ଟଙ୍କା ଏବଂ ଅନ୍ୟ ଏକ ମାଟି ପାତ୍ରରେ ସଞ୍ଚିତ କରି ରଖିଥିବା ୭୦ ହଜାର ଟଙ୍କା, ମୋଟ ୭୭ ହଜାର ଟଙ୍କା ନେଇ ଚୋରମାନେ ଚମ୍ପଟ ମାରିଛନ୍ତି। ଶନିବାର ପାହାନ୍ତିଆ ସମୟରେ କୌଶଲ୍ୟା ନିଦରୁ ଉଠିବା ପରେ ଘର କାନ୍ଥ ଭାଙ୍ଗିଥିବା ଦେଖିବାକୁ ପାଇଥିଲେ ଏବଂ ସର୍ବସ୍ୱ ଲୁଟ୍ ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏ ନେଇ କୌଶଲ୍ୟା କୋକସରା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। କୋକସରା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସ୍ଥାନୀୟ ଅଞ୍ଚଳରେ ବାରମ୍ବାର ଘଟୁଥିବା ଏହିଭଳି ଚୋରି ଘଟଣା ଯୋଗୁଁ ପୁଲିସର ଏନେଇ କୋକସରା ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରଖିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

**ଲାଞ୍ଜିଗଡ଼ରେ ଶିକ୍ଷକଙ୍କ ବୃହତ କାର୍ମଶାଳା**

## ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ



ଲାଞ୍ଜିଗଡ଼, ୨୭ ।୬(ସମିସ): ଲାଞ୍ଜିଗଡ଼ ବ୍ଲକର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପାଇଁ ଏକ ବୃହତ କାର୍ମଶାଳା ବିଶ୍ୱନାଥପୁର ମା ହୀରାନୀଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଶ୍ରୀ ମେହେର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମୟରେ ବିଦ୍ୟାଳୟରେ ଉପସ୍ଥିତ ରହିବା ଏବଂ ଶ୍ରେଣୀରେ ଶିକ୍ଷାଦାନକୁ ସର୍ବୋଚ୍ଚ ଗୁରୁତ୍ୱ ଦେବାକୁ କହିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଏମ୍ଆଇଏସ ରାକେଶ ମିଶ୍ର ଇଉଡିଆଇଏସ୍ଇ ପ୍ଲସ୍ ପୋର୍ଟାଲ୍ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ଏବଂ ଜିଲ୍ଲା ନିଲ୍ପ କୋଡିନେଟର ହରିଶ୍ଚନ୍ଦ୍ର ମୁଣ୍ଡ ଉପସ୍ଥିତ ଥିଲେ। ସେମାନେ କହିଥିଲେ ନିଲ୍ପ କାର୍ଯ୍ୟକୁ ସଠିକ୍ ଭାବେ କରିବା ପାଇଁ ସମସ୍ତେ ଠିକ୍ ରେଜିଷ୍ଟ୍ରେସନ୍ କରିବେ। ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷା ସହ ଉତ୍ତମ ସ୍ୱାସ୍ଥ୍ୟ ବଜାୟ ରଖିବା ଆମର ମୁଖ୍ୟ ଦାୟିତ୍ୱ ବୋଲି ସେମାନେ କହିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଢ଼ଳଦେବ ମୁଣ୍ଡ ଧନ୍ୟବାଦ ଦେଇଥିଲେ।

## ବିପଦପୂର୍ଣ୍ଣ ଅବସ୍ଥାରେ ମୁକୁଳା ଟ୍ରାନ୍ସଫର୍ମର



କୋକସରା, ୨୭ ।୬(ସମିସ): କୋକସରା ବ୍ଲକ କାଶୀବାହାଲ ଗ୍ରାମର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଦୀର୍ଘ ଦିନ ହେବ ବିପଦପୂର୍ଣ୍ଣ ତଥା ମୁକୁଳା ଅବସ୍ଥାରେ ପଡ଼ିରହିଛି। ଏହି ବ୍ୟସ୍ତବହୁଳ ରାସ୍ତା ଦେଇ ପ୍ରତିଦିନ ଶତାଧିକ ଲୋକ ଓ ଗାଡ଼ିମୋଟର ଚଳାଚଳ କରୁଥିବା ବେଳେ, ଟ୍ରାନ୍ସଫର୍ମରଟି ଏଭଳି ଅସୁରକ୍ଷିତ ଭାବେ ରହିବା ସ୍ଥାନୀୟ ଅଞ୍ଚଳରେ ପ୍ରତି ମୁହୂର୍ତ୍ତରେ ବଡ଼ ଦୁର୍ଘଟଣାର ଆଶଙ୍କା ସୃଷ୍ଟି କରିଛି। ଏହି ସମ୍ବେଦନଶୀଳ ପ୍ରସଙ୍ଗଟିକୁ ନିକଟରେ ଅନୁଷ୍ଠିତ କୋକସରା ପଞ୍ଚାୟତ ସମିତି ବୈଠକରେ ମଧ୍ୟ ସ୍ଥାନୀୟ ଜନପ୍ରତିନିଧିମାନେ ଉଠାଇ ବିଦ୍ୟୁତ୍ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ତେଣୁ ଲୋକଙ୍କ ଧନଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବା ସହ ଉକ୍ତ ବିପଦପୂର୍ଣ୍ଣ ସ୍ଥାନରେ ଏକ ସୁରକ୍ଷା ବାଡ଼ ନିର୍ମାଣ କରିବାକୁ ଗ୍ରାମବାସୀ ତଥା ବୁଦ୍ଧିଜୀବୀ ମହଲରେ ଦୃଢ଼ ଦାବି ହୋଇଛି।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କେସିଙ୍ଗା ଏମ୍ଏସ୍ଏମ୍ଇ ପାର୍କ ଉଦ୍‌ଘାଟିତ

ଭବାନୀପାଟଣା, ୨୭ ।୬(ସମିସ): ଅନ୍ତର୍ଜାତୀୟ ଏମ୍ଏସ୍ଏମ୍ଇ ଦିବସ ଅବସରରେ କଳାହାଣ୍ଡି ଜିଲ୍ଲା ପାଇଁ ଏକ ଐତିହାସିକ ଦିନ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭର୍ଚୁଆଲ୍ ମାଧ୍ୟମରେ କେସିଙ୍ଗାସ୍ଥିତ କୁର୍ଲୁପଡ଼ା ଠାରେ ୪୮.୭୯ ଏକର ପରିମିତ ଏମ୍ଏସ୍ଏମ୍ଇ ପାର୍କର ଉଦ୍‌ଘାଟନ କରିଥିଲେ। ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପାର୍କରେ ନୂତନ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଶିଳ୍ପ ଉଦ୍ୟୋଗମାନଙ୍କୁ ରିହାତି ଦରରେ ଜମି ଯୋଗାଇ ଦିଆଯିବ, ଯାହା ଜିଲ୍ଲାର ଶିଳ୍ପାୟନକୁ ନୂଆ ଦିଗ ପ୍ରଦାନ କରିବ। ଏହି ଅବସରରେ କଳାହାଣ୍ଡି ଜିଲ୍ଲାର ୪ଟି ନୂତନ ଏମ୍ଏସ୍ଏମ୍ଇ ୟୁନିଟ୍ର ଉଦ୍‌ଘାଟନ କରାଯାଇଥିଲା। ଏହି ଅବସରରେ ଭବାନୀପାଟଣା ଟାଉନ୍ ହଲ୍‌ରେ ଜିଲ୍ଲାପାଳ ସଚିନପାୱାର ପ୍ରକାଶଙ୍କ ଅଧକ୍ଷତାରେ ଉଦ୍ୟମୀ ଓଡ଼ିଶା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଜିଲ୍ଲାର ବିଭିନ୍ନ ଏମ୍ଏସ୍ଏମ୍ଇ ଉଦ୍ୟୋଗୀମାନଙ୍କ ଉତ୍ପାଦ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏଥିରେ ୩୦୦ରୁ ଅଧିକ ଉଦ୍ୟୋଗୀ, ଶିଳ୍ପପତି, ଛାତ୍ରଛାତ୍ରୀ ଓ ଜନସାଧାରଣ ଅଂଶଗ୍ରହଣ କରିଥିଲେ। କଳାହାଣ୍ଡି ଜିଲ୍ଲାରେ ଶିଳ୍ପାୟନ, ନିଯୁକ୍ତି ସୃଷ୍ଟି ଓ ଉଦ୍ୟୋଗୀତାର ବିକାଶକୁ ନୂତନ ଗତି ପ୍ରଦାନ କରିବ ବୋଲି ମତ ପ୍ରକାଶ ପାଇଛି।

## ସିକେରକୁପା ପୋଲ ଗାତ ମରାମତି



ଲାଞ୍ଜିଗଡ଼, ୨୭ ।୬(ସମିସ): କଳାହାଣ୍ଡି ଜିଲ୍ଲା ୬ ନମ୍ବର ରାଜ୍ୟ ରାଜପଥର ସିକେରକୁପା-କାଉଗୁଡ଼ା ମଝି ପୋଲରେ 'ବିପଦସଂକୁଳ ଗାତ, ନିଦରେ ପୂର୍ତ୍ତବିଭାଗ' ଶୀର୍ଷକ ଖବର ସକାଳ ଖବରକାଗଜରେ ପ୍ରକାଶ ପାଇବାର ଦିନକ ମଧ୍ୟରେ ପ୍ରଶାସନ ତତ୍ପର ହୋଇଛି। କାଉଗୁଡ଼ା-ସିକେରକୁପା ପୋଲର ବିପଦସଂକୁଳ ଗାତକୁ ମାଟି ଓ କଂକ୍ରିଟ ପକାଇ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ବର୍ଷା ପାଣିରେ ଖାଲ ଲୁଚି ଯାଉଥିବାରୁ ଭବାନୀପାଟଣା-ବିଶାଖାପାଟଣା ଲାଇଫଲାଇନ୍ କହୁଥିବା ୬ ନମ୍ବର ରାଜ୍ୟ ରାଜପଥ ମୃତଶ୍ୟଫାନ୍ଦ ପାଲଟିଥିଲା। ସକାଳ ଖବରକାଗଜରେ ଖବର ପ୍ରକାଶ ପରେ ପୂର୍ତ୍ତ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ମରାମତି କାମ ଆରମ୍ଭ କରିଛି। ପୋଲ ମରାମତି ଦେଖି ଲୋକେ ଆଶ୍ୱସ୍ତ ହୋଇଛନ୍ତି।

**'ସକାଳ' ପ୍ରଭାବ**

## କ୍ଲଷ୍ଟରସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

କୋମନା, ୨୭ ।୬(ସମିସ): ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶୁକ୍ଲିମୁଣ୍ଡି ଠାରେ ସିଆର୍‌ସି. ଦିଲୀପ କୁମାର ଶବରଙ୍କ ସଭାପତିତ୍ୱରେ କୋମନା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଅନିତା ପଣ୍ଡା ଓ ମୁରିବାହାଲ ବିଦ୍ୟାଳୟର ସହ ଶିକ୍ଷକ ଖଗେଶ୍ୱର ଶବରଙ୍କ ପାଇଁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଏବିଇଓ ରାଧାକାନ୍ତ ତାଣ୍ଡି, ବଳମତ ମାଝୀ, ଶୁକ୍ଲିମୁଣ୍ଡି ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡୋଳାମଣି ଶବର, ଗୋସ ମହମ୍ମଦ, ଉଦ୍ଧବ ଶବର ଓ ନଳିନୀ ରାଉତ ଉପସ୍ଥିତ ଥୁଲେ। ଜୟଦେବ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ବିରୋଧ ଦିବସ

ଥୁଆମୂଳରାମପୁର, ୨୭ ।୬(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ତାଲୁକ ଆଇନସେବା ସମିତି ପକ୍ଷରୁ ସ୍ଥାନୀୟ ଗ୍ରାମ ବିକାଶ ଶିକ୍ଷା ନିକେତନ, କୁମୁଡାବାହାଲ ପରିସରରେ ଶୁକ୍ରବାର 'ଆନ୍ତର୍ଜାତୀୟ ନିଶା ଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚାଲାଣ ବିରୋଧ ଦିବସ' ଉପଲକ୍ଷେ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ତାଲୁକ ଆଇନସେବା ସମିତିର ଅଧ୍ୟକ୍ଷ ଡ. ତାରିଣୀ ପ୍ରସାଦ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ନିଶାଦ୍ରବ୍ୟ ସେବନର ଭୟାବହ ପରିଣାମ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଓକିଲ ସଂଘର ସଭାପତି ମନୋରଞ୍ଜନ ନାଏକ ଏବଂ ଗ୍ରାମ ବିକାଶ ଶିକ୍ଷା ନିକେତନର ଅଧ୍ୟକ୍ଷ ଅରବିନ୍ଦ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଏହାସହିତ ସଙ୍କଟ ସମୟରେ ସହାୟତା ପାଇଁ '୧୫୧୦୦' ଦେୟମୁକ୍ତ ସହାୟତା ନମ୍ବର ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା। ଥୁଆମୂଳ ରାମପୁର କୋର୍ଟର ବରିଷ୍ଠ କିରାଣି ଅଶୋକ କୁମାର ସାହୁ, ଆଇନସେବା ସମିତିର ସହଯୋଗୀ ଜିମି ବେହେରା, ଅଜିତ ନେଗୀ, ଶ୍ରୀବନ୍ତ ସୁନାନୀଙ୍କ ସମେତ ଗ୍ରାମ ବିକାଶ ଶିକ୍ଷା ନିକେତନର ଶିକ୍ଷକ ଓ କର୍ମଚାରୀମାନେ ପରିଚାଳନା କରିଥିଲେ।

'ଉଦ୍ୟମୀ ଓଡ଼ିଶା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମ'

# ଯୁବପିଢ଼ି ନିଯୁକ୍ତିଦାତା ହେବାକୁ ଜିଲ୍ଲାପାଳଙ୍କ ଆହ୍ୱାନ

ନୂଆପଡ଼ା, ୨୭ ।୬(ସମିସ)




ନୂଆପଡ଼ା ଜିଲ୍ଲାରେ ଉଦ୍ୟମିତା ବିକାଶ ଓ ନୂଆ ଶିଳ୍ପ ସୁଯୋଗ ସୃଷ୍ଟି ଲକ୍ଷ୍ୟରେ ଜିଲ୍ଲା ଶିଳ୍ପକେନ୍ଦ୍ର ପକ୍ଷରୁ 'ଉଦ୍ୟମୀ ଓଡ଼ିଶା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମ' ଏବଂ ମହିଳା ଉଦ୍ୟମିତା ମଞ୍ଚ ଓଡ଼ିଶା ଅଧ୍ୟାୟର ଶୁଭାରମ୍ଭ ହୋଇଯାଇଛି। ନୂଆପଡ଼ା ବିଧାୟକ ଜୟ ଢୋଲକିଆ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ୟମୀମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲାପାଳ ମଧୁସୂଦନ ଦାଶ, ଖରିଆର ଡିଏଫ୍‌ଓ ଅଜିଜ୍ ଖାନ, ଜିଲ୍ଲା ଶିଳ୍ପକେନ୍ଦ୍ରର ମହାପ୍ରବନ୍ଧକ ସମୀର ମୁଦୁଲି, ପୂର୍ବତନ ଏଲଡିଏମ୍ ସୀତାକାନ୍ତ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଶିଳ୍ପକେନ୍ଦ୍ରର ମହାପ୍ରବନ୍ଧକ ସମୀର ମୁଦୁଲି ଉଦ୍ୟମୀମାନଙ୍କ ପାଇଁ ଉପଲବ୍ଧ ସୁବିଧା ଓ ଯୋଜନା ବିଷୟରେ ସୂଚନା ଦେଇଥିଲେ। ପୂର୍ବତନ ଏଲଡିଏମ୍ ସୀତାକାନ୍ତ ମେହେର ବ୍ୟାଙ୍କିଂ ସାକ୍ଷରତା ଉପରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ବିଧାୟକ ଜୟ ଢୋଲକିଆ ମହିଳାମାନେ ଜିଲ୍ଲାରେ ଉଦ୍ୟୋଗ କ୍ଷେତ୍ରରେ ଆଗକୁ ଆସୁଥିବାରୁ ଖୁସି ବ୍ୟକ୍ତ କରିଥିଲେ। ଆରସେଟି ତାଲିମ ସମାପ୍ତ କରିଥିବା ମହିଳାମାନଙ୍କୁ ତାଙ୍କ ପିତାଙ୍କ ଟ୍ରଷ୍ଟ ମାଧ୍ୟମରେ ୫୦ ପ୍ରତିଶତ ସବସିଡିରେ ସିଲାଇ ମେସିନ୍ ଯୋଗାଇବାକୁ ସେ ଘୋଷଣା କରିଥିଲେ। ଜିଲ୍ଲାପାଳ ମଧୁସୂଦନ ଦାଶ ନୂଆପଡ଼ା ଜିଲ୍ଲାରେ ଏମ୍ଏସ୍ଏମ୍ଇ କ୍ଷେତ୍ରରେ ଅନେକ ସମ୍ଭାବନା ରହିଥିବା ଉଲ୍ଲେଖ କରି ଯୁବପିଢ଼ିଙ୍କୁ କେବଳ ଚାକିରି ଖୋଜିବା ନୁହେଁ, ବରଂ ନିଯୁକ୍ତିଦାତା ହେବାପାଇଁ ଆହ୍ୱାନ କରିଥିଲେ। ପରେ ଅତିଥିମାନେ ୨୦ଟି ଉଦ୍ୟମୀ ଷ୍ଟଲ୍‌ର ଉଦ୍‌ଘାଟନ କରିଥିଲେ।

# ପରିବହନ ବିଭାଗର 'ଇ-ଚାଲାଣ'କୁ ନେଇ ଅସନ୍ତୋଷ

● କଟିଲା ୫ ହଜାର ଟଙ୍କାର ଡିଏଲ୍ ଜରିମାନା



ନୂଆପଡ଼ା/କୋମନା, ୨୭ ।୬(ସମିସ): ନୂଆପଡ଼ା ଜିଲ୍ଲାରେ ପରିବହନ ବିଭାଗ ପକ୍ଷରୁ କଟାଯାଉଥିବା ଅଟୋମେଟେଡ୍ ଇ-ଚାଲାଣ ବ୍ୟବସ୍ଥାକୁ ନେଇ ଏବେ ସ୍ଥାନୀୟ ବାସିନ୍ଦା ଏବଂ ଗାଡି ଚାଳକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିନା ଯାଞ୍ଚରେ ମନମୁଖୀ ଭାବେ ମୋଟା ଅଙ୍କର ଜରିମାନା କରାଯାଉଥିବା ନେଇ ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ, ଗତ ୨୪ ଜୁନ ପୂର୍ବାହ୍ନ ପ୍ରାୟ ୧୦:୪୧ ମିନିଟ୍ ସମୟରେ ଏକ ମୋଟର କାର୍ (ଗାଡି ନମ୍ବର: ଙଓ୨୬ଏ୬୭୦୧) କୋମନାରୁ ନୂଆପଡ଼ା ଅଭିମୁଖେ ଯାଉଥିଲା। ଗୋପାଳପୁର-ରାୟପୁର ରୋଡ୍‌ର କୁସଦହନା ନିକଟରେ ନିର୍ଦ୍ଧାରିତ ୬୦ କିମି ପ୍ରତି ଘଣ୍ଟା ବେଗ ବଦଳରେ ଗାଡିଟି ୭୯ କିମି ବେଗରେ ଯାଉଥିବା ସ୍ପିଡ୍ କ୍ୟାମେରାରେ କଏଦ ହୋଇଥିଲା। ବେଗ ଅଧିକ ଥିବାରୁ ବିଭାଗ ପକ୍ଷରୁ ମୋଟର ଯାନ ଆକ୍ଟ ଅନୁଯାୟୀ ୨୦୦୦ ଟଙ୍କାର ଚାଲାଣ କଟାଯାଇଥିଲା, ଯାହାକି ନିୟମାନୁସାରେ ଠିକ୍ ଅଟେ। ଆଶ୍ଚର୍ଯ୍ୟର କଥା ହେଉଛି, ଓଭର-ସ୍ପିଡିଂ ଜରିମାନା ୨୦୦୦ ଟଙ୍କା ସହିତ ପରିବହନ ବିଭାଗ ପକ୍ଷରୁ ଗାଡି ଚାଳକଙ୍କ ପାଖରେ ବୈଧ ଡ୍ରାଇଭିଂ ଲାଇସେନ୍ସ ନାହିଁ ବୋଲି ଦର୍ଶାଇ ଆଉ ୫୦୦୦ ଟଙ୍କାର ଅତିରିକ୍ତ ଜରିମାନା ଯୋଡି ମୋଟ ୭୦୦୦ ଟଙ୍କାର ଚାଲାଣ ପଠାଯାଇଛି। ଚାଳକଙ୍କ ପାଖରେ ବୈଧ ଡିଏଲ୍ ଥିବା ସତ୍ତ୍ୱେ କେବଳ ଅନୁମାନ ଆଧାରରେ ୫୦୦୦ ଟଙ୍କାର ଜରିମାନା ଲଦିଦେବା ପରିବହନ ବିଭାଗର ମନମାନିକୁ ଦର୍ଶାଉଛି। ପରିବହନ ବିଭାଗ ଏହି ଅଟୋମେଟେଡ୍ ସିଷ୍ଟମରେ ସୁଧାର ଆଣୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

### ମହାନଦୀ ଜଳ ବିବାଦ ପ୍ରସଙ୍ଗ

## ବିଜେଡିର କ୍ଷୋଭ: ଛତିଶଗଡ଼ ନିକଟରେ ମୁଣ୍ଡ ବିକିଦେଲେ ଓଡ଼ିଶା ସରକାର

ଭୁବନେଶ୍ୱର,୨୭।୬(ସମିସ): ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ଛତିଶଗଡ ଓ କର୍ପୋରେଟ୍ ସଂସ୍ଥାଙ୍କ ସ୍ୱାର୍ଥରେ କାମ କରୁଛି ଓଡ଼ିଶା ବିଜେପି ସରକାର। ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକ୍ରମେ ଗତ ମାସରେ ଯୁଗ୍ମ ବୈଷୟିକ କମିଟି ଦେଇଥିବା ରିପୋର୍ଟ ଓଡ଼ିଶାର ସ୍ୱାର୍ଥ ବିରୋଧରେ ଯାଉଛି ବୋଲି ବିଜେଡି ଅଭିଯୋଗ କରିଛି।

ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର କହିଥିଲେ ଯେ ଛତିଶଗଡ ଏବଂ କର୍ପୋରେଟ୍ ସଂସ୍ଥାମାନଙ୍କୁ ସୁହାଇଲା ଭଳି ଭୂମିକା ଓଡ଼ିଶା ସରକାର ନେବା ଦୁର୍ଭାଗ୍ୟଜନକ। ଟ୍ରିବ୍ୟୁନାଲ ନିକଟରେ ଗତ ମାସରେ ଯୁଗ୍ମ ବୈଷୟିକ କମିଟି ଦାଖଲ କରିଥିବା ରିପୋର୍ଟ ଅନୁଯାୟୀ ମହାନଦୀର ଅବବାହିକାରେ ୬୨.୩୬ ନିୟୁତ ଏକର ଫୁଟ୍ ପାଣି ଉପଲବ୍ଧ ଅଛି, ଛତିଶଗଡ ଓ ଓଡ଼ିଶା ସୀମାନ୍ତରେ ୨୮.୪୮, ହୀରାକୁଦ ନିକଟରେ ୩୨.୮୩ ଓ ନରାଜ ନିକଟରେ ୫୬.୨୯ ନିୟୁତ ଏକର ଫୁଟ ପାଣି ଉପଲବ୍ଧ। ଏଥିରୁ ସ୍ପଷ୍ଟ ହେଉଛି ଯେ ଓଡ଼ିଶାରେ ମହାନଦୀରେ ପ୍ରଚୁର ପାଣି ରହିଛି ଏବଂ ଛତିଶଗଡ ସହିତ ବିବାଦର କୌଣସି ଯଥାର୍ଥତା ନାହିଁ। ଏହି ରିପୋର୍ଟକୁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଅପରପକ୍ଷରେ ୨୦୨୫ ଅଗଷ୍ଟ ୨୫ତାରିଖରେ ଓଡ଼ିଶା ବିଧାନସଭାରେ ମୁଖ୍ୟମନ୍ତ୍ରୀ ଦେଇଥିବା ତଥ୍ୟ ଅନୁଯାୟୀ ମହାନଦୀର ଉପରମୁଣ୍ଡରେ ଛତିଶଗଡ ବନ୍ଧ ବାନ୍ଧିବା କାରଣରୁ ଅଣମୌସୁମୀ ସମୟରେ ଓଡ଼ିଶାରେ ଜଳ ପ୍ରବାହ ହ୍ରାସ ପାଇଛି। ସରକାରକୁ ଆସିଲା ପରେ ତୁରନ୍ତ ମହାନଦୀ ଜଳ ବଣ୍ଟନ ସମସ୍ୟା ସମାଧାନ କରିଦେବୁ ବୋଲି ବାହାସ୍ଫୋଟ ମାରୁଥିବା ବିଜେପି ସରକାର ଆଜି ଛତିଶଗଡ ନିକଟରେ ମୁଣ୍ଡ ବିକିଦେଇଛି। ତୁରନ୍ତ ରାଜ୍ୟ ସରକାର ଏ ସଂପର୍କରେ



ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ସେ ଦାବି କରିଛନ୍ତି। ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ରୋହିତ ପୂଜାରୀ କହିଥିଲେ ଯେ ହୀରାକୁଦ ବନ୍ଧ ନିର୍ମାଣ ସମୟରେ ଲକ୍ଷାଧିକ ସ୍ଥାନୀୟ ବାସିନ୍ଦା ବିସ୍ଥାପିତ ହୋଇଥିଲେ। ଆଜି ସୁଦ୍ଧା ସେମାନଙ୍କ ସମସ୍ୟାର ସମାଧାନ ହୋଇନଥିବା ବେଳେ ରାଜ୍ୟ ବିଜେପି ସରକାର, ଟ୍ରିବ୍ୟୁନାଲ ନିକଟରେ ଓଡ଼ିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦେଇଛି। ଚୁଟକିରେ ସମାଧାନ ହେଇଯିବ ବୋଲି କହୁଥିବା ରାଜ୍ୟ ବିଜେପି ସରକାର ଆଜି ଓଡ଼ିଶାର ସ୍ୱାର୍ଥ ଟ୍ରିବ୍ୟୁନାଲ ନିକଟରେ ସଠିକ୍ ଢଙ୍ଗରେ ଉପସ୍ଥାପନ କରିବା ପରିବର୍ତ୍ତେ ଛତିଶଗଡ଼ ଦେଇଥିବା ତଥ୍ୟକୁ ସ୍ୱୀକାର କରିନେଇଛି। ୨୦୧୮ ମସିହାରେ ତତ୍କାଳୀନ ବିଜେଡି ସରକାର ସୁପ୍ରିମକୋର୍ଟ ଓ ଟ୍ରିବ୍ୟୁନାଲରେ ଛତିଶଗଡ ମହାନଦୀରେ ପାଣି ଅଟକାଇବା ନେଇ ଦୃଢ ଦାବି ଉପସ୍ଥାପନ କରିଥିଲା

- ଯୁଗ୍ମ ବୈଷୟିକ କମିଟିର ତଥ୍ୟ ବାସ୍ତବତାରୁ ବହୁ ଦୂରରେ
- ଛତିଶଗଡ ଦାବିକୁ ମାନିନେଲେ ଓଡ଼ିଶା ବିଜେପି ସରକାର
- ମହାନଦୀ ଜଳ ବିବାଦରେ ଓଡିଶା ସରକାରଙ୍କ ପ୍ରତିବଦ୍ଧତା କୁଆଡେ ଗଲା?

ବେଳେ ବର୍ତ୍ତମାନର ବିଜେପି ସରକାର ଛତିଶଗଡ ଦେଇଥିବା ତଥ୍ୟକୁ ଯୁଗ୍ମ ବୈଷୟିକ କମିଟି ନିକଟରେ ଅନୁମୋଦନ କରି ଓଡ଼ିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦେଇଛନ୍ତି। ମହାନଦୀ ଶୁଖିଲା ପଡିଥିଲା ବେଳେ ପର୍ଯ୍ୟାପ୍ତ ପାଣି ଉପଲବ୍ଧ ଅଛି ବୋଲି ଟ୍ରିବ୍ୟୁନାଲ ନିକଟରେ ସହମତି ପ୍ରକାଶ କରିବା, ଡବଲ ଇଂଜିନ ସରକାରର ରାଜ୍ୟବାସୀଙ୍କ ପ୍ରତି ଚରମ ଉପହାସ ବୋଲି ବିଜେଡି କହିଛି।

## ସମ୍ବଲପୁର ବାର୍ ଓ ବେଞ୍ଚ ମଧ୍ୟରେ ସମନ୍ୱୟ ରକ୍ଷାକୁ ଗୁରୁତ୍ୱ: ହାଇକୋର୍ଟ ମୁଖ୍ୟ ବିଚାରପତି

ସମ୍ବଲପୁର, ୨୭।୬ (ସମିସ) : ଅଦାଲତର କାର୍ଯ୍ୟଧାରାକୁ ସୁଗମ କରିବା ପାଇଁ ବାର୍ ଓ ବେଞ୍ଚ ମଧ୍ୟରେ ସୁସମ୍ପର୍କ ଓ ସମନ୍ୱୟ ରକ୍ଷା କରିବା ଆବଶ୍ୟକ। ଜଣେ ସଫଳ ଆଇନଜୀବୀ ପାଇଁ ପୁସ୍ତକ ଓ ପାଠପଢ଼ିବା ଅଭ୍ୟାସର ବିକଳ୍ପ ଯାନ୍ତ୍ରିକ ପ୍ରଗତି ଦେଇପାରିବି ନାହିଁ ବୋଲି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ହରିଶ ଟଣ୍ଡନ ମତବ୍ୟକ୍ତ କରିଛନ୍ତି। ଏହାସହ ବିଚାରାଳୟରେ ଏକ ସୁସ୍ଥ ଏବଂ ଆଦର୍ଶ ଓକିଲ ସଂଘର ଭୂମିକା ଉପରେ ସେ ଆଲୋକପାତ କରିଥିଲେ। ଆଜି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ହରିଶ ଟଣ୍ଡନ ଏବଂ ପୋର୍ଟଫୋଲିଓ ନ୍ୟାୟାଧୀଶ ସମ୍ବଲପୁର, ଡ.ସଞ୍ଜୀବ କୁମାର ପାଣିଗ୍ରାହୀ ସମ୍ବଲପୁର କୋର୍ଟ ପରିସରକୁ ଆସିଥିଲେ। ଏହି ଅବସରରେ ଜିଲ୍ଲା ଓକିଲ ସଂଘ ସଭାପତି ଚନ୍ଦ୍ରକୁମାର ପୁରୋହିତଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ଓକିଲମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ସଂଘ ପକ୍ଷରୁ ସଭାପତି ଶ୍ରୀ ପୁରୋହିତ ସ୍ୱାଗତବକ୍ତବ୍ୟ ପ୍ରଦାନ କରିଥିବାବେଳେ ଉପସଭାପତି ରବି ରଞ୍ଜନ ପୂଜାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାରେ ଜିଲ୍ଲା ନ୍ୟାୟାଧୀଶ ଏବଂ ଅନ୍ୟାନ୍ୟ ବିଚାରପତି, ଜିଲ୍ଲା ଓକିଲ ସଂଘର କର୍ମକର୍ତ୍ତା, ବରିଷ୍ଠ ଆଇନଜୀବୀ ତଥା ସମସ୍ତ ଆଇନଜୀବୀମାନେ ଉପସ୍ଥିତ ଥିଲେ। ଓକିଲ ସଂଘର ଯୁଗ୍ମ ସମ୍ପାଦକ ରତନଲାଲ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟପକ୍ଷରେ ଭୁବନେଶ୍ୱର ଅଦାଲତ ଭଳି ସମ୍ବଲପୁରର ସମସ୍ତ କୋର୍ଟକୁ ଗୋଟିଏ କ୍ୟାମ୍ପସକୁ ଆଣିବା ପାଇଁ ପୂର୍ବରୁ ପ୍ରସ୍ତାବ ରହିଥିଲା। ସେଥିପାଇଁ ଜାଗା ଚିହ୍ନଟକୁ ନେଇ କିଛି ଅସୁବିଧା ରହିଥିଲା। ତେବେ, ବର୍ତ୍ତମାନର କୋର୍ଟ ପରିସରରେ ପର୍ଯ୍ୟାପ୍ତ ସ୍ଥାନଥିବାରୁ ସମସ୍ତ କୋର୍ଟ ଏହିଠାରେ ଏକାସଙ୍ଗେ କାର୍ଯ୍ୟ କରିବ ବୋଲି ପ୍ରସ୍ତାବ ପାରିତ ହୋଇଥିବା ସଭାପତି ଶ୍ରୀ ପୁରୋହିତ କହିଛନ୍ତି। ପରବର୍ତ୍ତୀ ସମୟରେ ସମ୍ବଲପୁର




ଜିଲ୍ଲା ଓକିଲ ସଂଘର ଏକ ପ୍ରତିନିଧି ଦଳ ପୋର୍ଟଫୋଲିଓ ନ୍ୟାୟାଧୀଶ ସମ୍ବଲପୁର, ଡ. ସଞ୍ଜୀବ ପାଣିଗ୍ରାହୀଙ୍କୁ ସର୍କିଟ୍ ହାଉସ୍‌ଠାରେ ସାକ୍ଷାତ କରି ଆଇନଜୀବୀ ମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ବିଶଦଭାବେ ଆଲୋଚନା କରିଥିଲେ। ନ୍ୟାୟାଧୀଶ ଡ. ପାଣିଗ୍ରାହୀ ଏହାର ସମାଧାନ ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ସମ୍ବଲପୁରଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ପ୍ରସଙ୍ଗରେ ଆଜି ମୁଖ୍ୟ ବିଚାରପତିଙ୍କ ସମ୍ବଲପୁର ଅଦାଲତକୁ ଆସିଥିବାବେଳେ କୌଣସି ଆଲୋଚନା ପର୍ଯ୍ୟାଲୋଚନା ହୋଇନାହିଁ।

## ପଟ୍ଟାଦାର ବଦଳରେ ଜମିର ସତ୍ତ୍ୱ ସ୍ଥିତିବାନ ରେକର୍ଡ କରିବା ପାଇଁ ଭୁବନେଶ୍ୱର ତହସିଲଦାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨୭।୬(ସମିସ): ଭୁବନେଶ୍ୱର ଶ୍ୟାମସୁନ୍ଦରପୁର ମୌଜାରେ ଏକ ଜମିର ସତ୍ତ୍ୱ 'ପଟ୍ଟାଦାର'ରୁ 'ସ୍ଥିତିବାନ'କୁ ପରିବର୍ତ୍ତନ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଭୁବନେଶ୍ୱର ତହସିଲଦାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାଧବାନନ୍ଦ ମହାପାତ୍ର ଓ ଅନ୍ୟ ଦୁଇ ଜଣଙ୍କ ଆବେଦନର ଶୁଣାଣି କରି ୬ ସପ୍ତାହ ଭିତରେ ଏ ସଂକ୍ରାନ୍ତ ପଦକ୍ଷେପ ନେବାକୁ ଜଷ୍ଟିସ ଶଶିକାନ୍ତ ମିଶ୍ର ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଶୁଣାଣି ସମୟରେ ହାଇକୋର୍ଟଙ୍କ ୨୦୨୬, ମେ ୨୨ର ରାୟ ପ୍ରସଂଗରେ ଆବେଦନକାରୀ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ରାୟରେ ଜମି ରେକର୍ଡରେ ପ୍ରାକ୍-ସ୍ୱାଧୀନତା ଏବଂ ବ୍ରିଟିଶ ଅମଳର ପୁରୁଣା ଶବ୍ଦଗୁଡ଼ିକର ବର୍ତ୍ତମାନ ଯୁଗରେ କୌଣସି ପ୍ରାସଙ୍ଗିକତା ନାହିଁ ବୋଲି ହାଇକୋର୍ଟ କହିଥିଲେ।

ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ ୧୯୯୨ରେ ପଞ୍ଜୀକୃତ ବିକ୍ରି କବଲା ବଳରେ ସେ ଶ୍ୟାମସୁନ୍ଦରପୁର ମୌଜାରେ ୧୩୦ ଡିସିମିଲ ଜମି କିଣିଥିଲେ। ଭୁବନେଶ୍ୱର ତହସିଲ କାର୍ଯ୍ୟାଳୟ ପକ୍ଷରୁ ଆବେଦନକାରୀଙ୍କ ନାମରେ ଜାରି ପଟ୍ଟାରେ ଜମିର ସତ୍ତ୍ୱ 'ସ୍ଥିତିବାନ' ବୋଲି ଉଲ୍ଲେଖ କରାଯାଇଥିଲା। ପରବର୍ତ୍ତୀ ସମୟରେ, ରାଜ୍ୟ ସରକାରଙ୍କ ଗତ ୨୦୨୫, ଜୁଲାଇ ୨ର ଏକ ବିଜ୍ଞପ୍ତିକୁ ଆଧାର କରି ଭୁବନେଶ୍ୱର ତହସିଲଦାର ନିଜ ଆଡୁ ମାମଲା ରୁଜୁ କରି ଏହି ଜମିର ସତ୍ତ୍ୱକୁ 'ସ୍ଥିତିବାନ'ରୁ 'ପଟ୍ଟାଦାର'କୁ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ଥିତିବାନ ଜମିର ସତ୍ତ୍ୱକୁ ପଟ୍ଟାଦାର ପରିବର୍ତ୍ତନ କରିବାକୁ ତହସିଲଦାର ପ୍ରଦାନ କରିଥିବା ନିର୍ଦ୍ଦେଶ ବେଆଇନ ବୋଲି ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ଅନିମା କୁମାରୀ ଦେଇ ମାମଲା ପରିଚାଳନା କରୁଥିଲେ।

### ନନ୍ଦନକାନନରେ ଖୁଲମ୍‌ଖୁଲା ଲୁଟ୍: ସରକାରୀ ବୋର୍ଡକୁ ଆଖିରେ ଆଙ୍ଗୁଠି

## ଡିସ୍‌ପ୍ଲେରେ ୧୦୦, ରେଟ୍ ଚାର୍ଟରେ ୧୦୦, ମଗାଯାଉଛି ୧୩୦

ବାରଙ୍ଗ, ୨୭।୬ (ସମିସ): ସାରା ଓଡ଼ିଶାକୁ ନନ୍ଦନକାନନ ସ୍ୱତନ୍ତ୍ର ପରିଚୟ ଦେଇ ଆସିଛି। ଏହା ପର୍ଯ୍ୟଟନ, ବିକାଶ ଓ ଆର୍ଥିକ ଅଭିବୃଦ୍ଧିର ଗୌରବ ମଣ୍ଡନ କରିଆସୁଛି। ଯାହା ଏବେ ବିଭିନ୍ନ ପ୍ରକାର ଠକେଇର ଅଡ୍ଡା ପାଲଟିଛି। ଯେଉଁ ନନ୍ଦନକାନନକୁ ଦେଖିବାକୁ ଦେଶ-ବିଦେଶରୁ ପର୍ଯ୍ୟଟକ ଧାଇଁ ଆସନ୍ତି, ମୁଖ୍ୟ ଫାଟକରେ ହିଁ ସେମାନଙ୍କୁ ଠକେଇର ଶିକାର ହେବାକୁ ପଡୁଛି। ସରକାରୀ ବୋର୍ଡକୁ ବେଖାତିର କରି ଖୋଲାଖୋଲି ପର୍ଯ୍ୟଟକଙ୍କୁ ଲୁଟାଯାଉଛି। ପାଣି ବୋତଲ ଷ୍ଟିକରକୁ ନେଇ ଏଠାରେ ଠକେଇ ଅଭିଯୋଗ ହୋଇଥିବା ବେଳେ ଏବେ ବ୍ୟାଟେରୀଚାଳିତ ଗାଡ଼ି ଟିକେଟ ମୂଲ୍ୟକୁ ନେଇ ପର୍ଯ୍ୟଟକ ପ୍ରତାରଣାର ଶିକାର ହେଉଥିବା ଘଟଣା ସାମନାକୁ ଆସିଛି।

ଟିକେଟ୍ କାଉଣ୍ଟର ପାଖ ଡିଜିଟାଲ୍ ଡିସପ୍ଲେରେ ସ୍ପଷ୍ଟ ଭାବେ ଲେଖା ଅଛି: "ବ୍ୟାଟେରୀ ଚାଳିତ ଗାଡ଼ି: ଜଣେ ବ୍ୟକ୍ତି ପାଇଁ ୧୦୦ ଟଙ୍କା'। କାଉଣ୍ଟର ପାଖରେ ଲାଗିଥିବା ବୋର୍ଡରେ ମଧ୍ୟ ୧୦୦ ଟଙ୍କା ଦର ଉଲ୍ଲେଖ ଅଛି; କିନ୍ତୁ ଆଶ୍ଚର୍ଯ୍ୟର କଥା, କାଉଣ୍ଟରରେ ପର୍ଯ୍ୟଟକଙ୍କଠାରୁ ୧୩୦ ଟଙ୍କା ଆଦାୟ କରାଯାଉଛି। ଠକେଇ ଏତିକିରେ ସରିନି। ଟିକେଟ କାଉଣ୍ଟର ପାଖରେ କେବଳ ଓଡ଼ିଆ ଭାଷାରେ ଲେଖାଥିବା ଅନ୍ୟ ଏକ ବୋର୍ଡ ଦେଖିବାକୁ



ମିଳିଛି; ଯେଉଁଥିରେ କାଗଜରେ ୧୩୦ ଟଙ୍କା ଲେଖି ଲଗାଯାଇଛି। ଗୋଟିଏ ସ୍ଥାନରେ ୨ଟା ଅଲଗା ଦର: ୧୦୦ ଓ ୧୩୦। ପ୍ରଶ୍ନ ଉଠୁଛି, କେଉଁଟା ଅସଲ ଦର ? ଏନେଇ କଲିକତାରୁ ଆସିଥିବା ବିକାଶ ଯାଦବ କୁହନ୍ତି, "ଆମେ ଡିସପ୍ଲେ ଦେଖି ୧୦୦ ଟଙ୍କା ଭାବି ଧାଡ଼ିରେ ଠିଆ ହେଲୁ। କାଉଣ୍ଟରରେ ୧୩୦ ମାଗିଲେ। ପଚାରିବାରୁ କହିଲେ, ଦର ବଢ଼ିଛି। ତେବେ ବୋର୍ଡ ବଦଳାଉନାହାନ୍ତି କାହିଁକି'? ଏହା କ'ଣ ଇଚ୍ଛାକୃତ ଠକେଇ ନା କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ? ଯଦି ଦର ୧୩୦, ତେବେ ଡିଜିଟାଲ୍ ଡିସପ୍ଲେ ଓ ମୁଖ୍ୟ ବୋର୍ଡରେ ଏବେ ବି ୧୦୦ କାହିଁକି ଦେଖାଉଛି ? କେବଳ ଓଡ଼ିଆ ବୋର୍ଡରେ କାଗଜ ମାରି ୧୩୦ ଲେଖିବା କ'ଣ ବାହାର ରାଜ୍ୟ ପର୍ଯ୍ୟଟକଙ୍କୁ ଅନ୍ଧାରରେ ରଖିବା ପାଇଁ ଚାଲ୍ ନୁହେଁ ତ? ଏହି ଅଧିକ ଟଙ୍କା ସରକାରୀ ରାଜକୋଷକୁ ଯାଉଛି ନା କାହା ପକେଟକୁ? ଏମିତି ଅନେକ ପ୍ରଶ୍ନ ସାଧାରଣରେ ସୃଷ୍ଟି କରିଛି। ଏନେଇ ନନ୍ଦନକାନନ ଉପନିର୍ଦ୍ଦେଶକ ପ୍ରଦୀପ କୁମାର ମିଟାସେଙ୍କୁ ପଚାରିବାରୁ ସେ କହନ୍ତି, ଦର କେବଳ ୧୦୦ ଟଙ୍କା। ଠିକା ସଂସ୍ଥାକୁ ଲୋକଙ୍କଠାରୁ ଅଧିକ ଦେୟ ନ ନେବାକୁ ନୋଟିସ ଜାରି କରାଯାଇଛି। ଯଦି ଏହା ପୁନରାବୃତ୍ତି ହୁଏ, ତେବେ ଚୁକ୍ତିନାମା ସର୍ତ୍ତାବଳୀ ଅନୁସାରେ ଜରିମାନା ଆଦାୟ କରାଯିବ।

### ସିସିଟିଭି ତଳେ ଚାଲିଛି ଠକେଇର କଳା କାରବାର

ନନ୍ଦନକାନନ ଭଳି ଜାତୀୟ ସ୍ତରର ପ୍ରାଣୀ ଉଦ୍ୟାନରେ ଏଭଳି ଅବ୍ୟବସ୍ଥା ରାଜ୍ୟର ଛବିକୁ କ୍ଷୁଣ୍ଣ କରୁଛି। ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ଏଠାକୁ ଆସୁଛନ୍ତି। ସେମାନଙ୍କ ବିଶ୍ୱାସ ସହ ଖେଳିବା ଅଧିକାର କାହାରନାହିଁ। ବାହାରରାଜ୍ୟରପର୍ଯ୍ୟଟକ ଏଠିଠକାମୀର ଶିକାର ହୋଇ ଓଡ଼ିଶାର ଅସ୍ମିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜନତାଙ୍କ ପଇସାକୁ ଏମିତି ଲୁଟିବା ବନ୍ଦ କରାଇବା ସହିତ ନନ୍ଦନକାନନ ଉଚ୍ଚ କର୍ତ୍ତୃପକ୍ଷ ଓ ଜଙ୍ଗଲ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ମତ ପ୍ରକାଶ ପାଇଛି।

■ ଅଧ୍ୟକ୍ଷଙ୍କ ବିନା ଅନୁମୋଦନରେ ନିଯୁକ୍ତି

## ଓଏଫଡିସିରେ ୧୧ ଅଧିକାରୀଙ୍କ ନିଯୁକ୍ତି ଆଦେଶ ରଦ୍ଦ

ଭୁବନେଶ୍ୱର,୨୭।୬(ସମିସ): ଓଡ଼ିଶା ବନ ଉନ୍ନୟନ ନିଗମ (ଓଏଫଡିସି) ଅଧୀନରେ ୧୧ ଜଣ ଡିଭିଜିନାଲ ମ୍ୟାନେଜରଙ୍କ ନିଯୁକ୍ତିକୁ ନିଗମର ଅଧ୍ୟକ୍ଷ ରଦ୍ଦ କରି ଦେଇଛନ୍ତି। ଅଧ୍ୟକ୍ଷଙ୍କ ଅନୁମୋଦନ ଏହି ନିଯୁକ୍ତି ଦିଆଯାଇଥିବାରୁ ଏହାକୁ ତତ୍‌କ୍ଷଣାତ ପ୍ରଭାବରେ ରଦ୍ଦ କରାଯାଇଥିବା ନେଇ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ଗତ ୨୪ ତାରିଖରେ ଏହି ନିଯୁକ୍ତିଗୁଡ଼ିକ ଓଏଫଡିସି ସର୍ଭିସ ରୁଲ୍‌ର ନିୟମ ୮.୨ ଏବଂ ୮.୧୩କୁ ଉଲ୍ଲଂଘନ କରି ଏହି ନିଯୁକ୍ତି ପ୍ରଦାନ କରାଯାଇଥିଲା। ନିଯୁକ୍ତି ବେଳେ ଅଧ୍ୟକ୍ଷଙ୍କ ଅନୁମୋଦନ ନିଆଯାଇନଥିଲା। ନିଗମ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ପୂର୍ବରୁ ସମସ୍ତ ବଦଳି ଓ ନିଯୁକ୍ତି କାର୍ଯ୍ୟ ଅଧ୍ୟକ୍ଷଙ୍କ ଅନୁମୋଦନ କ୍ରମେ ହେଉଥିଲା, ମାତ୍ର ଏହି ୧୧ଟି ନିଯୁକ୍ତି ଅନଧିକୃତ ଏବଂ ଅନୁପଯୁକ୍ତ ଭାବେ ହୋଇଥିଲା।

## ଚୂଡ଼ାନ୍ତ ପର୍ଯ୍ୟାୟରେ ଡପଲର୍ ରାଡାର୍; ମିଳିବ ପାଣିପାଗର ସଠିକ୍ ସୂଚନା

ସମ୍ବଲପୁର, ୨୭।୬ (ସମିସ) : ପଶ୍ଚିମ ଓଡ଼ିଶାରେ କୁଆପଥର ମାଡ଼, ଅଦିନିଆ ବର୍ଷା ଆଦି ଚାଷୀଙ୍କ ପ୍ରମୁଖ ସମସ୍ୟା। ଏହାର ପୂର୍ବାନୁମାନ କରାଯାଇ ପାରୁନାହିଁ। ପୁଣି, ଅପ୍ରତ୍ୟାଶିତ ପାଣିପାଗକୁ ନେଇ ରାଡାର ଅତ୍ୟାବଶ୍ୟକ। ସେଟ୍‌ଲାଇଟ୍ କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳର ପୂର୍ବାନୁମାନ କରିପାରି ନ ଥିବାବେଳେ ରାଡାର୍ ଦ୍ୱାରା ଏହା ସମ୍ଭବ। ସି-ବ୍ୟାଣ୍ଡ ରାଡାର ଉନ୍ନତଧରଣର ଥିବାବେଳେ ପାଣିପାଗର ସଠିକ୍ ଓ ସମୟାନୁଯାୟୀ ପୂର୍ବାନୁମାନ କରିଥାଏ। ୨୦୧୫ରେ ଗୋପାଳପୁର ସହିତ ସମ୍ବଲପୁରରେ ରାଡାର ସ୍ଥାପନ ହେବା କଥା। ଗୋପାଳପୁରରେ ରାଡାର କେବେଠାରୁ କାର୍ଯ୍ୟକ୍ଷମ ହେଲାଣି, କିନ୍ତୁ ଏପର୍ଯ୍ୟନ୍ତ ସମ୍ବଲପୁରରେ ହୋଇପାରିନାହିଁ। ଓଡ଼ିଶାର ରାଡାର୍‌ରେ ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗିର, ସୋନପୁର, ବୌଦ୍ଧ, କଳାହାଣ୍ଡି, ନୂଆପଡ଼ା ଆଦି ଖାଲି ଜାଗା (ବ୍ଲକ୍ ସ୍ପେସ୍) ରହିଯାଉଥିବା କୁହାଯାଉଛି। ପଶ୍ଚିମ ଓଡ଼ିଶା ସେକ୍ଟର 'ଶୂନ' ରହିଛି, କୌଣସି ରାଡାର ନାହିଁ। ୨୦୧୫ରେ ସମ୍ବଲପୁର ସକାଶେ ଅନୁମୋଦନ ପରେ ସମ୍ବଲପୁର ଜିଲ୍ଲା ରେଙ୍ଗାଲି ତହସିଲ ଅଧୀନ ତାଲବ ପଞ୍ଚାୟତ ମଧୁପୁର ମୌଜାରେ ଉକ୍ତ ରାଡାର୍ ସ୍ଥାପନ ପାଇଁ କୋଠା ନିର୍ମାଣ କରାଯାଇଛି। କିନ୍ତୁ କୋଠାଟି ବହୁବର୍ଷ ହେଲା ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିବା ସହ ଖତ ଖାଇଲା। ବିଭିନ୍ନ ମହଲରେ ଅଭିଯୋଗ ପରେ ଗତ ୨୦୨୪ରେ ସରକାର ତତ୍ପରତା ପ୍ରକାଶ କରି ରାଡାର ସଂସ୍ଥାପନ (ଇନ୍‌ଷ୍ଟଲେସନ) କାର୍ଯ୍ୟ ଆରମ୍ଭ କରିଛନ୍ତି।

ରାଜ୍ୟର ପଶ୍ଚିମ କ୍ଷେତ୍ରର ପାଣିପାଗ ପୂର୍ବାନୁମାନ ଓ ସତର୍କତା ସୂଚନା ପାଇଁ କୌଣସି ରାଡାର ନାହିଁ। ଏପରିକି ଓଡ଼ିଶା କିମ୍ବା ପଡ଼ୋଶୀ ରାଜ୍ୟର ରାଡାର ମଧ୍ୟ ସମ୍ବଲପୁର ଓ ଆଖପାଖ ଜିଲ୍ଲାକୁ କଭର୍ କରୁନାହିଁ। ଫଳରେ ସମ୍ବଲପୁରରେ ଏକ ଡପଲର୍ ରାଡାର ପ୍ରତିଷ୍ଠା ପାଇଁ ୨୦୧୫ ରେ ମଞ୍ଜୁର ହୋଇଥିଲା। ଏଥିପାଇଁ କାର୍ଯ୍ୟ ମଧ୍ୟ ଜୋରସୋର୍‌ରେ ଆରମ୍ଭ କରାଯାଇଥିଲା। ବହୁତଳ କୋଠା ନିର୍ମାଣ କରାଯାଇ ବର୍ଷବର୍ଷ ଧରି ପଡ଼ିରହିବା ଫଳରେ କବାଟ, ଝରକା ତଥା ବିଦ୍ୟୁତ୍ ସଂଯୋଗ ଉପକରଣ ଚୋରି ମଧ୍ୟ ହୋଇଯାଇଥିଲା। ଗତ ୨୦୨୪ ଏପ୍ରିଲ ୫ ତାରିଖରେ ସମ୍ବଲପୁର ସକାଶେ ଡପଲର୍ ରାଡାର୍‌ର ଉପକରଣ ଆସି ଭୁବନେଶ୍ୱର ପହଞ୍ଚିଥିବା ଏବଂ ଦୁଇମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଥିଲା। କିନ୍ତୁ ଭୁବନେଶ୍ୱରରେ ମାସ ମାସ ଧରି ପଡ଼ି ରହିବା ସହ ଉକ୍ତ ଉପକରଣ ବାଲେଶ୍ୱର ଡପ୍‌ଲର୍ ପ୍ରକଳ୍ପରେ ବ୍ୟବହୃତ ହେବାକୁ ଯାଉଛି ବୋଲି ସୂଚନା ମିଳିବାପରେ ସାଧାରଣରେ ତୀବ୍ର ପ୍ରତିକ୍ରିୟା



ପ୍ରକାଶ ପାଇଥିଲା। ପଶ୍ଚିମ ଓଡ଼ିଶାର ଏକ ବଡ଼ ଅଞ୍ଚଳ ପାଇଁ ରାଡାର୍‌ର କୌଣସି ସୁବିଧା ନାହିଁ। ପାରାଦୀପ ଓ ଦୀଘା ରାଡାର ବାଲେଶ୍ୱର ଅଞ୍ଚଳକୁ କଭର୍ କରୁଥିବାବେଳେ ସେଠାରେ ଏକ ନୂତନ ରାଡାର୍ ସ୍ଥାପନକୁ କାହିଁକି ପ୍ରାଧାନ୍ୟ ଦିଆଯାଉଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏନେଇ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶିତ ହୋଇଥିଲା। ଏହାପରେ ୨୦୨୪ ଡିସେମ୍ବରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ରାଡାର କେନ୍ଦ୍ର ପରିଦର୍ଶନ କରି କୋଠା ନିର୍ମାଣ ଓ ସଂସ୍ଥାପନ ପ୍ରକ୍ରିୟା ଶୀଘ୍ର ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ କୋଠାର ପୁନର୍ନିର୍ମାଣ ସହ ସମ୍ପ୍ରତି ରାଡାର୍ ସଂସ୍ଥାପନ (ଇନ୍‌ଷ୍ଟଲେସନ) କାମ ଜୋର୍‌ସୋର୍‌ରେ ଚାଲିଥିବାବେଳେ ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡ଼ିଛି। ଗୁରୁବାର ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ରାଡାର ପ୍ରକଳ୍ପର ସମୀକ୍ଷା କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ସମ୍ବଲପୁରରେ ସି-ବ୍ୟାଣ୍ଡ ଡପ୍‌ଲର ପାଣିପାଗ ରାଡାର ରାଜ୍ୟର ପାଣିପାଗ ନିରୀକ୍ଷଣ କ୍ଷମତାକୁ ବିସ୍ତାର କରିପାରିବ। ସି-ବ୍ୟାଣ୍ଡ ରାଡାରଗୁଡ଼ିକ ଦୀର୍ଘ-ଦୂରତା ଚିହ୍ନଟ ଏବଂ ଉଚ୍ଚ ରିଜୋଲ୍ୟୁସନ ମଧ୍ୟରେ ଏକ ଆଦର୍ଶ ସନ୍ତୁଳନ ରକ୍ଷା କରେ। ୨୫୦ କିଲୋମିଟର ପର୍ଯ୍ୟନ୍ତ ଏହି ରାଡାର ପ୍ରଭାବଶାଳୀ ରହିବ। ଡପଲର ରାଡାର ଷ୍ଟେସନର ପାଞ୍ଚ ମହଲା କୋଠା ୧୧,୧୦୦ ବର୍ଗଫୁଟ ଅଞ୍ଚଳରେ ନିର୍ମାଣ କରାଯାଉଛି। କୋଠା ଓ ରାଡାର ସଂସ୍ଥାପନରେ ମୋଟ ୫ କୋଟି ଟଙ୍କା ବ୍ୟୟ ହେବ ବୋଲି ଆକଳନ କରାଯାଇଛି। ସମ୍ବଲପୁରରେ ସ୍ଥାପନ ହେଉଥିବା ରାଡାର ପଶ୍ଚିମ ଓଡ଼ିଶାର ସମସ୍ତ ଜିଲ୍ଲାକୁ କଭର୍ କରିବାସହ, ହୀରାକୁଦ ଡ୍ୟାମର ଜଳ ପରିଚାଳନା, ବିଶେଷକରି ବନ୍ୟା ପୂର୍ବାନୁମାନ, କ୍ଷେତ୍ର ସୁରକ୍ଷାରେ ଉନ୍ନତି ଏବଂ ଭିତ୍ତିଭୂମି ବିକାଶରେ ଏହି ରାଡାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଜଣାପଡ଼ିଛି।

## ଆଖଡ଼ା ଶୋଭାଯାତ୍ରାରେ ଗୋଷ୍ଠୀ ସଂଘର୍ଷ; ୧୦ରୁ ଅଧିକ ଆହତ

ବାଲେଶ୍ୱର,୨୭।୬ (ସମିସ): ବାଲେଶ୍ୱରରେ ଶୁକ୍ରବାର ବିଳମ୍ବିତ ରାତିରେ ଆଖଡ଼ା ଶୋଭାଯାତ୍ରା ବେଳେ ଅଘଟଣ ଘଟିଛି। ଉକ୍ତ ଶୋଭାଯାତ୍ରା ବାଲେଶ୍ୱର ସହର ପରିକ୍ରମା ପାଇଁ ବାହାରି ଥିବା ବେଳେ ଭୋର ସମୟରେ ଦରଘା ମଇଦାନ ନିକଟରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏପରିକି ଉଭୟ ଗୋଷ୍ଠୀ ମଧ୍ୟରେ ଟେକା ପଥର ମାଡ଼ କରି ପ୍ରାୟ ୧୦ରୁ ଅଧିକ ଲୋକ ଆହତ ହୋଇଥିବା ଜଣା ଯାଇଛି। ଆହତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ଘଟଣା ସ୍ଥଳରେ ଆରକ୍ଷୀ ଅଧୀକ୍ଷକଙ୍କ ସହ ଏସ୍‌ଡିପିଓ, ଟାଉନ ଥାନା ଅଧିକାରୀ ଘଟଣା ସ୍ଥଳକୁ ଯାଇ ବୁଝାସୁଝା କରିଥିଲେ। ଏସପିଙ୍କ କଡ଼ା ନିର୍ଦ୍ଦେଶରେ ଅଞ୍ଚଳକୁ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ଅନ୍ୟପଟେ ଆଜି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିୱାକର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଏହି ଘଟଣାକୁ ଗୁରୁତ୍ୱର ସହ ପୁଲିସ୍ ନେଇଛି। ଘଟଣାରେ ଜଡ଼ିତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ଦିବ୍ୟ ଜ୍ୟୋତି ଦାଶ, ଟାଉନ ଥାନା ଅଧିକାରୀ ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଆସନ୍ତା ୨୯ ରେ ଆନ୍ଦୋଳନ କରିବେ ଶିକ୍ଷକ ଓ କର୍ମଚାରୀ

ଭୁବନେଶ୍ୱର, ୨୭।୬(ସମିସ): ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ରାଜ୍ୟ ସରକାର ଅନୁଦାନ ଦେଉ ନାହାନ୍ତି। କାର୍ଯ୍ୟରତ ଶିକ୍ଷକ ଏବଂ ଶିକ୍ଷା କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ପ୍ରଦାନରେ ଅହେତୁକ ବିଳମ୍ବ କରୁଛନ୍ତି। ଶିକ୍ଷା ଓ ଶିକ୍ଷା କର୍ମଚାରୀଙ୍କ ସମସ୍ୟାର ସମାଧାନ ପାଇଁ ଗଠିତ ଉଚ୍ଚସ୍ତରୀୟ କମିଟିର ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯାଇଥିଲେ ମଧ୍ୟ କାର୍ଯ୍ୟକାରୀ କରାଯାଉ ନାହିଁ। ଏହାକୁ ପ୍ରତିବାଦ କରି ଆସନ୍ତା ୨୯ ରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସମନ୍ୱୟ ସମିତି ପକ୍ଷରୁ ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି। ସମନ୍ୱୟ ସମିତିର ସଭାପତି ସୁକାନ୍ତ କୁମାର ବେହେରା କହିଛନ୍ତି ଯେ ଶିକ୍ଷକ ଓ କର୍ମଚାରୀଙ୍କୁ ସମାନ ଅଧିକାର ଓ ସାମାଜିକ ନ୍ୟାୟ ପ୍ରଦାନ କରିବାକୁ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା କେବଳ ଭାଷଣରେ ସୀମିତ ରହିଛି। ସରକାରୀ, ପୂର୍ଣ୍ଣଅନୁଦାନ ପ୍ରାପ୍ତ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୈଷମ୍ୟ ସୃଷ୍ଟି କରୁଛନ୍ତି। ଏଣୁ ସେମାନଙ୍କ ସମସ୍ତ ଦାବିକୁ ତୁରନ୍ତ ପୂରଣ କରା ନଗଲେ ଆଗକୁ ଗଣ ଆନ୍ଦୋଳନ ଗଢ଼ି ଉଠିବ ବୋଲି ସମିତର ଅକ୍ଷୟ କୁମାର ମିଶ୍ର, ନିର୍ମଳା ପଣ୍ଡା ପ୍ରମୁଖ ସରକାରଙ୍କୁ ଚେତାବନୀ ଦେଇଛନ୍ତି।







### ଝାରସୁଗୁଡ଼ା ପକ୍ସୋ କୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ୩୦ ବର୍ଷୀୟ ଯୁବକଙ୍କୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ

ଭୁବନେଶ୍ୱର, ୨୭।୬ (ସମିସ): ଝାରସୁଗୁଡାସ୍ଥିତ ସ୍ୱତନ୍ତ୍ର ପକ୍ସୋ କୋର୍ଟ ଜଣେ ୬ ବର୍ଷର ନାବାଳିକାକୁ ଯୌନ ନିର୍ଯାତନା ଦେବା ମାମଲାରେ ଏକ ୩୦ ବର୍ଷୀୟ ଯୁବକକୁ ୨୦ ବର୍ଷର ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଝାରସୁଗୁଡ଼ା ଜିଲ୍ଲା ବନହରପାଲି ଥାନା ଅନ୍ତର୍ଗତ ଆଇବି ଥର୍ମାଲ୍ ପମ୍ପହାଉସ୍‌ପଡ଼ାର ବାସିନ୍ଦା ଅଜୟ ସିଂହଙ୍କୁ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍-ତଥା-ସ୍ୱତନ୍ତ୍ର କୋର୍ଟ ବିଚାରପତି ସୁଶ୍ରୀ ପୂଜା ସାରଙ୍ଗୀ ପକ୍ସୋ ଆକ୍ଟର ଧାରା ୬ ଏବଂ ଭାରତୀୟ ନ୍ୟାୟ ସଂହିତା , ୨୦୨୩ ର ଧାରା ୬୫(୨) ଅଧୀନରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ବିଚାରପତି ଅଜୟ ସିଂହଙ୍କୁ ୨୦ ବର୍ଷର ସଶ୍ରମ କାରାଦଣ୍ଡ ସହ ୫୦,୦୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ବର୍ଷେ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ବାବଦ ଅର୍ଥ ପୀଡ଼ିତାଙ୍କୁ ପ୍ରଦାନ କରାଯିବ। ସୂଚନାଯୋଗ୍ୟ ଯେ, ୨୦୨୫ ମସିହା ୨୨ ଜୁନ୍‌ରେ ଏଭଳି ଜଘନ୍ୟ କାଣ୍ଡ ଘଟିଥିଲା। ଏନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିବା ସହ ଅଜୟ ସିଂହଙ୍କୁ ଗିରଫ କରିଥିଲା। ୧ବର୍ଷ ମଧ୍ୟରେ ଏହି ମାମଲାର ବିଚାର କରାଯାଇ ଦୋଷୀଙ୍କ ବିରୋଧରେ କୋର୍ଟ ଦଣ୍ଡବିଧାନ କରିଛନ୍ତି।

# 'ରଜ କୁଇନ୍' ଗ୍ରାଣ୍ଡ ଫିନାଲେରେ ଅନୁଭବ

ଓଡ଼ିଶାର ଲୋକପ୍ରିୟ ମନୋରଞ୍ଜନ ଚ୍ୟାନେଲ୍ 'ଜୀ ସାର୍ଥକ'ର ବହୁ ଚର୍ଚ୍ଚିତ ରିଆଲିଟି ଶୋ' 'ରଜ କୁଇନ୍' ଆରମ୍ଭ ହୋଇଯାଇଛି । ନିଜର ପ୍ରତିଭା ଓ କଠିନ ପରିଶ୍ରମ ବଳରେ ଶ୍ରେଷ୍ଠ ୧୨ ଜଣ ପ୍ରତିଯୋଗୀ ଏହି ବହୁ ପ୍ରତୀକ୍ଷିତ ଗ୍ରାଣ୍ଡ ଫିନାଲେରେ ପ୍ରବେଶ କରିଛନ୍ତି । ଏହି ମହାମୁକାବିଲା ଚଳିତ ଜୁନ୍ ୨୭ ତାରିଖରୁ ଆରମ୍ଭ ହୋଇଯାଇଛି ।



ଏହା ଜୁନ୍ ୨୮ , ଜୁଲାଇ ୪ ଓ ୫ ତାରିଖରେ ରାତି ୯ଟା ୩୦ରେ ଜୀ ସାର୍ଥକରେ ପ୍ରସାରିତ ହେବ । ଫିନାଲେର ପ୍ରଥମ ସପ୍ତାହ ଧମାକାଦାର ହେବ । ଯାହାର ନାମ ରଖାଯାଇଛି 'ବାଲୁଙ୍ଗା ୱିକେଣ୍ଡ' । ଏହି ସ୍ୱତନ୍ତ୍ର ସପ୍ତାହରେ ମୁଖ୍ୟ ଆକର୍ଷଣ ସାଜିଛନ୍ତି ଓଲିଉଡ୍ ସୁପରଷ୍ଟାର୍ ଅନୁଭବ ମହାନ୍ତି ଏବଂ ତାଙ୍କ ଚଳଚ୍ଚିତ୍ର 'ଛକିଶୂନ'ର ସମ୍ପୂର୍ଣ୍ଣ ଟିମ୍ । ଦର୍ଶକଙ୍କ ମନୋରଞ୍ଜନ ପାଇଁ 'ଛକିଶୂନ' ଟିମ୍ ପକ୍ଷରୁ ଏକ ଦମ୍‌ଦାର ସ୍ପେଶାଲ୍ ପର୍ଫମାନ୍ସ ଦେଖିବାକୁ ମିଳିବ । ଏହି ରଙ୍ଗାରଙ୍ଗ ଉତ୍ସବରେ ସେଲିବ୍ରିଟି ଗେଷ୍ଟ ଭାବେ ଅଭିନେତ୍ରୀ ଶୀତଲ, ଦିବ୍ୟା ଏବଂ ଲୋକପ୍ରିୟ କଣ୍ଠଶିଳ୍ପୀ ସ୍ୱୟମ ପାଢ଼ୀ ଓ ଅନ୍ତରା ଚକ୍ରବର୍ତ୍ତୀ ଯୋଗ ଦେଇ ନିଜ ଦମଦାର ପ୍ରଦର୍ଶନ ସହ ପ୍ରତିଯୋଗୀଙ୍କ ଉତ୍ସାହ ବଢ଼ାଇବେ । କାର୍ଯ୍ୟକ୍ରମରେ ଗ୍ଲାମର୍ ଓ ହସର ମାହୋଲ ସୃଷ୍ଟି କରିବା ପାଇଁ ଅଭିନେତ୍ରୀ ଶିବାନୀ, ଦୀପ୍ତିରେଖା ପାଢ଼ୀ, ଶୁଭାଶିଷ (ମଣ୍ଟୁ) ଏବଂ ଲୋକପ୍ରିୟ ହାସ୍ୟ ଅଭିନେତା କ୍ରିଷ୍ଣା ମଧ୍ୟ ମଞ୍ଚରେ ନିଜ କଳାର ପ୍ରଦର୍ଶନ କରିବେ । ଏହି ଗ୍ରାଣ୍ଡ ଫିନାଲେ ପର୍ଯ୍ୟନ୍ତ ପ୍ରତିଯୋଗୀମାନଙ୍କୁ ପହଞ୍ଚାଇବା ଏବଂ ସେମାନଙ୍କୁ ମଞ୍ଚ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରିବାରେ ଜୀ ସାର୍ଥକର ଲୋକପ୍ରିୟ ଧାରାବାହିକର କଳାକାରମାନେ ମେଣ୍ଟର ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । 'ତୁ ଖରା ମୁଁ ଛାଇ'ର ଅଭି ଓ ମାନି, 'ସାଥି ସାତ ଜନ୍ମର'ର ଦେବ୍ ଓ ଅର୍ଚ୍ଚନା, 'ସୁନା ଝିଅ'ର ସମ୍ଭବ ଓ ବଂଶୁ ଏବଂ 'ମୁଁ ନୁହେଁ ମୁଁ ତୁମ ବିନା'ର ସାଇ ଓ ଶ୍ରଦ୍ଧାଙ୍କ ଭଳି ପ୍ରତିଷ୍ଠିତ ଯୋଡିମାନେ ପ୍ରତିଯୋଗୀମାନଙ୍କୁ ବିଶେଷ ନିଜର ଅଭିଜ୍ଞତା ଏବଂ ଦିଗଦର୍ଶନ ମାଧ୍ୟମରେ ଆଗକୁ ନେଇଛନ୍ତି । ■

# ୪୫ ଡିଗ୍ରୀ ତାପମାତ୍ରାରେ ଗୀତ ସୁଟିଂ



ପରଦା ପଛର କାହାଣୀ

ସୁପରଷ୍ଟାର ଅମିର ଖାନ୍ ନିଜ କ୍ୟାରିୟରରେ ଅନେକ ସୁପରହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି । ତନ୍ମଧ୍ୟରୁ 'ଲଗାନ' ଅନ୍ୟତମ । ୨୦୦୧ ମସିହାରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମ ତାଙ୍କ କ୍ୟାରିୟରରେ ବିରାଟ ପରିବର୍ତ୍ତନ ଆଣିଥିଲା । ଫିଲ୍ମର କାହାଣୀ, ଅଭିନୟ ଏବଂ ଗୀତ ଅଦ୍ୟାବଧି ଲୋକଙ୍କ ମନରେ ଜୀବନ୍ତ ହୋଇରହିଛି । ଫିଲ୍ମର ଏକ ଗୀତ ରହିଛି "ଚଲେ ଚଲୋ…" । ଏହି ଗୀତକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ । ନିକଟରେ ଫିଲ୍ମରେ 'ଗୋଲି' ଚରିତ୍ରରେ ଅଭିନୟ କରିଥିବା ଅଭିନେତା ଦୟାଶଙ୍କର ପାଣ୍ଡେ ଏହି ଗୀତର ସୁଟିଂ ସମୟର କିଛି ସ୍ମରଣୀୟ ମୁହୂର୍ତ୍ତ ପ୍ରକାଶ କରିଛନ୍ତି । ତାଙ୍କ କହିବାନୁଯାୟୀ "ଚାଲେ ଚଲୋ…" ଗୀତଟି ଭୀଷଣ ଗରମରେ ସୁଟିଂ ହୋଇଥିଲା । ଏହି ଗୀତ ସୁଟ୍ କରିବାରେ କଳାକାରମାନେ ଝାଳରେ ଗାଧୋଇ ପଡ଼ିଥିଲେ । ପ୍ରାୟ ୪୫ ଡିଗ୍ରୀ ସେଲସିୟସ୍ ତାପମାତ୍ରାରେ ଏହି ଗୀତ ସୁଟିଂ ହୋଇଥିଲା । ଏପରିକି ସେଟ୍‌ରେ ଡାକ୍ତର ମଧ୍ୟ ଉପସ୍ଥିତ ଥିଲେ । ଗରମ ଏତେ ହେଉଥିଲା ଯେ ଜଣଙ୍କ ପରେ ଜଣଙ୍କର ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରେ ଲାଗିଥିଲା । ଏପରିକି ଝାଞ୍ଜି ପବନ ବହିବା ସହ ଧୂଳି ମଧ୍ୟ ପଡୁଥିଲା । ଗୀତରେ ସଂଘର୍ଷର ଦୃଶ୍ୟ ଦେଖାଇବା ପାଇଁ କଳାକାରଙ୍କ ଉପରକୁ ଧୂଳି ମଧ୍ୟ ଫୋପଡ଼ା ଯାଉଥିଲା । ଏଥିରେ ସେମାନଙ୍କ ପରିଶ୍ରମ ସ୍ପଷ୍ଟ ଦୃଶ୍ୟମାନ ହୋଇଥିଲା । ବହୁତ କଷ୍ଟମଷ୍ଟେ ଏହି ଗୀତର ସୁଟିଂ ସମ୍ଭବ ହୋଇଥିଲା । ଏହି ଗୀତ ସୁଟିଂରେ କଳାକାରମାନେ ଏତେ ବିରକ୍ତ ହୋଇଥିଲେ ଯେ, ଶେଷରେ ସେମାନେ ଅମିର୍ ଏବଂ ନିର୍ଦ୍ଦେଶକ ଆଶୁତୋଷ ଗୋବାରିକରଙ୍କ ଉପରେ ରାଗି ଯାଇଥିଲେ । ଏପରିକି ସେମାନଙ୍କୁ ସ୍ୱାର୍ଥପର ବୋଲି ଭାବି ନେଇଥିଲେ । ହେଲେ ଏସବୁ ଗୀତର ଡିମାଣ୍ଡ ଅନୁସାରେ ସୁଟ୍ ହୋଇଥିଲା । ଆଶୁତୋଷ ଗୋବାରିକର ଗାଁ ଲୋକଙ୍କ ମୁହଁରେ ସଂଘର୍ଷ ଏବଂ ସାହସ ଦେଖାଇବାକୁ ଚାହୁଁଥିଲେ । ■

# 'ଲାଇନ୍ ବାଲା'ରେ ସମ୍ବିତ ଓ ସ୍ୱପ୍ନାଙ୍କ ଯୋଡ଼ି

ଶ୍ରୀହରି ମୋସନ ପିକ୍‌ଚର୍ସ ପ୍ରସ୍ତୁତ ଓଡ଼ିଆ ଚଳଚ୍ଚିତ୍ର 'ଲାଇନ୍‌ବାଲା' ଜୁଲାଇ ୧୦ ତାରିଖରେ ରିଲିଜ୍ ହେବ । ଏହାର ଚିତ୍ରନାଟ୍ୟ, ସଂଳାପ ରଚନା ସହିତ ନିର୍ଦ୍ଦେଶନା ଦେଇଛନ୍ତି ନିରଞ୍ଜନ ବେହେରା । ମଣିଷ ଜୀବନରେ ଗୋଟେ ଅଂଶ ହେଲା ବିଦ୍ୟୁତ । ମୌଳିକ ଆବଶ୍ୟକ ମଧ୍ୟ କହିପାରିବା । କିନ୍ତୁ ଯେଉଁମାନଙ୍କ ପାଇଁ ଆମେ ସେବା ପାଇଥାଉ ସେମାନଙ୍କୁ କେବେ ସମ୍ମାନ ଦେଉନେ । ମଣିଷ ସମାଜ ସେମାନଙ୍କ ନିଷ୍ଠା, କର୍ତ୍ତବ୍ୟକୁ ଅବହେଳା କରିଚାଲିଛି । ସେମାନେ ଅନ୍ଧାରର ନାୟକ । ସେମାନଙ୍କ ଦୁଃଖ କଷ୍ଟକୁ ଆମେ ସିନେମା ମାଧ୍ୟମରେ ଦେଖେଇବା ପାଇଁ ଚେଷ୍ଟା କରିଛୁ । ସେମାନଙ୍କର ଦୁଃଖ, କଷ୍ଟରେ ସହଭାଗୀ ହେବା ପରିବର୍ତ୍ତେ ସେମାନଙ୍କୁ ଆମେ ନିର୍ଯାତନା ଦେଇଥାଉ । ବିଲ ଟଙ୍କା ମାଗିଲେ ଆମେମାନେ ମାଡ଼ ମାରିବାକୁ ବି ପଛାଉ ନାହୁଁ । ତଥାପି ସେମାନେ ନିଜ କର୍ମକୁ ବ୍ରତ ଭାବି କର୍ମ କରିଥାନ୍ତି । ଏବେ ସମୟ ଆସିଛି ଆମେ ତାଙ୍କୁ ସମ୍ମାନ ଦେବା । ନିର୍ଦ୍ଦେଶକ ନିରଞ୍ଜନ କୁହନ୍ତି, ସୁଟିଂ ସମୟରେ ଆମକୁ ବହୁତ କଷ୍ଟ କରିବାକୁ ପଡ଼ିଛି । ଆମେ ଅପେକ୍ଷା କରିଥାଉ ସଟ୍ ଡାଉନ୍ ହେଲେ ସୁଟିଂ କରିବୁ । କିଛି ଆର୍ଟିଷ୍ଟ ଖୁଣ୍ଟି ଉପରେ ଚଢ଼ି ଅଭିନୟ କରିଛନ୍ତି । ଅବଶ୍ୟ ପ୍ରଯୋଜକ ସୁଶାନ୍ତ ସାର୍ ସବୁ ବ୍ୟବସ୍ଥା କରିଥିଲେ । ଯେହେତୁ ଏହା ସତ କାହାଣୀ ଥିଲା ପ୍ରଯୋଜକ ସବୁ ସେଟ୍‌ରେ ରହୁଥିଲେ । ସିନେମାକୁ ବାସ୍ତବଧର୍ମୀ କରିବାକୁ ଆମେ କିଛି ଥିଏଟର ଆର୍ଟିଷ୍ଟ ନେଇଛୁ । ସେମାନେ ଭଲ ଅଭିନୟ କରିଛନ୍ତି । ବୈଦ୍ୟନାଥ ଦାଶଙ୍କ ଗୀତ ସହିତ ସିନେପ୍ରେମୀମାନେ ଏକ ମୌଳିକ କାହାଣୀ ସହିତ କିଛି ଶିକ୍ଷଣୀୟ କଥା ଏହି ସିନେମାରେ ଦେଖିବେ । ■



## ଟେଲିଭିଜନ ପ୍ରିମିୟର

# ରଙ୍ଗଶୂର

ଆଜି ସନ୍ଧ୍ୟା ୬ଟା ୩୦ରେ ଜୀ ସାର୍ଥକରେ ଓଡ଼ିଶାର ସମୃଦ୍ଧ ଲୋକକଳା 'ବାଘ ନାଚ' ଏବଂ ନାରୀ ସଶକ୍ତୀକରଣକୁ ନେଇ ନିର୍ମିତ ବହୁ ପ୍ରତୀକ୍ଷିତ ଡ୍ରାମା-ଥ୍ରୀଲର ଚଳଚ୍ଚିତ୍ର 'ରଙ୍ଗଶୂର'ର ଟେଲିଭିଜନ ପ୍ରିମିୟର ହେବ । ଏକ ସାମାଜିକ ବାର୍ତ୍ତା ସହ ଦର୍ଶକଙ୍କୁ ଏକ ଅଭିନବ ଚଳଚ୍ଚିତ୍ର ଭେଟି ଦେବାକୁ ପ୍ରସ୍ତୁତି ଶେଷ ହୋଇଛି । ଆଗରୁ ଏହି ଚଳଚ୍ଚିତ୍ର ପ୍ରେକ୍ଷାଳୟରେ ଦର୍ଶକଙ୍କ ଅନେକ ଭଲ ପାଇବା ସାଉଁଟିଥିଲା । ଏହାର କାହାଣୀ ଏକ ଗାଁର ବାପା ଓ ଝିଅଙ୍କ ସମ୍ପର୍କ ଏବଂ କଳା ପ୍ରତି ସମର୍ପଣକୁ ନେଇ ଗତିଶୀଳ । ବାପା ଜଣେ ପାରମ୍ପରିକ ବାଘ ନାଚ କଳାକାର ହୋଇଥିବା ବେଳେ ଝିଅ ଏହି ଲୁପ୍ତପ୍ରାୟ କଳାକୁ ଆଗକୁ ବଢ଼ାଇ ଏହାର ଉତ୍ତରାଧିକାରୀ ହେବାକୁ ସ୍ୱପ୍ନ ଦେଖୁଛି । କିନ୍ତୁ ସମାଜର ରକ୍ଷଣଶୀଳ ଚିନ୍ତାଧାରା ଅନୁଯାୟୀ ଏହି କଳା କେବଳ ପୁରୁଷମାନେ ହିଁ ପରିବେଷଣ କରିପାରିବେ । ଏହି ସାମାଜିକ ପ୍ରଥା ଓ ଲିଙ୍ଗଗତ ବାଧାବିଘ୍ନ ବିରୋଧରେ ଝିଅର ସଂଘର୍ଷ ଏବଂ ବିଦ୍ରୋହ କାହାଣୀରେ ମୁଖ୍ୟ ବିନ୍ଦୁ ସାଜିଛି । ପ୍ରତାପ ରାଉତଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଛନ୍ତି ସୂର୍ଯ୍ୟମୟୀ ମହାପାତ୍ର , ଚୌଧୁରୀ ଜୟପ୍ରକାଶ ଦାସ, ଦୀପନ୍ୱିତ ଦାଶମହାପାତ୍ର, ସମରେଶ ରାଉତରାୟ, ଶୁଭାଶିଷ ଶର୍ମା, ଜ୍ୟୋତି ରଞ୍ଜନ ନାୟକ, ସୁଶାନ୍ତ ଦାସ ମହାପାତ୍ର ଏବଂ ଶୁଭଶ୍ରୀ ଜେନା । ମୁନ୍ ଟିଭି ଆସୋସିଏସନ୍ ଏବଂ ପ୍ରକାଶ ଫିଲ୍ମସ ଓ ମାକ୍ସିମିନିଆ ଫିଲ୍ମସର ଏହି ଚଳଚ୍ଚିତ୍ରର କାହାଣୀ ଲେଖିଛନ୍ତି ହିମାଂଶୁ ରାଜ, ଉମଙ୍ଗ ଏବଂ ଶତ୍ରୁଘ୍ନ କୁମାର । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ । ■



## ସାକ୍ଷାତକାର

# 'ପ୍ରଥମ ପାରିଶ୍ରମିକରେ ଋଣ ଶୁଝିଥିଲି'

ମଞ୍ଚ ନାଟକ ଦର୍ଶକ ଓ କଳାକାରଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ସ୍ଥାପନ କରେ । ସେ ମଞ୍ଚନାଟକ କରୁଥିଲେ । ଅନେକ ମଞ୍ଚରେ ଜୀବନ୍ତ ଅଭିନୟ କରି ପ୍ରଶଂସିତ ହେବା ପରେ ସେ ଟାଣି ହୋଇ ଆସିଲେ ଅଭିନୟ ଦୁନିଆକୁ । 'ଆହେ ନୀଳ ଶୈଳ' ନାଟକର ଜଗୁନି ଚରିତ୍ର ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି । ସେ ହେଉଛନ୍ତି ଯାଜପୁର ଟାଉନ୍‌ର ଚିନ୍ମୟ ମହାନ୍ତି । 'ମୋ ଦେହେ ବୋଲିଦେ ତୋ ଦେହ କଳା' ତାଙ୍କର ପ୍ରଥମ ଅଭିନୀତ ଧାରାବାହିକ । ଏବେ ସେ 'ସାଥି ସାତ ଜନ୍ମର' ଧାରାବାହିକରେ ଅଭିନୟ କରୁଛନ୍ତି । ତେବେ ଚିନ୍ମୟଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ ।



ଚିନ୍ମୟ ମହାନ୍ତି, ଅଭିନେତା

**ମଞ୍ଚ ଅଭିନେତାରୁ ଧାରାବାହିକରେ ଅଭିନୟ କରିବାକୁ କାହିଁକି ଆଗ୍ରହ ପ୍ରକାଶ କଲେ ?**

● ୨୦୧୭ ମସିହାରେ ମୋତେ ଜଣେ ଅଭିନୟ ବିଷୟରେ କହିବା ପରେ ଏହି ଲାଇନ୍‌ରେ ଯିବାକୁ ଇଚ୍ଛା ରଖି ମୁଁ ବମ୍ବେ ଗଲି । ଅନୁପମ ଖେର୍ ଆକ୍ଟିଂ ଇନ୍‌ଷ୍ଟିଚ୍ୟୁଟ୍‌ରୁ ମୁଁ ପାସ୍ ଆଉଟ୍ । ଥିଏଟର୍ କରୁଥିଲି । 'ରେବତୀ', 'ସାହାଯ୍ୟକାରିଣୀ', 'ଆହେ ନୀଳ ଶୈଳ', 'ଅଦୃଶ୍ୟ ନଟ', 'ଅଶ୍ୱତ୍ଥାମା', 'ବିଷକନ୍ୟା' ଆଦି ଅନେକ ମଞ୍ଚ ନାଟକରେ ଅଭିନୟ କରିଛି । 'ଆହେ ନୀଳ ଶୈଳ'ର 'ଜଗୁନି' ଚରିତ୍ର ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି । ତେବେ ଥିଏଟର କରିବା ସମୟରେ ଜଣେ ନିର୍ଦ୍ଦେଶକ ମୋତେ ଧାରାବାହିକରେ କାମ କରିବାକୁ ସୁଯୋଗ ଦେଇଥିଲେ । ମଞ୍ଜରୀ ଚ୍ୟାନେଲ୍‌ର 'ମୋ ଦେହେ ବୋଲିଦେ ତୋ ଦେହ କଳା' ମୋର ପ୍ରଥମ ଧାରାବାହିକ । ଏଥିରେ ନାୟିକାଙ୍କ ଦିଅର 'ଦେବ' ଚରିତ୍ର ମୋତେ ମିଳିଥିଲା । ଏହାପରେ ମୁଁ 'ଅନୁରାଧା' ଆଉ ଏବେ 'ସାଥି ସାତ ଜନ୍ମର' ଧାରବାହିକରେ ଅଭିନୟ ଜାରି ରଖିଛି ।

**ତାଲିମ ନେବା ପରେ ଅଭିନୟ କରିବାକୁ ସହଜ ହୋଇଛି କି?**

● ଆଜ୍ଞା, ବହୁତ ସହଜ ହୋଇଛି । ମଞ୍ଚରେ ଦର୍ଶକଙ୍କୁ କେମିତି ସାମ୍ନା କରିବାକୁ ହୁଏ, ଜୀବନ୍ତ ଅଭିନୟ, ଭୟ କେମିତି ଛାଡ଼ିବ ସବୁକିଛି ଶିଖାଯାଉଥିଲା । ଯାହାକି ଏବେ ମୋତେ ଏହି ଲାଇନ୍‌ରେ ଆଗକୁ ବଢ଼ିବାକୁ ସାହସ ଦେଉଛି ।

**ପ୍ରଥମେ କ୍ୟାମେରାକୁ ସାମ୍ନା କରିବାର ଅନୁଭୂତି?**

● ଥିଏଟର ଏବଂ କ୍ୟାମେରା ଫର୍ମାଟ୍ ସମ୍ପୂର୍ଣ୍ଣ ଅଲଗା । ମଞ୍ଚରେ ଅଭିନୟ କରିବାକୁ ମୁଁ ସହଜ ଅନୁଭବ କରେ । ହେଲେ କ୍ୟାମେରା ସାମ୍ନାରେ ପ୍ରଥମେ ଟିକେ ଭୟ ଲାଗିଥିଲା । କ୍ୟାମେରା, ଟେକ୍ ଏବଂ ଓକେ ଅନୁସାରେ କାମ କରିବାକୁ ହେଉଥିବାରୁ କ୍ୟାମେରା ସାମ୍ନାରେ ସହଜ ହେବାକୁ ମୋତେ ଗୋଟିଏ ମାସ ସମୟ ଲାଗିଥିଲା ।

**କେଉଁ ଚରିତ୍ର ଆପଣଙ୍କୁ ଅଧିକ ଦର୍ଶକୀୟ ପ୍ରଶଂସା ଦେଇଛି?**

● 'ମୋ ଦେହେ ବୋଲିଦେ ତୋ ଦେହ କଳା' ଧାରାବାହିକର 'ଦେବ' ଚରିତ୍ରକୁ ଦର୍ଶକ ବହୁତ ଭଲ ପାଇବା ଦେଇଥିଲେ । ଏଥିରେ ଅଭିନୟ କରିବାର ମାତ୍ର ୧୫ ଦିନ ପରେ ଦର୍ଶକଙ୍କ ପ୍ରତିକ୍ରିୟା ମିଳିପାରିଥିଲା । ଦର୍ଶକଙ୍କ ଭଲ ପାଇବା ମୋତେ ଆଗକୁ ଦେବାକୁ ପ୍ରେରଣା ଯୋଗାଇଥିଲା ।

**ପ୍ରଥମ ପାରିଶ୍ରମିକରେ କ'ଣ କରିଥିଲେ?**

● ଅଭିନୟ ଜଗତରେ ଅନେକ ସଂଘର୍ଷ କରିବାକୁ ପଡ଼ିଥିଲା । ପ୍ରଥମ ପାରିଶ୍ରମିକରୁ ମୁଁ ମୋର ସବୁ ଋଣ ଶୁଝି ଥିଲି ।

**ଭଲ ଅଭିନୟ ପ୍ରଦର୍ଶନ କରିବାକୁ କ'ଣ କରନ୍ତି?**

● ଦର୍ଶକ ଆମକୁ ପରଦା ଉପରେ ଦେଖୁଛନ୍ତି । ତେଣୁ ଅଭିନୟ ସହିତ ଜଣେ କଳାକାରର ଶରୀର ଗଠନ, ଅଙ୍ଗଭଙ୍ଗୀ, ଭାବଭଙ୍ଗୀ, ଚରିତ୍ରକୁ ସୁହାଇଲା ପରି ସଂଳାପ ଆଦି ବହୁତ ଦିଗକୁ ଧ୍ୟାନ ଦିଏ । ମୁଁ ମୋ ଚରିତ୍ରକୁ ଜୀବନ୍ତ କରିବାକୁ ଚତୁଃପାର୍ଶ୍ୱର ସମସ୍ତଙ୍କଠାରୁ କିଛି ନା କିଛି ଶିଖି ତାହାକୁ ଅଭିନୟ ସହିତ ସଂଯୋଗ କରେ । ଏହାଦ୍ୱାରା ଅଭିନୟ ଜୀବନ୍ତ ଲାଗେ ।

**ଆଗାମୀ ଯୋଜନା କ'ଣ ରହିଛି?**

● ଏବେ ଧାରାବାହିକରେ କାମ ଚାଲିଛି । ଆଗକୁ ସୁଯୋଗ ମିଳିଲେ ମୁଁ ବଡ଼ ପରଦାରେ କାମ କରିବି । ଥିଏଟର କେବେ ବି ଛାଡ଼ିବିନି । କାରଣ ଥିଏଟରର ମଜା ସବୁବେଳେ ରହିବ ।

**ଅଭିନୟରେ ରୁଚି ରଖୁଥିବା ପିଲାଙ୍କୁ କ'ଣ କହିବେ?**

● ଯେଉଁମାନେ ବି ଏଲାଇନ୍‌କୁ ଆସିବାକୁ ଚାହୁଁଛନ୍ତି ଆଗେ ଶିଖିକରି ଆସନ୍ତୁ । କେଉଁଠି ନା କେଉଁଠି ତାଲିମ ନିଅନ୍ତୁ । କାରଣ ସୋସିଆଲ୍ ମିଡିଆ, ରିଲ୍‌ସ ଏହା ତତ୍‌କ୍ଷଣାତ ଲୋକପ୍ରିୟତା ଦେବ । ହେଲେ ଏହା କିଛି କ୍ଷଣ ପାଇଁ । ସେଥିପାଇଁ ପ୍ରସ୍ତୁତ ହୋଇ ଆସନ୍ତୁ । ଅଭିନୟ ଜରିଆରେ କିପରି ଲୋକଙ୍କୁ ସଚେତନ କରିପାରିବେ ଓ ଦର୍ଶକଙ୍କ ଭଲ ପାଇବା ପାଇବେ ତାହାକୁ ଗୁରୁତ୍ୱ ଦେବା ନିତାନ୍ତ ଆବଶ୍ୟକ । ■






## ବେଲ୍‌ଜିୟମ୍ ନଂ-୧, ଇଜିପ୍ଟ-୨

ଭାଙ୍କୋଭର,୨୭।୬(ଏଜେନ୍ସି): ଉତ୍ସାହୀ ନ୍ୟୁଜିଲାଣ୍ଡକୁ ୫-୧ ଗୋଲରେ ପରାସ୍ତ କରି ବେଲଜିୟମ ଗ୍ରୁପ୍-ଜି'ରେ ପ୍ରଥମ ସ୍ଥାନ ଅଧିକାର କରିଛି । ଏହି ମ୍ୟାଚ୍‌ରେ ଦଳ ପକ୍ଷରୁ ଲିଆଣ୍ଡ୍ରୋ ଟ୍ରୋସାର୍ଡ ୨ଟି, ଭେଟେରାନ କେଭିନ୍ ଡି ବ୍ରୁଇନ୍, ରୋମେଲୁ ଲୁକାକୁ ଓ ଆଲେକ୍ସିସ୍ ସାଇଲେ ମାଇକର୍ସ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଏଲିଜା ଜଷ୍ଟ ଗୋଟିଏ ଗୋଲ ଶୁଝାଇବାରେ ସଫଳ ହୋଇଥିଲେ। ଏହି ଗ୍ରୁପ୍‌ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ଇଜିପ୍ଟ ସହ ଇରାନ ମ୍ୟାଚ୍ ୧-୧ ଗୋଲରେ ଡ୍ର ରଖିଛି। ଫଳରେ ବେଲଜିୟମ ପଛକୁ ଇଜିପ୍ଟ ଦ୍ୱିତୀୟ ଦଳ ଭାବେ ନକ୍‌ଆଉଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ୩ଟି ଡ୍ର ମ୍ୟାଚ୍‌ରୁ ୩ ପଏଣ୍ଟ ପାଇଥିବା ଇରାନ ଏବେ ଅନ୍ୟ ଦଳର ପ୍ରଦର୍ଶନ ଉପରେ ନକ୍‌ଆଉଟ୍‌ରେ ଖେଳିବ କି ନାହିଁ ତାହା ସ୍ଥିର ହେବ। ସମସ୍ତ ୩ଟି ଯାକ ମୁକାବିଲାରେ ଇରାନ ଚାପରେ ରହି ଖେଳିଥିଲା।

## ସେନେଗାଲ୍‌ର ବୃହତ୍ ବିଜୟ

ଟରଣ୍ଟୋ, ୨୭।୬ (ଏଜେନ୍ସି): ବଦଳ ଖେଳାଳି ପାପେ ଗୁୟେଙ୍କ ଡବଲ ଗୋଲ୍ ଜରିଆରେ ଏଠାରେ ଖେଳାଯାଇଥିବା ଫିଫା ବିଶ୍ୱକପ୍ ଗ୍ରୁପ୍-ଜି'ର ଅନ୍ୟ ଏକ ମ୍ୟାଚ୍‌ରେ ସେନେଗାଲ ୫-୦ ଗୋଲରେ ଇରାକ୍‌କୁ ପରାସ୍ତ କରିଛି। ବୃହତ୍ ବିଜୟ ସତ୍ତ୍ୱେ ସେନେଗାଲ୍ ଗ୍ରୁପ୍‌ରେ ତୃତୀୟ ସ୍ଥାନରେ ରହିଛି। କିନ୍ତୁ ଦଳ ଗୋଟିଏ ମ୍ୟାଚ୍ ଜିତିଥିବାରୁ ନକ୍‌ଆଉଟ ଖେଳିବାର ସମ୍ଭାବନା ରହିଛି। ବିଜୟୀ ସେନେଗାଲ୍ ପକ୍ଷରୁ ଏଚ୍ ଡିଆରା, ଆଇ ସାର ଓ ଆଇ ନିଦାୟେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରେ ଇରାକ୍ ସମସ୍ତ ମ୍ୟାଚ୍‌ରେ ପରାଜିତ ହୋଇ ନକ୍‌ଆଉଟ ପୂର୍ବରୁ ବାଦ୍ ପଡ଼ିଛି।

## ପାକିସ୍ତାନକୁ ପୁଣି ହରାଇଲା ଭାରତ

ଲଣ୍ଡନ, ୨୭।୬ (ଏଜେନ୍ସି): ଚଳିତ ଏଫଆଇଏଚ୍ ପ୍ରୋ ଲିଗ୍‌ରେ ପାକିସ୍ତାନ ବିପକ୍ଷରେ କ୍ରମାଗତ ବିଜୟ ହାସଲ କରିଛି ଭାରତ। ଗତକାଲି ଏକ ମ୍ୟାଚରେ ଭାରତ ୭-୧ ଗୋଲ୍‌ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ମାତ୍ ଦେଇଛି। ସୁଖଜିତ୍ ସିଂହ, ହରମନପ୍ରୀତ୍, ହାର୍ଦ୍ଦିକ ସିଂହ, ଜୁଗରାଜ ସିଂହ, ଅଭିଷେକ, ରାଜକୁମାର ପାଲ୍ ଓ ଦିଲପ୍ରୀତ୍ ସିଂହ ପ୍ରତ୍ୟେକ ଗୋଟିଏ ଗୋଲ୍‌ସ୍କୋର କରିଥିଲେ। ଏଥିପୂର୍ବରୁ ଜୁନ ୨୩ରେ ମଧ୍ୟ ଭାରତଠାରୁ ୪-୩ ଗୋଲରେ ପାକିସ୍ତାନ ପରାସ୍ତ ହୋଇଥିଲା।

## ସବୁଠୁ ଛୋଟିଆ ଦେଶ
# ନକ୍‌ଆଉଟ ଖେଳିବ କେପ୍ ଭର୍ଡ

ହଷ୍ଟନ/ଜାପୋପାନ, ୨୭।୬ (ଏଜେନ୍ସି):

ଫିଫା ବିଶ୍ୱକପ୍ ଇତିହାସରେ ସବୁଠୁ କ୍ଷୁଦ୍ରତମ ତଥା ଛୋଟିଆ ଦେଶ ଭାବେ କେପ୍ ଭର୍ଡ ନକ୍‌ଆଉଟ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଚଳିତ ଫିଫା ବିଶ୍ୱକପ୍‌ରେ ଗ୍ରୁପ୍-ଏଚ୍‌ରେ ସ୍ଥାନ ପାଇଥିବା କେପ୍ ଭର୍ଡ ଏହାର ଅନ୍ତିମ ତଥା ୩ୟ ଗ୍ରୁପ୍ ମ୍ୟାଚରେ ସାଉଦୀ ଆରବକୁ ଭେଟିଥିଲା। ଶନିବାର ସକାଳେ ଖେଳାଯାଇଥିବା ଏହି ମ୍ୟାଚ୍ ଗୋଲ୍‌ଶୂନ୍ୟ ଭାବେ ଡ୍ର ରହିଥିଲା। କେପ୍ ଭର୍ଡ ଏହାର ଡିଫେନ୍ସକୁ ମଜଭୁତ କରି ମ୍ୟାଚ୍‌କୁ ଅମୀମାଂସିତ ରଖିବାରେ ସଫଳ ହୋଇଥିଲା। ସପ୍ତମ ପ୍ରୟାସରେ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିବା ଏହି କେପ୍ ଭର୍ଡ ତାହାର ସମସ୍ତ ୩ଟି ଯାକ ଗ୍ରୁପ୍ ମ୍ୟାଚ୍ ଡ୍ର ରଖି ନକ୍‌ଆଉଟକୁ ଉନ୍ନୀତ ହୋଇଛି। ଫଳରେ ଫିଫା ବିଶ୍ୱକପ୍ ଇତିହାସରେ ନକ୍‌ଆଉଟ ଖେଳିବାରେ ପଦାର୍ପଣକାରୀ କେପ୍ ଭର୍ଡ ସବୁଠୁ ଛୋଟିଆ ଦେଶ ହୋଇଛି। ଏହି ଆଫ୍ରିକୀୟ ରାଷ୍ଟ୍ରର ଲୋକସଂଖ୍ୟା ୫ ଲକ୍ଷ ୩୦ ହଜାର ରହିଛି। ନକ୍‌ଆଉଟ୍ ତଥା ରାଉଣ୍ଡ-୩୨ରେ କେପ ଭର୍ଡର ମୁକାବିଲା ଆର୍ଜେଣ୍ଟିନା ସହ ହେବ।



ଅପରପକ୍ଷରେ ଶନିବାର ଖେଳାଯାଇଥିବା ଗ୍ରୁପ୍-ଏଚ୍'ର ଅନ୍ୟ ଏକ ମ୍ୟାଚରେ ଉରୁଗୁଏକୁ ୧-୦ ଗୋଲରେ ହରାଇ ସ୍ପେନ ପ୍ରଥମ ସ୍ଥାନରେ ରହି ବିଶ୍ୱକପ୍‌ର ନକ୍‌ଆଉଟରେ ସ୍ଥାନ ପକ୍କା କରିଛି। ଜାପୋନାନରେ ଖେଳାଯାଇଥିବା ମ୍ୟାଚରେ ସ୍ପେନର ଖେଳାଳିମାନେ ଅତ୍ୟନ୍ତ ଚତୁର ଖେଳ ପ୍ରଦର୍ଶନ କରିଥିଲେ। ପ୍ରତିପକ୍ଷ ଉରୁଗୁଏ ଗୋଲରକ୍ଷକ ଫର୍ଣ୍ଣାଣ୍ଡୋ ମୁସେଲିରାଙ୍କୁ ବିଟ୍ କରି ସ୍ପେନ୍‌ର ଆଲେକ୍ସ ବାୟେନା ମ୍ୟାଚ୍‌ରେ ଏକମାତ୍ର ଗୋଲ ଦେଇଥିଲେ। ପରାଜୟ ସହ ଦୁଇଥରର ଚାମ୍ପିଅନ ଉରୁଗୁଏ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛି।

### ବିଶ୍ୱକପ୍ ପଏଣ୍ଟ ଟେବଲ

| ଟିମ୍ | ମ୍ୟା | ବି | ଡ୍ର | ପ | ଗୋଫ | ପ |
|---|---|---|---|---|---|---|
| ଗ୍ରୁପ୍-ଜି' | | | | | | |
| ବେଲଜିୟମ | ୩ | ୧ | ୨ | ୦ | ୪ | ୫ |
| ଇଜିପ୍ଟ | ୩ | ୧ | ୨ | ୦ | ୨ | ୫ |
| ଇରାନ | ୩ | ୦ | ୩ | ୦ | ୦ | ୩ |
| ନ୍ୟୁଜିଲାଣ୍ଡ | ୩ | ୦ | ୧ | ୨ | -୬ | ୧ |
| ଗ୍ରୁପ୍-ଏଚ' | | | | | | |
| ସ୍ପେନ | ୩ | ୨ | ୧ | ୦ | ୫ | ୭ |
| କେପ ଭର୍ଡ | ୩ | ୦ | ୩ | ୦ | ୦ | ୩ |
| ଉରୁଗୁଏ | ୩ | ୦ | ୨ | ୧ | -୧ | ୨ |
| ସା.ଆରବ | ୩ | ୦ | ୨ | ୧ | -୪ | ୨ |
| ଗ୍ରୁପ୍-ଆଇ' | | | | | | |
| ଫ୍ରାନ୍ସ | ୩ | ୩ | ୦ | ୦ | ୮ | ୯ |
| ନରୱେ | ୩ | ୨ | ୦ | ୧ | ୧ | ୬ |
| ସେନେଗାଲ | ୩ | ୧ | ୦ | ୨ | ୨ | ୩ |
| ଇରାକ | ୩ | ୦ | ୦ | ୩ | -୧୧ | ୦ |

ବିଦ୍ର: ମ୍ୟା-ମ୍ୟାଚ୍, ବି-ବିଜୟ, ପ-ପରାଜୟ, ଗୋଫ- ଗୋଲ ଫରକ, ପ- ପଏଣ୍ଟ।

## ପର୍ତ୍ତୁଗାଲକୁ ନକ୍‌ଆଉଟ ଯୋଗ୍ୟତା

ଡଲାସ,୨୭।୬(ଏଜେନ୍ସି): ପର୍ତ୍ତୁଗାଲ ଓ ଅନ୍ୟ କିଛି ଦେଶ ସେମାନଙ୍କ ଶେଷ ରାଉଣ୍ଡ ବିଶ୍ୱକପ୍ ଲିଗ୍ ମ୍ୟାଚ୍ ଖେଳିବା ପୂର୍ବରୁ ନକ୍‌ଆଉଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ୪ ପଏଣ୍ଟ ପାଇଥିବା କିଛି ଦଳ ଅନ୍ୟ ଗ୍ରୁପ୍‌ର ମ୍ୟାଚ୍ ଫଳାଫଳରୁ ନକ୍‌ଆଉଟ ଯାଇଛନ୍ତି। ସେହି ଦେଶଗୁଡିକ ମଧ୍ୟରେ ପର୍ତ୍ତୁଗାଲ, ଇଂଲଣ୍ଡ, ଇଜିପ୍ଟ, ଘାନା ଓ ପାରାଗୁଏ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ ମଧ୍ୟ ନକ୍‌ଆଉଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପର୍ତ୍ତୁଗାଲ କ୍ରମାଗତ ତୃତୀୟଥର ଲାଗି ନକ୍‌ଆଉଟ୍‌ରେ ଖେଳିବ।

## ଆଜିଠୁ ନକ୍‌ଆଉଟ୍

ଲସ ଆଞ୍ଜେଲ୍ସ, ୨୭।୬ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଶେଷ ହୋଇଯାଇଛି। ରବିବାର ରାତିରୁ ନକ୍‌ଆଉଟ୍ ଅର୍ଥାତ୍ ରାଉଣ୍ଡ ଅଫ୍ ୩୨ ପର୍ଯ୍ୟାୟ ଆରମ୍ଭ ହେବ। ନକ୍‌ଆଉଟ୍‌ର ପ୍ରଥମ ମ୍ୟାଚରେ ଦକ୍ଷିଣ ଆଫ୍ରିକା ସହ କାନାଡାର ମୁକାବିଲା ହେବ। ଏହି ମ୍ୟାଚ୍ ଲସ୍ ଆଞ୍ଜେଲ୍ସରେ ରାତି ୧୨ଟା ୩୦ ମିନିଟରେ ଖେଳାଯିବ।

ଆରମ୍ଭ: ରାତି ୧୨ଟା ୩୦
ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫

## ଡେମ୍ବେଲେଙ୍କ ଦ୍ରୁତତମ ହ୍ୟାଟ୍ରିକ୍

ଫକ୍ସବରୋ,୨୭।୬(ଏଜେନ୍ସି): ତାରକା ଖେଳାଳି ଓଉସମାନେ ଡେମ୍ବେଲେଙ୍କ ବିଶ୍ୱକପ୍‌ରେ ଦ୍ୱିତୀୟ ଦ୍ରୁତତମ ହ୍ୟାଟ୍ରିକ୍ ଗୋଲ ବଳରେ ଏଠାରେ ଶୁକ୍ରବାର ରାତିରେ ଖେଳାଯାଇଥିବା ଗ୍ରୁପ୍-ଆଇ'ର ଏକ ମୁକାବିଲାରେ ଫ୍ରାନ୍ସ ୪-୧ ଗୋଲରେ ନରୱେକୁ ପରାସ୍ତ କରିଛି। ଏଥିସହ ଫ୍ରାନ୍ସ ଗ୍ରୁପ୍‌ରେ ସମସ୍ତ ୩ଟି ଯାକ ମ୍ୟାଚ୍‌ରେ ବିଜୟୀ ହୋଇ ୯ ପଏଣ୍ଟ ସହ ଶୀର୍ଷ ସ୍ଥାନ ହାସଲ କରିଛି। ବାଲନ ଓ' ଡିଓର ପୁରସ୍କାର ବିଜେତା ଷ୍ଟ୍ରାଇକର ଡେମ୍ବେଲେ ଖେଳର ୭ମ, ୨୦ତମ ଓ ୨୭ତମ ମିନିଟ୍‌ରେ ଗୋଲ ସ୍କୋର କରି ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ତାଙ୍କ ପୂର୍ବରୁ ୧୯୫୪ ବିଶ୍ୱକପ୍‌ରେ ଅଷ୍ଟ୍ରିଆର ଏରିକ୍ ପ୍ରୋବ୍ଷ୍ଟ ମାତ୍ର ୨୪ ମିନିଟ୍ ମଧ୍ୟରେ ହ୍ୟାଟ୍ରିକ୍ ଅର୍ଜନ କରି ଦ୍ରୁତତମ ହ୍ୟାଟ୍ରିକ ଅର୍ଜନ କରିଥିଲେ। ନରୱେ ପକ୍ଷରୁ ଜୋର୍ଗେନ ଷ୍ଟ୍ରାଣ୍ଡ ଗୋଟିଏ ଗୋଲ ଶୁଝାଇଥିଲେ। ଷ୍ଟପେଜ୍ ଟାଇମ୍‌ରେ ଡିଜାୟର ଡୋଉ ଫ୍ରାନ୍ସ ପକ୍ଷରୁ ଚତୁର୍ଥ ଗୋଲ ସ୍କୋର କରିଥିଲେ। ସମସ୍ତ ମ୍ୟାଚ୍ ଜିତିଥିବା ଫ୍ରାନ୍ସ ରାଉଣ୍ଡ ଅଫ୍ ୩୨ ତଥା ନକ୍‌ଆଉଟରେ ସ୍ୱିଡେନ ସହ ମୁକାବିଲା କରିବ। ସେହିପରି ଦ୍ୱିତୀୟ ସ୍ଥାନରେ ଥିବା ନରୱେ ସହ ଆଇଭରୀ କୋଷ୍ଟର ରାଉଣ୍ଡ ଅଫ୍ ୩୨ରେ ମୁକାବିଲା ହେବ।



## ଫିଡେ ୧୦ ବର୍ଷରୁ କମ୍ ବିଶ୍ୱକପ୍‌ରେ ସୌମ୍ୟଙ୍କୁ କାଂସ୍ୟ

ଭୁବନେଶ୍ୱର, ୨୭।୬ (ସମିସ): ଓଡ଼ିଆ ଶିଶୁ ଚେସ ଖେଳାଳି ସାତ୍ତ୍ୱିକ ସ୍ୱାଇଁ ପୁଣିଥରେ ଦେଶ ଏବଂ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ରାଜ୍ୟଗୋଷ୍ଠୀ ପରେ ସାତ୍ତ୍ୱିକ ଏବେ ବିଶ୍ୱକପରେ ମଧ୍ୟ ପଦକ ଜିତିଛନ୍ତି। ଜର୍ଜିଆରେ ଉଦଯାପିତ ହୋଇଥିବା ଫିଡେ ୧୦ ବର୍ଷରୁ କମ୍ ଚେସ ବିଶ୍ୱକପରେ ସାତ୍ତ୍ୱିକ ଓପନ୍ ବିଭାଗରେ ଚମତ୍କାର ପ୍ରଦର୍ଶନ କରି କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଶେଷ ରାଉଣ୍ଡରେ ଡ୍ର ହୋଇ ଯିବାରୁ ସାତ୍ତ୍ୱିକ ସ୍ୱର୍ଣ୍ଣ ପଦକରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। କିନ୍ତୁ ବ୍ରୁକୋଲୋଜରେ ସେ କାଂସ୍ୟ ପଦକ ଜିତିଥିଲେ। ସାତ୍ତ୍ୱିକ ବର୍ତ୍ତମାନ କିଙ୍ଗ ଚେସ ସେଣ୍ଟର୍‌ରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ଅବସରରେ ବରିଷ୍ଠ ଚେସ କୋଚ୍ ବିଶ୍ୱଜିତ୍ ରାୟ, ରାଜ୍ୟ ଚେସ ସଂଘର ସମସ୍ତ କର୍ମକର୍ତ୍ତା, ଟ୍ରିପଲ ସି ଚେସ କ୍ଲବ୍‌ର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ,ଉପସଭାପତି ଅର୍ଘ୍ୟ ଅର୍ପଣ ପରିଡ଼ା, କୋଚ୍ ପ୍ରଶାନ୍ତ ଜେନା ପ୍ରମୁଖ ସାତ୍ତ୍ୱିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



## ଅଞ୍ଜୁ ବବି ଜର୍ଜଙ୍କ ୨୨ ବର୍ଷର ରେକର୍ଡ ଭାଙ୍ଗିଲା



ଭୁବନେଶ୍ୱର, ୨୭।୬ (ସମିସ): ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୬୫ତମ ଆନ୍ତଃ-ରାଜ୍ୟ ସିନିଅର ଆଥଲେଟିକ ଚାମ୍ପିଅନସିପ୍‌ର ଚତୁର୍ଥ ଦିବସ ଖେଳରେ ଶନିବାର ଏକାଧିକ ଜାତୀୟ ରେକର୍ଡ ସୃଷ୍ଟି ହୋଇଛି। ମହିଳା ଲଙ୍ଗ ଜମ୍ପରେ କେରଳର ଆନ୍ସି ସୋଜାନ ୬.୮୮ ମିଟର ଦୂରକୁ ଲମ୍ଫ ପ୍ରଦାନ କରି ନୂଆ ରେକର୍ଡ କରିବା ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଫଳରେ କିମ୍ବଦନ୍ତୀ ଅଞ୍ଜୁ ବବି ଜର୍ଜଙ୍କ ନାମରେ ରହିଥିବା ୨୨ ବର୍ଷ ତଳର ପୁରୁଣା ଜାତୀୟ ରେକର୍ଡ ଭଙ୍ଗ ହୋଇଛି। ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ଅଞ୍ଜୁ ୬.୮୩ ମିଟର ଲମ୍ଫ ପ୍ରଦାନ କରିଥିଲେ। ଅଞ୍ଜୁଙ୍କ ଏହି ଜାତୀୟ ରେକର୍ଡ ୨୨ ବର୍ଷ ଧରି ବଳବତ୍ତର ରହିଥିଲା। ୨୫ ବର୍ଷୀୟା ଆନ୍ସି ଏହାକୁ ଆଜି ଭାଙ୍ଗିଛନ୍ତି। ଅପରପକ୍ଷରେ ମହାରାଷ୍ଟ୍ରର ସର୍ବେଶ କୁଶାରେ ୨.୩୧ ମିଟର ଉଚ୍ଚକୁ ଡେଇଁ ପୁରୁଷ ହାଇଜମ୍ପରେ ନୂତନ ଜାତୀୟ ରେକର୍ଡ କରିଛନ୍ତି। ଏଥିସହ ସେ ଆଗାମୀ ଏସୀୟ କ୍ରୀଡ଼ାକୁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି।

## ସିରିଜ ବଞ୍ଚାଇବା ଲକ୍ଷ୍ୟରେ ଟିମ୍ ଇଣ୍ଡିଆ

ବେଲ୍‌ଫାଷ୍ଟ, ୨୭।୬ (ଏଜେନ୍ସି): ଆୟର୍ଲାଣ୍ଡ ଗସ୍ତରେ ଥିବା ଭାରତୀୟ ପୁରୁଷ କ୍ରିକେଟ୍ ଦଳ ଏହାର ଅନ୍ତିମ ତଥା ଦ୍ୱିତୀୟ ଟି-୨୦ ମ୍ୟାଚ୍ ରବିବାର ଖେଳିବ। ସ୍ଥାନୀୟ ସିଭିଲ ସର୍ଭିସ କ୍ରିକେଟ୍ ଗ୍ରାଉଣ୍ଡରେ ସନ୍ଧ୍ୟା ୬ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ। ଶୁକ୍ରବାର ଖେଳାଯାଇଥିବା ସିରିଜର ପ୍ରଥମ ମୁକାବିଲାରେ ଘରୋଇ ଆୟର୍ଲାଣ୍ଡ ୩୪ ରନରେ ଭାରତକୁ ହରାଇ ଐତିହାସିକ ବିଜୟ ଲାଭ କରିଥିଲା। ଟି-୨୦ ଇତିହାସରେ ଭାରତ ବିପକ୍ଷରେ ଆୟର୍ଲାଣ୍ଡର ଏହା ପ୍ରଥମ ବିଜୟ ଥିଲା। ଘରୋଇ ଦଳ ଏବେ ରବିବାର ଦ୍ୱିତୀୟ ମ୍ୟାଚରେ ମଧ୍ୟ ଆଉ ଏକ ବିପର୍ଯ୍ୟୟ ଘଟାଇବା ଲକ୍ଷ୍ୟରେ ରହିଛି। ଯଦି ଆୟର୍ଲାଣ୍ଡ ବିଜୟୀ ହୁଏ ତେବେ ସିରିଜ ମଧ୍ୟ କବଜା କରିବ। ଯାହାକି ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ପାଇଁ ଏକ ବଡ଼ ଝଟକା ହେବ। ଆୟରଙ୍କ ନେତୃତ୍ୱରେ ପ୍ରଥମଥର ଲାଗି ଟି-୨୦ ଖେଳୁଥିବା ଭାରତ ଏବେ ସମ୍ମାନ ବଞ୍ଚାଇବା ଲାଗି ଆପ୍ରାଣ ଉଦ୍ୟମ କରିବ। ପ୍ରଥମ ମ୍ୟାଚରେ ଆୟରଙ୍କ ସହ ସଞ୍ଜୁ ସାମସନ, ଇଶାନ କିଶାନ, ତିଲକ ବର୍ମା ପ୍ରମୁଖ ନିରାଶ କରିଥିଲେ। ଅଭିଷେକ ଶର୍ମା ୫୦ ରନର ଦ୍ରୁତ ପାଳି ଖେଳିଥିଲେ। ତେଣୁ ସିରିଜ ବଞ୍ଚାଇବାକୁ ହେଲେ ଏବେ ଆଗଧାଡ଼ିର ବ୍ୟାଟରଙ୍କଠୁ ବଡ଼ ଇନିଂସ ଦଳ ଆବଶ୍ୟକ କରୁଛି। ସେହିଭଳି ୧୫ ବର୍ଷୀୟ ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀଙ୍କୁ ଏହି ମ୍ୟାଚରେ ପଦାର୍ପଣ କରିବାର ସୁଯୋଗ ମିଳିପାରେ।

ଆଜି ଦ୍ୱିତୀୟ ଟି-୨୦
ଆରମ୍ଭ: ସନ୍ଧ୍ୟା ୬ଟା
ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ

## ଅଷ୍ଟ୍ରେଲିଆକୁ ହରାଇ ସେମିଫାଇନାଲ ଲକ୍ଷ୍ୟରେ ଭାରତ

### ଆଇସିସି ମହିଳା ଟି-୨୦ ବିଶ୍ୱକପ୍

ଲଣ୍ଡନ, ୨୭।୬ (ଏଜେନ୍ସି):

ଇଂଲଣ୍ଡରେ ଚାଲିଥିବା ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ଗ୍ରୁପ ପର୍ଯ୍ୟାୟ ମୁକାବିଲା ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହୋଇଛି। ରବିବାର ଗ୍ରୁପ୍ ପର୍ଯ୍ୟାୟ ଶେଷ ହେବ। ଅନ୍ତିମ ଦିବସରେ ଭାରତ-ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା-ବାଂଲାଦେଶ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ। ଏହି ଦୁଇଟି ମ୍ୟାଚ୍ ସହ ଗ୍ରୁପ୍-ଏ'ରୁ କେଉଁ ଦୁଇଟି ଦଳ ସେମିଫାଇନାଲକୁ ଉନ୍ନୀତ ହେବ ତାହା ସ୍ପଷ୍ଟ ହେବ। ଅଷ୍ଟ୍ରେଲିଆ ମହିଳା ଦଳ ୪ଟି ମ୍ୟାଚରୁ ୪ ବିଜୟ ସହ ୮ ପଏଣ୍ଟ ପାଇ ଗ୍ରୁପ୍ ଶୀର୍ଷରେ ରହି ଏକପ୍ରକାର ସେମିରେ ସ୍ଥାନ ସୁଦୃଢ଼ କରିଛି। ସେହିଭଳି ଭାରତ ଓ ଦକ୍ଷିଣ ଆଫ୍ରିକା ୪ଟି ମ୍ୟାଚରୁ ୩ଟି ଲେଖାଏ ବିଜୟ ସହ ୬ ପଏଣ୍ଟ ପାଇଛନ୍ତି। କିନ୍ତୁ ଉନ୍ନତ ରନରେଟ୍ ଯୋଗୁ ଦକ୍ଷିଣ ଆଫ୍ରିକା (+୦.୭୩୪)କୁ ପଛରେ ପକାଇ ଭାରତ (+୨.୨୬୮) ଦ୍ୱିତୀୟ ସ୍ଥାନରେ ରହିଛି। ସେମିଫାଇନାଲରେ ପ୍ରବେଶ ଲାଗି ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକା ଆଶାବାଦୀ ରହିଛନ୍ତି। ଉଭୟ ନିଜ ନିଜର ଶେଷ ମ୍ୟାଚରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଦକ୍ଷିଣ ଆଫ୍ରିକା ପାଇଁ ଶେଷ ମ୍ୟାଚରେ ବିଜୟ ସହଜ ମନେ ହେଉଛି। କିନ୍ତୁ ରେକର୍ଡ ଛଅଥରର ବିଜେତା ଅଷ୍ଟ୍ରେଲିଆକୁ ହରାଇବା ଭାରତ ପାଇଁ କଷ୍ଟସାଧ୍ୟ ହେବ। ହରମନପ୍ରୀତ୍ କୌରଙ୍କ ଦଳ ଯଦି ଏହି ମ୍ୟାଚରେ ପରାଜୟବରଣ କରେ ତେବେ ଦକ୍ଷିଣ ଆଫ୍ରିକା-ବାଂଲାଦେଶ ମ୍ୟାଚର ଫଳାଫଳ ଉପରେ ସେମିଫାଇନାଲ ଖେଳିବା ନିର୍ଭର କରିବ।

ଆଜିର ମ୍ୟାଚ
ଦ. ଆଫ୍ରିକା ବନାମ ବାଂଲାଦେଶ
ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୩ଟା
ଭାରତ ବନାମ ଅଷ୍ଟ୍ରେଲିଆ
ମ୍ୟାଚ୍ ଆରମ୍ଭ: ରାତି ୭ଟା
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର






PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS